

ଲିରେନ୍‌ଙ୍କୁ ହରାଇଲେ ଗୁକେଶ
ପୃଷ୍ଠା ୭


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 256 | ଭାଗ ୩୨ | ସଂଖ୍ୟା୨୫୬

Bhubaneswar | Tuesday 10 December 2024 | Page 8 Rs. 4.00

ଭୁବନେଶ୍ୱର ମଙ୍ଗଳବାର ୧୦ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ସଞ୍ଜୟ ମାଲହୋତ୍ରା ଆର୍‌ବିଆଇ ଗଭର୍ଣ୍ଣର




ଭୁବନେଶ୍ୱର, ୯।୧୨ (ସଂଚାର ବ୍ୟୁରୋ): ରାଜସ୍ୱ ସଚିବ ସଞ୍ଜୟ ମାଲହେତ୍ରାଙ୍କୁ କେନ୍ଦ୍ର ସରକାର ରିଜର୍ଭ ବ୍ୟାଙ୍କ୍‌ଅ ଅଫ୍ ଇଣ୍ଡିଆର ଗଭର୍ଣ୍ଣର ଭାବେ ନିଯୁକ୍ତ କରିଛନ୍ତି। ୧୯୯୦ ବ୍ୟାଚ ରାଜସ୍ଥାନ କ୍ୟାଡର ଆଇଏଏସ୍ ଅଧିକାରୀ ମାଲହୋତ୍ରା ବୁଧବାର (୧୧ ତାରିଖ) ରେ ଶକ୍ତିକାନ୍ତ ଦାସଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିବେ। ଶ୍ରୀ ମାଲହୋତ୍ରା ୩ ବର୍ଷ ପାଇ ଏହି ପଦରେ ରହିବେ। ୩୩ ବର୍ଷର ଚାକିରି କାଳରେ ତାଙ୍କର ➾ପୃଷ୍ଠା-୬

## ବିଶ୍ୱ ଦରବାରରେ ଚମକିବ ଓଡ଼ିଶା

### ପ୍ରବାସୀ ଭାରତୀୟ ଦିବସ ପାଇଁ ଟିମ୍ ମୋହନଙ୍କ ରୋଡମ୍ୟାପ୍

- ଭୁବନେଶ୍ୱରକୁ ସ୍ୱଚ୍ଛ, ସୁନ୍ଦର ଓ ଆକର୍ଷଣୀୟ କରାଯିବ
- ଉଦ୍‌ଯାପନୀ ଉତ୍ସବରେ ଯୋଗଦେବେ ରାଷ୍ଟ୍ରପତି



ଭୁବନେଶ୍ୱର,୯।୧୨ (ସଂଚାର ବ୍ୟୁରୋ): ଆସନ୍ତା ଜାନୁଆରୀ ୮ରୁ ୧୦ ତାରିଖ ତିନି ଦିନ ଧରି ଅନୁଷ୍ଠିତ ହେବ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ। ଏହାକୁ ଅତ୍ୟନ୍ତ ଆକର୍ଷଣୀୟ ଓ ସଫଳ ଭାବେ ପାଳନ କରିବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ । ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ପ୍ରସ୍ତୁତି ସମୀକ୍ଷା କରିଥିଲେ। ସମୀକ୍ଷାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୦୩ ମସିହାରୁ ଆରମ୍ଭ ହୋଇଥିବା ଏହି ପ୍ରବାସୀ ଭାରତୀୟ ଦିବସ ପ୍ରଥମ ଥର ପାଇଁ ଓଡ଼ିଶାରେ ଅନୁଷ୍ଠିତ ହେଉଛି। ବିଶ୍ୱ ଦରବାରରେ ଓଡ଼ିଶାକୁ ପ୍ରତିଷ୍ଠିତ କରିବା ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। ପ୍ରଧାନମନ୍ତ୍ରୀ ମଧ୍ୟ ଏହି କାର୍ଯ୍ୟକ୍ରମ ଉପରେ ଅତ୍ୟନ୍ତ ଗୁରୁତ୍ୱ ଆରୋପ କରୁଛନ୍ତି। ତେଣୁ ଏହାକୁ ଅତ୍ୟନ୍ତ ଆକର୍ଷଣୀୟ ଓ ତ୍ରୁଟିଶୂନ୍ୟ ଭାବେ ଆୟୋଜିତ କରି ସମଗ୍ର ବିଶ୍ୱ ଦରବାରରେ ଓଡ଼ିଶାର ଭାବମୂର୍ତ୍ତୀକୁ ଉଜ୍ଜଳ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ବିଶେଷକରି ସହରର ସ୍ୱଚ୍ଛତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ଭୁବନେଶ୍ୱରର ସ୍ୱଚ୍ଛତା ଅନ୍ତର୍ଜାତୀୟ ସ୍ତରର ହେବା ଆବଶ୍ୟକ ବୋଲି ସେ କହିଥିଲେ । ଏଥିପାଇଁ ଭୁବନେଶ୍ୱରରେ ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ କରିବାକୁ ସେ ପରାମର୍ଶ ଦେଇଥିଲେ । ଏହା ସହିତ ଏହି ଉତ୍ସବ ସହିତ ସ୍ଥାନୀୟ ଲୋକଙ୍କୁ ସଂଶ୍ଳିଷ୍ଟ କରିବା ପାଇଁ ମଧ୍ୟ ସେ କହିଥିଲେ । ସମୀକ୍ଷାରୁ ➾ପୃଷ୍ଠା-୬

## ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ ସୁଜିତ୍



- ରାଜ୍ୟସଭାରେ ଓଡ଼ିଶା ସ୍ୱର ଅଧିକ ସୁଦୃଢ଼ ହେବ: ମନମୋହନ
- ରାଜ୍ୟସଭାରେ ଓଡ଼ିଶାର ସ୍ୱର ଉତ୍ତୋଳନ ଜାରି ରଖିବି: ସୁଜିତ କୁମାର

ଭୁବନେଶ୍ୱର, ୯।୧୨ (ସଂଚାର ବ୍ୟୁରୋ): ରାଜ୍ୟରେ ବିଜେପି ଏକାକୀ ସରକାର ଗଢ଼ିବା ପରେ ଏହାର ସାଂଗଠନିକ ସ୍ଥିତି ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଜେପିର ଆଦର୍ଶ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିବା ପୂର୍ବତନ ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କୁ ପୁନର୍ବାର ରାଜ୍ୟସଭାକୁ ପଠାଇବା ପାଇଁ କେନ୍ଦ୍ରୀୟ ସଂସଦୀୟ ବୋର୍ଡ ପକ୍ଷରୁ ଆଜି ନିଷ୍ପତ୍ତି ହୋଇଛି। ସେ ଜଣେ ଦକ୍ଷ, ବିଦ୍ୱାନ, ଗୁଣି ଓ କର୍ମଠ ବ୍ୟକ୍ତି ହୋଇଥିବାବେଳେ ପୂର୍ବରୁ ରାଜ୍ୟସଭାରେ ସାଂସଦ ଭାବେ କାର୍ଯ୍ୟ କରିବାର ଅଭିଜ୍ଞତା ରହିଛି। ଏସବୁକୁ ଦୃଷ୍ଟିରେ ରଖି ଦଳ ପକ୍ଷରୁ ସୁଜିତ୍ କୁମାରଙ୍କୁ ରାଜ୍ୟସଭା ଉପନିର୍ବାଚନରେ ପ୍ରାର୍ଥୀଭାବେ ଘୋଷଣା କରାଯାଇଛି। ସୁଜିତ୍ କୁମାର ବିଧାନସଭା କାର୍ଯ୍ୟାଳୟରେ ସୋମବାର ନାମାଙ୍କନପତ୍ର ➾ପୃଷ୍ଠା-୬

## ଥାନାକୁ ଗଲେ ମଲ !

- ମାନବାଧିକାର ଦିବସର ନଗ୍ନଚିତ୍ର
- ୭ ବର୍ଷରେ ୪୩ ହାଜତ ମୃତ୍ୟୁ
- ୭ ବର୍ଷରେ ଜେଲରେ ଯାଇଛି ୪୨୧ ଜୀବନ



ଭୁବନେଶ୍ୱର, ୯।୧୨ (ସଂଚାର ବ୍ୟୁରୋ): ୨୦୧୫ ରୁ ସେପ୍ଟେମ୍ବର ୨୦୨୨ ମଧ୍ୟରେ ପୋଲିସ ହେପାଜତରେ ମୃତ୍ୟୁ ସଂଖ୍ୟା ମୋଟ ୪୩ ବୋଲି ରାଜ୍ୟ ପୋଲିସ ମାନବିକ ଅଧିକାର ସୁରକ୍ଷା ସେଲ ପକ୍ଷରୁ ଦିଆଯାଇଥିବ ତଥ୍ୟରୁ ପ୍ରକାଶ।ଏହି ସମୟ ମଧ୍ୟରେ ରାଉରକେଲାକୁ ମିଶାଇ ସୁନ୍ଦରଗଡ଼ ଜିଲାରେ ସର୍ବଧିକ ସାତ ହାଜତ ମୃତ୍ୟୁ ଘଟିଛି ବୋଲି ପୋଲିସ ପକ୍ଷରୁ ମାନବିକ ଅଧିକାର କର୍ମୀ ବିଶ୍ୱପ୍ରୀୟ କାନୁନଗୋଙ୍କୁ ଦିଆଯାଇଥିବା ଏହି ତଥ୍ୟରୁ ପ୍ରକାଶ। କଟକ ସହରାଞ୍ଚଳ ପୋଲିସ ଜିଲ୍ଲାରେ ୪ ହାଜତ ମୃତ୍ୟୁ ଘଟିଥିବା ସ୍ଥଳେ ଭୁବନେଶ୍ୱର ସହରାଞ୍ଚଳରେ ୨ ମୃତ୍ୟୁ ଘଟିଛି।

କଟକ ଗ୍ରାମାଞ୍ଚଳ ପୋଲିସ ଜିଲ୍ଲାରେ ୨ ପୋଲିସ ହାଜତ ମୃତ୍ୟୁ ରେକର୍ଡ ହୋଇଛି। ସମ୍ବଲପୁର ଜିଲାରେ ୩, କୋରାପୁଟରେ ୨, ମୟୂରଭଞ୍ଜରେ ୨, ବରଗଡ଼ ଜିଲାରେ ୩, ବ୍ରହ୍ମପୁରରେ ଗୋଟିଏ ଓ ଗଞ୍ଜାମରେ ଦୁଇଟି ହାଜତ ମୃତୁ ରେକର୍ଡ ହୋଇଛି। ବଲାଙ୍ଗୀର, ଖୋର୍ଦ୍ଧା, ନୂଆପଡା, ଯାଜପୁର, ମାଲକାନଗିରି, ନୟାଗଡ଼, ନବରଙ୍ଗପୁର, ଭଦ୍ରକ, କେଉଁଝର, ରାୟଗଡ଼ା, ପୁରୀ, ସୁବର୍ଣ୍ଣପୁର, କେନ୍ଦ୍ରାପଡା ଆଦି ଜିଲାମାନଙ୍କରେ ଏହି ସାତ ବର୍ଷ ଭିତରେ ଗୋଟିଏ ଲେଖାଏଁ ପୋଲିସ ହାଜତ ମୃତ୍ୟୁ ରେକର୍ଡ ହୋଇଛି। ଏଥିମଧ୍ୟରେ ୨୦୧୫ ରେ ୮, ୨୦୧୬ ରେ ୪, ୨୦୧୭ ରେ ୩, ୨୦୧୮ ରେ ୪, ୨୦୧୯ ରେ ୭, ୨୦୨୦ ରେ ୭, ୨୦୨୧ ରେ ୫ ଓ ୨୦୨୨ ସେପ୍ଟେମ୍ବର ଶେଷ ସୁଦ୍ଧା ପାଞ୍ଚଟି ପୋଲିସ ହାଜତ ମୃତୁ ରେକର୍ଡଭୁକ୍ତ ହୋଇଛି। ଅନ୍ୟପକ୍ଷରେ ୨୦୧୫ ରୁ ୨୦୨୨ ସେପ୍ଟେମ୍ବର ଶେଷ ସୁଦ୍ଧା ଜେଲ ହାଜତରେ ଥିବା ୪୨୧ ଜଣ ବନ୍ଦୀଙ୍କ ମୃତ୍ୟ ଘଟିଛି ବୋଲି ମାନବିକ ଅଧିକାର ସୁରକ୍ଷା ସେଲ ପକ୍ଷରୁ ମାନବାଧିକାର କର୍ମୀ ବିଶ୍ୱପ୍ରୀୟ କାନୁନଗୋଙ୍କୁ ଦିଆଯାଇଥିବା ତଥ୍ୟରୁ ପ୍ରକାଶ। କରୋନା ସମୟ ଅର୍ଥାତ ୨୦୨୧ ରେ ସର୍ବାଧିକ ୬୯ ଜଣ ବନ୍ଦୀଙ୍କ ମୃତ୍ୟ ଘଟିଥିଲା। ୨୦୨୦ ରେ ୬୫ ଜଣ ବନ୍ଦୀ, ୨୦୧୫ ରେ ୫୧ ଜଣ ବନ୍ଦୀଙ୍କ ମୃତ୍ୟୁ ହୋଇଥିଲା। ୨୦୧୬ ରେ ୪୪ ଜଣ ବନ୍ଦୀ, ୨୦୧୭ ରେ ୪୭ ଜଣ, ୨୦୧୮ରେ ୪୪, ୨୦୧୯ରେ ୪୮ ଜଣ ବିଚାରବିଭାଗ ହାଜତରେ ଥିବା ସମୟରେ ମୃତ୍ୟବରଣ କରିଥିଲେ। ୨୦୨୨ ସେପ୍ଟେମ୍ବର ହାଜତ ମୃତ୍ୟ ସଂଖ୍ୟା ୫୩ ବୋଲି ଜଣାପଡ଼ିଛି।

ବିଚାର ବିଭାଗ ହାଜତରେ ଥିବା ମୃତକଙ୍କ ମଧ୍ୟରୁ ସର୍ବାଧିକ ➾ପୃଷ୍ଠା-୬

## ଡେପୁଟେସନରେ ଯିବେ ସୁଜାତା !




- ପ୍ରଶାସନିକ ମହଲରେ ଚର୍ଚ୍ଚା
- ଦିଲ୍ଲୀରେ ଚାଲିଛି ଲବି

ଭୁବନେଶ୍ୱର, ୯।୧୨ (ସଂଚାର ବ୍ୟୁରୋ): ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ୨୦୦୦ ବ୍ୟାଚ୍ ଆଇଏଏସ୍ ସୁଜାତା କାର୍ତ୍ତିକେୟନ ଖୁବ୍‌ଶୀଘ୍ର କେନ୍ଦ୍ରକୁ ଡେପୁଟେସନରେ ଯିବେ। ପ୍ରଶାସନିକ ମହଲରେ ଏ ନେଇ ଗୁଞ୍ଜରଣ ଆରମ୍ଭ ହୋଇଥିବାବେଳେ ଦିଲ୍ଲୀରେ ମଧ୍ୟ ଲବି ଚାଲିଥିବା ଆଲୋଚନା ହେଉଛି। ବିଜେଡି ନିର୍ବାଚନ ହାରିବା ପରଠାରୁ ସୁଜାତା ଲମ୍ବା ଛୁଟିରେ ଯାଇଥିଲେ। ଛୁଟି ଦରଖାସ୍ତରେ ପିଲାଙ୍କ ପାଠପଢ଼ା ପାଇଁ ଯାଉଥିବା ଦର୍ଶାଇଥିଲେ। ଛଅ ମାସର ଛୁଟି ଅବଧି ପୂରିବା ପରେ ପୁର୍ନବାର ଛୁଟି ବଢ଼ାଇବାପାଇଁ ରାଜ୍ୟ ସରକାରଙ୍କୁ ଲେଖିଥିଲେ। ହେଲେ ତାଙ୍କ ଆବେଦନ ଅଗ୍ରାହ୍ୟ ହେବାରୁ ଗତ ମାସ ଶେଷ ସପ୍ତାହରେ ଆସି ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଯୋଗ ଦେଇଥିଲେ। ଓଡିଆ ଝିଅ ସୁଜାତା ହେଉଛନ୍ତି ପ୍ରଶାସକରୁ ରାଜନେତା ଓ ପରେ ରାଜନୀତିର ସନ୍ୟାସ ନେଇଥିବା ଭି.କାର୍ତ୍ତିକେୟନ ପାଣ୍ଡିଆନଙ୍କର ଧର୍ମପତ୍ନୀ। ସୁଜାତା ➾ପୃଷ୍ଠା-୬

## କୋଟିପତି ଝିଅର ପ୍ରକୃତି ଛୋଟ

ବଡ଼ ଘର ବଡ଼ ଗୁମର କଥା। ପରିବାର ପ୍ରତିପତ୍ତିଶାଳୀ, କିନ୍ତୁ ଝିଅର ଗୁଣ ଖରାପ। ହୋଟେଲ ଶିଳ୍ପରେ ନିଜର ଛାପ ଛାଡିଥିବା ଗଞ୍ଜାମ ଅଞ୍ଚଳର ଜଣେ ଶିଳ୍ପପତିଙ୍କ ପରିବାର ଏବେ ଭୁବନେଶ୍ୱରରେ ରହୁଛନ୍ତି। ବେଶ ପ୍ରତିଷ୍ଠିତ ତଥା ସମ୍ଭ୍ରାନ୍ତ ପରିବାରର ସୁନାମ ସାରା ରାଜ୍ୟରେ ରହିଛି। ସୁନାମଧନ୍ୟ ହୋଟେଲିୟର ଭାବେ ପରିବାର ମୁଖିଆଙ୍କ ବେଶ ଦବଦବା ମଧ୍ୟ ରହିଛି। ହେଲେ ସେହି ଘରର ଝିଅ ପାଇଁ ଏବେ ବଦନାମ ମୁଣ୍ଡାଇଛି ପୁରା ପରିବାର। ରାଜଧାନୀରେ ଏହି ବଡ଼ଘର ବେଟିଙ୍କ ଚର୍ଚ୍ଚା ଜୋର ଧରିଛି। କାରଣ ପୁଳା ପୁଳା ଟଙ୍କାର ମାଲିକାଣି, ଏହି ଯୁବତୀ ଜଣଙ୍କ ଏବେ ଏକାଧିକ ଟୋକାଙ୍କୁ ଚୁନା ଲଗାଇଛନ୍ତି। କେବଳ ଗୋଟିଏ ଘଟଣା ନୁହେଁ ଭୁବନେଶ୍ୱରର ସହିଦନଗର, ନୟାପଲ୍ଲୀ, ଏୟାରପୋର୍ଟ ଥାନାରେ ଏ ନେଇ ମୌଖିକ ଅଭିଯୋଗ ହୋଇଥିଲେ ମଧ୍ୟ ବଡ଼ଘର କଥା ଶୁଣି ଏତଲା ରଖିନାହିଁ ପୋଲିସ। ଅଭିଯୋଗ ମୁତାବକ, ମ୍ୟାଡାମ ଜଣଙ୍କ ପ୍ରଥମେ ଇଂଷ୍ଟାଗ୍ରାମରେ କଥା ହୁଅନ୍ତି। କଥା ବଢ଼ିବା ମାତ୍ରେ ପ୍ରେମର ପ୍ରସ୍ତାବ ଦିଅନ୍ତି। କିଛିଦିନର ମଧୁର ସମ୍ପର୍କ ଭିତରେ ହୋଟେଲ ରୁମ୍‌କୁ ଯାଇ ମଉଜ କରିବାର ସ୍ୱପ୍ନ ଦେଖାନ୍ତି। ଆଉ ଏହି ସ୍ୱପ୍ନରେ ଯିଏ ଫସିଗଲା, ତାକୁ ଆଖି ବୁଜି ଖୁର ଲଗାନ୍ତି ବା ମନଇଛା ଟଙ୍କା, ସୁନା, ଦାମୀ ଗିଫ୍ଟ ଲୁଟି ନିଅନ୍ତି। ଏହି ଘଟଣାର ଚର୍ଚ୍ଚା ଏବେ ବଢ଼ିବା ପରେ ସଭିଙ୍କ ମୁହଁରେ ପାପା କି ପରୀଙ୍କ କଥା ଶୁଣିବାକୁ ମିଳୁଛି।



## ଶ୍ରମିକ କଲ୍ୟାଣ ନାଁରେ କୋଟି କୋଟି ସ୍ୱାହା

ସିଏଜି ଖୋଲିଦେଲେ ପୋଲ୍

ଭୁବନେଶ୍ୱର,୯।୧୨ (ସଂଚାର ବ୍ୟୁରୋ): ରାଜ୍ୟର ଶ୍ରମିକଙ୍କ କଲ୍ୟାଣ ପାଇଁ ଗଠନ ହୋଇଥିଲା ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବୋର୍ଡ। ଏହି ବୋର୍ଡକୁ ନେଇ ବିଜେଡି ସରକାର ଅମଳରେ ବ୍ୟାପକ ପ୍ରଚାର ହୋଇଥିଲା। ଶ୍ରମିକଙ୍କୁ ନ୍ୟାୟ ପ୍ରଦାନ, ମଜୁରୀ, କୋଭିଡ ସମୟରେ ସେମାନଙ୍କୁ ଘରକୁ ଫେରାଇ ଆଣିବା ଭଳି ବହୁ ବାହାସ୍ଫୋଟ ମାରୁଥିଲେ ବିଜେଡି ସରକାର। ହେଲେ ଦୁଇ ଦିନ ତଳେ ବିଧାନସଭାରେ ଉପସ୍ଥାପିତ ହୋଇଥିବା ସିଏଜି ରିପୋର୍ଟରୁ ସବୁ ଅନିୟମିତତାର ପୋଲ୍ ଖୋଲିଯାଇଛି। କେନ୍ଦ୍ର ସରକାରଙ୍କ କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଆଇନ ୧୯୯୬ ଅନୁଯାୟୀ ନିର୍ମାଣ ମୂଲ୍ୟର ଏକ ପ୍ରତିଶତ ହାରରେ ସେସ୍ ଆଦାୟ ଏବଂ କୋଠାବାଡି ଓ ଅନ୍ୟାନ ଶ୍ରମିକଙ୍କ କଲ୍ୟାଣ ପାଇଁ ଏହାର ବିନିଯୋଗ କରାଯାଉଥିଲା। ଏଥିପାଇଁ ଏକ ବୋର୍ଡ ଗଠନ କରାଯାଇଥିଲା। ହେଲେ ବୋର୍ଡରେ ନିର୍ମାଣ ଠିକାଦାର ଓ ଶ୍ରମିକଙ୍କ ପଂଜିକୃତ ହୋଇନଥିଲା। ଜୁଲାଇ ୨୦୨୦ ➾ପୃଷ୍ଠା-୬

## ଉତ୍କଳ କରାଟେ ସ୍କୁଲ ଘୋଟାଲା: ଗୋଟିଏ ଯାଗାରେ ଚାଲିଛି ଏକାଧିକ ସଂଘ

ଭୁବନେଶ୍ୱର,୯।୧୨ (ଭାରତ ବିନୋଦ ନାୟକ): ଭୁବନେଶ୍ୱର ୟୁନିଟ ୯ ଭୋଇ ନଗରରେ ଥିବା ଉତ୍କଳ କରାଟେ ସ୍କୁଲକୁ ନେଇ ପୁଣି ଏକ ବିବାଦ ସାମନାକୁ ଆସିଛି। ସାଧାରଣ ପ୍ରଶାସନ ବିଭାଗରୁ ମିଳିଥିବା ସରକାରୀ ଜମିରେ ଉତ୍କଳ କରାଟେ ସ୍କୁଲ ସହ ଏକାଧିକ ସଂଘ ବି କାମ କରୁଛି, ଯାହାକି ସରକାରୀ ନିୟମର ବିରୁଦ୍ଧାଚରଣ କରୁଛି ବୋଲି ଅଭିଯୋଗ କରିଛନ୍ତି ସୂଚନା ଅଧିକାର କର୍ମୀ ପ୍ରଦ୍ୟୁମ୍ନ କୁମାର ବେବର୍ତ୍ତା।

ପ୍ରଦ୍ୟୁମ୍ନ ଅଭିଯୋଗ କରିଛନ୍ତି ଯେ, ପ୍ରଥମତଃ ଉତ୍କଳ କରାଟେ ସ୍କୁଲ ୟୁନିଟ-୩ର ଏକ ସରକାରୀ କ୍ୱାଟରରୁ ଆରମ୍ଭ ହୋଇଥିଲା। ପ୍ରଥମେ ଏହି ସଂଘର ନାଁ ରଖାଯାଇଥିଲା ଉତ୍କଳ ଆଲାନତିଲକ ସୁତୋରିଓ କରାଟେ ସ୍କୁଲ। ସରକାରୀ କ୍ୱାଟରରେ ଏକ ସଂଘର କାର୍ଯ୍ୟାଳୟ ଖୋଲିବା ସାଧାରଣ ପ୍ରଶାସନ ବିଭାଗର କ୍ୱାଟର ଆବଣ୍ଟନ ନିୟମର ବିରୁଦ୍ଧାଚରଣ କରୁଛି ବୋଲି ପ୍ରଦ୍ୟୁମ୍ନ ଦର୍ଶାଇଛନ୍ତି। ପରିବାରର ପ୍ରଭାବକୁ ବ୍ୟବହାର କରି ସେ ସରକାରୀ କ୍ୱାଟରର ଦୁରୁପଯୋଗ କରିଥିବା ସେ କହିଛନ୍ତି। ପ୍ରଦ୍ୟୁମ୍ନଙ୍କୁ ବିଭିନ୍ନ ବିଭାଗରୁ ମିଳିଥିବା ଆରଟିଆଇ ତଥ୍ୟ ଅନୁଯାୟୀ ୨୦୦୩ରେ ଉତ୍କଳ ଆଲାନତିଲକ ସୁତୋରିଓ କରାଟେ ସ୍କୁଲର ନାଁ ପରିବର୍ତ୍ତନ କରି ଉତ୍କଳ କରାଟେ ସ୍କୁଲ କରାଗଲା। ୧୯୯୮ ମସିହାରେ ଉତ୍କଳ ଆଲାନତିଲକ ସୁତୋରିଓ




କରାଟେ ସ୍କୁଲକୁ ୪-ଏ ଭୋଇ ନଗରରେ ସରକାରୀ ଜମି ଅନୁମୋଦନ ହୋଇଥିଲା। ଏହି ଜମିରେ ପିଲାଙ୍କୁ ମାଗଣାରେ କରାଟେ ଶିଖାଯିବ ବୋଲି ସରକାରଙ୍କୁ ଅନୁରୋଧ କରାଯିବାରୁ ୭୫ ପ୍ରତିଶତ ରିହାତିରେ ଜମି ମିଳିଥିଲା। ଜମି ଆଲର୍ଟ ସର୍ତ୍ତ ଅନୁଯାୟୀ ୬ ମାସ ମଧ୍ୟରେ ରେଜିଷ୍ଟ୍ରେସନ କରାନଗଲେ ଆଲର୍ଟମେଣ୍ଟ ବାତିଲ ହୋଇଯିବ। କିନ୍ତୁ ୨୦୦୩ ପର୍ଯ୍ୟନ୍ତ ଜମି ରେଜିଷ୍ଟ୍ରେସନ ହୋଇନଥିଲା। ୨୦୦୩ରେ ନାମ ପରିବର୍ତ୍ତନ ସହ ଜମି ରେଜିଷ୍ଟ୍ରେସନ ହୋଇଥିଲା। ଏହି ଜମିର ରେଜିଷ୍ଟ୍ରେସନକୁ ଦେଖାଇ ଉତ୍କଳ କରାଟେ ସ୍କୁଲକୁ ସାଧାରଣ ପ୍ରଶାସନ ବିଭାଗ ଓ ୨୦୦୫-୦୬ରେ ଆଇଜିଆର ରେଜିଷ୍ଟ୍ରେସନ ପାଇଥିଲା ବୋଲି ସେ କହିଛନ୍ତି।

କରାଟେ ଶିକ୍ଷା ପାଇଁ ସରକାରଙ୍କ ଠାରୁ ରିହାତି ଦରରେ ଭୁବନେଶ୍ୱରର କେନ୍ଦ୍ରସ୍ଥଳରେ ଜମି ପାଇଥିବା ଉତ୍କଳ କରାଟେ ସ୍କୁଲ ପରିସରରେ ଏକାଧିକ ସଂଘ ଓ ଅନୁଷ୍ଠାନ ପରିଚାଳିତ ହେଉଛି। ସେସବୁ ସଂଘରୁ ଭଡା ଆଦାୟ ଦେଉଥିବା ଅଭିଯୋଗ ହେଉଥିଲେ ବି ସେ ସମ୍ପର୍କିତ ଦସ୍ତାବିଜ ଆମର ହସ୍ତଗତ ହୋଇନାହିଁ। ଉତ୍କଳ କରାଟେ ସ୍କୁଲ ଥିବା ୪-ଏ ଭୋଇ ନଗରରେ ସୁକୋକାଇ କରାଟେ ଡୁ ୟୁନିୟନ ଇଣ୍ଡିଆ, ଓଡ଼ିଶା କରାଟେ ଡୁ ୟୁନିୟନ ଓ ନିର୍ଭୟା ସେଲ୍ଫ ଡିଫେନ୍ସ ଏକାଡେମୀ ମଧ୍ୟ କାର୍ଯ୍ୟ କରୁଛି। କରାଟେ ଶିକ୍ଷା ପାଇଁ ସରକାରଙ୍କ ଠାରୁ ➾ପୃଷ୍ଠା-୬

## ସବୁ ଜିଲ୍ଲାରେ ମେଡିକାଲ କଲେଜ

### ୫ ହଜାର ଡାକ୍ତର ଓ ୩ ହଜାର ପାରାମେଡିକ୍‌ଙ୍କୁ ନିଯୁକ୍ତି

ଭୁବନେଶ୍ୱର, ୯।୧୨ (ସଂଚାର ବ୍ୟୁରୋ): ରାଜ୍ୟର ସବୁ ଜିଲ୍ଲାରେ ଖୋଲିବ ମେଡିକାଲ କଲେଜ। ଭଦ୍ରକ ସମେତ ସମସ୍ତ ୩୦ ଜିଲ୍ଲାରେ ମେଡିକାଲ କଲେଜ ଖୋଲିବା ନେଇ ଗୃହରେ ଘୋଷଣା କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ସେହିଭଳି ମେଡିକାଲ ରିକ୍ରୁଟମେଣ୍ଟ ପ୍ରକ୍ରିୟାରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନରେ ୨ଟି ସଂଶୋଧନ କରାଯାଇଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ। ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ ରାଜ୍ୟରେ ସବୁ ଜିଲ୍ଲାରେ ମେଡିକାଲ କଲେଜ ଖୋଲିବା ଆମ ସଂକଳ୍ପ ପତ୍ରରେ ଥିଲା। ଲୋକଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇଦେବା ପାଇଁ ସବୁ ଜିଲ୍ଲାରେ ମେଡିକାଲ କଲେଜ ଖୋଲିବା ଜରୁରୀ। ଏହା ସହିତ ମେଡିକାଲ ଗୁଡ଼ିକରେ ଯେଉଁ ଡାକ୍ତରଙ୍କ ଅଭାବ ରହିଛି, ତାହାକୁ ମଧ୍ୟ ପୂରଣ କରିବା ଜରୁରୀ। ତେଣୁ ଖୁବଶୀଘ୍ର ୫ ହଜାର ଡାକ୍ତର ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇବ। ଏଥିସହ ୩ ହଜାର ପାରାମେଡିକାଲ ଷ୍ଟାଫ୍ ନିଯୁକ୍ତି ପାଇଁ ମଧ୍ୟ ବିଜ୍ଞାପନ ବାହାରିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।ସେହିଭଳି ୨୦୧୪ ମସିହା ପରେ ଯେତେ ସବୁ ୧୦୦ ବେଡ୍ ବିଶିଷ୍ଟ ମେଡିକାଲ କଲେଜ ଖୋଲିଛି, ➾ପୃଷ୍ଠା-୬

## ଧରାପଡ଼ିଲେ ସବ୍‌ରେଜିଷ୍ଟ୍ରାର ଅଫିସର କିରାଣି

ଲାଞ୍ଚ ଟଙ୍କା ସହ ୧୫.୦୮ ଲକ୍ଷ ଜବତ



ଭୁବନେଶ୍ୱର,୯।୧୨(ସଂଚାର ବ୍ୟୁରୋ): ଜମି ରେଜିଷ୍ଟ୍ରେସନ କରାଇ ଦେବା ପାଇଁ ୨୦ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରାପଡ଼ିଛନ୍ତି ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାର ଅଫିସର ଜଣେ ମହିଳା କିରାଣି। କନିଷ୍ଠ କିରାଣି ଦେବଯାନୀ କରଙ୍କ ନିକଟରୁ ଭିଜିଲାନ୍ସ ଟିମ୍ ୨୦ହଜାର ଲାଂଚ ଟଙ୍କା ସହିତ ତାଙ୍କ କାର୍ଯ୍ୟାଳୟରୁ ୧୫ଲକ୍ଷ ୮ହଜାର ୫୫୦ଟଙ୍କା ମଧ୍ୟ ଜବତ କରିଛି। ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକ ରଖିଛି ମଙ୍ଗଳବାର ଗିରଫ କରିବ ବୋଲି ଜଣାପଡ଼ିଛି । ଦେବଯାନୀ ହେଉଛନ୍ତି ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ମନ୍ଦାକିନୀ କରଙ୍କ ଭଉଣୀ।

ଜଣେ ବ୍ୟକ୍ତିଙ୍କ ଭିଯୋଗ ଆଧାରରେ ଦେବଯାନୀଙ୍କୁ ଲାଞ୍ଚ ନେବାବେଳେ ଧରିବା ପାଇଁ ଯୋଜନା ହୋଇଥିଲା। ସେ ନିଜ ଅଫିସରେ ଲାଞ୍ଚ ନେବାବେଳେ ତାଙ୍କୁ ଭିଜିଲାନ୍ସ ଧରିଥିଲା। ସାକ୍ଷୀଙ୍କ ଉପସ୍ଥିତିରେ ଏହି କେମିକାଲ ବୋଳା ଲାଞ୍ଚ ଟଙ୍କା ଜବତ ହେବାପରେ ତାଙ୍କ ପୁରୁଣା ଭୁବନେଶ୍ୱରରେ ଥିବା ଘର ଓ ଅଫିସରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଦେବଯାନୀ କାର୍ଯ୍ୟରତ ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରୁ ୧୫ଲକ୍ଷ ୮ହଜାର ୫୫୦ଟଙ୍କା ଜବତ ହୋଇଛି। ଏତେ ପରିମାଣର ନଗଦ ଟଙ୍କା କିଭଳି ଓ କେଉଁଠି ଆସିଛି ତାହା ଜାଣିବା ପାଇଁ ଦେବଯାନୀଙ୍କ ସମେତ ଅନ୍ୟ କର୍ମଚାରୀଙ୍କୁ ମଧ୍ୟ ➾ପୃଷ୍ଠା-୬



### କାନ ଡେରିଥା

ଗାଦି ମାଡ଼ି ବସି ଉଠିବାକୁ ଏବେ
ମନ ହେଉନାହିଁ ଜମା
ବଦଳି ପରେ ବି ମୋହ ବା ଛାଡୁନି
ନିର୍ଦ୍ଦେଶ ଲାଗୁଛି କୋମା
ସରକାରୀ ଛାଟ ଧିମା...
ମାଡ଼ଟା ଏଣିକି ପଛରୁ ବସିବ
ପିସିକୁ ମନ ବଳାନା ।

■ ଦେବାଶିଷ

## ଅଜଣା ଅଭିନୟ କରୁଛନ୍ତି ଆଲିବାବାଙ୍କ ଟିମ୍

- ମିଶନ ଶକ୍ତିକୁ ଶକ୍ତିହୀନ କରିଦେଲେ
- ମଲେଇ ଖାଇ ପରମୁଣ୍ଡରେ ଅଠା

ଭୁବନେଶ୍ୱର, ୯।୧୨ (ସଂଚାର ବ୍ୟୁରୋ): କେନ୍ଦ୍ର ସରକାରଙ୍କ ଫ୍ଲାଗସିପ୍ ଯୋଜନା ମିଶନ ଶକ୍ତିକୁ ପୂରା ନିଜର କରିଦେଲେ। ସବୁଜ ପତାକା ତଳେ ମହିଳାଙ୍କୁ ଏକଜୁଟ କରି ଭୋଟ ହାତେଇନେଲେ। ଯେତେବେଳେ ସେମାନଙ୍କ ଚୁକ୍ତି ଅବଧି ନବୀକରଣ କରିବାର ସମୟ ଆସିଲା ନିର୍ବାଚନ ବାହାନା ଦେଖାଇ ଖସିଲେ। ସେମାନଙ୍କୁ ତିନି ମାସର ଦରମା ଦେଲେନାହିଁ। ଏବେ ବାକିଆ ବଢ଼ି ବଢ଼ି ନଅ ମାସର ହୋଇଗଲାଣି। ଦିନ ରାତି ଖଟୁଥିବା ଏହି ମହିଳାମାନେ ରାଜଧାନୀରେ ପହଞ୍ଚି ରଣହୁଙ୍କାର ଦେଉଥିବାବେଳେ ନିଜେ କରିଥିବା ପାପକୁ ଲୁଚାଇବାପାଇଁ ଆଲିବାବା ଓ ତାଙ୍କ ଟିମ୍ ଏବେ ଲାଗି ପଡ଼ିଛନ୍ତି।

ରାଜଧାନୀରେ ପାଉଣା ପାଇଁ ଧାରଣାରତ ମିଶନ ଶକ୍ତିର ଏମବିକେ, ସିଆରପି ମାନଙ୍କ ନିକଟରେ ବିଜେଡି ନେତାଙ୍କ ମିଛ ଅଭିନୟ ଦେଖିଲା ପରେ ଏବେ ଆଲିବାବା ଚାଳିଶ ଚୋରଙ୍କ କଥା ମନେ ପଡୁଛି। ମିଶନ ଶକ୍ତିର ଏହି କର୍ମଚାରୀମାନଙ୍କର ନିଯୁକ୍ତି ମିଆଦ ୨୦୨୪ ଏପ୍ରିଲ୍ ମାସରେ ସରିଛି। ଅବଧି ସରିବାର ପୂର୍ବରୁ ସେମାନଙ୍କର ନବୀକରଣ କରାଯିବା କଥା। ହେଲେ ବିଜେଡି ସରକାର ସେତେବେଳେ ତାହା କଲେ ନାହିଁ। ଅର୍ଥ ଥିବା ସତ୍ୱେ ମିଶନ ଶକ୍ତି ମହିଳାଙ୍କ ସହିତ ଲୁଚକାଳି ଖେଳିଲେ। ନିର୍ବାଚନ ପରେ ନିଶ୍ଚିତ ସରକାରକୁ ଆସିବେ ଓ ତାଙ୍କର ନବୀକରଣ କରାଯିବ ବୋଲି କହିଲେ।

ହେଲେ ଆଲିବାବା ଓ ତାଙ୍କ ଟିମ୍‌ର ଅସଲ ଉଦ୍ଦେଶ୍ୟ ଥିଲା ଅନ୍ୟ ପ୍ରକାରର। କାଳେ ନବୀକରଣ କରିଦେଲେ ମହିଳାମାନେ ଆଉ ଧରାଛୁଆଁ ଦେବେନାହିଁ ସେଥିପାଇଁ ସେମାନଙ୍କୁ ଝୁଲାଇ ରଖିଲେ। ମିଛ ଆଶ୍ୱାସନା ଦେଲେ। ଗାଁ ଗହଳର ନିରୀହ ମହିଳାମାନେ ବି ଏମାନଙ୍କ କଥାରେ ଭଳିଗଲେ। ହେଲେ ଆଲିବାବା ଓ ତାଙ୍କ ଟିମ୍‌ର ଧର୍ମଛଡା ଭଳି ଅବସ୍ଥା ହେଲା। ମୋଟ୍ ଉପରେ ୨ଲକ୍ଷ ଅଧିକ ଭୋଟ ପାଇଲେ ବି ସରକାର ଗଢ଼ିପାରିଲେ ନାହିଁ।



ଏବେ ସତକୁ ଲୁଚାଇ ମିଛକୁ ଜୋରରେ କହୁଛନ୍ତି। ଗାନ୍ଧୀମାର୍ଗଠାରୁ ବିଧାନସଭା ଗୃହ ପର୍ଯ୍ୟନ୍ତ ପୂରା ଟିମ୍ ଗଳା ଫଟାଇ ଚିତ୍କାର କରୁଛନ୍ତି। ମିଶନ ଶକ୍ତିର ମହିଳାମାନଙ୍କୁ ତୁରନ୍ତ ଦରମା ଦିଅ, ସେମାନଙ୍କ ଚାକିରି ନିୟମିତ କର ଆଦି କହୁଛନ୍ତି। ହେଲେ ନିରଙ୍କୁଶ କ୍ଷମତାରେ ଥିବାବେଳେ ଏମାନଙ୍କୁ ଏସବୁ କରିବାକୁ କିଏ ମନା କରିଥିଲା ବୋଲି ମିଶନଶକ୍ତିର ମହିଳାମାନେ ପ୍ରଶ୍ନ କଲେଣି। ୨୦୨୪ ଏପ୍ରିଲ ମାସରେ କାହିଁକି ଏମାନଙ୍କର ନବୀକରଣ ହୋଇନଥିଲା ସେ ପ୍ରଶ୍ନର ➾ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

ପଶ୍ଚିମ ଏସୀୟ ଦେଶ ସିରିଆରେ ସଅଷ୍ଟି ହୋଇଥିବା ଅଶାନ୍ତି ଅବସାନ ଓ ଦେଶର ଅଖଣ୍ଡତା, ଏକତା ଓ ସାର୍ବଭୌମତ୍ୱର ସୁରକ୍ଷା ପାଇଁ ଭାରତ ପକ୍ଷରୁ ବିଦ୍ରୋହୀଙ୍କୁ ଆହ୍ୱାନ।

ବିଦ୍ରୋହ ଦମନ ଲାଗି ନୋ ଆଇନ ଲାଗି ପାଇଁ ନିର୍ଦ୍ଦେଶ ଦେଇଥିବା ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୋନ ସୁକ୍ ୟେଲଙ୍କ ଉପରେ ଭ୍ରମଣ କଟକଣା ଲଗାଇଲା ଦେଶର ଆଇନ ମନ୍ତ୍ରଣାଳୟ।

ପୋଲିସ ସହ ସଂଘର୍ଷ କାରଣରୁ ଇସ୍କନ ସାଧୁ ଚିନ୍ମୟ କୃଷ୍ଣ ଦାସ ସ ତାଙ୍କ ଅନୁଗତଙ୍କ ବିରୋଧରେ ବ୍ୟବସାୟୀ ଇନାମୁଲ ହକ୍‌ଙ୍କ ଚିଟାଗଙ୍ଗ ମେଟ୍ରୋପଲିଟାନ କୋର୍ଟରେ ମାମଲା।

ଆମେରିକାର ପରମାଣୁ ଆକ୍ରମଣ ବେଳେ ଆହତ ହୋଇଥିବା କିଛି ଜାପାନୀଙ୍କୁ ନେଇ ଗଠିତ ନିହାନ ହିଡାଙ୍କୋ ସଂଗଠନ କର୍ମକର୍ତ୍ତା ମଙ୍ଗଳବାର ନୋବେଲ ଶାନ୍ତି ପୁରସ୍କାର ଗ୍ରହଣ କରିବେ। ଏହି ସଂଗଠନ ବର୍ଷବର୍ଷ ଧରି ପରମାଣୁ ଆକ୍ରମଣ ବିରୋଧରେ ସଚେତନତା ସୃଷ୍ଟି କରି ଆସୁଛି।

କୋଲାବାରୁ ଜିତିଥିବା ବିଜେପି ବିଧାୟକ ରାହୁଲ ନର୍ଭେକର(୪୭) ନିର୍ଦ୍ୱନ୍ଦ୍ୱରେ ମହାରାଷ୍ଟ୍ର ବିଧାନସଭା ବାଚସ୍ପତି ହେଲେ। ପୂର୍ବ ସରକାରରେ ମଧ୍ୟ ସେ ବାଚସ୍ପତି ଥିଲେ।

ସଂସଦର ଚଳିତ ଅଧିବେଶନରେ ଏକ ଦେଶ ଏକ ନିର୍ବାଚନ ବିଲ୍ ଆସିପାରେ।

# ଥାନା ବିକୁଛି, ଖଣି ବିଭାଗ ନୀରବ




**ମାଫିଆଙ୍କ କବ୍‌ଜାରେ ଚିତ୍ରୋପ୍ରଳା ବାଲି**
**ଦିନ ଦ୍ୱିପ୍ରହରରେ ମେସିନ୍ ଲଗାଇ ଲୁଟ୍**

**କେନ୍ଦ୍ରାପଡ଼ା, ୯।୧୨ (ସଂଚାର ବ୍ୟୁରୋ) :** ଗରଦପୁର ତହସିଲ ଅଞ୍ଚଳରେ ପ୍ରବାହିତ ଚିତ୍ରୋପ୍ରଳା ନଦୀରୁ ବେଆଇନ ଭାବେ ବାଲି ଲୁଟ୍ ହେଉଥିବା ଅଭିଯୋଗ ହୋଇଛି। ପ୍ରଶାସନର ନିଷ୍କ୍ରିୟତା ପାଇଁ ମାଫିଆମାନେ ଦିନ ଦ୍ୱିପ୍ରହରରେ ମେସିନ୍ ଲଗାଇ ହାଇୱା, ଟ୍ରକ୍ ଓ ଟ୍ରାକ୍ଟରରେ ହଜାର ହଜାର ଟ୍ରିପ୍ ବାଲି ଉଠାଇ ନେଉଛନ୍ତି। ଏଥିପାଇଁ ନଦୀ ତଟବର୍ତ୍ତୀ ଲୋକେ ବିପଦର ସମ୍ମୁଖୀନ ହେଉଥିବା ବେଳେ ରାଜ୍ୟ ସରକାରଙ୍କର ବିପୁଳ ପରିମାଣର ରାଜସ୍ୱହାନି ହେଉଛି।

ବର୍ତ୍ତମାନ ସୁଦ୍ଧା ବାଲିଘାଟକୁ ଲିଜ୍ ଦିଆଯାଇ ନଥିଲେ ମଧ୍ୟ ସେଠାରେ ମେସିନ୍ ବ୍ୟବହାର କରି ଲୁଟ୍ କରାଯାଉଛି । ଏହି ବେଆଇନ କାରବାରକୁ ସ୍ଥାନୀୟ ଲୋକେ ବିରୋଧ କରୁଥିଲେ ମଧ୍ୟ ଏଥିରେ ରୋକ୍ ଲଗାଇବା ସମ୍ଭବ ହେଉନାହିଁ। ପ୍ରଶାସନର ଗେହ୍ଲାପୁଅ ପାଲଟିଥିବା ତଥାକଥିତ ବାଲିମାଫିଆଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କାହାର ହାତ ଯାଉନାହିଁ। ଦିନ ଦ୍ୱିପ୍ରହରରେ ମେସିନ୍ ଲଗାଇ ଶହ ଶହ ଟ୍ରିପ୍ ବାଲି ବେଆଇନ୍ ଭାବେ ମାଫିଆମନେ ନିୟମିତ ଲୁଟ୍ କରି ଚାଲିଛନ୍ତି । ଏହି ଲୁଟ୍ ପଛରେ ସ୍ଥାନୀୟ ଥାନା ଅଧିକାରୀ ଏବଂ ଖଣି ବିଭାଗ ହାତ ରହିଥିବା ଅଭିଯୋଗ ହେଉଛି। କାରଣ ଥାନା ପାଖରୁ ମାତ୍ର କିଛି ହାତ ଦୂରରେ ଥିଲେ ମଧ୍ୟ ମାଫିଙ୍କ ବିରୁଦ୍ଧରେ କୌଣସି ପଦକ୍ଷେପ ନନେବା ତାହା ସନ୍ଦେହ ସୃଷ୍ଟି କରିଛି। ଏଭଳି ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରି ଥାନା ଅଂଚଳରେ ଦେଖା ଦେଇଛି। ପ୍ରବାହିତ ହେଉଥିବା ଚିତ୍ରୋପ୍ରଳା ନଦୀର କୋରୁଆ, କୁଦାନଗରୀ, ଗଦାଧର ପୀଠ ନିକଟରେ ଦିନରାତି ଟ୍ରାକ୍ଟର ଲଗାଇ ମାଫିଆ ମାନେ କୋଟି କୋଟି ଟଙ୍କାର ବାଲି ଚୋରି କରିସାରିଲେଣି। ସରକାରୀ ରାଜସ୍ୱହାନି ହେଉଥିବା ବେଳେ ପ୍ରଶାସନର ନୀରବତା କଣ ପାଇଁ ବୋଲି ସ୍ଥାନୀୟ ଲୋକ ପ୍ରଶ୍ନ କରିଛନ୍ତି ?

ସବୁଠୁ ବଡ଼ କଥା ହେଉଛି ଲୁଟ୍ ହେଉଥିବା ନଦୀ ବାଲି ଟ୍ରାକ୍ଟର ଦ୍ୱାରା କୁଦାନଗରୀ ଥାନା ଅଂଚଳ ଦେଇ ଯାତାୟତ କରୁଛି ହେଲେ ଥାନା କର୍ତ୍ତୃପକ୍ଷ ସବୁ ଦେଖି ଜାଣି ମଧ୍ୟ ଧୃତରାଷ୍ଟ୍ର ସାଜିଛନ୍ତି । ଏହି ଅଞ୍ଚଳରେ ବର୍ତ୍ତମାନ ସୁଦ୍ଧା ଲିଜ୍ ହୋଇନଥିବା ବେଳେ ଜିଲ୍ଲା ଖଣିବିଭାଗ ନଜର ରଖୁନି । ନଦୀରେ ବର୍ଷାଜଳ ପ୍ରବାହିତ ହେବା ପୂର୍ବରୁ ବିପୁଳ ବାଲି ଉତ୍ତୋଳନ କରି ମହଜୁଦ ରଖାଯାଉଛି। ପରେ ଏହାକୁ ଚଢ଼ା ଦରରେ ବିକ୍ରି କରି ବେଶ୍ ମୁନାଫା କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ଘାଟ ଲୀଜ୍ ହୋଇନଥିବା ବେଳେ ବାଲି ନିୟମିତ ଉତ୍ତୋଳନ ହେଉଛି ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହେଉଛି ।

## ଗୋବରୀରେ ବୁଲୁଛି ୧୫ ଫୁଟର କୁମ୍ଭୀର



### ଭୟଭୀତ ନଦୀକୂଳିଆ ଲୋକେ

**ମହାକାଳପଡ଼ା, ୯।୧୨ (ସଂଚାର ବ୍ୟୁରୋ) :** ଗୋବରୀ ନଦୀରେ ଏବେ କୁମ୍ଭୀର ମାନଙ୍କ ଉପଦ୍ରବ ବଢ଼ିଛି। ନଦୀ ତୁଠ ମାନଙ୍କରେ ସୁରକ୍ଷା ବାଡ଼ ନଥିବାରୁ ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ଦେଖିବାକୁ ମିଳିଛି। ଲୋକମାନେ ନଦୀକୁ ଯିବାକୁ ଭୟ କରୁଛନ୍ତି। ଠିକ୍ ଏହି ସମୟରେ ୭ ରୁ ୮ ଦିନ ହେବ ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଅଧୀନ ଓରତ,ଓଳିହା,ଦେଉଳ ପଡା,ବାଙ୍କି ଛନ୍ଦା ଆଦି ଗ୍ରାମର ଲୋକମାନେ କୁମ୍ଭୀର ବୁଲୁଥିବା ଦେଖିବାକୁ ପାଉଛନ୍ତି। ପ୍ରାୟ ୧୫ଫୁଟ ଲମ୍ବର ଏକ କୁମ୍ଭୀର ଓରତ ପୋଲ ପାଖରେ ବୁଲୁଥିବା ଦେଖିବାକୁ ପାଇଛନ୍ତି ଲୋକେ। ସୁରକ୍ଷା ବାଡ଼ ନଥିବାରୁ ନଦୀକୁ ଯିବା ପାଇଁ ଲୋକମାନଙ୍କ ମଧ୍ୟରେ ଛନକା ପସିଲାଣି। ବନବିଭାଗ ଯଥାଶୀଘ୍ର ଲୋକମାନଙ୍କ ସୁରକ୍ଷା ପାଇଁ ତାରବାଡ ର ବ୍ୟବସ୍ଥା କରିବା ସହିତ କୁମ୍ଭୀର ଉପରେ ନଜର ରଖି କାବୁ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଚୋରା ମଦ ଜବତ, ୬ କୋର୍ଟ ଚାଲାଣ




**କେନ୍ଦ୍ରାପଡା, ୯।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବ୍ଲକରେ ଚୋରା ମଦ ବିକ୍ରି ହେଉଥିବାର ଅଭିଯୋଗ ହେବା ପରେ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ କରି ଜଣେ ମହିଳାଙ୍କ ସମେତ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଅବକାରୀ ଅଧିକ୍ଷକ ବିପ୍ର ମଣ୍ଡଳଙ୍କ ତତ୍ତ୍ୱାବଧାନରେ କେନ୍ଦ୍ରାପଡା ପୌରାଂଚଳର କଜଳା, ମହିପାଳ ର ମାଣିଆ ଦାସ, ରାହାସ ଦାସ, ବଡହାଟ ର ମାନା ମହାରଣା, ପୁରସ୍ତମପୁର ର ବନମାଳି ମିଶ୍ର, ଚକଡାର ନିରଞ୍ଜନ ଜେନା, ଏକଲପୁର ର ସରୋଜ ରାଉତ ପ୍ରମୁଖଙ୍କୁ ଗିରଫ କରି ଏମାନଙ୍କ ଠାରୁ ପ୍ରାୟ ୩ଶହ ଲିଟର ଦେଶୀ, ବିଦେଶୀ ଚୋରା ମଦ ଜବତ କରିବା ସହ ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ଅବକାରୀ ବିଭାଗର ଏହି ଚଢାଉ ସମୟରେ ଅନ୍ୟ କର୍ମଚାରୀ ମାନେ ସହ ଯୋଗ କରିଥିଲେ ।

### ତେରଗାଁ ପଞ୍ଚାୟତ ଆବାସ କେଳେଙ୍କାରୀ

## ବଦଳି କରି କାମ ସାରିଦେଲା ପ୍ରଶାସନ, କେବେ ଫେରିବ ଟଙ୍କା ?

**ମହାକାଳପଡ଼ା, ୯।୧୨ (ସଂଚାର ବ୍ୟୁରୋ):** ତେର ଗାଁ ପଞ୍ଚାୟତର ଡାଟା ଏଣ୍ଟ୍ରି ଅପରେଟର ଗୁରୁପ୍ରସାଦ ନାୟକଙ୍କୁ ଜଣେ ଅଯୋଗ୍ୟ ହିତାଧୀକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଟଙ୍କା ପଠାଇବା ଘଟଣାରେ ପ୍ରଶାସନ ବଦଳି କରିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ସୁବଳା ଗ୍ରାମର ଜଣେ ଅଯୋଗ୍ୟ ହିତାଧୀକାରୀ ଜଗବନ୍ଧୁ ବେହେରାଙ୍କୁ ପୂର୍ବତନ ପିଇଓ ଅଶୋକ କୁମାର ପ୍ରଧାନ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୪୦,୦୦୦ ଟଙ୍କା ପ୍ରଦାନ କରି ନିଲମ୍ବିତ ହୋଇଥିଲେ। ସମ୍ପୃକ୍ତ ହିତାଧିକାରୀଙ୍କର ଟଙ୍କା ଫେରସ୍ତ ପାଇଁ ମହାକାଳପଡ଼ା ବିଡ଼ିଓ ମହାକାଳପଡ଼ା ପଞ୍ଜାବ ନେସନାଲ ବ୍ୟାଙ୍କକୁ ଚିଠି କରିଥିଲେ। ହେଲେ ଚଳିତ ବର୍ଷ ୨୦୨୪-୨୫ରେ ଡାଟା ଏଣ୍ଟ୍ରି ଅପରେଟର ଗୁରୁ ପୁଣି ସେହି ବ୍ୟକ୍ତିଙ୍କୁ ୬୫,୦୦୦ ଟଙ୍କା ପ୍ରଦାନ କରିଥିଲେ।



OFFICE OF THE PANCHAYAT SAMITI
MAHAKALAPADA
At/Po-Mahakalapada
Dist-Kendrapada, Pin - 754224
Mail – ori-mahakalapara@nic.in

ପଞ୍ଚାୟତ ସମିତି, କାର୍ଯ୍ୟାଳୟ
ମହାକାଳପଡା

Order No. 3708 // Dt. 07/12/24

**OFFICE ORDER**

The following ADEO/GRS are here by directed to take over as additional Charge in addition to own duties and handed over detail charges within 3 Days to the office of the undersigned.

| Sl No | Name of the GRS/ADEO | Present GP | Addition |
|---|---|---|---|
| 1 | KAILASH CHANDRA PARIDA | Patalipanka | Gadaromita |
| 2 | ROSALIN MALICK | Transfer Mahakalapada to Teragaon | |
| 3 | GURUPRASAD NAYAK | Teragaon | Attached to GP Section |

Block Development Officer
Mahakalapada

Memo No 3709 Date 07/12/24
Copy to person concerned. and concerned Sarapanches information and necessary action.

Block Development Officer
Mahakalapada

Memo No 3710 Date 07/12/24
Copy submitted to DPO, Kendrapada for favour of kind information and necessary action.

Block Development Officer
Mahakalapada

Memo No 3711 Date 07/12/24
Copy submitted to CDO-cum-EO, Zillaparishad Kendrapada for favour of kind information and necessary action.

Block Development Officer
Mahakalapada

Memo No 3712 Date 07/12/24
Copy submitted to Collector and District Magistrate, Kendrapada for favour of kind information and necessary action.

Block Development Officer
Mahakalapada

ଏହି ଘଟଣା ଦୈନିକ ଖବରକାଗଜ "ସଂଚାର"ରେ ପ୍ରକାଶିତ ହେବା ପରେ ପ୍ରଶାସନ ଗୁରୁପ୍ରସାଦଙ୍କୁ ତେର ଗାଁ ପଞ୍ଚାୟତରୁ ମହାକାଳପଡ଼ା ବ୍ଲକ ପଞ୍ଚାୟତ ସେକ୍ସନକୁ ବଦଳି କରିଛନ୍ତି। କାହା ଛତ୍ରଛାୟାରେ ରହି ଏମିତି ପ୍ରୟାସ କରିବାକୁ ସାହାସ କରିଛନ୍ତି ଡିଇଓ ? ସମ୍ପୃକ୍ତ ଡାଟା ଏଣ୍ଟ୍ରି ଅପରେଟର ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ଅନିୟମିତତା କରିବା ବିଷୟରେ ଜାଣିବା ପରେ ମଧ୍ୟ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି କେବଳ ବଦଳି କରି ପ୍ରଶାସନ କାମ ସାରିଦେଲା। ସମ୍ପୃକ୍ତ ହିତାଧିକାରୀ ଙ୍କ ପାଖରୁ କେବେ ଟଙ୍କା ଫେରସ୍ତ କରିବ ପ୍ରଶାସନ ?ବାରମ୍ବାର ସେହି ପଞ୍ଚାୟତରୁ ଗଦାଗଦା ଯୋଜନା ବାଟମାରଣା ହେଉଥିବା ଘଟଣା ସାମ୍ନାକୁ ଆସୁଛି ହେଲେ ପ୍ରଶାସନ ସେସବୁକୁ ହାଲୁକା ଭାବେ ନେଉଛି କାହିଁକି? ଯଦି ପ୍ରଶାସନ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତା ତେବେ କୌଣସି ସରକାରୀ କର୍ମଚାରୀ ଏସବୁ ଦୁର୍ନୀତି ଘଟାଇବାକୁ ସାହାସ କରିବେ ନାହିଁ। ଏମିତି ଅନେକ ପ୍ରଶ୍ନ ଏବେ ସାଧାରଣରେ ଆଲୋଚନା ହେଉଛି।

ମହାକାଳପଡ଼ା ତହସିଲଦାର ଶିବପ୍ରସାଦ ମଲ୍ଲିକ କହିଛନ୍ତି ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ନଜର ରଖାଯାଇଛି। ବ୍ୟକ୍ତିଙ୍କ ପାଖରୁ ଟଙ୍କା ଫେରସ୍ତ କରାଯିବ। ଆଇନ ଅନୁସାରେ ଯାହା କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା ରହିଛି କରାଯିବ। ଘଟଣାରେ ପରବର୍ତ୍ତୀ ପଦ୍ଧା କ'ଣ ପ୍ରଶାସନ ତରଫରୁ କ'ଣ ରହିବ ତାହା ଦେଖିବାକୁ ବାକି।

## ଫାଣ୍ଡି ଓ ଥାନା ଭିତ୍ତିଭୂମି ସୁଦୃଢ ପାଇଁ ବିଧାନସଭାରେ ମହାକାଳପଡ଼ା ବିଧାୟକଙ୍କ ଦାବି

**ମହାକାଳପଡ଼ା,୯।୧୨ (ସଂଚାର ବ୍ୟୁରୋ):** ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଆଜି ବିଧାନସଭାରେ ମହାକାଳପଡ଼ା ସମେତ କେନ୍ଦ୍ରାପଡ଼ା ଜିଲ୍ଲା ରେ ଫାଙ୍କା ଥିବା ସବ୍ ଇନ୍ସପେକ୍ଟରଙ୍କ ନିଯୁକ୍ତି ପାଇଁ ଦାବି ଜଣାଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାରେ ଏଯାବତ ୬୭ଟି ସବ୍ ଇନ୍ସପେକ୍ଟର ପୋଷ୍ଟ ଥିବା ବେଳେ ସେଥିରୁ ୩୧ ଗୋଟି ପୋଷ୍ଟରେ ନିଯୁକ୍ତ ଥିବା



ବେଳେ ୩୬ ଗୋଟି ଥାନାରେ ଏଯାଏଁ ପଦବୀରେ କେହି ନିଯୁକ୍ତ ନାହାଁନ୍ତି। ସେହିପରି ମହାକାଳପଡ଼ା ର ଦୁଇଟି ସାମୁଦ୍ରିକ ଥାନା ଜମ୍ବୁ ଓ ତନ୍ତିଆପାଳ ରହିଛି। ଯାହାର ଭିତ୍ତିଭୂମିର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ରହିଛି। ଯାହା ଫଳରେ ସେଠାରେ ନିଯୁକ୍ତ ହେଉଥିବା ଥାନା ଅଧିକାରୀ ମାନେ ଅଧିକ ସମୟ ରହୁନାହାନ୍ତି। ତେଣୁ ଏହାର ଭିତ୍ତିଭୂମି ସୁଦୃଢ ନିତ୍ୟାନ୍ତ ଆବଶ୍ୟକ। ଗୋଗୁଆ ପଞ୍ଚାୟତ ର ବାବର ଓ ନିଳାଞ୍ଚଳ ବଜାରରେ ଦୁଇଟି ଫାଣ୍ଡି ସ୍ଥାପନା କରାଗଲେ ଲୋକମାନଙ୍କର ସମସ୍ୟା ସମାଧାନ ସହଜ ହୋଇପାରନ୍ତା ବୋଲି ବିଧାୟକ ପ୍ରସ୍ତାବ ରଖିଥିଲେ। ବିଧାୟକଙ୍କ ଉତ୍ତରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ମହାକାଳପଡ଼ା ବିଧାୟକଙ୍କ ଦାବିକୁ ବିଭାଗ ନିକଟକୁ ଜଣାଯିବ। ଯଦି ସେମିତି ନିୟମାବଳୀ ଥାଏ,ତେବେ ସରକାର ଏ ଘଟଣାକୁ ଗୁରୁତର ସହ ବିଚାର କରିବେ।

## ଓମାନରେ ଛାତ ଭୁଷୁଡି ଓଡିଆ ଶ୍ରମିକ ମୃତ

**ରାଜନଗର,୯।୧୨ (ସଂଚାର ବ୍ୟୁରୋ):** ଗତକାଲି ରାତିରେ ସୁଦୂର ଓମାନରେ ୩ ମହଲା ବିଶିଷ୍ଟ ଛାତର ରଡ ବାଇଡିଂ ଭୁଷୁଡି ପଡ଼ିବାରୁ ଏହି ପଞ୍ଚାୟତର ଚକ୍ରଧରପୁର ଗାଁର ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ରାଜନଗର ବ୍ଲକ କୁରୁଂଟି ପଞ୍ଚାୟତ ଚକ୍ରଧରପୁର ଗାଁର ସୁକଦେବ ସ୍ୱାଇଁଙ୍କ ସାନପୁଅ ବିପିନି ବିହାରୀ ସ୍ୱାଇଁଙ୍କର ଗତକାଲି ବିଳମ୍ବିତ ରାତ୍ରିରେ ଓମାନରେ ମୃତ୍ୟୁ ଘଟିଛି।



ଚକ୍ରଧରପୁର ଗାଁର ଶୁକଦେବ ସ୍ୱାଇଁଙ୍କ ସାନପୁଅ ବିପିନି (୩୫ବର୍ଷ) ଓମାନରେ ଦାଦନ ଖଟୁଥିଲେ। ଦୁଇବର୍ଷ ତଳେ ଗାଁରେ କାମଧନ୍ଦା ନପାଇବାରୁ ବିପିନି ଦାଦନ ଖଟିବାକୁ ଠିକାଦାରଙ୍କ ସହାୟତାରେ ଓମାନ ଯାଇଥିଲେ। ଡିସେମ୍ବର ମାସରେ ଘରକୁ ଫେରିବା କଥା। ମାତ୍ର କମ୍ପାନୀ ଛୁଟି ନଦେବାରୁ ଫେବୃୟାରୀ ମାସରେ ଛାଡିବ ବୋଲି କହିଥିଲା। ଗତକାଲି ରାତ୍ରି ପ୍ରାୟ ୧୨ ଘଟିକା ସମୟରେ ଓମାନରେ ନିର୍ମାଣଧିନ ଏକ ୩ ମହଲା ବିଲ୍ଡିଂର ଛାତ ପଡ଼ିବା ପାଇଁ ରଡବାଇଡିଂ କାମ ଚାଲିଥିଲା। କାମ ଚାଲିଥିବା ସମୟରେ ବିଲ୍ଡିଂର ରଡ ବାଇଡିଂ ସମ୍ପୂର୍ଣ୍ଣ ଭୁଷୁଡି ପଡ଼ିଥିଲା। ବିପିନି ରଡ ବାଇଡିଂ ଭିତରେ ଚାପି ହୋଇ ରହିଥିଲା। କଟର ମେସିନ ସାହାଯ୍ୟରେ ରଡ ଗୁଡିକ କଟାଯିବା ପରେ ବିପିନିକୁ ଉଦ୍ଧାର କରାଯାଇଥିଲା। ମାତ୍ର ସେତେବେଳକୁ ବିପିନି ମୃତ୍ୟୁବରଣ କରି ସାରିଥିଲା। ଗତକାଲି ରାତି ପ୍ରାୟ ୩ ଘଟିକା ସମୟରେ ପରିବାର ଲୋକଙ୍କ ନିକଟକୁ ସେଠାରେ ଥିବା ଅନ୍ୟ ଯୁବକମାନେ ଖବର ଦେଇଥିଲେ। ଘରେ ତାଙ୍କର ପତ୍ନୀ, ୮ବର୍ଷର ଝିଅ, ୪ ବର୍ଷର ପୁଅ ସମେତ ବାପା, ମଆ କାନ୍ଦି କାନ୍ଦି ଭୂଇଁରେ ଲୋଟି ପଡୁଛନ୍ତି।

ବାପା ଡିସେମ୍ବର ମାସରେ ଘରକୁ ଫେରିବ ବୋଲି ପୁଅ ଝିଅ ଅପେକ୍ଷା କରିଥିଲେ। ମାତ୍ର ଡିସେମ୍ବରରେ ବାପାଙ୍କ ପରିବର୍ତ୍ତେ ତାଙ୍କର ମର ଶରୀର ଆସିବ। ଏହି ଖବରକୁ ନା ପରିବାର ଲୋକେ ଓ ଗ୍ରାମବାସୀ ସହଜରେ ଏହାକୁ ବିଶ୍ୱାସ କରିପାରୁଛନ୍ତି। ବିପିନିଙ୍କ ପାଇଁ ସାରା ଗାଁରେ ଶୋକାକୂଳ ପରିବେଶ। କୁରୁଂଟି ପଞ୍ଚାୟତର ସରପଞ୍ଚ ରଶ୍ମିତା ମହାନ୍ତି ଓ ପୂର୍ବତନ ସରପଞ୍ଚ ରଞ୍ଜନ କୁମାର ମହାନ୍ତି ପରିବାର ନିକଟରେ ପହଁଚି ସମବେଦନା ଜଣାଇବା ସହିତ କିପରି ମର ଶରୀର ଓମାନରୁ ଗାଁକୁ ଫେରିବ, ସେ ନେଇ ସେଠାରେ ଥିବା ଅନ୍ୟ ଓଡିଆ ଯୁବକମାନଙ୍କ ସହିତ ଆଲୋଚନା ଜାରି ରଖିଛନ୍ତି।

## ପାଚିକା ସହାୟିକା ସଂଘର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



**କେନ୍ଦ୍ରାପଡା,୯।୧୨ (ସଂଚାର ବ୍ୟୁରୋ):** ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ କେନ୍ଦ୍ରାପଡା ଶାଖା ଓ ଏଆଇଟିୟୁସି ମିଳିତ ଆନୁକୂଲ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୯ଦଫା ଦାବିପତ୍ର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ସଂଘର ଶତାଧିକ ପାଚିକା ଓ ସହାୟିକା କର୍ମଚାରୀ ମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିବା ସହ ସେମାନଙ୍କର ନାର୍ଯ୍ୟ ଦାବିକୁ ପୁରଣ କରିବା ପାଇଁ ଦାବି କରିଛନ୍ତି । ଏହି ଦାବି ଗୁଡିକ ମଧ୍ୟରେ ପାଚିକା ପାଉଥିବା ୨ ହଜାର ଟଙ୍କା ମାସିକ ଦରମାକୁ ବୃଦ୍ଧି କରାଯିବା, କାମ କରି ପାରୁଥିବା ପାଚିକାଙ୍କୁ କାମରୁ ବାହାର ନକରିବା, ୬୫ ବର୍ଷ ପର୍ଯ୍ୟନ୍ତ ପାଚିକାଙ୍କୁ କାମ କରିବାକୁ ସୁଯୋଗ ଦିଆଯିବା, ଛଟେଇ ପାଚିକାଙ୍କୁ ତୁରନ୍ତ ନିଯୁକ୍ତି, ସର୍ବନିମ୍ନ ପେନଶନ ବ୍ୟବସ୍ଥା, ପ୍ରତ୍ୟେକ ୨୫ ଜଣ ଛାତ୍ରଛାତ୍ରୀରେ ଜଣେ ପାଚିକା ନିଯୁକ୍ତି ଦେବା ଆଦି ଦାବି ଗୁଡିକ ରହିଛି। ଜିଲ୍ଲା ସଭାପତି ସୁହାନା ବେଗମଙ୍କ ନେତୃତ୍ୱରେ ସଂପାଦକ ଶୋଭାଗିନୀ ପତି, ଗଜେନ୍ଦ୍ରନାଥ ନାୟକ, ବରିଷ୍ଠ ଆଇନଜିବୀ ରମଣୀ ରଞ୍ଜନ ରାଉତରାୟ, ମାଳତୀ ବେହେରା, ଯମୁନା ସାହୁ, ନିର୍ମଳାନାଥ ଶର୍ମା, ରଶ୍ମିତା ସାହୁ ପ୍ରମୁଖ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି ।

## ରାଜନୀତି ବିଜ୍ଞାନ ବିଭାଗର ଓଡ଼ିଶା ବିଧାନସଭା ପରିଦର୍ଶନ

**କେନ୍ଦ୍ରାପଡ଼ା,୯।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା କୋରୁଆ ସ୍ଥିତ ଲୋକନାଥ ମହାବିଦ୍ୟାଳୟ, ପାଟକୁରାର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଓଡ଼ିଶା ବିଧାନ ସଭା ପରିଦର୍ଶନ କରିଛନ୍ତି। ବିଭାଗୀୟ ମୁଖ୍ୟ ଡ଼ ସୁଶାନ୍ତ କୁମାର ପରିଡ଼ାଙ୍କ ତତ୍ତ୍ୱାଧାବନରେ ବିଭାଗର ୪୦ ଜଣ ଛାତ୍ର ଛାତ୍ରୀ ବିଧାନ ସଭା ପରିଦର୍ଶନ



କରି ଗୃହରେ ପ୍ରଶ୍ନକାଳ, ଶୂନ୍ୟକାଳରେ ଉପସ୍ଥିତ ରହି ଜ୍ଞାନ ଅହୋରଣ କରିଥିଲେ। ପରିଶେଷରେ ସମ୍ମାନନୀୟ ବାଚସ୍ପତି ମହୋଦୟଙ୍କ ସହ ବାର୍ତ୍ତାଳାପ ଓ ଚିତ୍ର ଉତ୍ତୋଳନ ହୋଇଥିଲା । ଅଧ୍ୟାପକ ସତ୍ୟବ୍ରତ ବେହେରା ଓ ଅଧ୍ୟାପକ ସୁମନ ମଲ୍ଲିକ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଭିତରକନିକାରେ ୪୫ ଅତିରିକ୍ତ ବନସଂରକ୍ଷକଙ୍କୁ ପ୍ରଶିକ୍ଷଣ

**ରାଜନଗର, ୯।୧୨ (ସଂଚାର ବ୍ୟୁରୋ) :** ଡେରାଡୁନସ୍ଥିତ ସିଏଏସଏଫଓଏସ ପ୍ରଶିକ୍ଷଣ ସେଂଟରରୁ ୪୫ଜଣ ଅତିରିକ୍ତ ବନସଂରକ୍ଷକ ପ୍ରଶିକ୍ଷାର୍ଥୀ ଦିନିକିଆ ଭିତରକନିକା ଜାତୀୟ ଉଦ୍ୟାନରେ ପହଁଚି କୁମ୍ଭୀର, ହାଚେରି, ସଂଗ୍ରାହଳୟ, ଗୋରୀ, ମଲ୍ଲୀ, ଶ୍ୱେତା, ସ୍କାଏ ୱାକ, ଭିତରକନିକା ନଦୀରେ ଭ୍ରମଣ କରିବା ସହିତ ଲୁଣା ଜଙ୍ଗଲର ଉପକାରୀତା ବିଷୟରେ ପ୍ରଶିକ୍ଷଣ ନେଇଥିଲେ। ଏହି



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ବନସଂରକ୍ଷକ ଗଗନ ବିହାରୀ ମଲିକ, ଗବେଷକ ପ୍ରସନ୍ନ କୁମାର ନାୟକ, ନିରାକାର ବେହେରା, ବିଦ୍ୟାର୍ଥୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପ୍ରଶିକ୍ଷାର୍ଥୀମାନେ ଭିତରକନିକା ବୁଲିବା ସହିତ ବୋଟ ଯୋଗେ ଗୁପ୍ତି ଯାଇଥିଲେ।

## ତାରିଣୀ ବିଦ୍ୟାଳୟ ସମୂହର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**କେନ୍ଦ୍ରାପଡ଼ା,୯।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଗରଜଙ୍ଗା, ହଳଦିଆ ଗୋଡା ନିକଟରେ ଅବସ୍ଥିତ ତାରିଣୀ ଶିକ୍ଷାନୁଷ୍ଠାନ ସମୂହ ତାରିଣୀ ବିଦ୍ୟା ମନ୍ଦିର ଓ ତାରିଣୀ ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଗତ ୬ତାରିଖରେ ଅଧ୍ୟକ୍ଷ ଜ୍ଞାନ ରଞ୍ଜନ କୁଣ୍ଡୁଙ୍କ ଅଧ୍ୟକ୍ଷତାରେ ଉଦଘାଟିତ ହୋଇ ଗତ ଶନିବାର ଦିନ ଉଦଯାପନୀ ହୋଇଯାଇଛି । ତାରିଣୀ ଶିକ୍ଷାନୁଷ୍ଠାନ ସମୂହର ପରିଚାଳନା ନିର୍ଦ୍ଦେଶକ ଶ୍ରୀବତ୍ସ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ତିନିଦିନ ଧରି ବାର୍ଷିକ କ୍ରୀଡ଼ା ଉତ୍ସବ ପାଳନ କରାଯାଇଛି । ଏଥିରେ ବିଭିନ୍ନ ବର୍ଗର ପିଲାମାନେ ଭାଗ ନେଇ ଲଙ୍ଗ ଜମ୍ପ,୧୦୦ ମିଟର ଦୌଡ,୨୦୦ ମିଟର ଦୌଡ,୪୦୦ମିଟର ଦୌଡ, ସଟ ଫୁଟ୍, ଡିସ୍ କସ୍ ଥ୍ରୋ ଇତ୍ୟାଦି ବିଭାଗରେ ଅଂଶ ଗ୍ରହଣ କରିଥିଲେ । ପ୍ରଥମେ ମଶାଲ ଶୋଭାଯାତ୍ରା ହଳଦିଆ ହନୁମାନ ମନ୍ଦିରରୁ ବାହାରି ତାରିଣୀ ଶିକ୍ଷାନୁଷ୍ଠାନ ପର୍ଯ୍ୟନ୍ତ ଆସିଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଟ୍ରାଫିକ ସବ ଇନ୍ସପେକ୍ଟର ହେମନ୍ତ ରାଉତ ମୁଖ୍ୟ ବକ୍ତା ଭାବେ ମାର୍ଶାଘାଇ ମହାବିଦ୍ୟାଳୟ ର ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ଓ ଅନ୍ୟତମ ସମ୍ମାନିତ ଅତିଥି ଭାବେ ମାର୍ଶାଘାଇ ବାଳିକା ବିଦ୍ୟାଳୟର ସହକାରୀ ଶିକ୍ଷକ ଲକ୍ଷ୍ମୀଧର କେଙ୍କ ଯୋଗଦେଇଥିଲେ । ଶାରୀରିକ କ୍ରୀଡ଼ା କୌଶଳ ହିଁ ମଣିଷକୁ ସୁସ୍ଥ,ଫୁର୍ତ୍ତି ଯୁକ୍ତ , ଶୃଙ୍ଖଳିତ ଏବଂ ନିରୋଗ ରହିପାରିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ତୁଷାର କାନ୍ତ ସାହୁ। ଜ୍ଞାନରଞ୍ଜନ ବସନ୍ତରାୟ,ଗୌର ରାଉତ, ବିକ୍ରମ ପାଇଟଲ ଅଧ୍ୟାପିକା ଜ୍ୟୋତିପ୍ରଭା ସାହୁ, ତାରିଣୀ ବିଦ୍ୟା ମନ୍ଦିରର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।

## ୧୪ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**କେନ୍ଦ୍ରାପଡ଼ା, ୯।୧୨ (ସଂଚାର ବ୍ୟୁରୋ) :** ଜନସାଧାରଣଙ୍କୁ ବିନାମୂଲ୍ୟରେ ଆଇନସେବା ଯୋଗାଇଦେବା ଲକ୍ଷ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି । ଆସନ୍ତା ଡିସେମ୍ବର ମାସ ୧୪ ତାରିଖରେ ହେବାକୁ ଥିବା ଏହି ରାଷ୍ଟ୍ରୀୟ ଲୋକ ଅଦାଲତ କେନ୍ଦ୍ରାପଡା କୋର୍ଟ ସମେତ ଏହାର ନିକଟବର୍ତ୍ତୀ ପଟ୍ଟାମୁଣ୍ଡାଇ, ଆଳି ଓ ରାଜନଗର କୋର୍ଟ ପରିସରରେ ଅନୁଷ୍ଠିତ ହେବ । ଏଥିରେ ମୋକଦ୍ଦମା ସ୍ତରୀୟ ସାଲିସ ଯୋଗ୍ୟ ଫୌଜଦାରୀ ମାମଲା, ଚେକ ବାଉନସ ସମ୍ବନ୍ଧୀୟ ମାମଲା, ଟଙ୍କା ପୁନରୁଦ୍ଧାର ମାମଲା, ମୋଟରଯାନ ଦୁର୍ଘଟଣା ଜନିତ, ଶ୍ରମବିବାଦ ଜନିତ ମାମଲା, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ବିବାହ ବିଚ୍ଛେଦ ବ୍ୟତୀତ), ଉଚ୍ଚ ନ୍ୟାୟାଳୟ ଓ ଦେୱାନୀ ଅଦାଲତରେ ଥିବା ଜମି ଅଧିଗ୍ରହଣ ମାମଲା, ଚାକିରୀ ସମ୍ବଧୀୟ ଅବସର କାଳୀନ ପ୍ରାପ୍ୟ ସହିତ ମାମଲା, ଉଚ୍ଚ ନ୍ୟାୟାଳୟ ଓ ଦେୱାନୀ ଅଦାଲତରେ ଥିବା ରାଜସ୍ୱ ମାମଲା, ଅନ୍ୟାନ୍ୟ ଦେୱାନୀ ମାମଲା (ଭଡା, ସହଜ ଅଧିକାର, ନିର୍ଦ୍ଦିଷ୍ଟ କାର୍ଯ୍ୟଦକ୍ଷତା ସୁଟ, ନିର୍ଦ୍ଦେଶକ ସୁଟ), ଖାଉଟି ବିବାଦ ଓ ଅନ୍ୟାନ୍ୟ ଫୌଜଦାରୀ ମାମଲା ଗୁଡିକର ଫଇସଲା ହେବ। ପ୍ରାକ ମୋକଦ୍ଦମା ସ୍ତରୀୟ (କୋର୍ଟରେ ଦାୟର ହୋଇନଥିବା ମାମଲା) ଯଥା: ଚେକ ବାଉନସ ସମ୍ବଧୀୟ ମାମଲା, ଟଙ୍କା ପୁନରୁଦ୍ଧାର ମାମଲା, ଶ୍ରମବିବାଦ ଜନିତ ମାମଲା, ସ୍ଥାୟୀ ଲୋକ ଅଦାଲତର ଅନ୍ୟାନ୍ୟ, ଦେୱାନୀ (ସାଲିସ ବିହୀନ ବିବାଦକୁ ବାଦ ଦେଇ), ରକ୍ଷଣାବେକ୍ଷଣ ମାମଲା ଓ ଅନ୍ୟାନ୍ୟ ମୋକଦ୍ଦମା ଗୁଡିକର ଫଇସଲା ହେବ ।

ପୂର୍ବାହ୍ନ ୧୦ ଘଟିକାରୁ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଆରମ୍ଭ ହେବ। ମାନ୍ୟବର ଜିଲ୍ଲା ଦୌରାଜଜ ଶ୍ରୀଯୁକ୍ତ ବିଶ୍ୱଜିତ ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଆଇନ ସେବା ପ୍ରାଧିକରଣର ସଚିବ ସୁମିତ୍ରା ସାହୁ ସୂଚନା ଦେଇଛନ୍ତି।

## ଶାନ୍ତି ମୈତ୍ରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ବର୍ଦ୍ଧିତ

**କେନ୍ଦ୍ରାପଡା,୯।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସମେତ ବିଭିନ୍ନ ଜିଲ୍ଲାରେ ଜଣାଶୁଣା ସ୍ୱେଚ୍ଛାସେବୀ ଶାନ୍ତି ମୈତ୍ରୀ ଅନୁଷ୍ଠାନର ପ୍ରତିଷ୍ଠାତା ଭଗବାନ ଜେନାଙ୍କୁ ସାମାଜିକ ସେବା ପାଇଁ ଗତ ରବିବାର ଦିନ ସମ୍ବର୍ଦ୍ଧିତ କରାଯାଇଛି। କେନ୍ଦ୍ରାପଡା ଟାଉନ ହଲ ଠାରେ ଆୟୋଜିତ ଏକ ଉତ୍ସବରେ ଗୁରୁଚରଣ ଦାସ ମେମୋରିଆଲ ଚାରି ଟେବୁଲ ଟ୍ରଷ୍ଟ ପକ୍ଷରୁ ଶ୍ରୀ ଜେନାଙ୍କୁ ମାନ୍ୟବର ଶିଳ୍ପ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷାର ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଓ ମହାକାଳପଡା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଓ ଅନ୍ୟ ମାନଙ୍କ ଉପସ୍ଥିତିରେ ଶ୍ରୀ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି ଅତିଥି ଉପସ୍ଥିତ ଥିଲେ । ଶ୍ରୀ ଜେନା ବିଭିନ୍ନ ସମୟରେ ସାଧାରଣ ଲୋକଙ୍କ ସହିତ ଜଡିତ ହେବା ସହ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରିଆସୁଛନ୍ତି ।



## ବେଆଇନ୍ ବାଲି ଓ ପଥର ଚାଲାଣ କରୁଥିବା ୬ ହାଇୱା ଜବତ



**ସାଲେପୁର,୯।୧୨ (ସଂଚାର ବ୍ୟୁରୋ):** ବେଆଇନ୍ ଭାବେ ବାଲି ଓ ପଥର ଚାଲାଣ କରୁଥିବା ୬ଗୋଟି ହାଇୱାକୁ ସାଲେପୁର ପୁଲିସ ଜବତ କରିଥିବା ଜଣାଯାଇଛି। ନିୟମିତ ଏହି କିଛି ଦିନ ହେବ ରାତିରେ ଚିତ୍ରୋପ୍ରଳା ଓ ମହାନଦୀରୁ ବେଆଇନ୍ ଭାବେ ବାଲି ଉଠାଇ ସାଲେପୁର କଲେଜରୋଡ୍ ଦେଇ ବିଭିନ୍ନ ଅଞ୍ଚଳକୁ ବାଲି ମାଫିଆମାନେ ବାଲି ଚାଲାଣ କରିଚାଲିଥିଲେ। ଫଳରେ ସରକାର ଏହା ଦ୍ୱାରା ବିପୁଳ ମାତ୍ରାରେ ରାଜସ୍ୱ ହରାଉଥିଲେ। ଅପର ପକ୍ଷରେ ଏହି ରାସ୍ତା ଦେଇ ଓଭରଲୋଡ୍ କରି ବହୁ ସଂଖ୍ୟକ ହାଇୱାରେ ବାଲି ଚାଲାଣ କରିବା ଦ୍ୱାରା ରାସ୍ତାର ବିଭିନ୍ନ ସ୍ଥାନରେ ବାଲି ଜମା ହୋଇରହୁଛି। ଫଳରେ ଏହି ରାସ୍ତା ଦେଇ ଯାତାୟତ କରୁଥିବା ଜନସାଧାରଣ ବାଲିରେ ପଡ଼ି ଦୁର୍ଘଟଣାଗସ୍ତ ହେଉଛନ୍ତି। ଅପର ପକ୍ଷରେ ବାଲିମାଫିଆମାନେ ନିର୍ଭୟରେ କିଶୋରନଗର ଓ ସାଲେପୁର ବ୍ଲକ ଅଞ୍ଚଳର ମହାନଦୀ ଚିତ୍ରୋପ୍ରଳାରୁ ଖୁଲମଖୁଲା ରାତିରେ ଶହ ଶହ ସଂଖ୍ୟକ ହାଇୱା ମାଧ୍ୟମରେ ବେଆଇନ୍ ଭାବେ ବାଲି ଚାଲାଣ କରିଚାଲିଛନ୍ତି। ଗତକାଲି ରାତିରେ ହାଇୱା ଯୋଗେ ବେଆଇନ୍ ବାଲି ଚାଲାଣ କରୁଥିବା ୪ଟି ହାଇୱା ଓ ପଥର ଚାଲାଣ କରୁଥିବା ୨ଟି ହାଇୱାକୁ ଜବତ କରି ଏକ ମାମଲା ରୁଜୁ କରି ତଦନ୍ତ ଚାଲୁରଖିଛି। ଏ ସମ୍ପର୍କରେ ସାଲେପୁର ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କୁ ପଚାରିବାରୁ ବେଆଇନ୍ ବାଲି ଓ ପଥର ଚାଲାଣ କରୁଥିବା ୬ଟି ହାଇୱାକୁ ଜବତ କରି କ୍ଷୁଦ୍ର ଖଣିଜ ବିଭାଗକୁ ଜଣାଯାଇଛି। ଏଠାରେ ପ୍ରକାଶ ଯୋଗ୍ୟ ଯେ ଏହି କିଛି ଦିନ ହେବ ରାତିରେ ବହୁ ସଂଖ୍ୟାରେ ବେଆଇନ୍ ଭାବେ ହାଇୱା ଯୋଗେ ବାହାର ଅଞ୍ଚଳକୁ ବାଲି ଚାଲାଣ ହେଉଥିଲାବେଳେ ପୁଲିସ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାବେଳେ ଗତକାଲି ରାତିରେ ପୁଲିସ ଚଢ଼ଉ କରି ଏହି ୬ଗୋଟି ହାଇୱାକୁ ଜବତ କରିଛି।

● ମାର୍ଚ୍ଚରେ ୭୩ତମ ସର୍ବ ଭାରତୀୟ ହକି ଚାମ୍ପିୟନସିପ୍

# ଶୃଙ୍ଖଳା ଓ ନିରାପତ୍ତା ଉପରେ ଡିଜିପିଙ୍କ ଗୁରୁତ୍ୱ



**ଭୁବନେଶ୍ୱର, ୯।୧୨ (ସଂଚାର ବ୍ୟୁରୋ):** ଆସନ୍ତା ମାର୍ଚ୍ଚରେ ଓଡିଶା ପୋଲିସ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ୭୩ତମ ସର୍ବ ଭାରତୀୟ ହକି ଚାମ୍ପିୟନସିପ -୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ଡିଜିପି କ୍ୟାମ୍ପ କାର୍ଯ୍ୟାଳୟଠାରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଚାମ୍ପିୟନସିପକୁ ଶୃଙ୍ଖଳିତ, ସୁପରିଚାଳନା ସଂକ୍ରାନ୍ତରେ ଡିଜିପି ଶ୍ରୀ ଖୁରାନିଆ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଚାମ୍ପିୟନସିପରେ ଦେଶର ୨୭ଟି ପୁରୁଷ ଏବଂ ୧୦ଟି ମହିଳା ଟିମ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଖେଳାଳିଙ୍କ ରହିବା ସ୍ଥାନ, ନିୟମିତ ଅଭ୍ୟାସ, ଅତିଥିଙ୍କୁ ସ୍ୱାଗତ, ଉଦଘାଟନ ଓ ଉଦଯାପନୀ ସମାରୋହକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ଡିଜିପି ବୈଠକରେ ଉପସ୍ଥିତ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖେଳାଳିମାନେ କଳିଙ୍ଗ ଷ୍ଟାଡିୟମ ସମେତ ପୋଖରୀପୁଟ ଓ କିଟ କ୍ୟାମ୍ପସ ଗ୍ରାଉଣ୍ଡରେ ଅଭ୍ୟାସ କରିବେ। ଏଥି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ। ଏହି ଚାମ୍ପିୟନସିପରେ ବହୁ ଅନ୍ତର୍ଜାତୀୟ ହକି ଖେଳାଳିଙ୍କ ସମେତ ଭିଭିଆଇପି ଏବଂ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ବିଶେଷ ଯୋଗ ଦେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଓ ଖେଳାଳିଙ୍କୁ ଆନୁସଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦେବା ଉପରେ ଡିଜିପି ବୈଠକରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଏସକେ ପ୍ରିୟଦର୍ଶୀ, ନିର୍ଦ୍ଦେଶକ ଡ. ସନ୍ତୋଷ ବାଲା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଦୟାଲ ଗଙ୍ଗୱାର, ଅଅତିରିକ୍ତ ପୋଲିସ କମିଶନର ଡ.ଉମାଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ରାଇଜିଂ ରାଜସ୍ଥାନ ବିଶ୍ୱ ନିବେଶ ଶିଖର ସମ୍ମିଳନୀକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

# ଏହି ଶତାବ୍ଦୀ ପ୍ରଯୁକ୍ତି ପରିଚାଳିତ ଓ ଡାଟା ଭିତ୍ତିକ

**ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି) :** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜସ୍ଥାନର ଜୟପୁରସ୍ଥିତ ଜୟପୁର ପ୍ରଦର୍ଶନୀ ଏବଂ ସମ୍ମିଳନୀ କେନ୍ଦ୍ର (ଜେଇସିସି)ରେ ରାଇଜିଂ ରାଜସ୍ଥାନ ଗ୍ଲୋବାଲ ଇନଭେଷ୍ଟମେଣ୍ଟ ସମିଟ ୨୦୨୪ ଏବଂ ରାଜସ୍ଥାନ ଗ୍ଲୋବାଲ ବିଜନେସ ଏକ୍ସପୋକୁ ଉଦଘାଟନ କରିଛନ୍ତି । ଏହି ଅବସରରେ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ରାଜସ୍ଥାନର ସଫଳତାଯାତ୍ରାରେ ଆଜି ଆଉ ଏକ ସ୍ୱତନ୍ତ୍ର ଦିନ । ପିଙ୍କ ସିଟି- ଜୟପୁରରେ ଆୟୋଜିତ ରାଇଜିଂ ରାଜସ୍ଥାନ ଗ୍ଲୋବାଲ ଇନଭେଷ୍ଟମେଣ୍ଟ ସମିଟ୍ ୨୦୨୪ ଆୟୋଜନ ଅବସରରେ ସେ ସମସ୍ତ ଶିଳ୍ପ ଓ ବ୍ୟବସାୟୀ ନେତୃତ୍ୱ, ନିବେଶକ, ପ୍ରତିନିଧିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସେ ରାଜସ୍ଥାନ ସରକାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଭାରତରେ ବ୍ୟବସାୟିକ ବାତାବରଣକୁ ନେଇ ବ୍ୟୟସାୟ ବିଶେଷଜ୍ଞ ଓ ନିବେଶକମାନେ ଉତ୍ସାହିତ ଅଛନ୍ତି । ସେ ଆହୁରି ମଧ୍ୟ କହିଥିଲେ ଯେ ଭାରତ ପର୍ଫର୍ମ, ଟ୍ରାସଫର୍ମ ଏଣ୍ଡ ରିଫର୍ମ ( ପ୍ରଦର୍ଶନ, ପରିବର୍ତ୍ତନ ଏବଂ ସଂସ୍କାର) ର ମନ୍ତ୍ରକୁ ନେଇ ଯେଉଁ ପ୍ରଗତି ଦେଖୁଛି ତାହା ପ୍ରତ୍ୟେକ କ୍ଷେତ୍ରରେ ଦୃଶ୍ୟମାନ ହେଉଛି ।

ଶ୍ରୀ ମୋଦୀ କହିଥିଲେ ଯେ ସ୍ୱାଧୀନତାର ୭ଟି ଦଶନ୍ଧି ପରେ ହିଁ ଭାରତ ବିଶ୍ୱର ୧୧ତମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇପାରିଥିଲା, କିନ୍ତୁ ଗତ ଏକ ଦଶନ୍ଧିରେ ହିଁ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି । ବିଗତ ୧୦ ବର୍ଷ ମଧ୍ୟରେ ଭାରତର ଅର୍ଥନୀତି ଓ ରପ୍ତାନି ପ୍ରାୟ ଦ୍ୱିଗୁଣିତ ହୋଇଛି ଏବଂ ୨୦୧୪ ପୂର୍ବ ଦଶନ୍ଧି



ତୁଳନାରେ ଗତ ଦଶନ୍ଧିରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ମଧ୍ୟ ଦ୍ୱିଗୁଣିତ ହୋଇଛି ବୋଲି ମୋଦୀ କହିଛନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ ଭାରତର ଭିତ୍ତିଭୂମି ଖର୍ଚ୍ଚ ପ୍ରାୟ ୨ ଲକ୍ଷ କୋଟି ଟଙ୍କାରୁ ୧୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। "ଭାରତର ସଫଳତା ଗଣତନ୍ତ୍ର, ଜନସଂଖ୍ୟା, ଡିଜିଟାଲ ଡାଟା ଏବଂ ବିତରଣର ପ୍ରକୃତ ଶକ୍ତିକୁ ଦର୍ଶାଉଛି" ପ୍ରଧାନମନ୍ତ୍ରୀ କହିଥିଲେ। ସେ ଆହୁରି କହିଥିଲେ ଯେ ଭାରତ ଭଳି ଏକ ବିବିଧତାପୂର୍ଣ୍ଣ ଦେଶରେ ଗଣତନ୍ତ୍ରର ସଫଳତା ଏବଂ ସଶକ୍ତୀକରଣ ହେଉଛି ନିଜେ ଏକ ବଡ଼ ସଫଳତା । ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ହେବା ସହ ମାନବିକତାର କଲ୍ୟାଣ ହେଉଛି ଭାରତର ମୁଖ୍ୟ ଆଦର୍ଶ । ଏହା ଭାରତର ମୌଳିକ ଚରିତ୍ର ବୋଲି ସେ କହିଥିଲେ । ଭାରତରେ ନିଜର ଗଣତାନ୍ତ୍ରିକ ଅଧିକାରକୁ କାର୍ଯ୍ୟକାରୀ କରିବା ସହ ଏକ ସ୍ଥିର ସରକାର ସୁନିଶ୍ଚିତ କରିଥିବାରୁ ସେ ଭାରତବାସୀଙ୍କୁ ପ୍ରଶଂସା କରିଥିଲେ । ଭାରତର ଏହି ପ୍ରାଚୀନ ପରମ୍ପରାକୁ ଆଗକୁ ନେବା ପାଇଁ ଶ୍ରୀ ମୋଦୀ ଦେଶର ଯୁବଶକ୍ତି ବହୁଳ ଜନସଂଖ୍ୟାକୁ ପ୍ରସଂଶା କରିଥିଲେ। ଆଗାମୀ ଅନେକ ବର୍ଷ ପାଇଁ ଭାରତ ବିଶ୍ୱର ସବୁଠାରୁ ତରୁଣ ଦେଶ ମାନଙ୍କ ମଧ୍ୟରେ ରହିବ ଏବଂ ଭାରତରେ ଯୁବଗୋଷ୍ଠୀର ସର୍ବାଧିକ ସମୁଦାୟ ଏବଂ ବୃହତ୍ତମ କୁଶଳୀ ଯୁବ ଗୋଷ୍ଠୀ ରହିବ ବୋଲି ସେ ଉଲ୍ଲେଖ କରିଥିଲେ । ସେ ଆହୁରି ମଧ୍ୟ କହିଛନ୍ତି ଯେ ସରକାର ଏ ଦିଗରେ ଅନେକ ସକାରାତ୍ମକ ପଦକ୍ଷେପ ନେଉଛନ୍ତି। ଶ୍ରୀ ମୋଦୀ କହିଥିଲେ ଯେ ଗତ ଦଶନ୍ଧିରେ ଭାରତର ଯୁବଶକ୍ତି ଆମ ଶକ୍ତିରେ ଆଉ ଏକ ଦିଗ ଯୋଡ଼ିଛି ଏବଂ ଏହି ନୂତନ ଦିଗ ହେଉଛି ଭାରତର ବୈଷୟିକ ଶକ୍ତି ଏବଂ ଡାଟା ଶକ୍ତି । ବିଶ୍ୱର ପ୍ରତ୍ୟେକ କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟା ଏବଂ ଡାଟାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମୋଦୀ କହିଲେ, "ଏହି ଶତାବ୍ଦୀ ଟେକ୍ନୋଲୋଜି ଦ୍ୱାରା ପରିଚାଳିତ ଏବଂ ଡାଟା ଭିତ୍ତିକ। ଗତ ଦଶନ୍ଧି ମଧ୍ୟରେ ଭାରତରେ ଇଣ୍ଟରନେଟ୍ ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ପାଖାପାଖି ୪ ଗୁଣ ବୃଦ୍ଧି ପାଇଛି ବୋଲି ସେ ଉଲ୍ଲେଖ କରିଥିଲେ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଡିଜିଟାଲ କାରବାରରେ ନୂତନ ରେକର୍ଡ ସୃଷ୍ଟି କରାଯାଉଛି। ଭାରତ ବିଶ୍ୱରେ ଗଣତନ୍ତ୍ରର ପ୍ରକୃତ ଶକ୍ତି, ଜନସଂଖ୍ୟା ଏବଂ ତଥ୍ୟ ପ୍ରଦର୍ଶନ କରୁଛି ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଡିଜିଟାଲ ଟେକ୍ନୋଲୋଜିର ଗଣତାନ୍ତ୍ରିକୀକରଣ ପ୍ରତ୍ୟେକ କ୍ଷେତ୍ର ଏବଂ ସମୁଦାୟପାଇଁ କିପରି ଲାଭଦାୟକ ତାହା ଭାରତ ଦେଖାଇଛି। ୟୁପିଆଇ, ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର ସିଷ୍ଟମ, ଗଭର୍ଣ୍ଣମେଣ୍ଟ ଇ-ମାର୍କେଟପ୍ଲେସ (ଜିଇଏମ), ଓପନ ନେଟୱାର୍କ ଫର ଡିଜିଟାଲ କମର୍ସ (ଓଏନଡିଭିସି) ଭଳି ଭାରତର ବିଭିନ୍ନ ଡିଜିଟାଲ ପଦକ୍ଷେପ ବିଷୟରେ ଉଲ୍ଲେଖ କରି ସେ କହିଥିଲେ ଯେ ଏଭଳି ଅନେକ ପ୍ଲାଟଫର୍ମ ଅଛି ଯାହା ଡିଜିଟାଲ ଇକୋସିଷ୍ଟମର ଶକ୍ତିକୁ ପ୍ରଦର୍ଶନ କରିଥାଏ। ରାଜସ୍ଥାନରେ ମଧ୍ୟ ଏହାର ବ୍ୟାପକ ପ୍ରଭାବ ଦେଖିବାକୁ ମିଳିବ ବୋଲି ସେ କହିଛନ୍ତି। ରାଜ୍ୟର ବିକାଶ ମାଧ୍ୟମରେ ଦେଶର ବିକାଶ ହୋଇଛି ଏବଂ ଯେତେବେଳେ ରାଜସ୍ଥାନ ବିକାଶର ନୂତନ ଶିଖର ଛୁଇଁବ, ସେତେବେଳେ ଦେଶ ମଧ୍ୟ ନୂତନ ଉଚ୍ଚତାରେ ପହଞ୍ଚିବ ବୋଲି ଶ୍ରୀ ମୋଦୀ ବିଶ୍ୱାସ ବ୍ୟକ୍ତ କରିଥିଲେ ।

# ଶ୍ରମିକଙ୍କ ମୃତ୍ୟୁର ହେବ ଉଚ୍ଚସ୍ତରୀୟ ତଦନ୍ତ

ବିନା ସୁରକ୍ଷା ଉପକରଣରେ ହେଉଥିଲା କାମ



**କଟକ, ୯।୧୨ (ସଂଚାର ବ୍ୟୁରୋ):** କଟକ ବିଡାନାସୀରେ ଡ୍ରେନ ନିର୍ମାଣବେଳେ ଶ୍ରମିକଙ୍କ ମୃତ୍ୟୁ ଘଟଣାର ହେବ ଉଚ୍ଚସ୍ତରୀୟ ତଦନ୍ତ। ଦୋଷୀଙ୍କ ବିରୁଦ୍ଧରେ ହେବ କାର୍ଯ୍ୟାନୁଷ୍ଠାନ। ସୋମବାର କିଛି ଏଭଳି ପ୍ରତିକ୍ରିୟା ଦେଇଛନ୍ତି ସିଏମସି କମିଶନର ଅନାମ ଚରଣ ପାତ୍ର। ବିନା କାର୍ଯ୍ୟାଦେଶରେ କାମ ଚାଲୁଥିବା ସିଏମସି କମିଶନର ସ୍ୱୀକାର କରିଛନ୍ତି।

ଶଙ୍କରଙ୍କ ମୃତ୍ୟୁପରେ ଏବେ ୫ ପ୍ରାଣୀ କୁଟୁମ୍ବ ଚଳାଇବା ଚିନ୍ତାରେ ପତ୍ନୀ ଏସ ଦେବୀ। ଡ୍ରେନ ନିର୍ମାଣବେଳେ ପାଚେରି ଭୁଶୁଡ଼ି ଶଙ୍କରଙ୍କ ମୃତ୍ୟୁ ହେବାପରେ ପରିବାର ଉପରେ ଏବେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। ଶଙ୍କରଙ୍କ ରୋଜଗାରରେ ଘର ଚଳୁଥିଲା। ଏବେ ସବୁ ବନ୍ଦ ହୋଇଗଲା। କେମିତି ଛୋଟ ପିଲାଙ୍କୁ ନେଇ ଘର ଚଳାଇବେ। ସରକାରୀ ସହାୟତା ମାତ୍ର ୩୦ ହଜାର ଟଙ୍କା ମିଳିଥିବାବେଳେ ଅଧିକ କ୍ଷତିପୂରଣ ଦାବି କରି ସାହି ବାସିନ୍ଦା ବାରପଥର ନିକଟରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ତୁରନ୍ତ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି କଂଗ୍ରେସ କର୍ପୋରେଟର। ସୂଚନାଯୋଗ୍ୟ, ରବିବାର ବିଡାନାସୀ ନାୟକ ସାହିରେ ଡ୍ରେନ ନିର୍ମାଣବେଳେ ପାଚେରି ଭୁଶୁଡି ପଡ଼ିବା ଯୋଗୁଁ କଟକ ପଟ୍ଟାପୋଲ ଅଞ୍ଚଳର ଏସ ଶଙ୍କରଙ୍କ ମୃତ୍ୟୁ ହୋଇଥିଲାବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଠିକାଦାର ଓ ଯନ୍ତ୍ରୀଙ୍କ ବେପରୁଆ କାମ ଯୋଗୁଁ ଏଭଳି ଅଘଟଣ ଘଟିଥିବା ଅଭିଯୋଗ ହୋଇଛି। ଏପରିକି ବିନା କୌଣସି ସୁରକ୍ଷା ଉପକରଣରେ ଶ୍ରମିକମାନଙ୍କୁ କାମରେ ନିୟୋଜିତ କରିଥିଲେ ଠିକାଦାର। ସମ୍ପୃକ୍ତ ଡ୍ରେନ ନିର୍ମାଣ ପାଇଁ ସିଏମସିର କାର୍ଯ୍ୟାଦେଶ ମଧ୍ୟ ନଥିଲା ବୋଲି ଜଣାପଡ଼ିଛି। ସିଏମସି କମିଶନର କହିଛନ୍ତି, ଘଟଣାକୁ ଗୁରୁତର ସହ ନିଆଯାଇଛି। ଅତିରିକ୍ତ କମିଶନରଙ୍କ ନେତୃତ୍ୱରେ ଏକ ତିନି ଜଣିଆ କମିଟି ତଦନ୍ତ କରି ରିପୋର୍ଟ ପ୍ରଦାନ କରାଯିବା ପରେ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କ୍ଷତିପୂରଣ ପାଇଁ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯିବା ସହ ମୃତ ଶଙ୍କରଙ୍କ ପିଲାମାନଙ୍କ ପାଠପଢ଼ା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ସିଏମସି କମିଶନର ଅନାମ ଚରଣ ପାତ୍ର।

# ଜୁଇ ଜଳୁଥିବା ବେଳେ ଆଉ ଜଣକୁ ମାରି ନିଆଁକୁ ଫିଙ୍ଗିଦେଲେ



**ଜୟପୁର, ୯।୧୨ (ସଂଚାର ବ୍ୟୁରୋ):** ଶୀତୁଆ ସଞ୍ଜ। ଚାରିଆଡେ ଅନ୍ଧକାର ରାଜୁତି କରୁଥିଲା। କୁକୁର ପଲ ଗାଁ ମୁଣ୍ଡରେ ରାହା ଧରି ବୋବାଉଥିଲା। ଗାଁ ଶ୍ମଶାନରେ ଜଳୁଥିଲା ଜୁଇ। ଦୁଃଖରେ ଭିଜିଥିଲା ପୂରା ପରିବାର। ତାହାରି ଭିତରେ ପ୍ରତିଶୋଧର ନିଆଁରେ ଜଳୁଥିବା ମାଲ୍ ଭାଇମାନେ ଆଉ ଜଣଙ୍କୁ ହତ୍ୟା କରି ସେହି ଜୁଇକୁ ଫିଙ୍ଗି ଦେଲେ। ଚାହୁଁଚାହୁଁ ଆଖି ପିଛୁଳାକେ ଗୋଟିଏ ଜୁଇରେ ହୁତୁହୁତ ହୋଇ ଜଳିଗଲା ଦୁଇ ଜଣଙ୍କ ମୃତଦେହ। ଏପରି ବୀଭତ୍ସ ହତ୍ୟାକାଣ୍ଡ କୋରାପୁଟ ଜିଲ୍ଲା ବନ୍ଧୁଗାଁ ଥାନା ଅଞ୍ଚଳରେ ଘଟିଛି। ବନ୍ଧୁଗାଁ ଥାନା ଝାରପା ଗାଁର ଦାଶ ମିନ୍ୟାକା ଦୀର୍ଘ ଦିନ ଦରି ଅସୁସ୍ଥ ଥିଲେ। ରବିବାର ତାଙ୍କର ମୃତ୍ୟୁ ଘଟିଥିଲା। ଦାଶଙ୍କ ମୃତ୍ୟୁକୁ ପରିବାର ଲୋକ ଓ ଗାଁ ଲୋକେ ସହଜରେ ଗ୍ରହଣ କରିପାରିନଥିଲେ। ଏଥିପାଇଁ ଗାଁର ଶିବ ମିନ୍ୟାକାଙ୍କୁ ସନ୍ଦେହ କରିଥିଲେ। ଶିବ ଗୁଣିଗାରେଡି କରିଥିବାରୁ ଦାଶଙ୍କୁ ମୃତ୍ୟୁ କରିଥିବା ଅଭିଯୋଗ ହୋଇଥିଲେ। ଏହାକୁ ନେଇ ଗାଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

# ଡିସେମ୍ବର ୧୧ରେ ସ୍ମାର୍ଟ ଇଣ୍ଡିଆ ହାକାଥନ ୨୦୨୪

**ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି) :** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୧୧ ଡିସେମ୍ବର ୨୦୨୩ ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ୨୦୨୪ର ଗ୍ରାଣ୍ଡ ଫାଇନାଲରେ ଯୁବ ଉଦ୍ଭାବକମାନଙ୍କ ସହ ଆଲୋଚନା କରିବେ । ଗ୍ରାଣ୍ଡ ଫାଇନାଲରେ ୧୩୦୦ରୁ ଅଧିକ ଛାତ୍ର ଦଳ ଅଂଶଗ୍ରହଣ କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ସମାବେଶକୁ ସମ୍ବୋଧିତ କରିବେ। ସ୍ମାର୍ଟ ଇଣ୍ଡିଆ ହାକାଥନ୍ (ଏସ୍ ଆଇଏଚ୍ )ର ସପ୍ତମ ସଂସ୍କରଣ ଆସନ୍ତା ଡିସେମ୍ବର ୧୧ ତାରିଖରୁ ଦେଶର ୫୧ଟି ନୋଡାଲ ସେଣ୍ଟରରେ ଆରମ୍ଭ ହେବ। ସଫ୍ଟୱେୟାର୍ ସଂସ୍କରଣ ୩୬ ଘଣ୍ଟା ପର୍ଯ୍ୟନ୍ତ ଚାଲୁ ଥିବାବେଳେ ହାର୍ଡୱେର୍ସଂ ସ୍କରଣ ୧୧ରୁ ୧୫ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ଚାଲିବ। ପୂର୍ବ ସଂସ୍କରଣ ଭଳି, ଛାତ୍ର ଦଳଗୁଡିକ ମନ୍ତ୍ରଣାଳୟ କିମ୍ବା ବିଭାଗ କିମ୍ବା ଶିଳ୍ପ ଦ୍ୱାରା ଦିଆଯାଇଥିବା ସମସ୍ୟା ବିବୃତି ଉପରେ କାର୍ଯ୍ୟ କରିବେ କିମ୍ବା ଜାତୀୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ସହିତ ଜଡିତ ୧୭ଟି ବିଷୟବସ୍ତୁ ମଧ୍ୟରୁ ଯେକୌଣସି ବିଷୟରେ ଛାତ୍ର ନବସୃଜନ ବର୍ଗରେ ସେମାନଙ୍କର ଧାରଣା ଦାଖଲ କରିବେ।

# ଉତ୍ତର ପ୍ରଦେଶରୁ ଆସିଲା ଆଳୁ: କେଜି ୩୦ ଟଙ୍କା



**ଭୁବନେଶ୍ୱର, ୯।୧୨ (ସଂଚାର ବ୍ୟୁରୋ):** ରାଜ୍ୟରେ ଖାଉଟି ମାନଙ୍କୁ ସୁଲଭ ମୂଲ୍ୟରେ ଆଳୁ ଯୋଗାଇ ଦେବା ନିମନ୍ତେ ସରକାର ପଦକ୍ଷେପ ନେଇଛନ୍ତି। ରାଜ୍ୟ ସରକାର ନାଫେଡ ମାଧ୍ୟମରେ ଆଳୁ କିଣିବା ସହ ଖାଉଟି ମାନଙ୍କୁ କିଲୋଗ୍ରାମ ପିଛା ୩୦ ଟଙ୍କାରେ ଯୋଗାଇ ଦେଉଛନ୍ତି । ଖାଉଟି ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନାଫେଡ ମାଧ୍ୟମରେ ଖାଉଟି ମାନଙ୍କ ନିମନ୍ତେ ସୁଲଭ ଦରରେ ଆଳୁ ଯୋଗାଣ ନିମନ୍ତେ ନିଷ୍ପତ୍ତି ନେଇଥିବାରୁ ପ୍ରଥମ ପର୍ଯ୍ୟାୟରେ ତିନୋଟି ଗାଡ଼ିରେ ୬୦ ଟନ ଆଳୁ ଉତ୍ତର ପ୍ରଦେଶରୁ ଆସି ବର୍ତ୍ତମାନ ଭୁବନେଶ୍ୱରରେ ପହଁଚିଛି ।

ଏହାକୁ ଆଜି ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ସମେତ ସହରର ବିଭିନ୍ନ ସ୍ଥାନରେ ସର୍ବସାଧାରଣ ମାନଙ୍କୁ କିଲୋ ଗ୍ରାମ ପିଛା ୩୦ ଟଙ୍କାରେ ବିକ୍ରୟ କରାଯାଇଛି। ଏହି ଆଳୁ ସମସ୍ତ ସରକାରୀ ସୁଲଭ ଖୁଚୁରା କେନ୍ଦ୍ରରେ ସର୍ବ ସାଧାରଣ ମାନଙ୍କୁ ବିକ୍ରୟ କରଯିବ। ଏହାଦ୍ୱାରା ଖାଉଟି ମାନଙ୍କୁ ସୁଲଭ ଦରରେ ଆଳୁ ଉପଲବ୍ଧ କରାଇବା ସହ ରାଜ୍ୟରେ ଆଳୁ ସଙ୍କଟ ଦୂର ହୋଇପାରିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏହା ଭୁବନେଶ୍ୱର, କଟକ, ରାଉରକେଲା,ଜୟପୁର, ବାଲେଶ୍ୱର,ବଲାଙ୍ଗୀର, ସମ୍ବଲପୁର ଓ ବ୍ରହ୍ମପୁରର ବିଭିନ୍ନ ସରକାରୀ ଖୁଚୁରା ଦୋକାନ ମାଧ୍ୟମରେ ଉପଲବ୍ଧ ହେବ ଏବଂ ଖାଉଟି ମାନେ ଏହାକୁ କିଲୋଗ୍ରାମ ପିଛା ୩୦ ଟଙ୍କାରେ କିଣିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

# ଶୁଖିବାରେ ଲାଗିଛି ଚିରସ୍ରୋତା ମହାନଦୀ, ଚିନ୍ତାରେ ଲୋକେ

**ସୁବର୍ଣ୍ଣପୁର, ୯।୧୨ (ସଂଚାର ବ୍ୟୁରୋ):** ଖରାଦିନ ଆସିବା ପୂର୍ବରୁ ମହାନଦୀର ସ୍ରୋତ କମିବାରେ ଲାଗିଛି । ଶୁଖିଲା ମହାନଦୀକୁ ନେଇ ନଦୀ ପାଶ୍ୱର୍ବର୍ତି ଲୋକଙ୍କ ଜୀବନ ଜିବିକା ପ୍ରଭାବିତ ହୋଇ ପଡିଛି । ଦିନକୁ ଦିନ ମହାନଦୀର ଜଳ ପ୍ରବାହ କମି କମି ଆସୁଥିବା ବେଳେ ଲୋକଙ୍କ ପାନୀୟ ଜଳସହ ଚାଷ ବାସରେ ମଧ୍ୟ ତାର ପ୍ରଭାବ ପଡିଛି । ଆଗକୁ ଖରାଦିନ । ଜଳସ୍ତର ଆହୁରି କମିବାର ଆଶଙ୍କା ରହିଛି । ଏବେଠୁ ମହାନଦୀର ସ୍ଥାନେ ସ୍ଥାନେ ଛୋଟ ଛୋଟ ଚେକଡ୍ୟାମ କରିବାକୁ ସାଧାରଣରେ ଦାବୀ ହେଉଛି । ମହାନଦୀର ଜଳ ସୁରକ୍ଷାକୁ ନେଇ ରାଜ୍ୟ ରାଜ୍ୟ ମଧ୍ୟରେ ବାଦ ବିବାଦ ଲାଗି ରହିଥିବା ବେଳେ ଲୋକଙ୍କ ହିତ ପାଇଁ ଏଯାଏଁ କିଛି ପଦକ୍ଷେପ ନିଆଯାଇ ପାରୁ ନଥିବା ଅଭିଯୋଗ ହୋଇଛି ।



ସୁବର୍ଣ୍ଣପୁର ଜିଲ୍ଲାରେ ମହାନଦୀ ପାଖା ପାଖି ୧୦୦ କିଲୋମିଟର ଧରି ପ୍ରବାହିତ ହେଉଥିବା ବେଳେ ପାହାଡ ସଦୃଶ ପଥର,ସ୍ଥିର ନୀଳ ଜଳରାଶି, ବିସ୍ତିର୍ଣ୍ଣ ସରୁବାଲିରେ ଭରପୁର ଥିବା ମହାନଦୀ ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏପରିକି ମହାନଦୀର ଉଭୟ ପାଶ୍ୱର୍ରେ ଥିବା ଶତାଧିକ ଜନ ବସତି ମହାନଦୀ ଉପରେ ନିର୍ଭର କରି ଚଳୁଥିଲେ । ହେକ୍ଟର ହେକ୍ଟର ଚାଷ ଜମିକୁ ସେଚ ବ୍ୟବସ୍ଥାରେ ଚାଷ ମଧ୍ୟ ହେଉଥିଲା । ହେଲେ ପ୍ରାୟ ୧୦ ବର୍ଷରୁ ଅଧିକ ହେବ ମହାନଦୀର ପାଣି କ୍ରମଶଃ କମି କମି ଯାଉଛି । ଧିରେ ଧିରେ କମିବାରେ ଲାଗିଛି ଏହି ପ୍ରାକୃତିକ ଉତ୍ସ। ପ୍ରଭାବିତ ହେଉଛି ଲୋକଙ୍କ ଜୀବନ ଜୀବିକା ।


ଯେଉଁ ମହାନଦୀରେ ଜାନୁୟାରୀ ମାସରେ ୧୦ଫୁଟ ପାଣି ପ୍ରବାହିତ ହେଉଥିଲା । ସେହି ମହାନଦୀରେ ଲୋକେ ପାର ହୋଇ ଚାଲି ଚାଲି ଯିବା ଆସିବା କରୁଛନ୍ତି । ୩ରୁ ୪ଫୁଟ ପାଣି ପ୍ରବାହିତ ହେଉଥିବା ବେଳେ ଯୁଆଡେ ଦେଖିବ ବାଲି ଆଉ ପଥରରେ ପରିପୂର୍ଣ୍ଣ ହୋଇଛି । ଆଗକୁ ଖରାଦିନ ଆସୁଛି। ମରୁଭୂମି ପାଲଟିଥିବା ଚିରସ୍ରୋତା ମହାନଦୀରେ ଛୋଟ ଛୋଟ ଚେକଡ୍ୟାମ ନିର୍ମାଣ କରବାକୁ ଦାବି କରିଛନ୍ତି ଏଠିକାର ଲୋକେ ।

# ମୁହଁରେ କଳା ବୋଳିଲେ, ବେକରେ ଜୋତା ମାଳ ପକାଇ ଗାଁ ବୁଲାଇଲେ

**କେନ୍ଦୁଝର, ୯।୧୨ (ସଂଚାର ବ୍ୟୁରୋ):** ମୁହଁରେ ଚୁନ ଓ କଳା ବୋଳିଲେ। ବେକରେ ଜୋତା ମାଳ ପକାଇ ଗାଁ ଦାଣ୍ଡରେ ବୁଲାଇଲେ। ଆଉ ଭିଡିଓ ଶୁଟ୍ କଲେ। ଧାନ ଚୋରି କରିଥିବା ଅଭିଯୋଗରେ ୨ ତଥାକଥିତ ଚୋରଙ୍କୁ କଙ୍ଗାରୁ କୋର୍ଟରେ ଏପରି ଦଣ୍ଡ ଦେଇଛନ୍ତି ଗାଁ ଲୋକେ। ଏପରି ଅଭିଯୋଗ କେନ୍ଦୁଝର ଜିଲ୍ଲା ତେଲକୋଇ ଅଞ୍ଚଳରୁ ଆସିଛି। ଭିଡ଼ିଓ ଭାଇରାଲ୍ ପରେ ଗାଁରେ ପହଞ୍ଚିଛି ପୁଲିସ୍। ରବିବାର ବିଳମ୍ବିତ ରାତିରେ ତେଲକୋଇ ଥାନା ଡ଼ିମିରିମୁଣ୍ଡା ଗାଁର ସୁରେଶ ପ୍ରଧାନଙ୍କ ଘରୁ ଚୋରି ହୋଇଥିଲା। ସୁରେଶଙ୍କ ଘରର ଝରକା ତାଡି ସେହି ଗାଁର ବାବୁଲି ପ୍ରଧାନ ଓ ଆଖି ପଧାନ ଧାନ ବସ୍ତା ଚୋରି କରୁଥିଲେ! ଏ ସମ୍ପର୍କରେ ପଡୋଶୀ ଶତ୍ରୁଘ୍ନ ମହାକୁଡ଼ ଜାଣିପାରିଥିଲେ। ସେ ସେମାନଙ୍କ ଭିତରୁ ଆଖି ପଧାନଙ୍କୁ ଧରି ପକାଇଥିଲେ। ଏଥିସହ ସେ ଚିତ୍କାର କରିଥିଲେ। ଶତ୍ରୁଘ୍ନଙ୍କ ଚିତ୍କାର ଶୁଣି ଗାଁ ଲୋକେ ଉଠି ପଡ଼ିଥିଲା। ଆଖି ପଧାନଙ୍କ ବୟାନ୍ ଆଧାରରେ ବାବୁଲି ପଧାନଙ୍କୁ ଉଠାଇ ଆଣି ଗାଁ ମଣ୍ଡପରେ ବାନ୍ଧି ଦେଇଥିଲେ।



# ଇଲେକ୍ଟ୍ରିକ ସ୍କୁଟିରୁ ନିଆଁ ଲାଗି ଜଳିଗଲା ୪ ଗାଡ଼ି



**ରାଉରକେଲା, ୯।୧୨ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ନିକଟରେ ରହୁଥିବା ଜଣେ ବ୍ୟକ୍ତି ରାତିରେ ନିଜ ଗ୍ୟାରେଜରେ ଇଲେକ୍ଟ୍ରିକ ସ୍କୁଟିକୁ ଚାର୍ଜ ବସାଇଥିଲେ। ହଠାତ୍ ଇଲେକ୍ଟ୍ରି ସ୍କୁଟିରେ ନିଆଁ ଲାଗିଯାଇଥିଲା। ନିଆଁ ଚାରିଆଡକୁ ବ୍ୟାପି ଯାଇଥିଲା। ଫଳରେ ଗ୍ୟାରେଜରେ ଥିବା ୩ ସ୍କୁଟି ଓ ଗୋଟିଏ ବାଇକ୍‌ରେ ନିଆଁ ଲାଗିଯାଇଥିଲା। ପରିବାର ଲୋକେ ଗ୍ୟାରେଜରେ ନିଆଁ ଲାଗିଯାଇଥିବା ଦେଖି ଅଗ୍ନିଶମ ବାହିନୀକୁ ଫୋନ୍ କରିଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ଗାଡ଼ି ଗୁଡ଼ିକ ନିଆଁରେ ଜଳି ପାଉଁଶ ହୋଇଯାଇଥିଲା। ସର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

# ବିଧାୟକଙ୍କ ଦରମା ୨ଲକ୍ଷ ୨୫ହଜାରକୁ ବଢ଼ିବ

**ଭୁବନେଶ୍ୱର, ୯।୧୨:** ଓଡ଼ିଶାର ବିଧାୟକମାନଙ୍କ ବେତନ ଓ ଭତ୍ତା ଆଦି ବଢ଼ାଇବା ଲାଗି ଯେଉଁ ପ୍ରସ୍ତାବ ରହିଛି ତାହା କାର୍ଯ୍ୟକାରୀ ହେଲେ ବିଧାୟକମାନେ ମାସକୁ ୨ଲକ୍ଷ ୨୫ହଜାର ଟଙ୍କାରୁ ଅଧିକ ପାଇବେ। ଏହାଛଡା ପୂର୍ବତନ ବିଧାୟକମାନଙ୍କ ପେନ୍‌ସନ ଏବଂ ସେମାନଙ୍କ ମୃତ୍ୟୁ ପରେ ଯେଉଁ ପରିବାର ପେନ୍‌ସନ ମିଳୁଛି ତାହାର ପରିମାଣ ବି ଢେର ବୃଦ୍ଧି ପାଇବ। ଏଠାରେ ଉଲ୍ଲେଖନୀୟ ଯେ ଗତ ସରକାର ଅମଳରେ ବରିଷ୍ଠ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଏ ସଂକ୍ରାନ୍ତରେ ଏକ କମିଟି ଗଠନ କରାଯାଇଥିଲା। ଏହି କମିଟି ୨୦୨୨ ନଭେମ୍ବର ମାସରେ ତାଙ୍କ ସୁପାରିଶ୍ ଦେଇଥିଲେ। କମିଟିରେ ଅନ୍ୟମାନଙ୍କ ମଧ୍ୟରେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଅନ୍ୟତମ ବିଧାୟକ ତାରା ପ୍ରସାଦ ବାହିନିପତି, ସୀମାରାଣୀ ନାୟକ, ଡକ୍ଟର ନୃସିଂହ ଚରଣ ସାହୁ, ମକରନ୍ଦ ମୁଦୁଲି, ସିଏସ ରାଜନ ଏକ୍କା, ସୁଦାମ ମାର୍ଣ୍ଡି ପ୍ରମୁଖ ବିଧାୟକଙ୍କ ବେତନ ଓ ପେନ୍‌ସନ ବୃଦ୍ଧି ସମ୍ପର୍କିତ ସୁପାରିଶ୍‌ରେ ସହମତି ପ୍ରକାଶ କରିଥିଲେ। ଚଳିତ ବିଧାନସଭାରେ ଏ ପ୍ରସଙ୍ଗ ଉଠାଯାଇଛି ଏବଂ ବିଭିନ୍ନ ଦଳର ବିଧାୟକମାନେ ବେତନ ବୃଦ୍ଧି ସପକ୍ଷରେ ମତ ଦେଇଛନ୍ତି। ଏଠାରେ ଉଲ୍ଲେଖନୀୟ ଯେ ୧୯୩୮ରୁ ୨୦୧୭ମଧ୍ୟରେ ବିଧାୟକମାନଙ୍କ ଭତ୍ତା, ବେତନ ଓ ପେନ୍‌ସନ ଆଦି ସଂକ୍ରାନ୍ତରେ ଅନ୍ୟୁନ ୨୪ଥର ସଂଶୋଧନ ହୋଇସାରିଲାଣି। ଏଥର ବେତନ ଭତ୍ତା ଆଦି ବଢ଼ିଲେ ତାହା ୨୫ତମ ସଂଶୋଧନ



ହୋଇପାରେ। ୨୦୧୭ ମସିହାରେ ଶେଷଥର ପାଇଁ ବିଧାୟକମାନଙ୍କ ବେତନ, ଭତ୍ତା, ପେନସନ ଆଦି ବୃଦ୍ଧି କରାଯାଇଥିଲା। ଏବେ ସାତବର୍ଷ ପରେ ପୁଣି ତାହା ବଢ଼ାଇବାପାଇଁ ପ୍ରସ୍ତାବ ରହିଛି। ୨୦୧୭ ହିସାବରେ ଭତ୍ତାକୁ ମିଶାଇ ଓଡ଼ିଶାର ଜଣେ ବିଧାୟକ ମାସିକ ପ୍ରାୟ ଲକ୍ଷେ ଟଙ୍କା ପାଉଥିବାବେଳେ ଯଦି ପରାମର୍ଶଦାତା କମିଟିର ସୁପାରିଶ୍ କାର୍ଯ୍ୟକାରୀ ହୁଏ ତେବେ ତାହା ୨ଲକ୍ଷ ୨୫ହଜାର ଟଙ୍କାକୁ ବୃଦ୍ଧି ପାଇବ। ଏଥିରେ ବିଧାୟକମାନଙ୍କ ମାସିକ ବେତନ ୩୫ ରୁ ୬୦ହଜାର ଟଙ୍କାକୁ ଏବଂ ନିର୍ବାଚନମଣ୍ଡଳୀ ଓ ଦସ୍ତର ଭତ୍ତା ୨୦ରୁ ୬୦ହଜାର ଟଙ୍କାକୁ, ଯାତାୟତ ଭତ୍ତା ୧୫ରୁ ୩୦ହଜାର ଟଙ୍କାକୁ, ଅନ୍ୟାନ୍ୟ ଗସ୍ତ ବାବଦ ଭତ୍ତା ୧୦ରୁ ୨୫ହଜାରକୁ, ଖବରକାଗଜ ଓ ପତ୍ରିକା ପାଇଁ ମାସିକ ୨୦୦୦ ଟଙ୍କାରୁ ୫୦୦୦ ଟଙ୍କାକୁ, ଚିକିତ୍ସା ଭତ୍ତା ୫୦୦୦ ରୁ ୧୫, ୦୦୦ ଟଙ୍କାକୁ ଏବଂ ଟେଲିଫୋନ୍ ଭତ୍ତା ୮୦୦୦ ରୁ ୧୦, ୦୦୦ ଟଙ୍କାକୁ ବଢ଼ାଇବାପାଇଁ ପ୍ରସ୍ତାବ ରହିଛି।

ଏହାଛଡା ବିଧାୟକମାନଙ୍କ ପାଇଁ ଆଉ କେତେକ ଭତ୍ତାର ବି ବ୍ୟବସ୍ଥା ଅଛି ଏବଂ ସେଥିରେ ଅଭିବୃଦ୍ଧି ପାଇଁ ମଧ୍ୟ କମିଟି ସୁପାରିଶ୍ କରିଛି। ଏହି ସୁପାରିଶ୍ ଅନୁଯାୟୀ ରାଜ୍ୟ ଭିତରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ବିଧାୟକମାନଙ୍କ ଦୈନିକ ଭତ୍ତା ୧୫୦୦ ରୁ ୨୫୦୦ ଟଙ୍କା, ରାଜ୍ୟ ବାହାରେ ଏଭଳି କାର୍ଯ୍ୟକ୍ରମ ପାଇଁ ୨୦୦୦ ରୁ ୩୦୦୦ ଟଙ୍କାକୁ ବଢ଼ାଇବାପାଇଁ ପ୍ରସ୍ତାବ ଥିବାବେଳେ ଯାତାୟତ ଭତ୍ତା କିଲୋମିଟର ପିଛା ୧୫ଟଙ୍କା ପରିବର୍ତ୍ତେ ୨୫ଟଙ୍କା କରିବା ଏବଂ ଗାଡି କିଣିବାପାଇଁ ଋଣ ଲାଗି ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିଧାୟକମାନଙ୍କୁ ଯୋଗାଇଦେବା ଏବଂ ସେମାନଙ୍କ ସ୍ୱାସ୍ଥ୍ୟବୀମା ୫ଲକ୍ଷରୁ ୧୦ଲକ୍ଷ ଟଙ୍କାକୁ ବଢ଼ିଥିବାବେଳେ ଏଥର ତାହାକୁ ୧୫ଲକ୍ଷ ଟଙ୍କାକୁ ବୃଦ୍ଧି କରିବାପାଇଁ ପ୍ରସ୍ତାବ ରହିଛି। ସେହିପରି ପୂର୍ବତନ ବିଧାୟକମାନଙ୍କ ପେନ୍‌ସନ ମାସିକ ୩୦ ରୁ ୫୦ହଜାର ଟଙ୍କା, ୫ବର୍ଷରୁ ଅଧିକ ପ୍ରତିବର୍ଷ ପାଇଁ ୩୦୦୦ ଟଙ୍କାକରି ଏବଂ ସର୍ବାଧିକ ପେନ୍‌ସନ ସୀମା ୭୦ହଜାରରୁ ୧ଲକ୍ଷ ୨୦ହଜାର ଟଙ୍କାକୁ ବୃଦ୍ଧି କରାଯିବା, ପରିବାର ପେନ୍‌ସନ ମାସିକ ୩୦ରୁ ୫୦ହଜାର ଟଙ୍କା, ଚିକିତ୍ସା ଭତ୍ତା ମାସିକ ୨୦୦୦ ରୁ ୨୦, ୦୦୦ ଟଙ୍କାକୁ ବଢ଼ାଇବାପାଇଁ ମଧ୍ୟ ପ୍ରସ୍ତାବ ରହିଛି। ଏହାଛଡା ସେମାନଙ୍କ ଲାଗି ୧୦ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଓ ବାର୍ଷିକ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ଯାତାୟତ ଖର୍ଚ୍ଚ ବି ଦିଆଯିବ। ଏହାଛଡା ପୂର୍ବତନ ବିଧାୟକମାନେ ଭୁବନେଶ୍ୱର ଆସିଲେ ତାଙ୍କୁ ଦୈନିକ ମାତ୍ର ୧୫୦ ଟଙ୍କା ଦରରେ ବିଧାନସଭା ଅତିଥିଭବନରେ ରହିବାର ସୁଯୋଗ ମିଳିବ। (ତଥ୍ୟ)

### ଜୀବନ ଅମୃତ ଅନୁଚିନ୍ତା

ମହତ ଉଦ୍ଦେଶ୍ୟ- ମହତ ଉଦ୍ଦେଶ୍ୟ ରଖି କୌଣସି କାର୍ଯ୍ୟକଲେ ତାହାକୁ ମହତ କାର୍ଯ୍ୟ ବୋଲି ବିଚାର କରାଯାଇପାରିବ। ଜଣଙ୍କ ଜୀବନ ରକ୍ଷା ପାଁ ମିଥ୍ୟା କହିବା କିମ୍ବା ଦେଶ ତଥା ଦୁର୍ବଳର ସୁରକ୍ଷା ନିମନ୍ତେ ଅସ୍ତ୍ର ଧାରଣ କରିବା ଅପରାଧ ନୁହେଁ।

SANCHAR
ସଂଚାର

୪
ମଙ୍ଗଳବାର ୧୦ ଡିସେମ୍ବର ୨୦୨୪, ଭୁବନେଶ୍ୱର
Tuesday 10 December 2024 Bhubaneswar

# ମମତାଙ୍କ ନେତୃତ୍ୱ ପ୍ରସ୍ତାବ

ବିଗତ ୧୦ ବର୍ଷ ହେବ ଉଭୟ କେନ୍ଦ୍ର ଏବଂ ଅଧିକାଂଶ ପ୍ରମୁଖ ରାଜ୍ୟରେ କଂଗ୍ରେସ ବିରୋଧୀ ଆସନରେ ବସିଛି। ୟୁପି, ଗୁଜରାଟ, ମଧ୍ୟପ୍ରଦେଶ, ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଆଦି ରାଜ୍ୟରେ କଂଗ୍ରେସ ଅନେକ ବର୍ଷ ହେବ କ୍ଷମତା ବାହାରେ ରହିଛି। ରାଜସ୍ଥାନ, ଛତିଶଗଡ଼, ଆସାମ, ହରିୟାନା ଓ ମହାରାଷ୍ଟ୍ରରେ କଂଗ୍ରେସ ବିଗତ ଦେଢ଼/ ଦେଢ଼ବର୍ଷ ଭିତରେ ବିଧାନସଭା ନିର୍ବାଚନରେ ପରାଜିତ ହୋଇଛି। ଯଦି କୌଣସି ରାଜ୍ୟରେ କଂଗ୍ରେସ ପରିବର୍ତ୍ତନ ହାୱାରେ ନିର୍ବାଚିତ ହେଉଛି ତେବେ ମାତ୍ର ଗୋଟିଏ ଟର୍ମ ପରେ ପୁଣି ୧୦/୧୫ ବର୍ଷ ପାଇଁ ବିଦା ହେଉଛି। ଆଉ ଲୋକସଭା ନିର୍ବାଚନରେ ଦଳ ଯେଉଁସବୁ ରାଜ୍ୟରେ ସରକାରରେ ଅଛି, ସେଠାରେ ମଧ୍ୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ମାତ୍ର ୫ ମାସ ତଳେ ଅନୁଷ୍ଠିତ ଲୋକସଭା ନିର୍ବାଚନରେ କଂଗ୍ରେସ ଏବଂ ଏହାର ସହଯୋଗୀ ଦଳମାନେ ହରିୟାନା ଓ ମହାରାଷ୍ଟ୍ରରେ ଅଧିକ ଆସନ ପାଇଥିଲେ। କିନ୍ତୁ ମାତ୍ର ୫ ମାସ ପରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ କଂଗ୍ରେସ ଉଭୟ ରାଜ୍ୟରେ ଶୋଚନୀୟ ଭାବେ ପରାଜିତ ହୋଇଛି। ଉଭୟ ରାଜ୍ୟରେ ବିଜେପି କ୍ଷମତା ବଜାୟ ରଖିଛି। ଉଭୟ ରାଜ୍ୟରେ ବିଜେପି ୧୦ ବର୍ଷ ହେବ ବିଜେପି କ୍ରମାଗତ ଭାବେ ନିର୍ବାଚିନୀ ସଫଳତା ପାଇ ଆସୁଛି। କଂଗ୍ରେସ ଧିରେ ଧିରେ ନିଜ ଅସ୍ତିତ୍ୱ ହରାଉଛି। ଏହାର କାରଣ ହେଲା କଂଗ୍ରେସର ନେତାଙ୍କୁ ଲୋକେ ଗ୍ରହଣ କରୁ ନାହାଁନ୍ତି। ରାହୁଲଙ୍କୁ ଲୋକେ ନେତା ବୋଲି ଭାବୁଛନ୍ତି। ଆଉ ଦଳରେ କେହି ଦ୍ୱିତୀୟ ନେତା ନାହାଁନ୍ତି। ରାହୁଲ ଓ ପ୍ରିୟଙ୍କାଙ୍କୁ ବାଦ ଦେଲେ ବାକି ସମସ୍ତେ କର୍ମୀ। ଲୋକେ କାହାକୁ ଭୋଟ ଦେବେ? କଂଗ୍ରେସ ଉପରେ ଭରସା କରି ଅନ୍ୟ ବିରୋଧୀ ଦଳମାନେ ଏହାର ନେତୃତ୍ୱରେ ଏକାଠି ହୋଇଥିଲେ ଏବଂ ରାହୁଲଙ୍କୁ ମେଣ୍ଟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରାଯାଇଥିଲା। କିନ୍ତୁ ଲୋକେ ଲୋକେ ରାହୁଲ ଗାନ୍ଧିଙ୍କୁ ଜଣେ ରାଷ୍ଟ୍ରୀୟ ସ୍ତରର ନେତା ବୋଲି ବିଚାର କରୁ ନାହାଁନ୍ତି। ତେଣୁ ଏବେ ଇଣ୍ଡିମେଣ୍ଟରେ ନେତୃତ୍ୱ ପରିବର୍ତ୍ତନ ସମ୍ଭାବନା ଉପରେ ଚର୍ଚ୍ଚା ଆରମ୍ଭ ହୋଇଛି। ହରିୟାନା ଓ ମହାରାଷ୍ଟ୍ରରେ ଭଲ ସ୍ଥିତିରେ ଥାଇ କଂଗ୍ରେସ ଜିତି ପାରିଲା ନାହିଁ, ତେଣୁ ଏହା ଆଉ ଲୋକସଭାରେ ସଂଖ୍ୟାରିଷ୍ଠତା ହାସଲ କରିପାରିବ ସେ ବିଶ୍ୱାସ ବନ୍ଧୁ ଦଳମାନଙ୍କର ମଧ୍ୟ ନାହିଁ। ଏବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇଣ୍ଡିମେଣ୍ଟର ନେତୃତ୍ୱ ନେଇ ପ୍ରଶ୍ନ ଉଠାଉଛନ୍ତି ଏବଂ ଏହା ଅଧିକ ସକ୍ରିୟ ହେବା ଉଚିତ ବୋଲି କହିଛନ୍ତି। ଏହାକୁ ସମାଜବାଦୀ ପାର୍ଟୀ ଏବଂ ଏନସିପି ସମର୍ଥନ କରିଛନ୍ତି। ମମତାଙ୍କ ପ୍ରସ୍ତାବ ଦାନା ବାନ୍ଧିବାକୁ କିଛି ଦିନ ଲାଗିବ। ହୁଏତ ୨୦୨୫ ଶେଷ ସୁଦ୍ଧା କିଛି ବଡ଼ ପରିବର୍ତ୍ତନ ହୋଇପାରେ। ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଜାତୀୟ ରାଜନୀତିରେ ଏହାକୁ ନେଇ ବିତର୍କ ଚାଲିଛି। ଏହି ନିର୍ବାଚନରେ ବିଜେପି ନେତୃତ୍ୱାଧିନ ମହାଯୁତି ବିପୁଳ ବିଜୟ ହାସଲ କରି କ୍ଷମତା ଦଖଲ କରିଥିବା ବେଳେ କଂଗ୍ରେସ ନେତୃତ୍ୱାଧିନ ମହାବିକାଶ ଅଘାଡ଼ି (ଏମଭିଏ) ଲୋକଙ୍କ ଦ୍ୱାରା ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାତ ହୋଇଛି। ଏଥିରେ ବିଜେପି ଉଲ୍ଲସିତ ହୋଇଥିବା ବେଳେ ବିରୋଧୀ ମେଣ୍ଟ ନୈରାଶ୍ୟରେ ବୁଡ଼ି ଯାଇଛି। କାରଣ ମହାରାଷ୍ଟ୍ରରେ ଏଥର କ୍ଷମତାକୁ ପ୍ରତ୍ୟାବର୍ତ୍ତନ ପାଇଁ କଂଗ୍ରେସ ଦୃଢ଼ ଆଶା ବାନ୍ଧିଥିଲା। ଲୋକସଭା ନିର୍ବାଚନରେ ଏହା ଭଲ ପ୍ରଦର୍ଶନ କରିଥିଲା। କିନ୍ତୁ ହରିୟାନା ଭଳି ମହାରାଷ୍ଟ୍ରରେ ମଧ୍ୟ ଜନମତ ମାତ୍ର ୫ ମାସରେ ଓଲଟିଗଲା। ଏଥିରେ କଂଗ୍ରେସ ହତବାକ ହୋଇଯାଇଛି। ଏତେ ଶୋଚନୀୟ ଭାବେ କଂଗ୍ରେସ ମହାରାଷ୍ଟ୍ରରେ ହାରିବ ବୋଲି କେବେ ଆଶା କରିନଥିଲା। ୧୦ ବର୍ଷ ପରେ ଲୋକେ ବିଜେପିକୁ ନିଶ୍ଚିତ ପ୍ରତ୍ୟାଖ୍ୟାନ କରିବେ ଏବଂ ଏକମାତ୍ର ବିକଳ୍ପ ଭାବେ କଂଗ୍ରେସ ରାଜ୍ୟରେ ସୁନିଶ୍ଚିତ ବିଜୟ ହାସଲ କରିବ ବୋଲି ଭାବି ନେଇଥିଲା। ଏବେ ପରାଜୟ ପରେ କଂଗ୍ରେସ ଇଭିଏମ ଟାମ୍ପରିଂ ଅଭିଯୋଗ କରୁଛି। ଇଭିଏମ ଟାମ୍ପରିଂ କରି ବିଜେପି ଜିତିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। କିନ୍ତୁ ଝାଡ଼ଖଣ୍ଡରେ ଇଣ୍ଡିମେଣ୍ଟ ବିଜୟ ହାସଲ କରିଥିବା ବେଳେ ସେଠାରେ ଇଭିଏମ ବିରୋଧରେ କଂଗ୍ରେସ ପାଟି ଖୋଲୁନି। ଏହା କଂଗ୍ରେସର ଦୋମୁହାଁ ନୀତିକୁ ପ୍ରମାଣିତ କରୁଛି। ତେବେ କଂଗ୍ରେସ ଯାହା ବି ଅଭିଯୋଗ କରୁନା କାହିଁକି ଏହାର ସହଯୋଗୀ ଦଳମାନେ କିନ୍ତୁ ଏହାକୁ ସହଜରେ ଗ୍ରହଣ କରିପାରୁନାହାଁନ୍ତି। କଂଗ୍ରେସର ମାତ୍ରାଧିକ ଆତ୍ମବିଶ୍ୱାସ ହିଁ ଏମଭିଏ ପାଇଁ ମହଙ୍ଗା ପଡ଼ିଲା ବୋଲି ଶିବସେନା କହିଛି। ଏନସିପି ମଧ୍ୟ କଂଗ୍ରେସକୁ ଦୋଷ ଦେଇଛି। ଅନ୍ୟ ପକ୍ଷରେ ଇଣ୍ଡିମେଣ୍ଟର ଅନେକ ସହଯୋଗୀ ଦଳ ଲଗାତର ନିର୍ବାଚନୀ ବିଫଳତା ନିମନ୍ତେ ମେଣ୍ଟର ନେତୃତ୍ୱକୁ ଦାୟୀ କରିଛନ୍ତି। ପ୍ରଥମେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇଣ୍ଡି ମେଣ୍ଟର ବିଫଳତା ନେଇ ନିଜର ଅସନ୍ତୋଷ ଜାହିର କରିବା ସହ ଏହାର ନେତୃତ୍ୱ ପରିବର୍ତ୍ତନ ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି। ଦୁର୍ବଳ ନେତୃତ୍ୱ ଯୋଗୁଁ ଇଣ୍ଡିମେଣ୍ଟ ବାରମ୍ବାର ପରାଜିତ ହେଉଛି, ବିଭିନ୍ନ ରାଜ୍ୟରେ ମେଣ୍ଟରେ ଉପଯୁକ୍ତ ସମନ୍ୱୟ ନାହିଁ। ପରୋକ୍ଷରେ ସେ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ ଦାୟୀ କରିଛନ୍ତି। ରାହୁଲ ହେଉଛନ୍ତି କଂଗ୍ରେସର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ। କିନ୍ତୁ ତାଙ୍କର ଦୁର୍ବଳ ବ୍ୟକ୍ତିତ୍ୱ ଏବଂ ବିଚାରଧାରାକୁ ଲେଶକେ ପସନ୍ଦ କରୁନାହାଁନ୍ତି। ମୋଦିଙ୍କୁ ବିରୋଧ କରିବାକୁ ଯାଇ ସେ ବିଦେଶରେ ଭାରତର ଛବି ମଳିନ ପକାଉଛନ୍ତି। ଭାରତବାସୀ ଏହାକୁ ପସନ୍ଦ କରୁନାହାଁନ୍ତି। ଯଦି ଇଣ୍ଡିମେଣ୍ଟର ସବୁ ଅଂଶୀଦାର ଦଳ ଚାହିଁବେ ତେବେ ସେ ନିଜେ ମେଣ୍ଟର ଦାୟିତ୍ୱ ନେବାକୁ ପ୍ରସ୍ତୁତ ବୋଲି ମମତା କହିଛନ୍ତି। ତାଙ୍କୁ ସମାଜବାଦୀ ପାର୍ଟୀ ସମର୍ଥନ କରିଥିବା ବେଳେ ଏବେ ଏନସିପି ନେତା ଶରଦ ପାୱାର ମଧ୍ୟ ମମତାଙ୍କୁ ସମର୍ଥନ କରିଛନ୍ତି। ଏଥିରେ କଂଗ୍ରେସ ବିଚଳିତ ହୋଇପଡ଼ିଛି। କିନ୍ତୁ ମମତାଙ୍କୁ ସମାଲୋଚନା କରିବାକୁ କଂଗ୍ରେସର ସତସାହସ ନାହିଁ। ବାସ୍ତବରେ ଯଦି କଂଗ୍ରେସକୁ ବାଦ ଦେଇ ସବୁ ଅଣ ବିଜେପି ଦଳ ଏକାଠି ହୋଇପାରନ୍ତେ ତେବେ ଉଭୟ କଂଗ୍ରେସ ଓ ବିଜେପି କ୍ଷମତାରୁ ବିତାଡ଼ିତ ହୋଇଯିବେ। କିନ୍ତୁ ଏହି ପରିକଳ୍ପନା ଆଜି ପର୍ଯ୍ୟନ୍ତ ସଫଳ ହୋଇପାରୁନି। ଏହାର ଏକମାତ୍ର କାରଣ ହେଲା ଉପଯୁକ୍ତ ନେତୃତ୍ୱର ଅଭାବ। ସମ୍ଭାବ୍ୟ ତୃତୀୟ ମେଣ୍ଟରେ ଯୋଗ୍ୟ ନେତା ଅଛନ୍ତି। ସେମାନଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରହୁନଥିବାରୁ ଏହା ସମ୍ଭବ ହୋଇପାରୁନି। ନୀତିଶ କୁମାର ଏଥିପାଇଁ ଆଗ୍ରହୀ ଥିଲେ। କିନ୍ତୁ ଅନ୍ୟଦଳମାନେ କଂଗ୍ରେସକୁ ନେତୃତ୍ୱ ଦେବାରୁ ସେ ଓହରିଗଲେ। ଯଦି ନୀତିଶ କୁମାର, ଚନ୍ଦ୍ରବାବୁ ନାଇଡୁ, ଅଖିଳେ ଯାଦବ, ନବୀନ ପଟ୍ଟନାୟକ, ମମତା ଏବଂ ଶରଦ ପାୱାର ଗୋଟିଏ ଛାତ ତଳେ ରହିବେ ତେବେ ତୃତୀୟ ମେଣ୍ଟ ପରିକଳ୍ପନା ସମ୍ଭବ ହୋଇପାରିବ। ଏବେ ସମୟ ଆସିଛି ମମତାଙ୍କ ଭଳି ଜଣେ ନେତ୍ରୀଙ୍କୁ ଇଣ୍ଡିମେଣ୍ଟ ଗୁରୁତ୍ୱ ଦେବା ଉଚିତ ଏବଂ ମେଣ୍ଟର ସମ୍ପ୍ରସାରଣ କରାଯିବା ଉଚିତ। ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ କଂଗ୍ରେସ ବା ଇଣ୍ଡିମେଣ୍ଟ ସଫଳ ହୋଇପାରିବ ନାହିଁ। ରାହୁଲଙ୍କ ବିକଳ୍ପ କଂଗ୍ରେସରେ ଆଉ କେହି ନାହାଁନ୍ତି। ତେଣୁ ଇଣ୍ଡିଆ ବ୍ଲକର ନୂଆ ନେତୃତ୍ୱ କଂଗ୍ରେସ ବାହାରୁ ଖୋଜିବାକୁ ପଡ଼ିବ। ମମତା, ଅଖିଳେଶ ରେସରେ ସବା ଆଗରେ ଅଛନ୍ତି। କେଜରିୱାଲଙ୍କ ଚମକ ଏବେ ଆଉ ନାହିଁ। ଶରଦ ପାୱାର ପରିଣତ ବୟସରେ। ତେଣୁ ଇଣ୍ଡିମେଣ୍ଟକୁ ପୁନର୍ଜୀବିତ କରିବା ପାଇଁ ନୀତିଶ ଓ ନାଇଡୁଙ୍କୁ ମେଣ୍ଟରେ ସାମିଲ କରାଯିବା ଅନିବାର୍ଯ୍ୟ।

## ସମ୍ପାଦକଙ୍କୁ ପତ୍ର

### ନଦୀ ଜଳ ପ୍ରଦୂଷଣର ପ୍ରତିକାର

**ମହାଶୟ,**


ବିଭିନ୍ନ ଶିଳ୍ପ କାରଖାନାରୁ ବର୍ଜ୍ୟ ବସ୍ତୁ ଏବଂ ରାସାୟନିକ ସାମଗ୍ରୀ ନଦୀରେ ମିଶୁଛି। ଏହା ଫଳରେ ନଦୀ ଜଳ ପ୍ରଦୂଷିତ ହେଉଛି ଏବଂ ଏହାର ଜଳ ବ୍ୟବହାର କରି ଅନେକ ରୋଗଗ୍ରସ୍ତ ହେଉଛନ୍ତି। ରାଜଧାନୀ ଭୁବନେଶ୍ୱର ସହରକୁ ପାନୀୟ ଜଳ ଯୋଗାଉଥିବା କାଠଯୋଡ଼ି ଏବଂ ଦୟା ନଦୀର ଜଳ ମଧ୍ୟ ବିଷାକ୍ତ। ସିଏଜି ରିପୋର୍ଟରେ ଏହା ଦର୍ଶାଯାଇଛି। ଲୋକଙ୍କୁ ଉପଯୁକ୍ତ ପାନୀୟ ଜଳ ଯୋଗାଣ ନିହାତି ଜରୁରୀ।

ଦିଗମ୍ବର ପ୍ରଧାନ, ମହାନଦୀ ବିହାର, କଟକ

# ଆଳୁ ଖେଳ କାଳ

**ବ୍ରଜ ରଞ୍ଜନ ଦାଶ**

କାଳ ସାଜିଲାଣି ଆଳୁର ଖେଳ ଓ ରସୁଣ, ପିଆଜ, ଅଦା କଥାର ବ୍ୟଥା ଭୁଲିଗଲେଣି ଖାଉଟି ଓ ଯୋଗାଡରେ ଲାଗିଛନ୍ତି ସରକାର ଓ ଅକଲ ଗୁଡୁମ ହେଲାଣି ଓ ତଥାପି ଆଳୁ ଖେଳରେ ଜିତିବାର ଲକ୍ଷ୍ୟରେ ଅଟଳ ଆମର ଲୋକଙ୍କର ସରକାର ଓ କେତେ ଆଶାରେ ଚୟନ କରିଛନ୍ତି ରାଜ୍ୟବାସୀ ଓ ଏମିତି ଆଣ୍ଠେଇ ପଡ଼ିଲେ ଚଳିବ କି ଓ ବିକାଶର ଗତିଶକ୍ତି ବଢ଼ିଛି ଓ ବଡ ବଡ ରେଳ, ବିମାନ ସେବାର ମୂଳଦୁଆ ପଡ଼ିଲାଣି ଓ ଦେଢ଼ ଶହ ବର୍ଷର ଭାରତର ଇତିହାସରେ ପ୍ରଥମ ଥର ପାଇଁ ଓଡ଼ିଶାରେ ପୁଲିସ ମହାନିର୍ଦ୍ଦେଶକ ସମ୍ମିଳନୀ ହେଲା ଓ ପୁରୀରେ ନୌସେନା ଦିବସ ଧୂମଧାମରେ ପାଳନ କରାଗଲା ଓ ସରକାରୀ ଦଳର ବିଧାୟକମାନେ ଏହା ଦେଖିବାକୁ ଆରାମଦାୟକ ବସରେ ଯିବା ସମୟରେ ସାନି ଦଳ ବଦଳ କରି ଅଭିନେତାରୁ ରାଜନେତା ପାଲଟିଥିବା ଜଣେ ବିଧାୟକ ଖୁସିକୁ ଆୟତ୍ତରେ ରଖିପାରିଲେନି ଓ ଚଳନ୍ତା ବସରେ ନାଚିଲେ, ଗାଇଲେ ' ପୁଚୁକି ଗାଲି, ଫେସନ ବାଲି ' ଗୀତ ଓ ଦୀର୍ଘ ବର୍ଷର ତପସ୍ୟା ପରେ ମନ୍ତ୍ରୀ ପଦ ବିନା ସରକାରୀ ଦଳର ବିଧାୟକ ସାଜିଥିବା ଆତ୍ମବିଭୋର ରାଜନେତାମାନେ ଗୀତର ତାଳେ ତାଳେ ଯେଉଁ ନୃତ୍ୟ ପରିବେଷଣ କଲେ ତାହା ଆମ ଓଡ଼ିଆ ଅସ୍ମିତା ଓ ସଂସ୍କୃତିର ନିଦର୍ଶନ ନୁହେଁ କି? ଓ ଆଳୁ ପାଇଁ ସେମାନେ ବ୍ୟସ୍ତ ବିଚଳିତ କାହିଁକି ହେବେ ଓ ମାସିକ ଲକ୍ଷେ ଟଙ୍କା ଭତ୍ତା ପାଉଥିବା ବିଧାୟକମାନଙ୍କୁ କୁଆଡେ ଏତେ କମ ପରିମାଣର ଅର୍ଥ ଅଣ୍ଟୁନି ଓ ବିଧାନସଭାରେ ଭତ୍ତା ବଢ଼ାଇବା ଦାବି ଉଠିଛି ଓ କେବଳ ସେତିକି ନୁହେଁ, ବିଧାୟକ ପାଣ୍ଠି ବଢ଼ିଲେ ସେମାନେ ଆହୁରି ଦମ ଲଗାଇ ଜନତାର ସେବା କରିପାରିବେ ବୋଲି ଆଗ୍ରହ ପ୍ରକାଶ କରିଛନ୍ତି ଓ ଆଳୁ ସଙ୍କଟର କାରଣ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସେ ବୋଧହୁଏ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ, ମମତାଙ୍କୁ ଆଳୁ ଦିଅନି ବୋଲି କାଳେ ମନ୍ତ୍ରଣା ଦେଇଥିବେ ଓ ତାଙ୍କର ତ ଆଳୁ ମିଶନ ଫେଲ ମାରିଲା ଓ ଡବଲ ଇଞ୍ଜିନ ବିକାଶକୁ ହୁଏତ ନବୀନ ବରଦାସ୍ତ କରିପାରୁନାହାନ୍ତି ଓ ଏପଟେ ଯୋଗାଡ଼ରେ ରହିଛି ଖାଦ୍ୟ ଓ ଯୋଗାଣ ବିଭାଗ ଓ ମନ୍ତ୍ରୀ ବୁଲି ବୁଲି



ଆଳୁ ଗୋଦାମର ତଦାରଖ କରୁଛନ୍ତି ଓ ସେ କିଲୋ ୩୫ ଟଙ୍କାରେ କିଣିଛନ୍ତି ବୋଲି ମନ୍ତ୍ରୀ ଟେଲିଭିଜନ ଚାନେଲ ଆଗରେ ବାଇଟ ଦେଉଥିବାବେଳେ ଖାଉଟି କହୁଛନ୍ତି ଆମେ ପରା କିଲୋ ୫୦ ରେ କିଣୁଛୁ ଓ ଗୋଦାମ ମାଲିକ, ବ୍ୟବସାୟିକ ସଙ୍ଘକୁ ପଚାରିଲେ ସେମାନେ ସରକାରକୁ ସିଧାସଳଖ ଦୋଷ ଦେଉଛନ୍ତି ଓ ଆପଣ ପଶ୍ଚିମବଙ୍ଗକୁ ମାଗୁନାହାନ୍ତି ବୋଲି ସାମ୍ବାଦିକମାନେ ପଚାରିଲେ ମନ୍ତ୍ରୀ ମହାଶୟ କହୁଛନ୍ତି, ଆମେ କଣ ମାଗିଖିଆ ଓ ଉତ୍ତର ପ୍ରଦେଶରୁ ୩୦୦ ଟ୍ରକ ଆଳୁ ଆସୁଛି ଓ ଗତ କିଛି ମାସ ପୂର୍ବରୁ ଟ୍ରେନ ଯୋଗେ ଆଳୁ ଆସୁଛି ବୋଲି ମନ୍ତ୍ରୀ କହିଥିଲେ ଓ ଏପଟେ ଖାଉଟି କି ବ୍ୟବସାୟୀ ଉତ୍ତର ପ୍ରଦେଶ ଆଳୁ ପସନ୍ଦ କରୁନାହାନ୍ତି ଓ ପରିବହନ ଖର୍ଚ୍ଚ ମଧ୍ୟ ଅଧିକ ହେବ ଓ ଦର କେମିତି କମିଯିବ ତାହା ବୁଝିହେଉନି ଓ ସରକାର ଗଠନର ୬ ମାସ ବିତିଗଲାଣି ଓ ଆଳୁ ଗୋଲୋକଧନ୍ଦାରେ ଫସି ସରକାର ନାକେଦମ ହେଇସାରିଲେଣି ଓ ଗରିବ, ମଧ୍ୟବିତ୍ତ, ଖଟିଖିଆ, ମଜୁରିଆମାନେ କେତେ ଯେ ହନ୍ତସନ୍ତ ହେଉଥିବେ ତାହା ଅଙ୍ଗେ ନିଭେଇଲେ ସିନା ବୁଝିହେବ ଓ ସେହିପରି କନ୍ଧମାଳରେ ସାଧାରଣ ବଣ୍ଟନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବାର ଏକ ପ୍ରସଙ୍ଗ ବିଧାନସଭାରେ ଉଠିଥିଲା ଓ ଷ୍ଟକରେ ଥିବା ଚାଉଳ ତୁରନ୍ତ ବାଣ୍ଟିବାକୁ ମୁଖମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ଓ କିନ୍ତୁ ଅନାହାରରେ ଆମ୍ବ ଟାକୁଆ ଜାଉ ଖାଇ ୩ ଜଣ ଆଦିବାସୀ ମହିଳା ଜୀବନ ହାରିଲେ ଓ ଖାଦ୍ୟ ମନ୍ତ୍ରୀ ସଫେଇ ଦେଲେ, ଆମ୍ବ ଟାକୁଆ ଜନଜାତିର ପାରମ୍ପରିକ ଖାଦ୍ୟ ଓ କିଏ କହିଲେ, ଆଦିବାସୀମାନେ ଶ୍ରଦ୍ଧାରେ ଦେଇଥିବା ଆମ୍ବ ଟାକୁଆ କ୍ଷୀରି ଖାଇ ତୃପ୍ତି ଲାଭ କରିଛନ୍ତି ଓ ସୁଭଦ୍ରା ଯୋଜନା, ସର୍ବନିମ୍ନ ସହାୟକ ମୂଲ୍ୟ ଆଦି ପ୍ରତିଶ୍ରୁତି ପୂରଣ କରି ସରକାର ଖୁସି ଅଛନ୍ତି ଓ ଡିଜିପି ସମ୍ମିଳନୀ, ନୌସେନା ଦିବସ, ପ୍ରବାସୀ ଓଡ଼ିଆ ସମ୍ମିଳନୀ ଓଡ଼ିଶାରେ ଆୟୋଜିତ ହେବା କମ ଗୌରବର ବିଷୟ ନୁହେଁ ଓ ରେଳ ଓ ବିମାନସେବା ବିସ୍ତାର, ବିକଶିତ ଓଡିଶା ଗଠନରେ ସହାୟକ ହେବ ଏହା ସତ, କିନ୍ତୁ ଗ୍ରାଉଣ୍ଡ ଜିରୋରେ ବଜାର ମୁଦ୍ରାସ୍ଫିତି ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ସର୍ବାଧିକ ଏହାକୁ ଅସ୍ୱୀକାର କରିହେବ ନାହିଁ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ପନିପରିବା ଦର ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି ଓ ଓଡ଼ିଶାର ଅର୍ଥନୈତିକ ପରିସ୍ଥିତି ୬ ମାସ ପୂର୍ବେ ସ୍ଥିର ଥିଲା ଓ ଋଣ ଭାର ଦ୍ରୁତ ଗତିରେ ବଢ଼ିଲାଣି ଓ ରାସନରେ ଗତ ଅକ୍ଟୋବରରୁ ଚାଉଳ ସହିତ ଗହମ ମିଳିବ ବୋଲି ଖାଦ୍ୟ ମନ୍ତ୍ରୀ କହିଥିଲେ ଓ ଏବେ କହିଲେଣି ଜାନୁଆରୀରୁ ମିଳିବ ଓ ବାରମ୍ବାର ଏପରି ମତ ଏବଂ ସୁଭଦ୍ରା ଓ ଅନ୍ୟ ଯୋଜନା, ପ୍ରତିଶ୍ରୁତି ପୂରଣ ସଂକ୍ରାନ୍ତ ମାର୍ଗଦର୍ଶିକା ଆଦିର ଘନ ଘନ ପରିବର୍ତ୍ତନ ପଛରେ କେଉଁ ପ୍ରକାର ମାନସିକତା ରହିଛି ବୋଲି ପ୍ରଶ୍ନ ଉଠିଲାଣି ଓ ସେହିପରି ଧାନ କିଣାରେ' ଏଫଏକ୍ୟୁ' ମାନଦଣ୍ଡ କେଁ ପଶିଗଲାଣି ଓ ଚାଷୀ ମାନଙ୍କର ମନରେ ଘୋର ଅଶାନ୍ତି ସୃଷ୍ଟି ହେଇଛି ଓ ' ଠନ ଠନ ଧାନ ଦିଅ, ଠନ ଠନ ପଇସା ନିଅ' ବୋଲି ସରକାରଙ୍କ ଏକ ନାରା ବୁଦ୍ଧିଜୀବୀ ମହଲରେ ସମାଲୋଚିତ ହେଉଥିବାବେଳେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି ଓ ସରକାର କଣ ତାଙ୍କ ହାତରୁ ପଇସା ଦେଉଛନ୍ତି ନା ପୁଞ୍ଜିପତିଙ୍କ ଠାରୁ ଆଣି ଆମକୁ ଦେଉଛନ୍ତି କି ବୋଲି ପ୍ରଶ୍ନ ଉଠିଛି ଓ କିନ୍ତୁ ଆଳୁ କାଳ ସାଜି ସରକାରଙ୍କ ଅପାରଗତା ହେଉ ବା ପାରିବାର ପଣିଆର ମୁଖା ଖୋଲିଦେଇଛି - ଏକଥାକୁ ସହଜରେ ଅସ୍ୱୀକାର କରିହେବ ନାହିଁ ।

**ବରିଷ୍ଠ ସାମ୍ବାଦିକ**
**ପ୍ଲଟ ନଂ ୬୭୦, ହାଟସାହି,**
**ଓଲଡ୍ ଟାଉନ, ଭୁବନେଶ୍ୱର -୨**
**ମୋବାଇଲ: ୭୭୩୫୦୮୩୩୫୩**

# ବିଷମିଶା ରଙ୍ଗୀନ ଖାଦ୍ୟର ମାୟାଜାଲ

**ଡାକ୍ତର ପ୍ରଫୁଲ୍ଲ କୁମାର ଦାସ**



ବର୍ଷା ଦିନ ଆସିଲାଣି, ଲଗାଣ ବର୍ଷା ଭିତରେ ଗରମ କୋବି ମାଚୁ୍ୟରିଆନ, ରଙ୍ଗୀନ ମିଠା ଆଉ ପିଲାଙ୍କ କଟନକ୍ୟାଣ୍ଡି ଆଉ ସ୍କୁଲ ଯାଉଥିବା ପିଲାଙ୍କ ପାଇଁ ବରଫ ଗୋଲା ହେଉ ବା ରଙ୍ଗୀନ ଚୁସକି। ଏହାସବୁ ନିଶ୍ଚିନ୍ତ ଲୋଭନୀୟ, ଆକର୍ଷଣୀୟ ଓ ପାଗ ଦେଖା ପାଟି ଟକଳା ଜିନିଷ। ଗୋଟିଏ କଥା ଛୋଟିଆ ଭାବେ ଚିନ୍ତା କରନ୍ତୁ ଆଉ ମନେପକାନ୍ତୁ। ଆମ୍ଭେମାନେ ପ୍ରଥମେ ଆଖିରେ ଖାଇଥାଉ ପରେ ଏହା ପାଟିକୁ ଯାଇଥାଏ। ଅର୍ଥ ଖାଦ୍ୟଟି ରୁଚିକର, ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟପ୍ରଦ ହୋଇଥାଏ କି ନହୋଇଥାଏ ଏହା ତ ପରର କଥା କିନ୍ତୁ ଦେଖିବାକୁ ଆକର୍ଷଣୀୟ ହୋଇଥିଲେ ନଜର ଛାଁ ଟାଣିହୋଇଯାଏ। ଆପଣ ବଜାରରେ ବୁଲିଲା ବେଳେ ଲକ୍ଷ୍ୟ ରଖିଥିବେ ଚିକିମିକିଆ ଆଲୁଅ ତଳେ ଭେଳିକି ଭେଳି ସଜା ହୋଇ ଯେଉଁ ଖାଇବା ଜିନିଷ ଗୁଡ଼ିକ ଥାଏ ତାହା କେବଳ ପିଲାମାନଙ୍କୁ ନୁହେଁ ଆମ ମାନଙ୍କ ପରି ବଡ଼ ଲୋକଙ୍କ ଆଖିରୁ ନଜର ଖସାଇ ପାରିନଥାଏ ଏବଂ ସ୍ୱତଃ ଆମେ ଦୋକାନ ପାଖକୁ ଚାଲିଯାଇଥାଉ। ଆମ ନିତିଦିନିଆ ଖାଦ୍ୟ ତାଲିକାରେ ଲାଲ ଲାଲ ଚିକେନ ତରକାରୀ ହେଉ ବା ବିଭିନ୍ନ ରଙ୍ଗର ଜିଲାପି, କେକ ହେଉ ବା ଚିକେନ କବାବ୍ ଦେଖିବାକୁତ ଅତ୍ୟନ୍ତ ଆକର୍ଷଣୀୟ। ଏହା ପାଟିକୁ ବେଶ ବଢ଼ିଆ ତୃପ୍ତିର ମଜା ଦେଇଥାଏ। କିନ୍ତୁ ଏହି ଭେଳିକି ଖାଦ୍ୟ ସବୁ ରଙ୍ଗୀନ କରିବା ପଛରେ ଯେଉଁ ଆର୍ଟିଫିସିଆଲ ଫୁଡ଼ କଲର ଯାହାକୁ କୃତ୍ରିମ ଖାଦ୍ୟରଙ୍ଗ କୁହାଯାଏ ସେ ସବୁ ରାସାୟନିକ ଫୁଡ଼ କଲର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଘାତକ, ବିପଦଜ୍ଜନକ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ବିଗାଡ଼ି ଦେବା ପାଇଁ ଯଥେଷ୍ଟ ମଧ୍ୟ।

ଆସନ୍ତୁ ପ୍ରଥମେ ଆଗେ ପିଲାଙ୍କ ଖାଦ୍ୟରୁ ଆରମ୍ଭ କରିବା। ପିଲାମାନଙ୍କର ସବୁଠାରୁ ଲୋଭନୀୟ ହେଉଛି କଟନ କ୍ୟାଣ୍ଡି। କେହି କେହି ଏହାକୁ ବୁଢ଼ିଆ କି ବାଲ, କେହି କେହି ବମ୍ବେ ଲଡୁ, କେହି କେହି ବିଭିନ୍ନ ସ୍ଥାନୀୟ ନାମରେ ନାମିତ କରିଥାନ୍ତି। ଗାଁର ମେଳା ହେଉ ବା ଦୋଳଯାତ ବା ହାଟ ବଜାର ଫେରିବାଲାମାନେ ଗୋଲାପୀ ରଙ୍ଗର କଟନ କ୍ୟାଣ୍ଡି ବେଶ ହିନ୍ଦୀ ଗୀତର ସୁରିଲା ସ୍ୱରରେ ଡାକ ଦେଇ ବିକୁଥାନ୍ତି। କିନ୍ତୁ ଏସବୁ ଭିତରେ ଥିବା ବିଷାକ୍ତ ରଙ୍ଗ ପିଲାମାନଙ୍କ ପାଇଁ ଅତ୍ୟନ୍ତ ଘାତକ। ଅନୁସନ୍ଧାନରୁ ଜଣାପଡ଼ିଛି ପିଲାଙ୍କ ଏହି ପ୍ରିୟ କଟନ କ୍ୟାଣ୍ଡିରେ ରୋଡ଼ାମାଇନ-ବିର ଏକ ବିଷାକ୍ତ ତତ୍ତ୍ୱ ରହିଛି। ଏହା ବିକ୍ରି ଉପରେ ତାମିଲନାଡୁ ଓ ପଣ୍ଡିଚେରୀ ସରକାର ନିଷେଧାଦେଶ ଜାରି କରିଛନ୍ତି। କଟନ କ୍ୟାଣ୍ଡିରେ ବ୍ୟବହାର ହେଉଥିବା ରୋଡ଼ାମାଇନ-ବି ଯାହାକି ଗୋଲାପୀ ରଙ୍ଗକୁ ଅତ୍ୟନ୍ତ ଆକର୍ଷଣୀୟ କରିଥାଏ ଏହା ଶୀଘ୍ର ପାଣି ମିଳେଇ ଯାଏ ଏବଂ ଅତ୍ୟନ୍ତ ଶସ୍ତାମାନର। ଏହା ବିଶେଷକରି ଚମଡ଼ାଶିଳ୍ପ, କାଗଜ ଓ କପଡ଼ା ଶିଳ୍ପରେ ବ୍ୟବହାର ହୁଏ। ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ଏହାକୁ ଖାଦ୍ୟ ପଦାର୍ଥରେ ମିଶାଇବା ଉପରେ କଟକଣା ଲଗାଇଛନ୍ତି। ଏହାକୁ ଖାଦ୍ୟରେ ବ୍ୟବହାର କରିବା ଫୁଡ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ଼ ଆକ୍ଟ-୨୦୦୬ ଅନୁସାରେ ଅପରାଧ।

ଆମ୍ଭମାନଙ୍କର ଘରେ ବିଶେଷକରି ବର୍ଷାଳିଆ, ଥଣ୍ଡାଳିଆ ପାଗ ବା ଘରକୁ ଅତିଥି ଚର୍ଚ୍ଚା କ୍ଷେତ୍ରରେ କୋବି ମାନଚ୍ୟୁରିଆନକୁ ଭାରି ପସନ୍ଦ କରିଥାଉ। ଏହା ଏକ ଇଣ୍ଡିଆନ ଓ ଚାଇନିଜ ଫ୍ୟୁଜନ ଡିସ୍। କର୍ଣ୍ଣଫ୍ଲୋର, ମଇଦା, ବନ୍ଧାକୋବି ସସ୍‌କୁ ମିଶାଇ ଏହି ଚମତ୍କାର ପାଟି ଟକଳା ଖାଦ୍ୟରେ କ୍ରିସ୍ପି ଓ ସସର ଉପାଦାନ ରହୁଥିବାରୁ ଏହା ଆମ ଖାଦ୍ୟ ଟେବୁଲରେ ବଡ଼ ଜାଗାଟିଏ ନେଇଥାଏ। ରାସ୍ତାକଡ଼ର ଠେଲା ଗାଡ଼ିରୁ ବଡ଼ ବଡ଼ ରେସ୍ତୋରାଁରେ ଏହାର ଭାରି ଚାହିଦା। ନୁଡୁଲ୍ସ ଓ ଫ୍ରାଏଡ଼ରାଇସ ସହିତ ମେନୁ ତାଲିକାରେ ଏହା ଥାଏ। କିନ୍ତୁ ଏହି ମାନଚ୍ୟୁରିଆନକୁ ରଙ୍ଗ କରିବା ପାଇଁ ଯେଉଁ ଫୁଡ କଲର ରହିଛି ଏଥିରେ ବି ରୋଡ଼ାମାଇନ-ବି ଓ କାର୍ମୋଇସିନ ପରି ରାସାୟନିକ ରଙ୍ଗ ଥିବାରୁ ଏହା କର୍କଟ ରୋଗର ବଡ଼ କାରକ। ଏହି ବିକ୍ରି ଉପରେ ନିକଟରେ କର୍ଣ୍ଣାଟକ ଓ ଗୋଆ ସରକାର ମଧ୍ୟ ନିଷେଧାଦେଶ ରଖିଛନ୍ତି। ଏଥିରେ କ୍ୟାଲୋରି, ସୋଡ଼ିୟମ ଓ ଫ୍ୟାଟର ମାତ୍ରା ଅଧିକ ଥିବାରୁ ଏହା ଲିଭର, ମୋଟାପଣ ଓ ଉଚ୍ଚରକ୍ତଚାପର କାରକ ପାଲଟିଥାଏ। ଏହା ପୂର୍ବରୁ ଆମେ ଚୁସକି କଥା ଉଲ୍ଲେଖ କରିଥିଲେ। ଲାଲ, ନୀଳ, ସବୁଜ, ହଳଦୀ ରଙ୍ଗର ବରଫ ଗୋଲା ମଧ୍ୟ ବେଶ ଖାଇବାକୁ ଭଲ ଲାଗେ। ରଙ୍ଗୀନ ବରଫ ଗୋଲାକୁ ଚୁସି ଚୁସି ଖିଆଯାଉଥିବାରୁ ଏହାର ନାମ ଚୁସକି। ତେବେ ଏହି ବରଫ ଗୋଲା ପ୍ରଥମତଃ ଅଧିକାଂଶ ଭାବେ ଦୂଷିତ ପାଣି ଓ ବିଷାକ୍ତ ମାନର ରଙ୍ଗୀନ ରାସାୟନିକ ପଦାର୍ଥ ରହୁଥିବାରୁ ଏହା ଝାଡ଼ା, ବାନ୍ତି, ତ୍ୱଚା ଆଲର୍ଜି ସହ ଦାନ୍ତ ପ୍ରତି ମଧ୍ୟ କ୍ଷତି ପହଞ୍ଚାଇଥାଏ। ଏହା ଦାନ୍ତରେ କ୍ୟାଭିଟ ମାତ୍ରାକୁ ବଢ଼ାଇଥାଏ ଏବଂ ଶରୀରର ଇମ୍ୟୁନିଟିକୁ ବ୍ୟବହାର କରିଥାଏ।


ସେହିପରି ମିଠା କଥା ଉଠିଲାମାତ୍ରେ ଅନେକଙ୍କ ପାଟିରୁ ଲାଳ ବୋହିଆସେ। ଆମ ମାନଙ୍କ ଖାଦ୍ୟ ତାଲିକାରେ ବା ଅତିଥି ଚର୍ଚ୍ଚା ହେଉ ବା ଉପହାର ନେବା ସମୟରେ ମିଠାକୁ ଗୁରୁତ୍ୱ ଦେଇଥାଉ। ଏହି ମିଠାରେ ଯେଉଁ ରଙ୍ଗ ମିଶ୍ରିତ ହୋଇଥାଏ ସେଗୁଡ଼ିକ ଭିତରେ ହଳଦିଆ ରଙ୍ଗ ପାଇଁ ମେଟାନିଲ ୟେଲୋ ରଙ୍ଗ, ସବୁଜ ରଙ୍ଗ ପାଇଁ ମ୍ୟାଲାକାଇଟ ଗ୍ରୀନ, ଲାଲ ରଙ୍ଗ ପାଇଁ ସୁଡ଼ାନାଇଟର ରାସାୟନିକ ମାତ୍ରା ବ୍ୟବହାର କରାଯାଏ। ଏହି ସିନ୍ଥେଟିକ ଫୁଡ଼ କଲର ମିଠାକୁ ଆକର୍ଷଣୀୟ ଓ ରଙ୍ଗୀନ କରୁଥିଲେ ବି ସ୍ୱାସ୍ଥ୍ୟ ପାଇଁ ସ୍ଲୋ ପଏଜନ। ଏହା ପେଟ ସଂକ୍ରମଣ ସହ ଲିଭର ଓ କିଡ଼ନୀକୁ ଖରାପ କରିଦିଏ। ଆମେ ବିଷାକ୍ତ ଖାଦ୍ୟ ପ୍ରସଙ୍ଗରେ ଆଲୋଚନା କରୁଥିବାବେଳେ ଆସନ୍ତୁ କିଛି ମାରାତ୍ମକ ଅଥଚ ଆମ ଅଜାଣତରେ ବିଷ ଭରୁଥିବା ଫୁଡ କଲର ସମ୍ପର୍କରେ ଜାଣିବା। ସର୍ବପ୍ରଥମେ ରୋଡ଼ାମାଇନ-ବି ବିଷୟରେ ଜାଣନ୍ତୁ। ଏହାର ମୂଲ୍ୟ ଅତ୍ୟନ୍ତ ଶସ୍ତା ହୋଇଥିବାରୁ ଚମଡ଼ା, କାଗଜ ଓ ପ୍ରସାଧନ, ବସ୍ତ୍ର ଶିଳ୍ପରେ ରଙ୍ଗ ଭାବେ ବ୍ୟବହାର ନିମିତ୍ତ କେବଳ ଅନୁମତି ରହିଛି। ଖାଦ୍ୟ ବ୍ୟବସ୍ଥାରେ ଏହାକୁ ବ୍ୟବହାର ପାଇଁ ନିଷେଧାଦେଶ ରହିଥିଲେ ମଧ୍ୟ ଖାଦ୍ୟ ପ୍ରସ୍ତୁତକାରୀ ଓ ଦୋକାନୀ ଏହାକୁ ବ୍ୟବହାର କରି ଆପଣଙ୍କ ଶରୀରରେ ଲିଭର ଓ କ୍ୟାନସର ରୋଗର କାରକ ସାଜିଥାନ୍ତି। ସେହିପରି ମେଡ଼ିସିନ ଓ କସମେଟିକ ଶିଳ୍ପ ପାଇଁ ଅନୁମତି ଥିବା ସନସେଟ ୟେଲୋକୁ ଖାଦ୍ୟ ପ୍ରସ୍ତୁତିରେ ମିଶାଯାଉଥିବାରୁ ଏହା ଆଜମା ଓ ସ୍କିନ ଆଲର୍ଜି ପାଇଁ ଦାୟୀ। ସେହିପରି କାର୍ମୋଇସିନ ଫୁଡ଼ କଲର ଦେଖିବାକୁ ପୁରାପୁରି ଲାଲ ରଙ୍ଗ। ଯାହାକୁ ଆଇଏଆରସି କ୍ୟାଟାଗୋରୀ ଥ୍ରି କାର୍ସିନୋଜୋନରେ ଶ୍ରେଣୀଭୁକ୍ତ କରିଛି। କିନ୍ତୁ ଏହା ଅନୁମତି ନଥାଇ ମଧ୍ୟ ଖାଦ୍ୟ ପ୍ରସ୍ତୁତିରେ ମିଶୁଥିବାରୁ ଏହା ଲିଭର, କିଡ଼ନୀ, ସ୍କିନ ଓ ଶ୍ୱାସଜନିତ ସମସ୍ୟାର କାରଣ ପାଲଟିଥାଏ। ଖାଦ୍ୟ, ମିଠାକୁ ହଳଦିଆ ରଙ୍ଗ ପାଇଁ ବେଶ ଆକର୍ଷଣୀୟ କରୁଥିବା ସିନ୍ଥେଟିକ ଫୁଡ କଲର ଟାର୍ଟାଜିନ୍ ବାସ୍ତବରେ ଖାଦ୍ୟ ପ୍ରସ୍ତୁତି ପାଇଁ ଅନୁମୋଦିତ ନୁହଁ। କିନ୍ତୁ ଏହି କେମିକାଲ ଖାଦ୍ୟରେ ମିଶୁଥିବାରୁ ଏହା ଶରୀରର ହରମୋନ, ଥାଏରଡ଼ ଗ୍ରନ୍ଥି, ଆନଜିଓଡ଼ିମା, ଏକଜିମା, ବ୍ରୋଙ୍କାଇଟିସ ଓ ମୁଣ୍ଡବିନ୍ଧାର କାରଣ ହୋଇଥାଏ। ତେବେ ସବୁଠାରୁ ଜୀବନ ଘାତକ ହୋଇଥାଏ ଡ୍ରାଏ ଆଇସ୍। ବଜାରରେ ଏବେ ଏକ ଖାଦ୍ୟ ବା ମୃଦୁ ପାନୀୟ ଯାହା ଭିତରୁ ଏକ ଧଳା ଧୂଆଁ ଉଠିଥାଏ। କେବଳ ପିଲାମାନଙ୍କୁ ନୁହେଁ ବଡ଼ ଲୋକମାନଙ୍କୁ ମଧ୍ୟ ଏହା ଅତ୍ୟନ୍ତ ଆକର୍ଷିତ କରିଥାଏ। ତେବେ ଏହି ଡ୍ରାଏ ଆଇସ ବା ଶୁଖିଲା ବରଫ ହେଉଛି ବାସ୍ତବରେ କାର୍ବନ ଡାଇଅକ୍ସାଇଡ଼ର ଏକ ଭିନ୍ନ ରୂପ ଯାହା କଠିନ ସ୍ତରରେ ଥାଏ। ବିଯୁକ୍ତ ୮୦ଡିଗ୍ରୀ ତାପମାତ୍ରାରେ ଥିବା ଏହି ଡ୍ରାଏ ଆଇସ ସାଧାରଣ ବରଫ ତୁଳନାରେ ପାଖାପାଖି ୪୦ଗୁଣ ଅଧିକ ଥଣ୍ଡା। ବରଫ ପାଟିକୁ ଗଲେ ତରଳି ଯାଇଥାଏ କିନ୍ତୁ ଏହା ତରଳିଲେ ସିଧା କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ ନିର୍ଗତ କରୁଥିବାରୁ ଧୂଆଁ ଭାବେ ବାହାରକୁ ଦିଶେ କିନ୍ତୁ ବାସ୍ତବ କଥା ହେଉଛି ଫଟୋସୁଟ, ଥିଏଟର ଓ ମେଡ଼ିକାଲ ଜିନିଷ ସଂରକ୍ଷିତ ରଖିବା ପାଇଁ ଏହି ରାସାୟନିକ ପଦାର୍ଥଟି ଜଣେ ଯଦି ହାତରେ ସ୍ପର୍ଶ କରିବ ଏହା ହାତକୁ ଜଳାଇ ଦେବାର କ୍ଷମତା ରଖିଛି। ଏହା ଫୁସଫୁସ ପାଇଁ କ୍ଷତିକାରକ ଓ ପେଟ ଯନ୍ତ୍ରଣା, ବାନ୍ତି ସହ ଏହି ଧୂଆଁ ହଜମ ପ୍ରକ୍ରିୟାକୁ ପ୍ରଭାବିତ କରି ସ୍ୱାସ୍ଥ୍ୟକୁ ଖୁବ କମ ସମୟ ଭିତରେ ବିଗାଡ଼ି ଦେବାର କ୍ଷମତା ରଖିଛି।

ନିକଟରେ ବିଦେଶରେ ଭାରତୀୟ ମସଲାକୁ ନେଇ ବିବାଦ ଜୋର ଧରିଛି। ଭାରତର କେତୋଟି ପ୍ରମୁଖ କମ୍ପାନୀର ମସଲାରେ ଏଥିଲିନି ଅକ୍ସାଇଡ଼ ନାମକ ରାସାୟନିକ ପଦାର୍ଥ ମିଶିଥିବା ଅଭିଯୋଗ ପରେ ଏ ନେଇ ସରକାରୀ ସ୍ତରରେ ଖୋଳତାଡ଼ ମଧ୍ୟ ଆରମ୍ଭ ହୋଇଯାଇଛି। ଏପରି ଅନେକ ରଙ୍ଗୀନ ଖାଇବାର ବିଷଜାଲ ଯାହାକୁ ଆମେ ସଚେତନ ହୋଇ ମଧ୍ୟ ଜାଣିକି ବି ବ୍ୟବହାର କରୁଛେ ଓ ନିଶ୍ଚିନ୍ତ ସ୍ୱାସ୍ଥ୍ୟ ବିଗାଡ଼ିବା ବ୍ୟବସ୍ଥାକୁ ନିମନ୍ତ୍ରଣ କରୁଛେ କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ମୂଲ୍ୟବାନ ସ୍ୱାସ୍ଥ୍ୟକୁ ବିଗାଡ଼ିବା ପାଇଁ ଏହିପରି କିଛି ପାଟି ଲାଳସା ରଙ୍ଗୀନ ଖାଦ୍ୟର ମାୟାଜାଲରେ ନ ପଡ଼ି ନୀରୋଗ ସ୍ୱାସ୍ଥ୍ୟ ନିର୍ବାହ କରିବା ପାଇଁ ସର୍ବଦା ଖାଦ୍ୟ ତାଲିକାରେ ସୁଷମ ଖାଦ୍ୟ, ସବୁଜ ପନିପରିବା, ତଟକା ଫଳ, ବିଶୁଦ୍ଧ ଜଳ ଏସବୁ ଗ୍ରହଣ କରନ୍ତୁ। ଦେଖିବେ ଆପଣ ଏକ ଦିବ୍ୟ ନୀରୋଗ ସ୍ୱାସ୍ଥ୍ୟର ଅଧିକାରୀ ହୋଇପାରିବେ।

**କନସଲ୍‌ଟାଣ୍ଟ ରେଡ଼ିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର**
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋବାଇଲ୍: ୯୪୩୭୦୨୩୪୪୩

# ରଡ଼ି

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**



ଶବ୍ଦ ସମ୍ବନ୍ଧ ରଡ଼ି ମାତ୍ର ଶବ୍ଦ ଅନେକ କାଳରୁ ଭଲ ଶୁଭେ ଆଉ କେତେ କାନକୁ ଭଲ ଲାଗେ ନାହିଁ ପୁଣି ବୟସ ଦୃଷ୍ଟେ କିଛି ଶବ୍ଦ ସାର୍ବଜନୀନ ବାରଣ ହେଲେ ବି ଅନେକଙ୍କୁ ଏକାନ୍ତରେ ସ୍ୱାମୀ-ସ୍ତ୍ରୀଙ୍କ ଆକର୍ଷଣ ବାର୍ତ୍ତା ଭଲ ଶୁଣିବାକୁ ଲାଗେ, ହେଲେ ବିକର୍ଷଣ ସ୍ତ୍ରୀର କଥା ସ୍ୱାମୀକୁ କାଟେ, ସ୍ୱାମୀର କଥା ସ୍ତ୍ରୀକୁ କାଟେ। କଥା ଉଚ୍ଚ ସ୍ୱରରେ ରାଗ କ୍ରୋଧରେ ଉଚ୍ଚ ସ୍ୱରର ହୋଇଯାଏ। ଏମିତିକି କେହି ବିପଦ ଆତଙ୍କରେ ପଡ଼ି ବହୁ ଉଚ୍ଚ ସ୍ୱରରେ ତ୍ରାହି ପାଇଁ ରଡିକରେ। ଛାଗଟିଏ ଅଗଳୀରେ ହାଣ ବେଳେ ତାର ରଡ଼ି ଶୁଣାଯାଏ। ଗୋରୁ ବନ୍ଧା ଯାଇଥାନ୍ତି ତାକୁ ତୃଷ୍ଣା ଲାଗିଲେ ସେ ରଡ଼ି କରି ମାଲିକକୁ ଜଣାନ୍ତି ବା ହିଂସ୍ରପଶୁ ତାଙ୍କୁ ଆକ୍ରମଣ କଲେ ରଡ଼ି କରନ୍ତି। କୁକୁର ରଡ଼ି କଲେ ତାର ମାଲିକ ହୁଅନ୍ତୁ ବା କୁକୁରଟିର ରହିବା ସ୍ଥାନର ଲୋକମାନେ କିଛି ଆଶଙ୍କା କରନ୍ତି। ଧାଇଁ ଆସ, ବଞ୍ଚାଅ, ରକ୍ଷାକର, କିଏ କେଉଁଠି ଆସ ରକ୍ଷାକର ଏସବୁ ରଡ଼ି ଲୋକ ସଂକଟ ଆତଙ୍କରେ ଆସେ। ପୂର୍ବେ ନାଗରା ପିଟା ଶବ୍ଦ ସମୟରେ ଶୁଣାଯାଉଥିଲା ସରକାରୀ ଆଦେଶ ଖଜଣା ଜଳକର ଆଦାୟ ବା ଜମି ନିଲାମ ସମ୍ବନ୍ଧ ଏଥିରେ ନୋଟିସ ସାର୍ବଜନୀନ କରାଯାଉଥିଲା। ବାହାଘରରେ ବାଜା ବାଣ ଏପରି ଶବ୍ଦ ଉଦଘୋଷଣର ରଡ଼ି।

ପୂର୍ବେ ଗଣନାଟ୍ୟର ଏକ ଦୃଶ୍ୟ ପରେ ବା ଏକ ଅଙ୍କ ପରେ କିଛି ସମୟ ଗ୍ରୀନ ରୁମରେ କଳାକାରଙ୍କ ରୂପ ବଦଳା ଅବକାଶରେ ନୃତ୍ୟ ମଞ୍ଚରେ ବା ରଙ୍ଗମଞ୍ଚରେ ବାଦ୍ୟ ଯନ୍ତ୍ରରେ ଗତ ବଜାଯାଏ। ଏଥିରେ ଉଚ୍ଚସ୍ୱରରେ କର୍ଣ୍ଣାଟ ଅନ୍ତ୍ରୋଟ ପରି ଉଚ୍ଚ ରଡ଼ିର ବାଦ୍ୟ ବଜାଯାଉଥିଲା। ଏ ସମୟରେ ମାଇକ ସେଟ ବା ଡାକବାଜୀ ଯନ୍ତ୍ର ଶବ୍ଦ ବା ଯନ୍ତ୍ର ଗୁଡ଼ିକୁ ଉଚ୍ଚ ସ୍ୱର ଆହୁରି କରି ଦୂରକୁ ଶୁଭିବା ସ୍ୱର କରୁଛି। ସଭାରେ ବକ୍ତା ଭାଷଣ ଏଇ ମାଇକ ଯୋଗେ ନାଟ୍ୟ କଳା କଥା କହିବାର ଧାରାରେ ରୌଦ୍ର ଭୟାନକ ସ୍ୱର ବେଳେ ବେଳେ ପ୍ରୟୋଗ କରାଯାଏ। ଏହାକୁ ଭିଲେନଙ୍କ ଉକ୍ତି ଅଟହାସ୍ୟକୁ ମାଇକ ଯୋଗେ ପରିବର୍ଦ୍ଧିତ ଶବ୍ଦରେ ଲୋକଶ୍ରୁତି କରାଯାଇଛି। ରେଳଗାଡ଼ି, ଉଡାଜାହାଜ ବଡ଼ ବଡ଼ ଚତୁଷ୍ଚକ୍ର ଯାନର ଇଞ୍ଜିନର ଶବ୍ଦ ଓ ଗତିକାଳୀନ ଶବ୍ଦ ଅତି ଉତ୍କଟ। ଅନେକ ମେସିନ କର୍ମମୁଖରେ ଶବ୍ଦ ବାହାରୁଛି ଯାହା ଶ୍ରୁତିକଟୁ ହୁଏ। ଏଥିରେ ଉଚ୍ଚସ୍ୱରର ରଡ଼ି ଅଛି। କାରୁଣ୍ୟ ସ୍ୱର ଅଭିନୟରେ ଦୁଃଖଦ ଦୃଶ୍ୟରେ କରନ୍ତି। ଏହାକୁ ହାରମୋନି ଅୟମର ସ୍ୱର ଓ ଭାଓଲିନର ସ୍ୱର ଅତିରଞ୍ଜିତ କରି ଶ୍ରୋତାକୁ ଦୁଃଖ ଦେଇଥାଏ। ସତ୍ୟରେ କାହାକୁ ଅତ୍ୟଧିକ କଷ୍ଟ ଦିଆଗଲେ ବା ଗର୍ଭବେଦନା ନାରୀ ଭୋଗିଲା ବେଳେ ଶାଶୁଘରକୁ ବିବାହ ବେଳେ ଝିଅଟିଏ ପ୍ରଥମଥର ଗଲାବେଳେ କାହାର ସ୍ୱାମୀ ଅକାଳରେ ଚାଲିଗଲା ବେଳେ ସ୍ତ୍ରୀଲୋକଟି କ୍ରନ୍ଦନ ଓ ଗୁଣ ବାହୁନୀ ଶବ୍ଦ ରଡ଼ି ସୃଷ୍ଟି କରନ୍ତି। ଶବ ବାହାକମାନେ ଶ୍ମଶାନକୁ ଶବ ବହନ କରି ନେଉଥିବାବେଳେ ପଥରେ ରାମନାମ ସତ୍ୟ ହେ ଶବ୍ଦ କରି ଯାଉଥାନ୍ତି। ପ୍ରକୃତିର ବିଭିନ୍ନ ତାଣ୍ଡବ ଶବ୍ଦ ଅଛି। ଘଡ଼ଘଡ଼ି, ବର୍ଷା ଜୋର ପବନ ବହିବା, ଭୂଚଳନ, ନଦୀବନ୍ୟାରେ ଭୂସ୍ଖଳନ, ଭୂମିକମ୍ପ ଗୃହ ଭୁଷୁଡ଼ିବା ଆଦିରେ ରଡ଼ି ହୁଏ। ମନୁଷ୍ୟକୃତ କାରଣରୁ ବୃକ୍ଷ ହନନରେ ବୃକ୍ଷ ପତନ ବେଳେ ଗୃହକୁ ନିର୍ମାଣ ପାଇଁ ପୁରାତନ ନିର୍ମାଣକୁ ଭଙ୍ଗ ବେଳେ ପାହାଡ଼ ପର୍ବତ ଫଟାଇବା ବେଳେ ଏମିତି ପ୍ରଚଣ୍ଡ ଶବ୍ଦ ବା ରଡ଼ି ହୁଏ।

ଏବେ ମାଇକ ସେଟରେ ଶବ୍ଦକୁ ବହୁ ଗୁଣିତ କରାଯାଇ ଏକ ରଡ଼ିରେ ପରିଣତ କରାଯାଉଛି। ପୂର୍ବେ ଏ ସେଟ ନଥିଲା। ହେଲେ କିଛି ମୌଳିକ ଜିନିଷ ଏଥିରେ ଯୌଗିକ ସମ୍ବନ୍ଧ କରାଯାଇଛି। ଏବେ ନେତା ଏ ମାଇକରେ ପେଣ୍ଡାଲରେ ଭାଷଣ ଦେଉଛନ୍ତି ମାତ୍ର ପୂର୍ବେ ମୁଖରେ ଏକ ଚୁଙ୍ଗା କାହାଳି ପରି ଦ୍ରବ୍ୟ ଲଗାଇ ରାସ୍ତା ଗଲାବେଳେ ବା ସଭାରେ ନେତାଏ ଭାଷଣ ରଖୁଥିଲେ। ସେହି ଜିନିଷଟିର ଶେଷ ଅଂଶ ଏବେ ଟ୍ରାନ୍ସପରେସନ ହର୍ଣ୍ଣ ବା ମାଇକ ଫନେଲ କାମରେ ଲାଗୁଛି। ଉଚ୍ଚ ଶକ୍ତି ସମ୍ପନ୍ନ ସର୍କିଟ ବକ୍ସରେ ଲାଗିଥିବା କାଗଜ କୋନର ସମ୍ବନ୍ଧ ଏହି ପୁରାତନ ଚୁଙ୍ଗା ପରି ଦେଖାଯାଏ। କଳକାରଖାନାରେ ସାଇରନ ଲଗାଯାଇ ଶ୍ରମିକ ମାନଙ୍କୁ ସମୟ ସୂଚାଇ ଦିଆଯାଉଛି। ଅସମୟରେ ସାଇରନ କାରଖାନାରେ ବାଜିଲେ ବୁଝାଯାଏ କିଛି ଦୁର୍ଘଟଣା ବା ଅଗ୍ନୀଭୟ ସୃଷ୍ଟି ହୋଇଛି। ଏହା ଶ୍ରମିକ ମାନଙ୍କ ପାଇଁ ସତର୍କଘଣ୍ଟି ବା ସୂଚନା ଘଣ୍ଟି। ବିଦ୍ୟାଳୟରେ ପାଠ୍ୟ ରୁଟିନ ଅନୁସାରେ ପିରିଅଡ଼ ଆରମ୍ଭ ପ୍ରାର୍ଥନା ଆରମ୍ଭ ବିଦ୍ୟାଳୟ କର୍ମମୁଖର ସମୟ ବା ଛୁଟି ସମୟରେ ପିଟା ଘଣ୍ଟା ଶବ୍ଦ କରାଯାଏ। ପ୍ରଧାନ ଶିକ୍ଷକଙ୍କର କିଛି ଜରୁରୀ ଆଦେଶରେ ଛୁଟି ଘୋଷଣାରେ ଏମିତି ଅବେଳରେ ଘଣ୍ଟା ଚପରାଶି ମାନେ ବା କୌଣସି ଅଧିକାରୀ ଶିକ୍ଷକ ବଜାଇଥାନ୍ତି। ହାଟ ଯାତ୍ରାରେ ଘୋ ଘୋ ଶବ୍ଦ ଶୁଖୁଆ ହାଟ ପାନହାଟରେ ଗ୍ରାହକ ଆକର୍ଷଣ ପାଇଁ ସମ୍ପୃକ୍ତ ଦୋକାନୀ ଏପରି ସୁଲଭ ମୂଲ୍ୟରେ ଭଲ ଜିନିଷ ମିଳୁଛି ପାଟି କରିଥାନ୍ତି। ରେଳ ଷ୍ଟେସନରେ ରେଳକୁ ଅପେକ୍ଷା କରିଥିବା ଯାତ୍ରୀ ତାଙ୍କର ଯାତ୍ରା ବହୁ ଦୂରକୁ ଯିବାର ଥିବାରୁ ଷ୍ଟେସନ ପାଖ ହୋଟେଲ ଗଣ୍ଡେ ଭୋଜନ ପାଇଁ ଯିବା ବେଳେ ହୋଟେଲର ହକରମାନେ ଗ୍ରାହକ ଆକର୍ଷଣ ପାଇଁ କିଛି ଡାକ ଦେଇଥାନ୍ତି ଯାହାବି ଏକ ରଡ଼ି। ଖବରକାଗଜ ହକରମାନେ ଜନଗହଳି ସ୍ଥାନରେ ଖବରର ଶିରୋନାମାକୁ ଜୋର କରି ପଢ଼ି ହୈଚୈ ସୃଷ୍ଟି କରିଥାନ୍ତି। ଗଳିରେ ପରିବା ବେପାରୀ ଫେରିବାଲା ଏମିତି ତାଙ୍କର ଦ୍ରବ୍ୟର ନାମରେ କିଛି ଉଚ୍ଚ ସ୍ୱରର ଡାକ ଲଗାଇଥାନ୍ତି। ଯୁଦ୍ଧ ବେଳେ ଆକାଶ ଯାନର ଆକ୍ରମଣ ସୂଚନା ସାଇରନରେ ସୂଚାଇ ଦିଆଯାଉଥିଲା। ଆଲାର୍ମ ଘଣ୍ଟା ଏମିତି ଆଲାର୍ମ ଶବ୍ଦ ଉଦ୍ଦିଷ୍ଟ ସମୟ ଅନୁସାରେ ବାଜେ। ପିଲାଙ୍କୁ ନିଦରେ ଶୋଇପଡ଼ିଥିଲେ ପିଲାର ବାପା ମାଆ ସମୟ ଚେତାଇ ଡାକ ଦିଅନ୍ତି। ଏସବୁ ରଡ଼ି। କାହାରି ଘରେ ମାଇ ପଶୁ ବନ୍ଧା ରହିଥିଲେ ସେମାନେ ପୁରୁଷପଶୁ ସଙ୍ଗତ ପାଇଁ ବୋବାନ୍ତି ଏହା ବି ରଡ଼ି। ଭୋଟ ପ୍ରଚାର ବେଳେ ରାଜପଥ ଗଳି କମ୍ପୁଛି। ସବୁ ଦଳ କମ୍ପାଉଛନ୍ତି। ଶ୍ରୁତି ମଧୁର ପାଇଁ ରଗରଗିଣିରେ ସ୍ୱର ସଜାଇ କେହି ଗାୟକ ଉଦ୍ଦିଷ୍ଟ ଦଳ ଓ ନେତାଙ୍କର ସପକ୍ଷ ଗୁଣଗାନ ଓ ବିପକ୍ଷଙ୍କର ଦୁର୍ଗୁଣ ଗାନ କରୁଛନ୍ତି। ବ୍ୟକ୍ତିଗତ ଆତଙ୍କ ଓ ସମୂହ ଆତଙ୍କ ପାଇଁ ରଡ଼ି ଅଛି। ପୁଣି ସତର୍କ ଘଣ୍ଟି ଏ ପାଇଁ ଘଟଣାର କଳ୍ପନା ଦୃଷ୍ଟେ ବିପଦ ସଙ୍କେତ ଦୃଷ୍ଟେ ଏହାର ପ୍ରୟୋଗ ଲୋକଙ୍କୁ ଅତରଛ କରେ। ରୁଦ୍ରଦତ୍ତ ସିଂହୀ ରଡ଼ିରେ ଭୀମ ଦୁର୍ଯ୍ୟୋଧନର ଠିକଣା ନପାଇ ଦେଇଥିଲେ। ଯୁଦ୍ଧକୁ ଆବାହନ ପାଇଁ ଏହା ଉଦ୍ଦିଷ୍ଟ ଥିଲ ଓ ଯୁଦ୍ଧ ଥିଲା। ବହୁ ଯୁଦ୍ଧ ବା ଦ୍ୱନ୍ଦ ଯୁଦ୍ଧ ଦୁର୍ଯ୍ୟୋଧନ ରଡ଼ି ସମ୍ଭାଳି ନପାରି ଯୁଦ୍ଧକୁ ଆସିଥିଲେ।

ହାତୀ ପରି ଜୀବ ତୃଣଭୋଜୀ ଜୀବ ଜଙ୍ଗଲରେ ସିଂହ ରଡ଼ିରେ ଅତରଛ ହୁଅନ୍ତି। ମନୁଷ୍ୟ କଥା କଣ କହିବ। ଏହିପରି ହନ୍ତା ସାଜି ଆସିଥିବା ବ୍ୟକ୍ତି ଜହ୍ଲାଦରୂପକୁ ଦେଖି ଲୋକେ ରାସ୍ତା ଛାଡ଼ି ଲଟିବା ଯାଗାକୁ ସେ ଡାକ ରଡ଼ି ଶୁଣି ପଳାନ୍ତି। ଏମିତି କେନ୍ଦୁଆ ଭୟ ଭୈରବୀ ରଡ଼ି ପୁରାଣରେ ଲେଖା ଅଛି। କଂସାରୀ ଘର ପାରା କଂସା ବାଡ଼ିଆ ଶବ୍ଦ ନିତ୍ୟ ଶୁଣିବା ଦ୍ୱାରା ଅନ୍ୟ ଶବ୍ଦକୁ ଖେୟାଲରେ ରଖିନଥାଏ। ଥରେ ମହାବାତ୍ୟା ଘର ପୋଡ଼ି ନଈ ବଢ଼ି ଦେଖିଥିବା ଭୋଗି ଥିବା ଲୋକ ସେପରି ସ୍ଥିତିରେ ପହଞ୍ଚିଲେ ସାହାସ ବାନ୍ଧେ। ସଂସାରରେ ଅନେକ ଦୁଃଖ କଷ୍ଟର ଶବ୍ଦ ଅଛି। ମନୁଷ୍ୟ ଧୈର୍ଯ୍ୟଶୀଳ ହେଲେ ସେଥିରୁ ମୁକ୍ତ ହୋଇପାରେ। ମାତ୍ର ଟଳି ଜିବା ଉଚିତ ନୁହେଁ ନିତ୍ୟ ମରିବା ଭଳି ଅବସ୍ଥା ଉପୁଜି ଥାଏ।

# ରୁଷ ଶରଣରେ ସିରିଆ ରାଷ୍ଟ୍ରପତି

## କଡ଼ା ଚେତାବନୀ ଦେଲେ ଟ୍ରମ୍ପ

**ମସ୍କୋ, ୯।୧୨:** ସିରିଆରେ ରାଷ୍ଟ୍ରପତି ବସର-ଅଲ-ଅସଦଙ୍କ ୨୪ ବର୍ଷର ଏକଛତ୍ରବାଦ ଶାସନର ଅନ୍ତ ଘଟିଛି। ଭୟଙ୍କର ଗୃହଯୁଦ୍ଧରେ ବିରୋଧୀ ଗୋଷ୍ଠୀଙ୍କ ଦ୍ୱାରା ବିତାଡ଼ିତ ହେବା ପରେ ଦେଶଛାଡ଼ି ପଳାଇଛନ୍ତି ରାଷ୍ଟ୍ରପତି ବସର ଅଲ ଅସଦ। ସେ ପରିବାର ସହ ରୁଷରେ ଆଶ୍ରୟ ନେଇଛନ୍ତି। ଅନ୍ତର୍ଜାତୀୟ ଗଣମାଧ୍ୟମର ସୂଚନା ଅନୁସାରେ ମସ୍କୋର ସହାୟତାରେ ଲୁଚିଛନ୍ତି ଅସଦ୍। ନିଜ ପରିବାର ସହ ତାଙ୍କୁ ରୁଷ ସୁରକ୍ଷିତ ସ୍ଥାନରେ ରଖିଛି। ଏଭଳି ଖବର ଆସିବା ପରେ ଏବେ ରୁଷକୁ କଡ଼ା ଚେତାବନୀ ଦେଇଛନ୍ତି ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ରୁଷ ଅସଦଙ୍କୁ ସହାୟତା କରିବାରୁ ଦୂରେଇ ରହୁ। ନଚେତ ୟୁକ୍ରେନ୍ ସହ ଯୁଦ୍ଧ ଭଳି ପରିସ୍ଥିତି ଉପୁଜିପାରେ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

ଏପଟେ ଦେଶରେ ଶାନ୍ତିପୂର୍ଣ୍ଣ ଭାବେ କ୍ଷମତା ହସ୍ତାନ୍ତରୀକରଣ ହେଉ ବୋଲି ରୁଷିଆ କହିଛି। ସିରିଆ ପ୍ରସଙ୍ଗରେ ଜାତିସଂଘରେ ଆଲୋଚନା ପାଇଁ ମଧ୍ୟ ପ୍ରସ୍ତାବ ରଖିଛି ରୁଷ୍। ରାଷ୍ଟ୍ରପତିଙ୍କ ପଳାୟନ ପରେ ରାଜଧାନୀ ଡାମାସକସକୁ ନିଜ ଦଖଲକୁ ନେଇଛନ୍ତି ବିଦ୍ରୋହୀ ସେନା। ଅସଦ ସରକାର ବିରୋଧରେ ମୁଖ୍ୟ ବିଦ୍ରୋହୀ ଗୋଷ୍ଠୀ ବିଜୟ ଘୋଷଣା କରିବା ପରେ ଏହାର ମୁଖ୍ୟ ଅବୁ ଅହମ୍ମଦ ଅଲ ଜୁଲାନି ରାଜଧାନୀ ଡାମାସକସରରେ ପହଞ୍ଚିଛନ୍ତି। ରାଷ୍ଟ୍ରପତିଙ୍କ ପଳାୟନ ପରେ ସିରିଆ ପ୍ରଧାନମନ୍ତ୍ରୀ ବିଦ୍ରୋହୀଙ୍କୁ କ୍ଷମତା ହସ୍ତାନ୍ତର ପାଇଁ ପ୍ରସ୍ତାବ ଦେଇଛନ୍ତି। ବିଦ୍ରୋହୀ ନୂଆ ସରକାର ଗଢ଼ିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଆଫଗାନିସ୍ତାନ, ବାଙ୍ଗଲାଦେଶ ପରେ ସିରିଆରେ ଶାସକଙ୍କ ଗାଦିଚ୍ୟୁତ ହୋଇଛି। ଘଟଣା ଉପରେ ସାରା ବିଶ୍ୱର ନଜର ରହିଥିଲା ବେଳେ ବ୍ରିଟେନ, ଫ୍ରାନ୍ସ, ୟୁକ୍ରେନ, ଇସ୍ରାଏଲ ସ୍ୱାଗତ ଜଣାଇଛନ୍ତି। ଅନ୍ୟପଟେ ଲେବାନନରେ ଥିବା ସିରିଆର ଶରଣାର୍ଥୀମାନେ ଉତ୍ସବ ମନାଇଛନ୍ତି।



ସିରିଆରେ ଆଜିକୁ ଦୀର୍ଘ ୧୪ ବର୍ଷ ଧରି ଗୃହ ଯୁଦ୍ଧ ଲାଗି ରହିଥିବା ବେଳେ ଏଥିପାଇଁ ଦେଶର ବହୁ ନାଗରିକ ଅନ୍ୟ ଦେଶରେ ଶରଣାର୍ଥୀ ଭାବେ ଜୀବନ ବିତାଉଥିଲେ। ଏହି ବିଜୟକୁ ଲୋକଙ୍କ ବିଜୟ ବୋଲି କହିଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍। ସିରିଆର ବିକାଶ ପାଇଁ ଆମେରିକା ସହଯୋଗର ହାତ ବଢ଼ାଇବ ବୋଲି କହିଛନ୍ତି। ଅନ୍ୟପଟେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ମିଡିଲ-ଇଷ୍ଟ ପାଇଁ ଏହା ଐତିହାସିକ ଦିନ ବୋଲି କହିଛନ୍ତି। ଅସଦଙ୍କ ସମର୍ଥକ ହିଜୁବୁଲ ଓ ଇରାନ ବିରୋଧରେ ଇସ୍ରାଏଲର ଆକ୍ରମଣର ଏହା ପ୍ରତିଫଳନ ବୋଲି ସେ କହିଛନ୍ତି। ଅନ୍ୟପଟେ ସଂକଟ ମଧ୍ୟରେ ସବୁ ଭାରତୀୟ ସୁରକ୍ଷିତ ଥିବା କହିଛି ଭାରତୀୟ ଦୂତାବାସ।

# ଅସାଦଙ୍କ ପ୍ରାସାଦରୁ ମୂଲ୍ୟବାନ କାର ଓ ବିଳାସ ସାମଗ୍ରୀ ଜବତ





**ଦାମସ୍କସ, ୯।୧୨:** ସିରିଆର ବିତାଡ଼ିତ ରାଷ୍ଟ୍ରପତି ବଶର ଅଲ-ଅସାଦଙ୍କ ପ୍ରାସାଦ ଏବେ ଇସଲାମିଷ୍ଟ ବିଦ୍ରୋହୀଙ୍କ କବଜାରେ।। ବିଦ୍ରୋହୀମାନେ ଗତ କାଲି ରାଜଧାନୀ ଦାମସ୍କସକୁ ନିଜ କବଜାକୁ ନେବା ସହିତ ବିଭିନ୍ନ ସିରକାରୀ କୋଠା ଏବଂ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ନିଜ କବଜାକୁ ନେଇଛନ୍ତି। ଏହା ମଧ୍ୟରେ ରହିଛି ରାଷ୍ଟ୍ରପତିଙ୍କ ବିଶାଳ ରାଜପ୍ରସାଦ। ବିଦ୍ରୋହୀମାନେ ଏଥିରେ ପ୍ରବେଶ କରି ସେଠାରେ ଥିବା ବିଳାସାସାମଗ୍ରୀ ଏବଂ ମୂଲ୍ୟବାନ ଆସବାବପତ୍ର ତଥା ଦାମୀ କାର ଦେଖି ତାଜୁବ ହୋଇଯାଇଛନ୍ତି। ବଶର ଅଲ-ଅସାଦଙ୍କ ପ୍ରାସାଦରେ ରହିଛି ବିଏମଡବ୍ଲ୍ୟୁ, ମର୍ସିଡିଜ, ଫୋରି, ରୋଲସ ରୟେସ ଏବଂ ଅନ୍ୟାନ୍ୟ ନାମିଦାମୀ କମ୍ପାନୀର ମୂଲ୍ୟବାନ କାର। ଏସବୁ କାରର ମୂଲ୍ୟ ନିୟୁତ ନିୟୁତ ଡଲାର ହେବ। ଯେତେବେ ସିରିଆବାସୀ ଗୃହଯୁଦ୍ଧରେ ପେଶି ହୋଇ ଉତ୍କଟ ଖାଦ୍ୟାଭାବ ଜନିତ ସଙ୍କଟର ସମ୍ମୁଖୀନ ହେଉଥିଲେ , ସେହି ସମୟରେ ହିଁ ବଶର ଅଲ-ଅସାଦ ଏହିସବୁ କାର କିଣି ଅୟସରେ ଜୀବନ ବିତାଉଥିଲେ। ଅସାଦଙ୍କ ଶାସନ କାଳରେ ଯେଉଁମାନେ ପ୍ରତିବାଦର ସ୍ୱର ଉଠାଇଥିଲେ , ସେମାନଙ୍କୁ ବନ୍ଦୀ କରାଯାଇ ଅକଥନୀୟ ନିର୍ଯାତନା ଦିଆଯାଉଥିଲା। ମାଟି ତଳେ ଥିବା ସଂକୀର୍ଣ୍ଣ ଅନ୍ଧାରିଆ ଜେଲ କୋଠରୀରେ ଅନେକ ବର୍ଷ ବର୍ଷ ଧରି ବନ୍ଦୀ ଜୀବନ ବିତାଉଥିଲେ। ସେମାନଙ୍କୁ ଅକଥନୀୟ ଶାରିରୀକ ଯନ୍ତ୍ରଣା ଦିଆଯିବା ସହିତ ଅତି ଅସ୍ୱାସ୍ଥ୍ୟକର ପରିବେଶରେ ରହିବାକୁ ବାଧ୍ୟ କରାଯାଉଥିଲା। ଯେଉଁଠି ଜଣେ ଲୋକ ରହିବା ମଧ୍ୟ ସମ୍ଭବ ନୁହେଁ, ସେଠାରେ ୪ଜଣଙ୍କୁ ରହିବାକୁ ବାଧ୍ୟ କରାଯାଉଥିଲା। ଅନେକ ବର୍ଷ ବର୍ଷ ଧରି ଠିଆ ହୋଇ ଶୋଉଥିଲେ। ପ୍ରବଳ ଥଣ୍ଡା ଏବଂ ଗରମରେ ସେମାନଙ୍କୁ ସଢ଼ିବାକୁପଡୁଥିଲା। ଅନେକ ଶୀତ ସହିନପାରି ପ୍ରାଣ ହରାଉଥିଲେ। ଅନେକ ଶିଶୁ ଅତି ଅଳ୍ପ ବୟସରୁ ଜେଲରେ ରହି ଥିଲେ। ଏବେ ସେମାନେ ଯୁବକ ଅବସ୍ଥାରେ ଥିଲେ ମଧ୍ୟ ଅକାଳ ବାର୍ଦ୍ଧକ୍ୟରେ ଉପନୀତ ହୋଇଛନ୍ତି। ଅନେକ ମହିଳା ଜେଲରେ ଅମାନବୀୟ ନିର୍ଯାତନାର ଶିକାର ହୋଇଛନ୍ତି। ସେମାନେ ଏବେ ମୁକ୍ତ ହେବାକୁ ଯାଉଛନ୍ତି।

**ଜେଲରେ ନିର୍ଯାତନାର କାହାଣୀ ପଦାକୁ ଆସିଲା**

## ସୋନିଆଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ମୋଦି



**ନୂଆଦିଲ୍ଲୀ,୯।୧୨:** ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ସୋନିଆ ଗାନ୍ଧୀଙ୍କ ୭୮ତମ ଜନ୍ମଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ନେତା ଶୁଭେଚ୍ଛା ଜଣାଇଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପିଏମ ମୋଦି ଲେଖିଛନ୍ତି, ସୋନିଆ ଗାନ୍ଧୀ ଜୀଙ୍କୁ ଜନ୍ମଦିନର ଶୁଭେଚ୍ଛା। ତାଙ୍କର ଦୀର୍ଘ ଜୀବନ ଏବଂ ସ୍ୱାସ୍ଥ୍ୟ ପାଇଁ ମୁଁ ପ୍ରାର୍ଥନା କରୁଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି। ଖଡ଼ଗେ କହିଛନ୍ତି, ସୋନିଆ ଗାନ୍ଧୀଙ୍କ ସାଧାରଣ ଜୀବନ ପ୍ରତି ଉତ୍ସର୍ଗୀକୃତ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଦେଇଛି। ସେ ଲେଖିଛନ୍ତି, ଲୋକଙ୍କ ଅଧିକାର ପାଇଁ ଛିଡ଼ା ହୋଇ ସେ ସାହସ ଏବଂ ସମ୍ମାନର ସହ ପ୍ରତ୍ୟେକ ଚ୍ୟାଲେଞ୍ଜର ସାମ୍ନା କରିଛନ୍ତି। ତାଙ୍କର ଜନସେବା ସମାଜ ପାଇଁ ସର୍ବଦା ଏକ ନୂତନ ଦିଗ ଦେଇଛି।



## ଉତ୍ତରାଖଣ୍ଡରୁ ହିମାଚଳ ପ୍ରଦେଶ ବରଫ ବର୍ଷା
### ରୂପେଲୀ ଚାଦର ତଳେ କେଦାର ନାଥ-ବଦ୍ରିନାଥ

**ସିମଲା, ୯।୧୨:** ବରଫର ରୂପେଲୀ ଚାଦର ତଳେ କେଦାର ନାଥ-ବଦ୍ରିନାଥ। ଉତ୍ତରାଖଣ୍ଡରୁ ହିମାଚଳ ପ୍ରଦେଶ ବରଫ ବର୍ଷା। ପାହାଡ଼ି ରାଜ୍ୟ ଅପରୂପ ସୌନ୍ଦର୍ଯ୍ୟରେ ଝଲସୁଛି। ତୁହାକୁ ତୁହା ସ୍ନୋ-ଫଲ୍‌ରେ ମଜା ନେଉଛନ୍ତି ପର୍ଯ୍ୟଟକ। ଉତ୍ତରାଖଣ୍ଡରୁ ହିମାଚଳ ପ୍ରଦେଶରେ ଏଥର ସିଜିନ୍ ପୂର୍ବରୁ ବରଫ ବର୍ଷା ଦେଖିବାକୁ ମିଳିଛି। ସଡ଼କରୁ ନେଇ ବୃକ୍ଷଲତା, ଘରଦ୍ୱାର, ଦୋକାନ ବରଫରେ ଆଚ୍ଛାଦିତ ହୋଇଛି। କେଦାରନାଥରେ ବରଫ ବର୍ଷାର ଚିତ୍ର ପର୍ଯ୍ୟଟକଙ୍କୁ ମନ୍ତ୍ରମୁଗ୍ଧ କରୁଛି। ଶୀତ ଥାର୍ଡ ଡିଗ୍ରୀ ପରେ ପାହାଡି ରାଜ୍ୟରେ ସ୍ନୋ-ଫଲ୍ ହୋଇଛି। ଏପଟେ ପ୍ରବଳ ଥଣ୍ଡା ପରେ ପାରଦ ତଳକୁ ଖସିବାରେ ଲାଗିଛି। ଚାମୋଲି, ଓଲି, ଯୋଶିମଠ, ବଦ୍ରିନାଥ ଆଦି ଅଞ୍ଚଳରେ ସମୟ ପୂର୍ବରୁ ବରଫାଚ୍ଛନ୍ନ ହୋଇଛି। ଉତ୍ତରାଖଣ୍ଡର ସମତଳ ଅଞ୍ଚଳରେ ହାଲୁକା ବଦାଲ ଖଣ୍ଡ ଦେଖିବାକୁ ମିଳିଛି। ଉଧମ ସିଂହ ନଗର ସହିତ ଅଧିକାଂଶ ପାହାଡ଼ି ଅଞ୍ଚଳରେ ୪ ଇଞ୍ଚ ମୋଟା ପରଦାରେ ବରଫ ପଡ଼ିଥିବା ରେକର୍ଡ କରାଯାଇଛି।

## ଦୁର୍ଘଟଣାରେ ୫ ପରୀକ୍ଷାର୍ଥୀଙ୍କ ସମେତ ୭ ମୃତ

**ଅହମ୍ମଦାବାଦ, ୯।୧୨:** ପରୀକ୍ଷା ଦେବାକୁ ଯାଉଥିବା ବେଳେ ଜୀବନ ପରୀକ୍ଷାରେ ହାରିଗଲେ। ଚାଲିଗଲା ଏକା ସଙ୍ଗେ ୫ ଛାତ୍ରଙ୍କ ସମେତ ୭ ଜଣଙ୍କ ଜୀବନ। ଗୁଜରାଟରେ ଘଟିଛି ଏଭଳି କିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା।

ସୂଚନା ମୁତାବକ, ଆଜି ସକାଳ ପ୍ରାୟ ୮ଟାରେ ଜୋତପୁର-ବେରାଓ୍ୱଲ ହାଇଓ୍ୱେର ଭଣ୍ଡୁରୀ ଗାଁ ନିକଟରେ ଦ୍ରୁତ ଗତିରେ ଆସୁଥିବା ଦୁଇ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଗୋଟିଏ କାର୍‌ରେ ୫ ଜଣ କଲେଜ ଛାତ୍ର ପରୀକ୍ଷା ଦେବାକୁ ଯାଉଥିବା ନିୟନ୍ତ୍ରଣ ହରାଇ ପ୍ରଥମେ ଏହା ଡିଭାଇଡର୍‌ରେ ପଟି ହୋଇଥିଲା। ଏହାପରେ ଅପରପାର୍ଶ୍ୱରେ ଆସୁଥିବା ଆଉ ଏକ କାର୍ ସହ ଯାଇ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଧକ୍କା ଏତେ ଭୟଙ୍କର ଥିଲା ଯେ, ଉଭୟ କାର୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଦୁର୍ଘଟଣାରେ ଘଟଣାସ୍ଥଳରେ ହିଁ ପରୀକ୍ଷା ଦେବାକୁ ଯାଉଥିବା ୫ କଲେଜ ଛାତ୍ରଙ୍କ ମୃତ୍ୟୁ ହୋଇଛି। ସେହିପରି ଆଉ ଏକ କାର୍‌ରେ ଥିବା ଦୁଇ ଜଣ ବ୍ୟକ୍ତିଙ୍କ ଜୀବନ ଯାଇଛି। ଦୁଇ କାର୍ ମଧ୍ୟରେ ଧକ୍କା ହେବା ଫଳରେ ଗ୍ୟାସ୍ ବୋତଲ ଫାଟି ଯାଇଥିଲା। ଫଳରେ ପାଖରେ ଥିବା ଏକ କୁଡିଆରେ ନିଆଁ ଲାଗିଥିଲା। ସେପଟେ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ପୂରା ଘଟଣାର ତଦନ୍ତ ଜାରି ରହିଛି।

## ଆପ୍ ପ୍ରାର୍ଥୀ ତାଲିକାରେ ଅବଧ ଓଝା
### ସିସୋଦିଆଙ୍କ ବଦଳିଲା ନିର୍ବାଚନମଣ୍ଡଳୀ

**ନୂଆଦିଲ୍ଲୀ, ୯।୧୨:** ପାଖେଇ ଆସିଲାଣି ଦିଲ୍ଲୀ ବିଧାନସଭା ନିର୍ବାଚନ। ଆସନ୍ତା ବର୍ଷ ପଡିବ ଭୋଟ୍। ଏଥିପାଇଁ ଜୋରସୋର୍ ପ୍ରସ୍ତୁତିରେ ଲାଗି ପଡିଛନ୍ତି ସମସ୍ତ ଦଳର ନେତା। କାହାକୁ ମିଳିବ ଟିକେଟ୍ ସେ ନେଇ ଚାଲିଛି ଅଙ୍କକଷା। ଏହାରି ଭିତରେ ଆଜି ଆମ୍ ଆଦମୀ ପାର୍ଟି ନିଜର ଦ୍ୱିତୀୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଆପ୍ ଜାରି କରିଥିବା ଏହି ତାଲିକାରେ ୨୦ ଜଣଙ୍କ ନାଁ ସାମିଲ ଅଛି। ଏଥର ଆପ୍ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ସିଟ୍ ବଦଳାଇ ଦିଆଯାଇଛି। ଏଥର ତାଙ୍କୁ ଜଙ୍ଗପୁରାରୁ ଟିକେଟ୍ ମିଳିଛି। ସେହିପରି ନିକଟରେ ଆପ୍‌ରେ ଯୋଗ ଦେଇଥିବା ଅବଧ ଓଝାଙ୍କୁ ଦଳ ପାଟପଡ଼ଗଞ୍ଜରୁ ମୈଦାନକୁ ଓହ୍ଲାଇଛି। କୋଚିଂ କ୍ଲାସ ଚଳାଉଥିବା ଚର୍ଚ୍ଚିତ ଶିକ୍ଷକ ଅବଧ ଓଝା ନିକଟରେ ଆମ ଆଦମୀ ପାର୍ଟିରେ ଯୋଗ ଦେଇଥଇଲେ। ତେବେ ସେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ କି ନାହିଁ ସେନେଇ କଳ୍ପନାଜଳ୍ପନା ଚାଲିଥିଲା, କିନ୍ତୁ ବର୍ତ୍ତମାନ ଏହା ଉପରେ ପୂର୍ଣ୍ଣଚ୍ଛେଦ ପଡିଛି। ସେ ମନୀଷ ସିସୋଦିଆଙ୍କ ଆସନ ପାଟପଡଗଞ୍ଜରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ସିସୋଦିଆ କ୍ରମାଗତ ତିନିଥର ଏହି ଆସନରୁ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ। ଗତ ନିର୍ବାଚନରେ ସେ ବହୁତ କମ୍ ଭୋଟ୍ ବ୍ୟବଧାନରେ ଏଠାରୁ ଜିତିଥିଲେ। ଏହା ବ୍ୟତୀତ ଆପ୍ ନରେଲାରୁ ଦୀନେଶ ଭରଦ୍ୱାଜଙ୍କୁ, ତିମାରପୁରରୁ ସୁରେନ୍ଦ୍ର ପାଲ ସିଂହ ବିଟ୍ଟୁ, ଆଦର୍ଶ ନାଗରରୁ ମୁକେଶ ଗୋୟଲ, ମୁଣ୍ଡକାରୁ ଜସବୀର କର୍ଲା, ମଙ୍ଗୋଲପୁରୀରୁ ରାକେଶ ଜାଟବ ଧର୍ମରକ୍ଷ, ରୋହିଣୀରୁ ପ୍ରଦୀପ ମିତ୍ତଲ ପ୍ରମୁଖଙ୍କୁ ଦଳ ଟିକେଟ୍ ଦେଇଛି।

**ବାଂଲାଦେଶରେ ମନ୍ଦିର ଉପରେ ଆକ୍ରମଣ**

## ଭାରତ ପ୍ରତିବାଦ ଜଣାଇଲା

**ନୂଆଦିଲ୍ଲୀ , ୯।୧୨:** ବାଂଲାଦେଶରେ ଧର୍ମପୀଠ ଗୁଡ଼ିକ ଉପରେ ବିଶେଷ କରି ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ବଢ଼ି ଚାଲୁଥିବାରୁ ଭାରତ ଏହାର ପ୍ରତିବାଦ ଜଣାଇଛି। ବାଂଲାଦେଶରେ ଧର୍ମପୀଠ ଗୁଡ଼ିକ ଉପରେ ଏହି ଆକ୍ରମଣ ଦୁଃଖଦାୟକ ଏବଂ ନିନ୍ଦନୀୟ ବୋଲି ଭାରତ କହିଛି। ଢାକାଠାରେ ଆୟୋଜିତ ଏକ ବୈଠକରେ ଭାରତର ବୈଦେଶିକ ସଚିବ ବିନୋଦ ମିଶ୍ରି ତାଙ୍କ ବାଂଲାଦେଶୀ ପ୍ରତିପକ୍ଷ ମହମ୍ମଦ ତୋହିଦ ହୁସେନଙ୍କ ସହ ଏ ସମ୍ପର୍କରେ ଆଲୋଚନା ବେଳେ କହିଛନ୍ତି ଯେ, ବାଂଲାଦେଶର ଧାର୍ମିକ ସଂଖ୍ୟାଲଘୁ ଗୋଷ୍ଠୀ ଉପରେ ଆକ୍ରମଣ ବଢ଼ି ଚାଲିବା ଉଦବେଗର ବିଷୟ। ଧାର୍ମିକ ସଂସ୍ଥାନ ଏବଂ ଉପାସନା ପୀଠ ଗୁଡ଼ିକର ପବିତ୍ରତା ଏହା ଦ୍ୱାରା ନଷ୍ଟ ହେବା ସହିତ ଦେଶର ଧର୍ମନିରପେକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ତୁରନ୍ତ ବନ୍ଦ ହେବା ଉଚିତ ଏବଂ ସବୁଧର୍ମର ଲୋକଙ୍କୁ ସମାନ ନ୍ୟାୟ ଏବଂ ସୁରକ୍ଷା ମିଳିବା ଉଚିତ ବୋଲି ଶ୍ରୀ ମିଶ୍ରୀ କହିଛନ୍ତି।



ବାଂଲାଦେଶ ବିଦେଶ ସଚିବଙ୍କ ସହ ଆଲୋଚନା ବେଳେ ଭାରତର ବିଦେଶ ସଚିବ ମିଶ୍ରୀ କହିଥିଲେ ଯେ, ଭାରତ ଏହାର ପଡ଼ୋଶୀ ଦେଶ ସହିତ ଉତ୍ତମ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ରକ୍ଷା କରିବାକୁ ଆଗ୍ରହୀ। ସାମାଜିକ, ଆର୍ଥିକ ଏବଂ ସାଂସ୍କୃତିକ ଦୃଷ୍ଟିରୁ ବାଂଲାଦେଶ ସହିତ ଭାରତର ସମ୍ପର୍କ ପୁରୁଣା ଏବଂ ପ୍ରତିଷ୍ଠିତ। କୌଣସି ପରିସ୍ଥିତିରେ ମଧ୍ୟ ଏଂହା ଯେପରି ପ୍ରଭାବିତ ନହୁଏ ସେଥିପ୍ରତି ଉଭୟ ଦେଶ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସେ କହିଥିଲେ। ବୈଦେଶିକ ସଚିବ ବିକ୍ରମ ମିଶ୍ରି ମଧ୍ୟ ବାଂଲାଦେଶର କାର୍ଯ୍ୟକାରୀ ବୈଦେଶିକ ମନ୍ତ୍ରୀ ମହମ୍ମଦ ତାହିଦ ହୁସେନଙ୍କୁ ଭେଟିପାରନ୍ତି। ତାଙ୍କର ୧୨ଘଣ୍ଟିଆ ଗସ୍ତ ସମୟରେ ବୈଦେଶିକ ସଚିବ ବିକ୍ରମ ମିଶ୍ରି ମଧ୍ୟ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ମହମ୍ମଦ ୟୁନୁସଙ୍କୁ ଭେଟିବାର ସମ୍ଭାବନା ରହିଛି। ବାଂଲାଦେଶରେ ହୋଇଥିବା ଆକ୍ରମଣ ପରେ ଏହା ଭାରତରୁ ପ୍ରଥମ ଉଚ୍ଚ ସ୍ତରୀୟ ଗସ୍ତ।

ଓପନ ସୋସାଇଟି ଫାଉଣ୍ଡେସନର ପୂର୍ବତନ ସଭାପତି ମାର୍କ ମଲୋଚ-ବ୍ରାଉନ ବାଂଲାଦେଶରେ ମଧ୍ୟବର୍ତ୍ତୀକାଳୀନ ସରକାରର ମୁଖ୍ୟ ମହମ୍ମଦ ୟୁନୁସଙ୍କୁ ଢାକାରେ ରବିବାର (ଡିସେମ୍ବର ୮) ରେ ଭେଟିଥିଲେ। ଓପନ ସୋସାଇଟି ଫାଉଣ୍ଡେସନ ହଙ୍ଗେରୀ ଜନ୍ମିତ ବିଲିୟନେୟାର ଆମେରିକୀୟ ନିବେଶକ ଜର୍ଜ ସୋରୋସ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା।

## ରାହୁଲ ନାର୍ଭେକର୍ ମହାରାଷ୍ଟ୍ର ବାଚସ୍ପତି



**ମୁମ୍ବାଇ, ୯।୧୨:** ମହାରାଷ୍ଟ୍ର ବିଧାନସଭାରେ ବାଚସ୍ପତି ଭାବରେ ରାହୁଲ ନର୍ଭେକର ନିର୍ବାଚିତ ହୋଇଛନ୍ତି। ଏହି ନିଷ୍ପତ୍ତି ପ୍ରୋଟେମ୍ ସ୍ପିକର କାଳିଦାସ କୋଲାମ୍ବକର ନେଇଛନ୍ତି। ବାସ୍ତବରେ କେବଳ ରାହୁଲ ନର୍ଭେକର ହିଁ ବାଚସ୍ପତି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଅନ୍ୟ କେହି ଏଥିପାଇଁ ନାମାଙ୍କନପତ୍ର ଦାଖଲ କରି ନଥିଲେ। ଏହି କାରଣରୁ ରାହୁଲଙ୍କୁ ନିର୍ବିରୋଧରେ ବାଚସ୍ପତି ଭାବେ ନିର୍ବାଚିତ କରାଯାଇଛି। ଅଢ଼େଇ ବର୍ଷ ଧରି ମହାରାଷ୍ଟ୍ରର ୧୪ ତମ ବିଧାନସଭାରେ ବାଚସ୍ପତି ଭାବେ ଦାୟିତ୍ୱ ତୁଲାଇ ଥିବା ନର୍ଭେକର ମୁମ୍ବାଇର କୋଲାବା ବିଧାନସଭା ଆସନରୁ ପୁନଃ ନିର୍ବାଚିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସ, ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ଅଜିତ ପାଓ୍ୱାରଙ୍କ ସହ ନାର୍ଭେକର ରବିବାର ବିଧାନସଭା ସଚିବ ଜିତେନ୍ଦ୍ର ଭୋଲେଙ୍କ ଠାରେ ନାମାଙ୍କନ ଦାଖଲ କରିଥିଲେ। ତେବେ ମହାବିକାଶ ଅଘାଡି ମେଣ୍ଟ ତରଫରୁ କୌଣସି ବି ବିଧାୟକ ବାଚସ୍ପତି ପଦ ପାଇଁ ନାମାଙ୍କନ ଭରି ନଥିଲେ। ରାହୁଲ ନର୍ଭେକର ମହାରାଷ୍ଟ୍ରର କୋଲାବା ବିଧାନସଭା ଆସନରୁ ବିଧାୟକ ଅଛନ୍ତି। ଏହି ବିଧାନସଭା ନିର୍ବାଚନମଣ୍ଡଳୀ ମୁମ୍ବାଇର ଏକ ଅଂଶ। ରାହୁଲ ଏହା ପୂର୍ବରୁ ଶିବସେନାରେ ଥିଲେ, କିନ୍ତୁ ୨୦୧୪ ଲୋକସଭା ନିର୍ବାଚନରେ ତାଙ୍କୁ ଦଳ ଟିକେଟ ଦେଇନଥିଲା। ଏହାପରେ ସେ ଏନସିପିରେ ଯୋଗ ଦେଇଥିଲେ। ତେବେ ତାଙ୍କୁ ଏନସିପି ଟିକେଟ୍‌ରେ ମାଭଲ ଆସନରୁ ପରାଜୟର ସାମ୍ନା କରିବାକୁ ପଡିଥିଲା। ଏହାପରେ ବି ସେ ଦଳ ସହ ରହିଥିଲେ। ଯେଉଁ ଦଳ ପାଖରେ ସଂଖ୍ୟା ଗରିଷ୍ଠତା ଅଧିକ ଥାଏ ସେହି ଦଳରୁ ସର୍ବଦା ବାଚସ୍ପିତ ଚୟନ କରାଯାଏ। ମହାରାଷ୍ଟ୍ର ବିଧାନସଭା ୨୦୨୪ ନିର୍ବାଚନରେ ମହାୟୁତି ମେଣ୍ଟ ପ୍ରଚଣ୍ଡ ବହୁମତ ହାସଲ କରିଛି।

## ବୋମା ବିସ୍ଫୋରଣ, ୩ ମୃତ

**ମୁର୍ଶିଦାବାଦ, ୯।୧୨:** ଦେଶୀ ବୋମା ତିଆରି ବେଳେ ହେଲେ ଭୟଙ୍କର ବିସ୍ଫୋରଣ। ଚାଲିଗଲା ୩ ଜଣଙ୍କ ଜୀବନ। ପଶ୍ଚିମବଙ୍ଗର ମୁର୍ଶିଦାବାସରେ ଘଟିଛି ଏଭଳି କିଛି ଅଘଟଣ। ଏଠାରେ ବେଆଇନ ରୂପେ ଏକ ଘରେ ବୋମା ତିଆରି ଚାଲିଥିଲା। ଏହି ସମୟରେ ବିସ୍ଫୋରଣ ହୋଇଥବା କୁହାଯାଉଛି। ପୋଲିସର ସୂଚନାନୁସାରେ, ରବିବାର ବିଳମ୍ବିତ ରାତିରେ ମୁର୍ଶିଦାବାଦ ଜିଲ୍ଲାର ଖୈରତଲା ନିବାସୀ ମାମୁନ ମୁଲ୍ଲାଙ୍କ ଘରେ ବେଆଇନ ବୋମା ତିଆରି କାମ ଚାଲିଥିଲା। ଏହି ସମୟରେ ହଠାତ୍ ଏକ ବୋମାରେ ବିସ୍ଫୋରଣ ଘଟିଥିଲା। ଫଳରେ ଏଥିରେ ତିନି ଜଣଙ୍କର ମୃତ୍ୟୁ ହୋଇଛି। ବିସ୍ଫୋରଣ ଯୋଗୁ ଯେଉଁ ଘରେ ବୋମା ତିଆରି ଚାଲିଥିଲା ତାହା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି। ଏଥିସହ ଆଖପାଖର ଘରଗୁଡିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଘଟଣାସ୍ଥଳରେ ବହୁ ସଂଖ୍ୟକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଅଗ୍ନିଶମ ବାହିନୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ପୁଲିସ ପୂରା ଘଟଣାର ତଦନ୍ତ ଜାରି ରଖିଛି। ମୃତକମାନେ ହେଲେ ମାମୁନ ମୁଲ୍ଲା, ସାକିରୁଲ ସରକାର ଓ ମୁସ୍ତାକିନ୍ ଶେଖ। ଏମାନଙ୍କ ମଧ୍ୟରୁ ମୁସ୍ତାକିନ୍ ଶେଖଙ୍କ ଘର ମହତାବ କଲୋନୀ ଅଞ୍ଚଳରେ ଅଛି। ଖୈରତଲା ଅଞ୍ଚଳରେ ମାମୁନ ମୁଲ୍ଲା ଏବଂ ସାକିରୁଲ ସରକାର ଘର ରହିଛି। ରାତି ଅଧରେ ସେମାନେ ଘର ଭିତରେ ବୋମା ତିଆରି କରୁଥିଲେ।

## ୪୦ ସ୍କୁଲକୁ ବୋମାରେ ଉଡ଼ାଇବାକୁ ଧମକ

**ନୂଆଦିଲ୍ଲୀ, ୯।୧୨:** ରାଜଧାନୀ ଦିଲ୍ଲୀରେ ଆତଙ୍କ। ପୁଣି ମିଳିଲା ବୋମା ଧମକ। ଦିଲ୍ଲୀର ଦୁଇଟି ଘରୋଇ ସ୍କୁଲକୁ ବୋମା ଲଗାଇ ଉଡାଇ ଦେବାକୁ ଧମକ ମିଳିଛି। ଡିପିଏସ୍ ଆର୍.କେ.ପୁରମ୍ ଓ ପଶ୍ଚିମବିହାର ଜିଡି ଗୋଏଙ୍କା ସମେତ ୪୦ରୁ ଅଧିକ ସ୍କୁଲକୁ ଇ-ମେଲ୍ ଯୋଗେ ଧମକ ଆସିଛି। ଆଜି ସକାଳ ୭ଟାରେ ଇ-ମେଲ୍ ଯୋଗେ ଏହି ଦୁଇଟି ସ୍କୁଲକୁ ଧମକପୂର୍ଣ୍ଣ ମେସେଜ ଆସିଥିଲା। ବୋମା ଲାଗାଇ ସ୍କୁଲକ ଉଡାଇକୁ ଦେବାକୁ କେହି ଜଣେ ଦୁର୍ବୃତ୍ତ ଧମକ ଦେଇଥିଲେ। ମେଲ ପଠାଇଥିବା ବ୍ୟକ୍ତି ବୋମା ବିସ୍ଫୋରଣ ନକରିବା ବଦଳରେ ୩୦ ହଜାର ଡଲାର ଦାବି କରିଛି। ଦିଲ୍ଲୀ ପୁଲିସ ଆଇପି ଆଡ୍ରସ୍ ଏବଂ ମେଲ ପଠାଇଥିବା ବ୍ୟକ୍ତି କିଏ ଓ ଏହା କେଉଁଠୁ ଆସିଛି ତାହା ଯାଞ୍ଚ କରୁଛି। ସେପଟେ ବୋମା ବିସ୍ଫୋରଣ ଧମକ ମିଳିବା ପରେ ତୁରନ୍ତ ସ୍କୁଲ ପିଲାଙ୍କୁ ଘରକୁ ପଠାଇ ଦିଆଯାଇଛି। ଖବର ପାଇ ପୁଲିସ ଓ ଅଗ୍ନିଶମ ବିଭାଗର ଟିମ୍ ମଧ୍ୟରେ ସ୍କୁଲରେ ପହଞ୍ଚିଛି। ତଲାସି ଜାରି ରହିଛି। ତେବେ ଏହା ଏକ ଗୁଜବ ବୋଲି ପୁଲିସ କହିଛି। ତଦନ୍ତ ପରେ ପୁଲିସ କିଛି ବି ସନ୍ଦେହଜନକ ତଥା ବିସ୍ଫୋରକ ସାମଗ୍ରୀ ପାଇନାହିଁ। ଗତ ଅକ୍ଟୋବର ମାସରେ ରୋହିଣୀ ଅଞ୍ଚଳର ଏକ ସ୍କୁଲରେ ବିସ୍ଫୋରଣ ଘଟିଥିଲା। ତେଣୁ ଏବେ ପୁଣି ଥରେ ସ୍କୁଲକୁ ଧମକ ଆସିବା ପରେ ଦିଲ୍ଲୀର ସ୍କୁଲ ଗୁଡ଼ିକାରେ ବଢ଼ିଛି ସୁରକ୍ଷା ଚିନ୍ତା। ଏହାପୂର୍ବରୁ ୨ ଫେବୃଆରୀ ୨୦୨୪ ରେ ଡିପିଏସ୍ ଆର.କେପୁରମ୍ ପ୍ରିନ୍ସପାଲ୍‌ଙ୍କୁ ସ୍କୁଲରେ ବୋମା ଥିବା ନେଇ ଧମକ ଦିଆଯାଇଥିଲା। ଚଳିତ ବର୍ଷ ସ୍କୁଲ, ଡାକ୍ତରଖାନା ଏବଂ ବିମାନରେ ବୋମା ଥିବା ବିଷୟରେ ଅନେକ ମିଛ ମେଲ୍ ଆସିଥିଲା।

## ଦିଲ୍ଲୀରେ ଆଜିଠୁ ଶୀତ ବଢ଼ିବ

**ନୂଆଦିଲ୍ଲୀ, ୯।୧୨:** ଦେଶର ରାଜଧାନୀ ଦିଲ୍ଲୀର ତାପମାତ୍ରା ଆଶାତୀତ ଭାବେ ହ୍ରାସ ପାଇବ। ସ୍ଥିତି ଏପରି ହେବ ଯେ ୧୦ ତାରିଖରୁ ପାରଦ ସିଧା ୩ ଡିଗ୍ରୀରେ ପହଞ୍ଚିଯିବ। ଫଳରେ ରାଜଧାନୀରେ ପ୍ରବଳ ଥଣ୍ଡା ଅନୁଭବ ହେବ ବୋଲି ଆଣି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। କେବଳ ଦିଲ୍ଲୀ ନୁହେଁ, ଡିସେମ୍ବର ୧୪ ଯାଏ ପଞ୍ଜାବ, ହରିୟାଣା ଓ ପଶ୍ଚିମ ଉତ୍ତର ପ୍ରଦେଶରେ ଅସହ୍ୟ ଜାଡ଼ ଅନୁଭୂତ ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ଦିଲ୍ଲୀର ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ରହିଛି। ହେଲେ ଆଗକୁ ଥଣ୍ଡା ଆହୁରି ବଢ଼ିବ। ନର୍ଦ୍ଦନ ହିଲ୍ସରେ ତୁଷାର ପାତ ଓ ପଶ୍ଚିମା ଘୂର୍ଣ୍ଣିଝଡ଼ ଯୋଗୁ ରାଜଧାନୀରେ ପାରଦ ହ୍ରାସ ପାଇବ। ଘୂର୍ଣ୍ଣିବଳୟ ଯୋଗୁ ଡିସେମ୍ବର ୮ ଓ ୯ ତାରିଖରେ କିଛି ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବାରୁ ରହିଛି। ଏହା ତାପମାତ୍ରା ହ୍ରାସ କରିବାରେ ସହାୟକ ହେବ ବୋଲି ବିଭାଗ କହିଛି। ସେହିପରି ଉତ୍ତର ଭାରତରେ ଆସନ୍ତାକାଲି ଓ ୧୦ ତାରିଖରେ ଘନ କୁହୁଡ଼ି ପଡ଼ିବାର ଆଶଙ୍କା ରହିଥିବା ମଧ୍ୟ ଆଇଏମଡି ପୂର୍ବାନୁମାନ କରିଛି। ପ୍ରବଳ ଥଣ୍ଡା ଅନୁଭୂତ ହେବାର ଆଭାସ ମଧ୍ୟ ଏବେ ଠାରୁ ହରିୟାଣାରେ ମିଳି ସାରିଲାଣି। କାରଣ ହିର୍ସାରେ ଆଜି ତାପମାତ୍ରା ୪.୭ ଡିଗ୍ରୀ ରେକର୍ଡ କରାଯାଇଛି। ଏହା ସବୁଠାରୁ ଥଣ୍ଡା ସହର ହେବାର ରେକର୍ଡ ମଧ୍ୟ କରିଛି।

**ତାପମାତ୍ରା ୩ ଡିଗ୍ରୀକୁ ଖସିବ**

## ପୁଣି ଭାରତୀୟ ଛାତ୍ରଙ୍କୁ ଗୁଳି କରି ହତ୍ୟା

**ଓଟାଓ୍ୱା, ୯।୧୨:** ଭାରତୀୟଙ୍କ ପାଇଁ ଆଉ ସୁରକ୍ଷିତ ନୁହେଁ ବିଦେଶ। ଏଠାରେ ବାରମ୍ବାର ଭାରତୀୟଙ୍କୁ କରାଯାଉଛି ଟାର୍ଗେଟ୍। ଏବେ ପୁଣି ଥରେ କାନାଡାରେ ଜଣେ ଭାରତୀୟ ଛାତ୍ରଙ୍କୁ ଅତିନିର୍ମମ ଭାବେ ଗୁଳି କରି ହତ୍ୟା କରାଯାଇଛି। ସପ୍ତାହ ଭିତରେ ଏହା ହେଉଛି ଦ୍ୱିତୀୟ ଘଟଣା।

କାନାଡାର ଏଡମୋଣ୍ଟନରେ ଡିସେମ୍ବର ୬ ତାରିଖରେ ଜଣେ ୨୦ ବର୍ଷୀୟ ଭାରତୀୟ ଛାତ୍ରଙ୍କୁ ଗୁଳି କରି ହତ୍ୟା କରାଯାଇଛି। ମୃତ ଛାତ୍ର ଜଣକ ହେଲେ ହର୍ଷନଦୀପ। ସେ କାନାଡାରେ ପାଠ ପଢ଼ିବା ସହ ସୁରକ୍ଷା ଗାର୍ଡ ଭାବେ ପାର୍ଟଟାଇମ୍ ଜବ୍ କରୁଥିଲେ। ତାଙ୍କୁ ହତ୍ୟା କରିବା ବେଳର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ଏଥିରେ ପ୍ରଥମେ ହର୍ଷନଦୀପଙ୍କୁ ଦୁର୍ବୃତ୍ତମାନେ ସିଡିରୁ ଧକ୍କା ଦେଉଛନ୍ତି। ଏହାପରେ ତାଙ୍କ ଉପରକୁ ଗୁଳିମାଡ଼ କରୁଥିବା ଦେଖିବାକୁ ମିଳିଛି। ଏକ ଆପାର୍ଟମେଣ୍ଟ ଭିତରେ ଏହି ଗୁଳିକାଣ୍ଡ ଘଟିଥିଲା। ସୂଚନା ପାଇବା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଚେତାଶୂନ୍ୟ ଅବସ୍ଥାରେ ପଡିଥିବା ହର୍ଷନଦୀପଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ମାମଲାରେ କାନାଡା ପୁଲିସ ଇଭାନ୍ ରେନ୍ ଓ ଜୁଡିଥ ସଲ୍ଟୋ ନାମକ ଦୁଇ ଜଣଙ୍କୁ ଗିରଫ କରିଛି। ଉଭୟଙ୍କ ବୟସ ୩୦ ବର୍ଷ ପାଖାପାଖି। ଏମାନଙ୍କ ପାଖରୁ ଏକ ବନ୍ଧୁକ ମଧ୍ୟ ଜବତ ହୋଇଛି।

# ସୋରୋସ୍‌ଙ୍କ ସହ ରହିଛି ସୋନିଆଙ୍କ ସମ୍ପର୍କ: ବିଜେପି

**ନୂଆଦିଲ୍ଲୀ, ୯।୧୨:** ଭାରତ ବିରୋଧରେ ବିଭ୍ରାନ୍ତିକର ପ୍ରଚାର ପ୍ରସାରଣ କରୁଥିବା ଅନ୍ୟତମ ବିଲିଓନେୟର୍ ଜର୍ଜ ସୋରୋସ୍‌ଙ୍କ ସହ ରହିଛି କଂଗ୍ରେସର ସମ୍ପର୍କ। ସୋରୋସ୍‌ଙ୍କ ପାଣ୍ଠିରେ ଚାଲିଥିବା ଏନ୍‌ଜିଓ ଏଫ୍‌ଡିଏଲ୍-ଏପି ଫାଉଣ୍ଡେସନର ସହ-ଅଧ୍ୟକ୍ଷ ଅଛନ୍ତି ସୋନିଆ ଗାନ୍ଧି। ଏହି ସଂସ୍ଥା ଭାରତ ବିରୋଧୀ ଆଭିମୁଖ୍ୟ ଦ୍ୱାରା ପରିଚାଳିତ। ଏଭଳି କିଛି ବଡ଼ ଅଭିଯୋଗ ଆଣିଛି ବିଜେପି। ଏହାକୁ ନେଇ ଏବେ ରାଜନୀତି ଜୋର ଧରିଛି। ଏହି ପ୍ରସଙ୍ଗରେ ଆଜି କେନ୍ଦ୍ର ମନ୍ତ୍ରୀ କିରଣ ରିଜିଜୁ କଂଗ୍ରେସକୁ କଡ଼ା ଟାର୍ଗେଟ୍ କରିଛନ୍ତି। କିରଣ ରିଜିଜୁ କହିଛନ୍ତି ଯେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯାହାକୁ ମୁଁ ରାଜନୀତିରୁ ଦୂରେଇ ରଖି ଉଠାଇବାକୁ ଚାହୁଁଛି। ସେ କହିଛନ୍ତି ଯେ ସୋନିଆ ଗାନ୍ଧି ଏବଂ ଜର୍ଜ ସୋରୋସଙ୍କ ମଧ୍ୟରେ ଥିବା ସମ୍ପର୍କର ଯେଉଁ କଥା ସାମ୍ନାକୁ ଆସିଛି ତାହା ବେଶ୍ ଗୁରୁତର। ଗୋଟିଏ ପଟେ ସୋରୋସ୍‌ଙ୍କ ସହାୟତାରେ ଚାଲିଥିବା ସଂଗଠନରେ ସୋନିଆ କାର୍ଯ୍ୟକର୍ତ୍ତା ଥିବା ବେଳେ ଅନ୍ୟପକ୍ଷରେ ତାଙ୍କ ପୁଅ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ସୋରୋସ୍‌ଙ୍କ ଭାରତ ବିରୋଧୀ ଚିନ୍ତାଧାରା ସହ ତାଳ ମିଶାଇ କାମ କରୁଛନ୍ତି ବୋଲି ବିଜେପି ଅଭିଯୋଗ କରିଛି।




ଏହା ଏକ ଏଭଳି ସଂଗଠନ ଯାହା ସ୍ୱତନ୍ତ୍ର କାଶ୍ମୀରକୁ ସମର୍ଥନ କରେ। କେବଳ ଏତିକି ନୁହେଁ, ଏହି ସଙ୍ଗଠନକୁ ହଙ୍ଗେରୀ-ଆମେରିକୀୟ ବ୍ୟବସାୟୀ ଜର୍ଜ ସୋରୋସଙ୍କ ଫାଉଣ୍ଡେସନରୁ ଟଙ୍କା ମିଳେ ବୋଲି ବିଜେପି ଅଭିଯୋଗ ଆଣିଛି। ବିଜେପି ରବିବାର ସୋନିଆ ଗାନ୍ଧି ଏବଂ କଂଗ୍ରେସ ଦଳ ଉପରେ ସୋଶାଲ ମିଡିଆ ସାଇଟ୍ X ରେ ଗୋଟିଏ ପରେ ଗୋଟିଏ ପୋଷ୍ଟ କରି ପ୍ରଶ୍ନ ଉଠାଇଥିଲା। ବିଜେପି ଅଭିଯୋଗ କରିଛି ଯେ ସୋନିଆ ଗାନ୍ଧି, ଏଫଡିଏଲ୍-ଏପି ଫାଉଣ୍ଡେସନର ସହ-ଚେୟାରମ୍ୟାନ୍ ଭାବରେ ଜର୍ଜ ସୋରୋସ୍ ଫାଉଣ୍ଡେସନ୍ ଦ୍ୱାରା ଅନୁଦାନ ପ୍ରାପ୍ତ ଏକ ସଂଗଠନ ସହ ଜଡିତ। ବିଜେପି କହିଛି ଯେ ଏହି ସଂଯୋଗ ଭାରତର ବିକାଶକୁ ରୋକିବା ପାଇଁ ଜର୍ଜ ସୋରୋସ ଏବଂ କଂଗ୍ରେସ ଦଳର ଚିନ୍ତାଧାରାକୁ ଦର୍ଶାଉଛି। ଜର୍ଜ ସୋରୋସ୍ ଫାଉଣ୍ଡେସନର ସହଯୋଗୀ ସଂଗଠନ ଡେମୋକ୍ରାଟିକ୍ ଲିଡର୍ସ ଇନ୍ ଏସିଆ ପାସିଫିକ୍ (ଏଫ୍‌ଡିଏଲ-ଏପି)ର ସହ-ଅଧ୍ୟକ୍ଷ ଭାବେ ସୋନିଆ ଗାନ୍ଧୀଙ୍କ ଦାୟିତ୍ୱ ସଂପର୍କରେ କେତେକ ପ୍ରମାଣ ମଧ୍ୟ ଏହି ପୋଷ୍ଟରେ ବିଜେପି ଉଲ୍ଲେଖ କରିଛି।

ଏହି ପ୍ରସଙ୍ଗରେ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କୁ ୧୦ଟି ପ୍ରଶ୍ନ ପଚାରିବେ ବୋଲି କହିଛନ୍ତି। ମିଡିଆ ପୋର୍ଟାଲ ଅର୍ଗାନାଇଜ୍‌ଡ କ୍ରାଇମ୍ ଆଣ୍ଡ କରପ୍‌ଶନ ରିପୋର୍ଟିଂ ପ୍ରୋଜେକ୍ଟ (ଓସିସିଆର୍‌ପି) ଏବଂ ହଙ୍ଗେରୀୟ-ଆମେରିକୀୟ ବ୍ୟବସାୟୀ ବିରୋଧୀ ଦଳ ସହ ସଲାସୁତରାରେ ଭାରତର ଅର୍ଥନୀତିକୁ ଧ୍ୱଂସ କରିବା ସହ ମୋଦି ସରକାରଙ୍କୁ ବଦନାମ କରିବାକୁ ଉଦ୍ୟମ କରୁଥିବା ଦୁବେ କହିଛନ୍ତି। ରାଜୀବ ଗାନ୍ଧି ଫାଉଣ୍ଡେସନ୍‌ର ଅଧ୍ୟକ୍ଷା ଭାବେ ମଧ୍ୟ ସୋନିଆ ସରୋସ୍ ଫାଉଣ୍ଡେସନ୍ ସହ ତାଳମେଳ ରଖି ଆର୍ଥିକ ସହାୟତା ପାଉଛନ୍ତି। ଏଫ୍‌ଡିଏଲ୍-ଏପି ସଂଗଠନ କଶ୍ମୀରକୁ ଏକ ଭିନ୍ନ ରାଷ୍ଟ୍ର ବୋଲି କହିଆସୁଛି। ଏଭଳି ଏକ ସଂଗଠନ ସହ ସୋନିଆଙ୍କ ନିବିଡ଼ ସମ୍ପର୍କ ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ବିଦେଶୀ ଶକ୍ତିର ହସ୍ତକ୍ଷେପ ବୋଲି ବିଜେପି କହିଛି।

## ଚାମ୍ପିୟନ୍ସ ଟ୍ରଫି ବିବାଦ

# ଧସେଇ ପଶିଲେ ପାକ୍ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୯।୧୨:** ଆସନ୍ତା ବର୍ଷ ପାକିସ୍ତାନରେ ହେବାକୁ ଥିବା ଚାମ୍ପିୟନ୍ସ ଟ୍ରଫିକୁ ନେଇ ପାକିସ୍ତାନ କ୍ରିକେଟ ବୋର୍ଡ ବା ପିସିବି ଓ ବିସିସିଆଇ ମଧ୍ୟରେ ବିବାଦ ଲାଗି ରହିଛି। ସୁରକ୍ଷା ଦୃଷ୍ଟିରୁ ଭାରତୀୟ ଟିମ ପାକିସ୍ତାନ ଯିବାକୁ ଚାହୁଁ ନଥିବା ବିସିସିଆଇ ସ୍ପଷ୍ଟ ଭାବେ ପିସିବିକୁ ଜଣାଇ ଦେଇଛି। ଆଇସିସି ମଧ୍ୟ ପିସିବିକୁ ହାଇବ୍ରିଡ ମଡେଲର ପ୍ରସ୍ତାବ ଦେଇଛି। ଅର୍ଥାତ ଭାରତ ଚାମ୍ପିୟନ୍ସ ଟ୍ରଫିରେ ନିଜର ମ୍ୟାଚ୍ ଗୁଡ଼ିକ ପାକିସ୍ତାନ ବଦଳରେ ଦୁବାଇରେ ଖେଳିବ। ଏହାକୁ ନେଇ ବିବାଦ ଚାଲିଥିବା ବେଳେ ଏବେ ଏଥିରେ ଧସେଇ ପଶିଛନ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ। ଆସନ୍ତି ବର୍ଷ ଚାମ୍ପିୟନ୍ସ ଟ୍ରଫି ଆୟୋଜନରେ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବାକୁ ପିସିବି ଅଧ୍ୟକ୍ଷ ମୋହଶିନ ନକଭୀଙ୍କୁ ଶରିଫ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଚାମ୍ପିୟନ୍ସ ଟ୍ରଫି ବିବାଦକୁ ହ୍ୟାଣ୍ଡେଲ କରିବା ବେଳେ ପିସିବି ଦେଶର ଆତ୍ମସମ୍ମାନକୁ ମଧ୍ୟ ଧ୍ୟାନରେ ରଖିବା ଦରକାର ବୋଲି ସେ କହିଛନ୍ତି। ଶରିଫ ହେଉଛନ୍ତି




ପାକିସ୍ତାନ କ୍ରିକେଟ ବୋର୍ଡର ସଂସ୍ଥାପକ ମୁଖ୍ୟ। ସେହି ହିସାବରେ ସେ ନକଭୀଙ୍କୁ କହିଛନ୍ତି ଯେ କେବଳ ଏହା ଟଙ୍କାର ପ୍ରସଙ୍ଗ ନୁହେଁ। ଚାମ୍ପିୟନ୍ସ ଟ୍ରଫି ଉପରେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ପାକିସ୍ତାନର ଲୋକଙ୍କ ଭାବନାକୁ ମଧ୍ୟ ବିଚାରକୁ ନେବା ଉଚିତ। ଆଇସିସି ଦେଇଥିବା ହାଇବ୍ରିଡ ମଡେଲ ସମ୍ପର୍କରେ ରବିବାର ନକବୀ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶରିଫଙ୍କୁ ଅବଗତ କରାଇଛନ୍ତି। ହେଲେ ବୈଠକର ସମ୍ପର୍କରେ ବିସ୍ତୃତ ତଥ୍ୟ ଦେଇ ନାହାନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ପ୍ରଧାନମନ୍ତ୍ରୀ ଶରିଫ ସଂପୂର୍ଣ୍ଣ ସମର୍ଥନର ପ୍ରତିଶ୍ରୁତି ପିସିବିକୁ ଦେଇଛନ୍ତି। ଭାରତ ଚାମ୍ପିୟନ୍ସ ଟ୍ରଫି ଖେଳିବା ପାଇଁ ପାକିସ୍ତାନକୁ ଆସବନି କହିବା ପରେ ପିସିବି ନେଇଥିବା ପଦକ୍ଷେପକୁ ମଧ୍ୟ ସେ ପ୍ରଶଂସା କରିଛନ୍ତି।

ପିସିବି ନେଇଥିବା ପଦକ୍ଷେପ ସମସ୍ତ ପାକିସ୍ତାନୀଙ୍କ ଭାବନାକୁ ପ୍ରତିଫଳିତ କରୁଛି। ଭାରତ ଏଠାକୁ ଆସିବାକୁ ମନା କରୁଥିବାରୁ ପାକିସ୍ତାନ ମଧ୍ୟ କୌଣସି ଆଇସିସି ଇଭେଣ୍ଟ ଖେଳିବାକୁ ଭାରତ ଯିବ ନାହିଁ ବୋଲି ପିସିବି ସର୍ତ୍ତ ରଖିଛି। ତେଣୁ ଏହାକୁ ଶରିଫ ଉଚିତ ନିଷ୍ପତ୍ତି ବୋଲି କହିଛନ୍ତି। ଏବେ ଚାମ୍ପିୟନ୍ସ ଟ୍ରଫି ଉପରେ ଯାହା ବି ନିଷ୍ପତ୍ତି ହେବ, ପ୍ରଥମେ ନକବୀ ପ୍ରଧାନମନ୍ତ୍ରୀ ଶରିଫଙ୍କୁ ଜଣାଇବେ। ସରକାରଙ୍କ ପରାମର୍ଶ ପରେ ପିସିବି ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ ବୋଲି ଜଣାପଡ଼ିଛି।

## ମହମ୍ମଦ ସିରାଜ-ଟ୍ରାଭିସ ହେଡ୍‌ଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବ ଆଇସିସି !

**ନୂଆଦିଲ୍ଲୀ,୯।୧୨:** ବ୍ରିସବେନ ଟେଷ୍ଟ ପୂର୍ବରୁ ମହମ୍ମଦ ସିରାଜ ଏବଂ ଟ୍ରାଭିସ ହେଡ୍‌ଙ୍କ ମଧ୍ୟରେ ହୋଇଥିବା ବିବାଦ ବନ୍ଦ ହେବାର କୌଣସି ନା ନେଉନାହିଁ। ବାସ୍ତବରେ, ଆଡିଲେଡରେ ଖେଳାଯାଇଥିବା ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟ ମ୍ୟାଚ ସମୟରେ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜ ଏବଂ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ଟ୍ରାଭିସ ହେଡ୍‌ଙ୍କ ମଧ୍ୟରେ ତୀବ୍ର ଯୁକ୍ତିତର୍କ କ୍ରିକେଟ ଜଗତରେ




ଆଲୋଡ଼ନ ସୃଷ୍ଟି କରିଛି। ଏହି ମ୍ୟାଚରେ ଅଷ୍ଟ୍ରେଲିଆ ଭାରତକୁ ୧୦ ଉଇକେଟ୍‌ରେ ପରାସ୍ତ କରି ସିରିଜକୁ ୧-୧ରେ ବରାବର କରିଛି। କିନ୍ତୁ ମ୍ୟାଚ ସମୟରେ ଘଟିଥିବା ଏହି ଘଟଣା ଖେଳର ଭାବନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣା ଆଡିଲେଡ ଟେଷ୍ଟରେ ଘଟିଥିଲା ଯେତେବେଳେ ଅଷ୍ଟ୍ରେଲିଆର ପ୍ରଥମ ଇନିଂସର ୮୨ତମ ଓଭରରେ ମହମ୍ମଦ ସିରାଜ ଚମତ୍କାର ଇନ୍‌ସ୍ୱିଙ୍ଗ ୟର୍କର ସହିତ ଟ୍ରାଭିସ ହେଡ୍‌ଙ୍କୁ କ୍ଲିନ୍ ବୋଲ୍ଡ କରିଦେଇଥିଲେ। ଉଇକେଟ୍ ନେବା ପରେ ସିରାଜ ଦର୍ଶକଙ୍କ ଆଡକୁ ଇସାରା କରି ଆକ୍ରୋଶମୂଳକ ଭାବେ ଖୁସି ମନାଇଥିଲେ। ଟ୍ରାଭିସ ହେଡ ଏହି କାର୍ଯ୍ୟକୁ ପସନ୍ଦ କରିନଥିଲେ ଏବଂ ସିରାଜଙ୍କୁ କିଛି କହିଥିଲେ। ଯଦିଓ ଏହି ହେଡ ପ୍ୟାଭିଲିୟନକୁ ଫେରିଥିଲେ, କିନ୍ତୁ ଅଷ୍ଟ୍ରେଲୀୟ ଦର୍ଶକମାନେ ସିରାଜଙ୍କ କାର୍ଯ୍ୟରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଘଟଣା ପାଇଁ ଉଭୟ ମହମ୍ମଦ ସିରାଜ ଏବଂ ଟ୍ରାଭିସ ହେଡ ଆଇସିସି ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇପାରନ୍ତି। ତେବେ ବିଶେଷଜ୍ଞମାନେ କହିଛନ୍ତି ଯେ ଏହିପରି ଘଟଣା ସାଧାରଣତଃ । ଉଭୟ ଖେଳାଳିଙ୍କ ପାଇଁ ନିଲମ୍ବନ ହେବାର ସମ୍ଭାବନା କମ ଥାଏ।

# ଷ୍ଟାଡିୟମ ସ୍ଥିତି ପରଖିଲେ ହକି ଇଣ୍ଡିଆ ପ୍ରତିନିଧି




**ରାଉରକେଲା, ୯।୧୨:** ପୁଣି ଥରେ ରାଉରକେଲାକୁ ଫେରିବ ହକି। ଆସନ୍ତା ୨୮ ତାରିଖରୁ ସ୍ଥାନୀୟ ବିର୍ସା ମୁଣ୍ଡା ଷ୍ଟାଡିୟମରେ ହକି ଇଣ୍ଡିଆ ଲିଗ୍ ଆରମ୍ଭ ହେବ। ଏଠାରେ ମୋଟ୍ ୮ଟି ଫ୍ରାଞ୍ଚାଇଜି ସହବନ୍ଧିତ ଭାରତୀୟ ଓ ବିଦେଶୀ ଖେଳାଳି ନିଜର କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନ କରିବେ। ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ହକି ଇଣ୍ଡିଆର ଏକ ପ୍ରତିନିଧି ଦଳ ରାଉରକେଲାରେ ପହଞ୍ଚିଛନ୍ତି। ରବିବାର ପୂର୍ବାହ୍ନରେ ପ୍ରତିନିଧି ଦଳ ବିର୍ସା ମୁଣ୍ଡା ଷ୍ଟାଡିୟମରେ ପହଞ୍ଚି ସୁବିଧାସୁଯୋଗ ତଦାରଖ କରିଥିଲେ। ଆଷ୍ଟ୍ରୋଟର୍ଫ୍ ସମେତ ଦର୍ଶକ ଗ୍ୟାଲେରୀ, ଶୌଚାଳୟ, ପାର୍କିଂସ୍ଥଳୀ, ପ୍ରବେଶ ପଥ, ଆଦି ଆନୁସଙ୍ଗିକ ବ୍ୟବସ୍ଥା ବୁଲି ଦେଖିଥିଲେ। ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ସମୀକ୍ଷା ବୈଠକରେ

### ୨୮ରୁ ହକି ଇଣ୍ଡିଆ ଲିଗ୍

ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ସମସ୍ତ ୮ଟି ଫ୍ରାଞ୍ଚାଇଜ୍‌ର ଖେଳାଳି ସ୍ଥାନୀୟ ମେ' ଫେୟାର ବିଶ୍ୱକପ ଗ୍ରାମରେ ରହିବେ। ଡିସେମ୍ବର ୨୦ ତାରିଖ ପରେ ଖେଳାଳିମାନେ ରାଉରକେଲାରେ ପହଞ୍ଚି ଅଭ୍ୟାସ ଆରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ଷ୍ଟାଡିୟମକୁ ଆନୁଷ୍ଠାନିକଭାବେ ହକି ଇଣ୍ଡିଆକୁ ହସ୍ତାନ୍ତର କରାଯାଇଛି। ତେବେ ଏଥର ଦର୍ଶକଙ୍କ ପାଇଁ ନିଃଶୁଳ୍କ ପ୍ରବେଶ ରହିବ ନା ଟିକଟ ଦର ଧାର୍ଯ୍ୟ ହେବ, ତାହା ଏଯାଏ ଚୂଡ଼ାନ୍ତ ହୋଇନାହିଁ। ଏହି ପ୍ରତିନିଧି ଦଳରେ ହକି ଇଣ୍ଡିଆ ଯୁଗ୍ମ ନିର୍ଦ୍ଦେଶକ ବି.ଏନ. ନିର୍ଦ୍ଦେଶକ, ରାଜ୍ୟ କ୍ରୀଡ଼ା ଉପ ନିର୍ଦ୍ଦେଶକ ସୁଦୀପ୍ତ ନାୟକଙ୍କ ସମେତ ହକି ଇଣ୍ଡିଆ ବୈଷୟିକ ବିଭାଗ, ପ୍ରସାରଣ ବିଭାଗର ପଦାଧିକାରୀ ସାମିଲଥିଲେ।

## ବିଶ୍ୱ ଚେସ୍ ଚାମ୍ପିଅନସିପ୍

# ଲିରେନଙ୍କୁ ହରାଇଲେ ଗୁକେଶ

**ସିଙ୍ଗାପୁର,୯।୧୨:** ବିଶ୍ୱ ଚେସ୍ ଚାମ୍ପିଅନସିପ୍ ମୁକାବିଲାର ୧୧ତମ ରାଉଣ୍ଡ୍‌ରେ ଡିଫେଣ୍ଡିଂ ଚାମ୍ପିଅନ୍ ଚୀନର ଡିଙ୍ଗ୍ ଲିରେନଙ୍କୁ ହରାଇ ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ ଟାଇଟଲ୍ ପଥରେ ଅଗ୍ରସର ହୋଇଛନ୍ତି। ଏହି ବିଜୟ ବଳରେ ସେ ୬-୫ ପଏଣ୍ଟରେ ଅଗ୍ରଣୀ ହାସଲ କରିଛନ୍ତି। ଆଉ ୩ ରାଉଣ୍ଡ୍ ଖେଳ ବାକି ରହିଛି। ଗୁକେଶଙ୍କ ନିକଟରେ ସର୍ବକନିଷ୍ଠ ବିଶ୍ୱ ଚାମ୍ପିଅନ୍ ହେବାର ସୁବର୍ଣ୍ଣ ସୁଯୋଗ ରହିଛି। ଆଉ ୧.୫ ପଏଣ୍ଟ ହାସଲ କଲେ ସେ ପ୍ରସିଦ୍ଧ ଖେଳାଳି ବିଶ୍ୱନାଥନ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ବିଶ୍ୱ ଚାମ୍ପିଅନ୍ ମୁକୁଟ ପରିଧାନ କରିବେ। ୧୧ତମ ରାଉଣ୍ଡ୍‌ରେ କ୍ୟାଣ୍ଡିଡେଟ୍ସ ଚାମ୍ପିଅନ୍ ଗୁକେଶ ଧଳା

### ୬-୫ ପଏଣ୍ଟରେ ଆଗୁଆ



ଏବଂ ଲିରେନ କଳା ଗୋଟିରେ ଖେଳିଥିଲେ। ଗୁକେଶ ପ୍ରଥମେ ଘୋଡ଼ାକୁ ଆଗକୁ ବଢ଼ାଇଥିଲେ। ମାତ୍ର ଲିରେନ ବେନୋନି ଓପନିଂ ରଣନୀତି ସହ ଗୋଟି ଚାଳନା କରି ତାଙ୍କୁ ଚକିତ କରି ଦେଇଥିଲେ। ମାତ୍ର ୫ଟି ଗୋଟି ଚାଳନା ମଧ୍ୟରେ ଚୀନ ତାରକା ବହୁ ସମୟ ଅପଚୟ କରି ସାରିଥିଲେ। ପରବର୍ତ୍ତୀ ଗୋଟି ଚାଳନାରୁ ହିଁ ସେ ଚାପରେ ଥିବା ସ୍ପଷ୍ଟ ବାରି ହୋଇ ପଡ଼ିଥିଲା। ଫଳରେ ସେ ତ୍ରୁଟି କରିଥିଲେ। ଗୁକେଶ ଏହାର ଫାଇଦା ଉଠାଇ ବିଜୟ ପାଇଁ ପଥ ପ୍ରସ୍ତୁତ କରିବାରେ ଲାଗି ପଡ଼ିଥିଲେ। ଶେଷରେ ୨୯ଟି ଗୋଟି ଚାଳନା ପରେ ଲିରେନ ହାର୍ ମାରିଥିଲେ ଏବଂ ଗୁକେଶ ବିଜୟ ହାସଲ କରିଥିଲେ। କ୍ରମାନ୍ୱୟରେ ୭ଟି ରାଉଣ୍ଡ୍ ଡ୍ର' ରହିବା ପରେ ଶେଷରେ ଗୁକେଶ ଚଳିତ ମୁକାବିଲାରେ ଦ୍ୱିତୀୟ ବିଜୟ ସହ ପ୍ରଥମ ଥର ଅଗ୍ରଣୀ ହାସଲ କରିଛନ୍ତି। ଗୁକେଶଙ୍କ ବିଜୟ ପରେ ସେଠାରେ ଉପସ୍ଥିତ ଥିବା ସମର୍ଥକମାନେ ତାଳି ମାରି ତାଙ୍କୁ ଉତ୍ସାହିତ କରିଥିଲେ।

## ଭାରତର ସବୁଠାରୁ ଖରାପ ଟେଷ୍ଟ କ୍ୟାପଟେନ୍ ରୋହିତ



ନୂଆଦିଲ୍ଲୀ ୦୯।୧୨: ଟିମ୍ ଇଣ୍ଡିଆର କ୍ୟାପଟେନ୍ ରୋହିତ ଶର୍ମା। ତାଙ୍କ ଅଧିନାୟକତ୍ୱରେ ଆଡିଲେଡ୍ ଟେଷ୍ଟ ମ୍ୟାଚ ହାରିଛି ଟିମ୍ ଇଣ୍ଡିଆ। ପିଙ୍କ୍ ବଲ୍ ଟେଷ୍ଟ ହାରିବା ପରେ ଏବେ ରୋହିତ ଶର୍ମାଙ୍କ ଅଧିନାୟକତ୍ୱକୁ ନେଇ ଉଠିଛି ପ୍ରଶ୍ନ। କଣ ବାସ୍ତବରେ ରୋହିତ ଶର୍ମା ସବୁଠାରୁ ଖରାପ ଟେଷ୍ଟ ଅଧିନାୟକ କି ? ରୋହିତ ଶର୍ମା। ନିଜର ଫର୍ମ ପାଇଁ ଚର୍ଚ୍ଚାରେ। ଅନେକ ସମୟରୁ ସେ ଖରାପ ଫର୍ମରେ ଅଛନ୍ତି। ହିଟମ୍ୟାନ୍ ଙ୍କ ଅଧିନାୟକତ୍ୱରେ ଲଗାତର ଅନେକ ମ୍ୟାଚ ହାରୁଛି ଟିମ୍ ଇଣ୍ଡିଆ। ତେବେ ସେ ଭାରତୀୟ କ୍ୟାପଟେନ୍ ଭାବେ ୪ରୁ ଅଧିକ ଟେଷ୍ଟ ମ୍ୟାଚ ହାରିଥିବା ତୃତୀୟ କ୍ୟାପଟେନ ହୋଇଛନ୍ତି। ଭାରତ ପାଇଁ ଅଧିନାୟକ ଭାବରେ କ୍ରମାଗତ ପରାଜୟର ସମ୍ମୁଖୀନ ହେବାର ରେକର୍ଡ ମନସୁର ଅଲି ଖାନ ପଟୌଦିଙ୍କ ନାଁରେ ରହିଛି। ଯିଏକି ୧୯୬୭-୬୮ ମସିହାରେ ଅଧିନାୟକ ଥିବାବେଳେ କ୍ରମାଗତ ୬ଟି ଟେଷ୍ଟ ମ୍ୟାଚ୍ ହାରିଥିଲେ। ଭେଟେରାନ ସଚିନ ତେନ୍ଦୁଲକର ଏହି ଲିଷ୍ଟର ଦ୍ୱିତୀୟ ସ୍ଥାନରେ ଅଛନ୍ତି। ୧୯୯୯-୨୦୦୦ ମସିହାରେ ତେନ୍ଦୁଲକର ଭାରତ ପାଇଁ ଅଧିନାୟକ ଭାବରେ କ୍ରମାଗତ ୫ଟି ଟେଷ୍ଟ ହାରିଥିଲେ। ଏହାପରେ ଦତ୍ତ ଗାଇକୱାଡ ୧୯୫୯ରେ, ଏମଏସ ଧୋନି ୨୦୧୧ ଏବଂ ୨୦୧୪, ବିରାଟ କୋହଲି ୨୦୨୦-୨୧ ଏବଂ ରୋହିତ ଶର୍ମା ୨୦୨୪ରେ କ୍ରମାଗତ ୪ଟି ଲେଖାଏଁ ପରାଜୟ ସହ ଭାରତୀୟ ଅଧିନାୟକ ଭାବରେ ତୃତୀୟ ସ୍ଥାନରେ ରହିଛନ୍ତି। ଯଦି ରୋହିତ ଶର୍ମାଙ୍କ କ୍ୟାରିୟର ଉପରେ ନଜର ପକାଇବା ତେବେ ରୋହିତ ଶର୍ମା ଏପର୍ଯ୍ୟନ୍ତ ଟିମ୍ ଇଣ୍ଡିଆ ପାଇଁ ୬୫ଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି। ଏହି ମ୍ୟାଚ ଗୁଡ଼ିକର ୧୧୩ଟି ପାଳିରେ ସେ ୪୧.୫୪ ଆଭରେଜରେ ୪୩୭୯ ରନ୍ କରିଛନ୍ତି। ଏହି ସମୟ ମଧ୍ୟରେ ସେ ୧୨ଟି ଶତକ ଏବଂ ୧୮ଟି ଅର୍ଦ୍ଧଶତକ ଲଗାଇଛନ୍ତି। ଯେଉଁଥିରେ ତାଙ୍କର ହାଇସ୍କୋର ରହିଛି ୨୧୨।

# ଓସିଏ ଚୟନ କମିଟି ଅଧ୍ୟକ୍ଷଙ୍କ ଉପରେ ବର୍ଷିଲେ ସୂର୍ଯ୍ୟକାନ୍ତ

**ଭୁବନେଶ୍ୱର,୯।୧୨:** ସୟଦ ମୁସ୍ତାକ ଅଲି ଟ୍ରଫିରେ (ଟି-ଟ୍ୱେଣ୍ଟି) ଓଡ଼ିଶା ଅତି ନୈରାଶ୍ୟଜନକ ପ୍ରଦର୍ଶନ କରି ଗ୍ରୁପ୍ ପର୍ଯ୍ୟାୟରେ ମାତ୍ର ଗୋଟିଏ ମ୍ୟାଚ୍ ଜିତିବାରେ ସଫଳ ହୋଇଥିଲା। ଦଳର ଏହି ବିଫଳତା ପାଇଁ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ)ର ସିନିୟର ଚୟନ କମିଟି ଅଧ୍ୟକ୍ଷ ଅମିୟ ରାୟଙ୍କୁ ସିଧାସଳଖ ଦାୟୀ କରିଛନ୍ତି ବରିଷ୍ଠ ଦ୍ରୁତ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନ। ଦଳ ଚୟନରେ ପାତରଅନ୍ତର କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ଓସିଏ ତରଫରୁ ଏ ବିଷୟରେ କୌଣସି ପ୍ରତିକ୍ରିୟା ଆସିନାହିଁ।

ସୂର୍ଯ୍ୟକାନ୍ତ କହିଛନ୍ତି, 'ଖେଳାଳିଙ୍କ ପ୍ରଦର୍ଶନକୁ ଗୁରୁତ୍ୱ ନଦେଇ ଚୟନ କମିଟି ଅଧ୍ୟକ୍ଷ ଅମିୟ ରାୟ ନିଜ ପରିଚିତ କ୍ଲବ୍‌ର ଖେଳାଳିମାନଙ୍କୁ ଟି-ଟ୍ୱେଣ୍ଟି ଦଳରେ ସୁଯୋଗ ଦେଲେ। ଯଦି ମୋ କଥା କହିବି, ଗତ ଓଡ଼ିଶା ପ୍ରିମିୟର ଲିଗ୍ (ଓପିଏଲ୍)ରେ ଗୋଟିଏ ଦଳର ନେତୃତ୍ୱ ନେବା ସହ ପ୍ଲେୟାର ଅଫ୍ ଦ ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲି। ଧଳା ବଲରେ ଭଲ ପ୍ରଦର୍ଶନ ସତ୍ତ୍ୱେ ମୋତେ ସୁଯୋଗ ଦେଲେ ନାହିଁ। ଯଦି ଦଳ ଚୟନରେ ପ୍ରଦର୍ଶନକୁ ଗୁରୁତ୍ୱ ଦିଆ ନଯିବ ତେବେ ଓପିଏଲ୍ କାହିଁକି ଖେଳାଯାଉଛି ?' ୩୧ ବର୍ଷୀୟ ସୂର୍ଯ୍ୟକାନ୍ତ ଦୀର୍ଘ ୧୧ବର୍ଷ ଧରି ଓଡ଼ିଶା ସିନିୟର କ୍ରିକେଟ ଦଳର ସଦସ୍ୟ ରହିଆସିଛନ୍ତି। ଚଳିତ ରଣଜୀ ସିଜନରେ ସେ ଜାମ୍ମୁ-କାଶ୍ମୀର, ବରୋଦା, ମୁମ୍ବାଇ ଓ ମହାରାଷ୍ଟ୍ର ବିପକ୍ଷରେ ମ୍ୟାଚ୍ ଖେଳି ୭ ୱିକେଟ୍ ହାସଲ କରିବାରେ ସଫଳ ହୋଇଛନ୍ତି। ଦୀର୍ଘ ଦିନ ଧରି କିଛି ଖେଳାଳି ଅଭିଜ୍ଞତା ଆଧାରରେ ଓଡ଼ିଶା ଦଳରେ ସୁଯୋଗ ପାଉଛନ୍ତି। ଯେଉଁଥିପାଇଁ ଦଳର ପ୍ରଦର୍ଶନ ଜାତୀୟ ସ୍ତରରେ ଆଦୌ ଭଲ ରହୁନି। ନୂଆ ଖେଳାଳିଙ୍କୁ ସୁଯୋଗ ଦେଇ ଆଗକୁ ଆଇପିଏଲ୍, ଟିମ୍ ଇଣ୍ଡିଆ ପାଇଁ ଖେଳାଳି ବାହାର କରିବାକୁ ଚୟନ କମିଟି ଉଦ୍ୟମ କରୁଥିବା କୁହାଯାଉଛି। ଚୟନକମିଟିର ଏଭଳି




### ପରିଚିତ ଖେଳାଳିଙ୍କୁ ଦେଉଛନ୍ତି ସୁଯୋଗ

ଚିନ୍ତାଧାରାକୁ ସୂର୍ଯ୍ୟକାନ୍ତ ଖଣ୍ଡନ କରିଛନ୍ତି। 'କେବଳ ଅଧ୍ୟକ୍ଷ ନୁହଁନ୍ତି, କମିଟିର ଅନ୍ୟ ସଦସ୍ୟମାନେ ମଧ୍ୟ ସେମିତି କରୁଛନ୍ତି। ନିଜ ପିଲାଙ୍କୁ ଖେଳାଉଛନ୍ତି। ଫଳରେ ପ୍ରତିଭା ଓ ପ୍ରଦର୍ଶନକୁ ବିଚାର କରୁ ନାହାନ୍ତି। ଭଲ ଖେଳାଳି ଦଳରୁ ବାଦ ପଡୁଛନ୍ତି। ସୟଦ ମୁସ୍ତାକ ଅଲିରେ ଦଳର ପ୍ରଦର୍ଶନ ପାଇଁ କେବଳ ଚୟନ କମିଟି ହିଁ ଦାୟୀ। ଯଦି ଠିକ୍ ଭାବେ ଦଳ ଚୟନ ନହେବ ପ୍ରଦର୍ଶନ କେମିତି ଭଲ ରହିବ। ଚୟନକର୍ତ୍ତା ମାନେ ଟ୍ରାଏଲ୍ସ ମ୍ୟାଚ ସମୟରେ ନିଦରେ ଶୋଇ ପଡୁଛନ୍ତି। ଜଣେ ଚୟନକର୍ତ୍ତା ଢୁଳାଉଥିବାର ଏକ ଫଟୋ ମଧ୍ୟ ଭାଇରାଲ୍ ହୋଇଛି ବୋଲି ସୂର୍ଯ୍ୟକାନ୍ତ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, 'ଦଳ ଚୟନରେ ଏଭଳି ଅନିୟମିତତା ପାଇଁ ଓସିଏ ସମ୍ପାଦକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ। ଧଳା ବଲରେ ଭଲ ପ୍ରଦର୍ଶନ କଲେ ସୁଯୋଗ ନାହିଁ। କିନ୍ତୁ ୨ ବର୍ଷ ଧରି ଭଲ ପ୍ରଦର୍ଶନ କରି ପାରୁ ନଥିବା ଖେଳାଳି ଶିବିରରେ ନଥାଇ ମଧ୍ୟ ଦଳରେ ସୁଯୋଗ ପାଇଲେ। ଏଭଳି ହେଲେ ଓଡ଼ିଶା କ୍ରିକେଟ୍ କେମିତି ଆଗେଇବ କୁହନ୍ତୁ। ତେଣୁ ମୋର ବିଶ୍ୱାସ ଓସିଏ ଏ ଦିଗରେ ଦୃଷ୍ଟି ଦେବେ।' ସୟଦ ମୁସ୍ତାକ ଅଲି ଟ୍ରଫିରେ ଓଡ଼ିଶା ଗ୍ରୁପ୍ ଡି'ରେ ସାମିଲ ରହିଥିଲା। କେବଳ ଗୋଟିଏ ମ୍ୟାଚ୍ ଆସାମ ଠାରୁ ଦଳ ବିଜୟୀ ହୋଇଥିଲା। ୪ଟି ମ୍ୟାଚ୍‌ରେ ପରାଜୟ ଏବଂ ଗୋଟିଏ ମ୍ୟାଚ୍ ବର୍ଷା ଯୋଗୁ ଧୋଇ ଯାଇଥିଲା। ମୋଟରେ ୬ ପଏଣ୍ଟ ସହ ଟେବୁଲରେ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଶ୍ୱ ଦରବାରରେ...

କହିଥିଲେ । ସମୀକ୍ଷାରୁ ଜଣାପଡ଼ିଛି ଯେ ପ୍ରଥମ ଦିନ ଜାନୁଆରୀ ୮ ତାରିଖରେ ବୈଦେଶିକ ବ୍ୟାପାର ମନ୍ତ୍ରୀ, ଦ୍ୱିତୀୟ ଦିନ ଜାନୁଆରୀ ୯ ତାରିଖରେ ପ୍ରଧାନମନ୍ତ୍ରୀ ଓ ଶେଷ ଦିନ ଜାନୁଆରୀ ୧୦ ତାରିଖରେ ରାଷ୍ଟ୍ରପତି ଏଥିରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହା ସହିତ ଓଡ଼ିଶାର ଐତିହାସିକ ଗୌରବ, କଳା, ଭାସ୍କର୍ଯ୍ୟ, ସଂଗୀତ, ନୃତ୍ୟ, ଆଦିବାସୀ ସଂସ୍କୃତି, ଭାଷା, ସାହିତ୍ୟ, ପର୍ଯ୍ୟଟନ ସ୍ଥାନ ଆଦି ବିଭିନ୍ନ ବିଷୟ ଉପରେ ଡିଜିଟାଲ ଓ ଅନ୍ୟାନ୍ୟ ମାଧ୍ୟମରେ ଉପସ୍ଥାପନ କରାଯିବ। ୨୦୩୬ ଓ ୨୦୪୭କୁ ଦୃଷ୍ଟିରେ ରଖି ଓଡ଼ିଶାର ଭିଜନକୁ ମଧ୍ୟ ପ୍ରଦର୍ଶନ କରାଯିବ। ଏହି ସମୟରେ ଭୁବନେଶ୍ୱରରେ ପ୍ରାୟ ୧୦ଟି ମହୋତ୍ସବ ଆୟୋଜିତ ହେବ। ଏହିସବୁ ଉତ୍ସବ ଗୁଡ଼ିକ ହେଉଛି - ରାଜାରାଣୀ ମ୍ୟୁଜିକ ଫେଷ୍ଟିଭାଲ ( ଜାନୁଆରୀ ୭-୧୧), ମୁକ୍ତେଶ୍ୱର ଡ୍ୟାନ୍ସ ଫେଷ୍ଟିଭାଲ (ଜାନୁଆରୀ ୭-୧୧), ଇଣ୍ଟରନ୍ୟାସନାଲ ଓଡିଶୀ ଡ୍ୟାନ୍ସ ଫେଷ୍ଟିଭାଲ (ଜାନୁଆରୀ ୭-୧୧), ଆଦିବାସୀ ନୃତ୍ୟ ଓ ଲୋକକଳା ଫେଷ୍ଟିଭାଲ (ଜାନୁଆରୀ ୭-୧୧), ଆଦିବାସୀ ମେଳା (ଜାନୁଆରୀ ୫-୧୫), ଚିଲିକା ବାର୍ଡ ଫେଷ୍ଟିଭାଲ (ଜାନୁଆରୀ ୬-୧୨), ଫ୍ଲାୱାର ସୋ (ଜାନୁଆରୀ ୭-୧୧), ଫୁଡ୍ ଫେଷ୍ଟ (ଜାନୁଆରୀ ୮-୧୦) ଓ ନାଇଟ୍ ଫ୍ଲି ମାର୍କେଟ (ଜାନୁଆରୀ ୮-୧୦)। ଏହି କାର୍ଯ୍ୟକ୍ରମ ପାଇଁ ଭୁବନେଶ୍ୱରର ସମସ୍ତ ରାସ୍ତାଘାଟର ନବୀକରଣ, ଆଲୋକୀକରଣ, ଆକର୍ଷଣୀୟ ସାଜସଜ୍ଜା ସହିତ ଅତିଥି ମାନଙ୍କ ପାଇଁ ହୋଟେଲ ବୁକିଂ ଆଦି ଜାରି ରହିଛି । ପର୍ଯ୍ୟଟନ ସ୍ଥାନ ଗୁଡ଼ିକର ସୌନ୍ଦର୍ଯ୍ୟକରଣ କରାଯାଉଛି। ଭୁବନେଶ୍ୱର, ପୁରୀ, କୋଣାର୍କ, ଯାଜପୁର ଆଦି ବିଭିନ୍ନ ସହରରେ ୨୮ଟି ପର୍ଯ୍ୟଟନ ସ୍ଥଳୀକୁ ଅତିଥି ମାନଙ୍କୁ ନେବା ପାଇଁ ବ୍ୟବସ୍ଥା କରାଯାଉଛି। ପ୍ରାୟ ୭୫୦୦ ଡେଲିଗେଟ୍ ଯୋଗ ଦେବାର ସମ୍ଭାବନା ରହିଛି । ଅତିଥି ମାନଙ୍କ ପାଇଁ ୩୭୦୦ରୁ ଅଧିକ ରୁମ୍ ବୁକିଂ କରାଯାଇଥିବା ବେଳେ, କେତେକ ସ୍ଥାନରେ ହୋମ୍ ଷ୍ଟେ ର ବ୍ୟବସ୍ଥା ମଧ୍ୟ କରାଯାଇଛି। କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଗଠିତ ହେଇଥିବା ବିଭିନ୍ନ କମିଟି ନିୟମିତ ବୈଠକ କରି ପ୍ରସ୍ତୁତିକୁ ତ୍ୱରାନ୍ୱିତ କରୁଛନ୍ତି। ଏହି ବୈଠକରେ ଦୁଇ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡା, ନଗର ଉନ୍ନୟନ ଓ ଗୃହ ନିର୍ମାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ ।

### ଶ୍ରମିକ କଲ୍ୟାଣ...

ଜୁଲାଇ ୨୦୨୦ ସୁଦ୍ଧା ବୋର୍ଡ ୪୧ ଲକ୍ଷ ୭୦ ହଜାର ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଥିବା ବେଳେ ୩୬ ଲକ୍ଷ ୭୪ ହଜାର ଶ୍ରମିକଙ୍କ ପଂଜିକରଣ କରିଥିଲା। କୋଭିଡ ମହାମାରି ସମୟରେ ଘରକୁ ଫେରିଥିବା ଶ୍ରମିକଙ୍କ ମଧ୍ୟ ପଂଜିକରଣ ହୋଇନଥିଲା। ଏଥିପାଇଁ ସିଏଜି ୫ ଜିଲ୍ଲାର ନମୂନା ପରୀକ୍ଷା କରିଥିଲେ। ଏହି ୫ ଜିଲ୍ଲାକୁ ୩୮ ହଜାର ୨୩ଜଣ ଶ୍ରମିକ ଅନ୍ୟ ରାଜ୍ୟରୁ ଫେରିଥିଲେ। ମାତ୍ର ସେମଧ୍ୟରୁ ମାତ୍ର ୩ହଜାର ୪୫୭ଜଣ ପ୍ରବାସୀ ଶ୍ରମିକ ବୋର୍ଡରେ ପଂଜିକୃତ ହୋଇଥିଲେ। ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କାର୍ଯ୍ୟ କ୍ଷେତ୍ରରେ ୬୬.୧୨ ଲକ୍ଷ ଟଙ୍କାର ସେସ୍ ଆଦାୟ ହୋଇନଥିଲା। ସେହିପରି ୪୧୮ଟି କାର୍ଯ୍ୟରେ ଡିମାଣ୍ଡ ଡ୍ରାଫ୍ଟ ଓ ଚେକ ମାଧ୍ୟମରେ ସଂଗ୍ରହ ହୋଇଥିବା ୫ କୋଟି ୭୨ ଲକ୍ଷ ଟଙ୍କା ସେସ ବୋର୍ଡ ଆକାଉଣ୍ଟରେ ଜମା ହୋଇନଥିଲା। ୨୦୧୭-୧୮ରୁ ୨୦୨୧-୨୨ ମଧ୍ୟରେ ଚାରୋଟି ଉନ୍ନୟନ କର୍ତ୍ତୃପକ୍ଷ କାର୍ଯ୍ୟନିର୍ବାହୀଙ୍କ ଠାରୁ ଆଦାୟ କରିଥିବା ୧୩ କୋଟି ୯୭ ଲକ୍ଷ ଟଙ୍କାର ସେସ୍ ଜମା କରିନଥିଲେ। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ବୋର୍ଡ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ମାଧ୍ୟମରେ ଅନ୍ୟାନ୍ୟ ନିର୍ମାଣ ଶ୍ରମିକଙ୍କ ପାଇଁ କଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରୀ କରୁଥିଲେ। କିନ୍ତୁ ଏବାବଦ ପାଣ୍ଠିର ବିନିଯୋଗ ଓ ଅଗ୍ରଗତିର ସମୀକ୍ଷା ବୋର୍ଡ ଦ୍ୱାରା ହେଉନଥିଲା। ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ପାଣ୍ଠି ଅନ୍ୟ କାମରେ ଖର୍ଚ୍ଚ ହେଉଥିବା ସିଏଜି ଦର୍ଶାଇଛନ୍ତି।

### ଗୋଟିଏ ଯାଗାରେ...

ଜମି ନେଇ ତିନୋଟି ସଂଘ କିଭଳି ଗୋଟିଏ ସ୍ଥାନରେ ପରିଚାଳିତ ହେଉଛି ସେନେଇ ପ୍ରଶ୍ନ ଉଠାଇଛନ୍ତି ପ୍ରଦ୍ୟୁମ୍ନ। ସେହିଭଳି କଲେଜ ଓ ଉଚ୍ଚ ବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ତାଲିମ ଦେବାକୁ ଆରମ୍ଭ ହୋଇଥିବା ନିର୍ଭୟା ସେଲ୍ଫ ଡିଫେନ୍ସ ଏକାଡେମୀ ଉଭୟ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଓ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟରୁ ନିୟମିତ ଭାବେ କିଭଳି ଛାତ୍ରଛାତ୍ରୀଙ୍କ ପ୍ରଶିକ୍ଷଣ ପାଇଁ ଟେଣ୍ଡର ପାଉଛି ସେ ନେଇ ପ୍ରଦ୍ୟୁମ୍ନ ପ୍ରଶ୍ନ ଉଠାଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଏହି ଟେଣ୍ଡର ପାଇଁ ଉତ୍କଳ କରାଟେ ସ୍କୁଲ ତିନି ପତି ଖେଳ କରୁଛି। ଅର୍ଥାତ ଏହି ଟେଣ୍ଡର ପାଇଁ ତିନି ଜଣେ ବୁଝାମଣା ଭିତ୍ତିରେ ଟେଣ୍ଡର ପକାଉଛନ୍ତି ଏବଂ ସେଥିରେ ଉତ୍କଳ କରାଟେ ସ୍କୁଲର ଟେଣ୍ଡର ମୂଲ୍ୟ ସବୁଠୁ କମ ରହୁଥିବାରୁ ତାକୁ କାର୍ଯ୍ୟାଦେଶ ମିଳୁଛି ବୋଲି ପ୍ରଦ୍ୟୁମ୍ନ ଅଭିଯୋଗ କରିଛନ୍ତି। ପ୍ରଦ୍ୟୁମ୍ନ କରିଥିବା ଅଭିଯୋଗ ଉପରେ ଉତ୍କଳ କରାଟେ ସ୍କୁଲର ସଭାପତି ଓ ସାଧାରଣ ପ୍ରଶାସନ ବିଭାଗର ପ୍ରତିକ୍ରିୟା ମିଳିପାରିନାହିଁ।

### ଅଜଣା...

ଉତ୍ତର ଖୋଦ ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବା ଦରକାର। ମହିଳାଙ୍କୁ ରାଜରାସ୍ତାରେ ଠିଆ କରାଇ ସେଥିରୁ ଯେଭଳି ରାଜନୀତିର ରୁଟି ସେକିବାକୁ ଉଦ୍ୟମ ଚାଲିଛି ତାହା ଆଦୌ ସୁସ୍ଥ ରାଜନୀତି ନୁହେଁ ବୋଲି ଅନେକ କହୁଛନ୍ତି। ଯେଉଁମାନଙ୍କ ବଳରେ ତିନି ତିନିଟି ନିର୍ବାଚନ ବୈତରଣୀ ପାର ହେଲ ସେମାନଙ୍କୁ ଆଜି ଏକ ପ୍ରକାର ବଡଦାଣ୍ଡରେ ଛିଡା କରାଇ ନୂଆ ସରକାରକୁ ଗାଳିଦେବା ଅପେକ୍ଷା ନିଜର ଅପାରଗତା ଓ ହୀନ ରାଜନୀତିର ସତ କହିବା ଆବଶ୍ୟକ ବୋଲି ମତପ୍ରକାଶ ପାଉଛି।

### ଡେପୁଟେସନରେ...

ଓଡ଼ିଶା କ୍ୟାଡର ଆଇଏଏସ୍ ହୋଇଥିବାବେଳେ ପାଣ୍ଡିଆନ ପଞ୍ଜାବ କ୍ୟାଡରରେ ଥିଲେ। ପରେ କ୍ୟାଡର ବଦଳାଇ ଓଡ଼ିଶା ଆସିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ପଦବୀରେ କାମ କରିବା ପରେ ଧିରେ ଧିରେ ପାଣ୍ଡିଆନ ସର୍ବଶକ୍ତିମାନ ହେଲେ। ଶେଷରେ ଆଇଏଏସ୍ ଚାକିରି ଛାଡି ବିଜେଡିରେ ସାମିଲ ହେଲେ। ହେଲେ ବିଜେଡି ହାରିବାପରେ ସିଏ ନିଜ ଆଡୁ ରାଜନୀତିରୁ ସନ୍ୟାସ ନେଉଥିବା ଘୋଷଣା କଲେ। କିଛିଦିନ ନିରବ ରହିବାପରେ ପାଣ୍ଡିଆନ ଏବେ ନବୀନ ନିବାସରେ ନିଜର ଆସ୍ଥାନ ଜମାଇଛନ୍ତି। ଧିରେ ଧିରେ ସାମାଜିକ କାର୍ଯ୍ୟକ୍ରମରେ ଦେଖା ବି ଦେଉଛନ୍ତି। ଏବେ ବି ତାଙ୍କ ଇଙ୍ଗିତରେ ବିଜେଡି ପରିଚାଳିତ ହେଉଥିବା କୁହାଯାଉଛି। ତେବେ ପାଣ୍ଡିଆନ ସନ୍ୟାସ ନେବାପରେ ସମସ୍ତଙ୍କ ନଜର ସୁଜାତାଙ୍କ ଚାକିରି ଉପରେ ଥିଲା। ତାଙ୍କ ପ୍ରତି ରାଜ୍ୟର ବିଜେପି ସରକାର କି ଆଭିମୁଖ୍ୟ ଗ୍ରହଣ କରିବେ ତାହାକୁ ନେଇ ଚର୍ଚ୍ଚା ଚାଲିଥିଲା। ହେଲେ ଅର୍ଥ ବିଭାଗରେ ଯୋଗଦେଇ ସୁଜାତା ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇଥିଲେ। ଏବେ ଓଡ଼ିଶା ସରକାରରେ ଓଏସ୍‌ଡି ଥିବା ଦୁଇ ଦୁଇ ଜଣ ଆଇପିଏସ୍ ଅଫିସର କେନ୍ଦ୍ରକୁ ଡେପୁଟେସନରେ ଯିବାପରେ ସୁଜା ଖୁବଶୀଘ୍ର କେନ୍ଦ୍ରକୁ ଯିବେ ବୋଲି ଚର୍ଚ୍ଚା ଜୋର ଧରିଛି। ସୁଜାତା ଯଦି କେନ୍ଦ୍ରୀୟ ଡେପୁଟେସନରେ ଯିବେ ତେବେ ନୂଆ ସରକାର ସମୟରେ ସେ ହେବେ ତୃତୀୟ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ।

### ନିର୍ଦ୍ୱନ୍ଦ୍ୱରେ...

ଦାଖଲ କରିଛନ୍ତି। ସେ ରାଜ୍ୟସଭାକୁ ମନୋନୀତ ହେଲେ ଓଡ଼ିଶାର ସ୍ୱାର୍ଥ ପାଇଁ ଉଠୁଥିବା ସ୍ୱର ଅଧିକ ସୁଦୃଢ଼ ହେବ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି। ରାଜ୍ୟସଭା ପ୍ରାର୍ଥୀଭାବେ ଚୟନ କରାଯାଇଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ସୁଜିତ୍ କୁମାର କୃତଜ୍ଞତା ଜଣାଇବା ସହ ରାଜ୍ୟ ସ୍ୱାର୍ଥ ପାଇଁ ସ୍ୱର ଉତ୍ତୋଳନ ଜାରି ରହିବ ବୋଲି କହିଛନ୍ତି। ନାମାଙ୍କନ ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ, ରାଜ୍ୟ ସଭାପତି ମନମୋହନ ସାମଲ, ମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିଧାୟକ ଜୟନାରାୟଣ ମିଶ୍ର, ବରିଷ୍ଠ ନେତା ତଥା ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକଙ୍କ ସମେତ ଦଳୀୟ ବିଧାୟକ ଓ ରାଜ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।ସୂଚନାଯୋଗ୍ୟ, ବିଜେଡି ପରିତ୍ୟାଗ କରି ସୁଜିତ୍ କୁମାର ୬ ସେପ୍ଟେମ୍ବରରେ ବିଜେଡିର ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେଇ ବିଜେପିରେ ମିଶିଥିଲେ।

### ସଞ୍ଜୟ...

ଶକ୍ତି, ଅର୍ଥ ଓ ଟିକସ, ସୂଚନା ପ୍ରଯୁକ୍ତି, ଖଣି ରାଜସ୍ୱ ବିଭାଗରେ ଦୀର୍ଘ ଅଭିଜ୍ଞତା ରହିଛି। କାନପୁର ଆଇଆଇଟିରୁ କମ୍ପ୍ୟୁଟର ସାଇନ୍ସରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ସଞ୍ଜୟ ମାଲହୋତ୍ରା ଆମେରିକାର ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟରୁ ପବ୍ଲିକ ପଲିସିରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ଏହା ବ୍ୟତିତ ଉଚ୍ଚ ରାଜନୈତିକ ମହଲରେ ତାଙ୍କର ବେଶ୍ ସୁନାମ ରହିଛି। ଆରବିଆଇ ଗଭର୍ଣ୍ଣର ଭାବେ ଏବେ ଓଡ଼ିଆ ପୁଅ ଶକ୍ତିକାନ୍ତ ଦାସ କାର୍ଯ୍ୟ କରୁଛନ୍ତି। ତାଙ୍କ କାର୍ଯ୍ୟକାଳ ଆସନ୍ତାକାଲି ଶେଷ ହେଉଛି। ସେ ୨୦୧୮ରୁ ଆରବିଆଇ ଗଭର୍ଣ୍ଣର ଭାବେ କାର୍ଯ୍ୟ କରି ଆସୁଥିଲେ।

### ଥାନାକୁ...

ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ସଂଖ୍ୟା ୧୪୫ ବୋଲି ଜଣାପଡ଼ିଛି। ବୁର୍ଲାରେ ପ୍ରାଣେ ହରାଇଥିବା ବନ୍ଦୀଙ୍କ ସଂଖ୍ୟା ୫୩ ଥିଲା। ଏମ୍‌କେସିଜି ମେଡିକାଲ କଲେଜରେ ଚିକିତ୍ସା ପାଉଥିବା ବନ୍ଦୀଙ୍କ ସଂଖ୍ୟା ୩୦ ଥିବା ଏହି ତଥ୍ୟରୁ ପ୍ରକାଶ।

### ସବୁ ଜିଲ୍ଲାରେ...

ସେସବୁର ଉନ୍ନତିକରଣ ପାଇଁ ୨୫୦ରୁ ୩୦୦ କୋଟି ଟଙ୍କା ଖର୍ଚ୍ଚ ହେଉଛି ବୋଲି ଗୃହରେ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ।

### ଧରାପଡ଼ିଲେ...

ଭିଜିଲାନ୍ସ ଜେରା କରିଛି। ଏହାସହିତ କଟକସ୍ଥିତ ରେଜିଷ୍ଟ୍ରେସନ ଆଇଜିଙ୍କ ଅଫିସରୁ ମଧ୍ୟ ବରିଷ୍ଠ ଅଧିକାରୀଙ୍କ ସହଯୋଗ ନେଇଛି ଭିଜିଲାନ୍ସ। ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ମାମଲା ରୁଜୁ ହୋଇଛି ଓ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ସୂଚନା ଦେଇଛି।

# ଉପକୂଳ ଅଞ୍ଚଳରେ ଧ୍ୱଂସ ପାଉଛି ଜଙ୍ଗଲ

**● ସରକାରୀ ଜମିରେ ମାଳ ମାଳ ଚିଙ୍ଗୁଡ଼ି ଘେରି ● ପ୍ରଶାସନ ସାଜିଛି ଧୃତରାଷ୍ଟ୍ର**



**କାକଟପୁର/ଅସ୍ତରଙ୍ଗ, ୯।୧୨ (ସଂଚାର ବ୍ୟୁରୋ) :** ମହାବାତ୍ୟା ପରଠାରୁ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ଜଙ୍ଗଲର ବିନାଶ ଯୋଗୁଁ ପରିବେଶ ଅସନ୍ତୁଳିତ ହୋଇପଡ଼ିଛି। ଜଙ୍ଗଲ ଧ୍ୱଂସ ପାଇବା ପରେ ସମୁଦ୍ର ଉପକୂଳ ଏବେ ମୁକୁଳା ପଡ଼ିଥିବାରୁ ଅଧିକାଂଶ ସମୟରେ ଅଶାନ୍ତ ସମୁଦ୍ର କୂଳବର୍ତ୍ତୀ ନିକଟବର୍ତ୍ତୀ ଗ୍ରାମ ଚାଷଜମିରେ ଲୁଣା ପାଣି ମାଡ଼ିଯାଉଛି। ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ସାମୁଦ୍ରିକ ଝୁଆରକୁ ମୁକାବିଲା କରିବା ପାଇଁ ପ୍ରାଚୀର ଭାବେ ସହାୟକ ହେଉଥିବା ହେନ୍ତାଳ ବନ ଏକମାତ୍ର ବିକଳ୍ପ ଥିବା ବେଳେ ସୁନ୍ଦରୀ, ବନ୍ଧି ଭଳି ଜଙ୍ଗଲ ଧ୍ୱଂସ ପାଇବାରେ ଲାଗିଛି। କିନ୍ତୁ ସରକାରଙ୍କ ପକ୍ଷରୁ ଜଙ୍ଗଲ ସଂରକ୍ଷଣ କିମ୍ବା ନୂତନ ଜଙ୍ଗଲ ସୃଷ୍ଟି ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ଥିବା ନଜରକୁ ଆସିନାହିଁ। ବଙ୍ଗ ସମୁଦ୍ର କୂଳରେ ଥିବା ବନ୍ଧି, ହେନ୍ତାଳ ଆଦି ଜଙ୍ଗଲ କଟାଯିବା ସହ ନଦୀସ୍ରୋତକୁ ରୋକାଯାଇ ମାଳ ମାଳ ଚିଙ୍ଗୁଡ଼ି ଘେରି କରାଯାଉଛି। ଯାହାକି ଜଙ୍ଗଲ ସୃଷ୍ଟିରେ ବାଧକ ସାଜିଛି। ଶହ ଶହ ଏକର ଗୋଚର ଓ ଜଙ୍ଗଲ ଜମି ଜବରଦଖଲ କରି କିଛି ନିର୍ଦ୍ଦିଷ୍ଟ ସ୍ୱାର୍ଥ ବ୍ୟକ୍ତି ସେଠାରେ ବେଆଇନି ଚିଙ୍ଗୁଡ଼ି ଘେରି ପ୍ରସ୍ତୁତ କରିଛନ୍ତି। ପ୍ରଶାସନିକ ଉଦାସୀନତା ଯୋଗୁଁ ଉକ୍ତ ଅଞ୍ଚଳରେ ଦିନକୁ ଦିନ ବେଆଇନି ଚିଙ୍ଗୁଡ଼ି ଘେରି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି।

ସୂଚନା ଯୋଗ୍ୟ ଯେ ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ଛୁରିଆନା, ଶିଶୁଆ, ଅସ୍ତରଙ୍ଗ, ଝାଡ଼ଲିଙ୍ଗ, ନୂଆଗଡ, ପାଟଳଦା, ନଗର, ଆଳସାହି ସମେତ ବିଭିନ୍ନ ପଂଚାୟତ ରେ ମାଳ ମାଳ ବେଆଇନି ଚିଙ୍ଗୁଡ଼ି ଘେରି ହୋଇଛି। ଅପରପକ୍ଷେ ଉପକୂଳବର୍ତ୍ତୀ ଇଲାକାରେ ବ୍ୟାପକ ଭାବେ ବେଆଇନି ଚିଙ୍ଗୁଡ଼ି ଘେରି ନିର୍ମାଣ, ଅନାବାଦୀ ସ୍ଥାନରେ ଜନବସତି ସ୍ଥାପନ ତଥା ଜନସାଧାରଣଙ୍କ ସଚେତନତା ଅଭାବ ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ସମୁଦ୍ର କୂଳରୁ ଅବାଧରେ ହେନ୍ତାଳ ଓ ଲୁଣୀ ଗଛ କଟାଯାଇ ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହୃତ ହେଉଛି। ଉନ୍ନୟନ ମୂଳକ କାର୍ଯ୍ୟ ଆଳରେ ଶହ ଶହ ସଂଖ୍ୟାରେ ବୃହତକାୟ ବୃକ୍ଷ ଛେଦନ କରାଯାଉଛି।ଯାହାକି ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖା ଦେଇଛି।

ଜଙ୍ଗଲ ଜମି ହେଉ ବା ରାଜସ୍ୱ ଜମି ହେଉ ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଧୀନ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ବହୁଳ ଭାବେ ଚିଙ୍ଗୁଡ଼ି ଘେରିର ସମାହାର ଦେଖିବାକୁ ମିଳୁଛି। ଯାହାକି ଜଙ୍ଗଲ ସୃଷ୍ଟି କରିବାରେ ବାଧା ସୃଷ୍ଟି କରୁଛି। ଜାତୀୟ ଜଙ୍ଗଲ ଆଇନ ୧୯୫୨ର ସଂଶୋଧିତ ୧୯୮୮ଆଇନ ମୁତାବକ ଆୟତନ ପରିମାଣ ଅନୁଯାଇ ଜଙ୍ଗଲ ରହିବା ଏଠାରେ ବଣ୍ଡିଚିହ୍ନ ହେଲେ ଉକ୍ତ ଜମିରେ ସବୁଜିମା ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି। ଆୟତନ ଅନୁଯାଇ କମ୍ ପ୍ରତିଶତ ଜଙ୍ଗଲ ରହୁଥିବାରୁ ପରିବେଶବିତ୍ ଉଦ୍‌ବେଗ ପ୍ରକାଶ କରିବା ଶହ ସରକାର ନୂତନ ଜଙ୍ଗଲ ସୃଷ୍ଟି କରିବାକୁ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି।

# ପୋଖରୀ ପୋତିବାକୁ ନେଇ ବିବାଦ

**ଖୋର୍ଦ୍ଧା, ୯।୧୨ (ସଂଚାର ବ୍ୟୁରୋ) :** ପୌରପରିଷଦ ଅଧିନସ୍ଥ ଜଗନ୍ନାଥସିଂହ ମୌଜାର ଖାତା ନଂ-୧୧୦୬ ପ୍ଲଟ ନଂ-୨୬୮୬ ରେ ଥିବା ପୋଖରୀଟିକୁ ମହୋତ୍ସବ ଆୟୋଜନ ନାମରେ ପୋତିବାକୁ ଉଦ୍ୟମ ଜାରି ରଖିଥିବା ବେଳେ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଜଳାଶୟଟି ପାଣିପମ୍ପ ଦ୍ୱାରା ପ୍ରାୟ ୬ ଫୁଟ ଗଭୀର ଥିବା ଜଳ ନିଷ୍କାସନ କରାଯାଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ପୁରାତନ ଜଳାଶୟଟିର ପୁନଃରୁଦ୍ଧାର କରିବା ପରିବର୍ତ୍ତେ ଜଳାଶୟଟିକୁ ରାତି ଅଧିଆ ଟ୍ରିପ, ଟ୍ରିପ ମୋରମ ପକାଇ ଖୋର୍ଦ୍ଧା ମହୋତ୍ସବରେ ଦୋକାନ ଖୋଲିବା, ଗାଡି ପାର୍କିଂ କରିବା ତଥା ମଞ୍ଚ ବାନ୍ଧିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖିବାକୁ ମିଳିଛି। ସଂସ୍କୃତି ପରମ୍ପରା ରକ୍ଷା ଆଳରେ ଉକ୍ତ ଜଳାଶୟଟିକୁ ପୋତିଦେଲେ ପୌରାଞ୍ଚଳର ୫.୮.୧୧ ଓ ୧୨ ନଂ ୱାର୍ଡର ବର୍ଷାଜଳ ନିଷ୍କାସନ ରେ ସମସ୍ୟା ଦେଖାଯିବା ସହିତ ବର୍ଷା ଦିନେ ଘରେ ପାଣି ପଶିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ।



ଗତବର୍ଷ ଏହି ଜଳାଶୟଟିକୁ ମହୋତ୍ସବ କମିଟି ପକ୍ଷରୁ ଅଳିଆ, ଆବର୍ଜନା ପକାଇ ପୋତି ଦିଆଯାଇଥିଲା। ଯାହାଫଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବା ସହିତ ମଶାଙ୍କ ପ୍ରାଦୁର୍ଭାବ ବି ବଢ଼ିଥିଲା। ସହରାଞ୍ଚଳରେ ଜଳର ଅଭାବ ପୂରଣ ପାଇଁ ତଥା ଭୂମିର ଆଦ୍ରତା ନିମନ୍ତେ ଜଳାଶୟ ଗୁଡିକର ପୁନଃରୁଦ୍ଧାର ପାଇଁ 'ଆମ ପୋଖରୀ' ଯୋଜନାରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ସରକାର ତାଲିମ ଦେଉଥିବାବେଳେ, ଏଠାରେ ଜଳାଶୟଟିକୁ ପୋତିଦେବା ପାଇଁ ଷଡଯନ୍ତ୍ର ଚାଲିଥିବା ନେଇ କଂଗ୍ରେସ ନେତ୍ରୀ ତଥା ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ସୋନାଲି ସାହୁ ଖୋର୍ଦ୍ଧା ତହସିଲଦାରଙ୍କ ନିକଟରେ ଲିଖିତ ଭାବରେ ଅଭିଯୋଗ କରିବା ସହିତ ଜିଲ୍ଲାପ୍ରଶାସନର ନୀରବତାକୁ ପ୍ରଶ୍ନ ଉଠାଇଛନ୍ତି।

ଏପରିକି ଜଳାଶୟଟିକୁ ଜେସିବି ଦ୍ୱାରା ପୋତାଯାଉଥିବା ନେଇ ଖବର ପାଇ ଘଟଣା ସ୍ଥଳକୁ ଯାଇଥିବା କିଛି ଗଣମାଧ୍ୟମ ପ୍ରତିନିଧିଙ୍କୁ ମହୋତ୍ସବ ଆୟୋଜନ କମିଟି ପକ୍ଷରୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ମଧ୍ୟ ହୋଇଛି। କିଛି ଦିନ ପୂର୍ବରୁ ହାବେଳି ପଡ଼ିଆରେ ମହୋତ୍ସବ ନ କରିବା ପାଇଁ ସ୍ଥାନୀୟ ଅଧିବାସୀ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ।

# ଜଳ ଯୋଗାଣ କାମରେ ରାସ୍ତା ଖରାପ କରୁଛି ଜେଏମ୍‌ସି

**ବୋରିଗୁମ୍ମା, ୯।୧୨ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗରୁ ଟେଣ୍ଡର ପାଇ ଗତ ୪/୫ ବର୍ଷ ତଳୁ ଟେଣ୍ଡର ଚୁକ୍ତିନାମା କରି ଜେଏମସି ନାମକ କମ୍ପାନୀ ମୁରାନ୍ ଡ୍ୟାମରୁ ଜଳ ଯୋଗାଇବା ପାଇଁ କାର୍ଯ୍ୟ ଆରମ୍ଭ କରିଥିଲା। କିନ୍ତୁ ସମୟ ସରିଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟ ଆଜି ସୁଦ୍ଧା ଶେଷ ନ କରିବା ସାଧାରଣରେ ଉଦବେଗ ପ୍ରକାଶ ପାଇଛି ।

ବୋରିଗୁମ୍ମା ସହର ସମେତ ଅନେକ ଗାଁରେ ପାଇପ୍ ବିଛାଇବା ପାଇଁ ରାସ୍ତା ଖୋଳି ପାଇପ ବିଛା ହେଉଛି ହେଲେ ରାସ୍ତାକୁ ପୂର୍ବ ସ୍ଥିତିକୁ ଆଣିପାରୁ ନାହିଁ ଜେଏମସି କମ୍ପାନୀ । ଜେଏମସି ଯେଉଁ ସରକାରୀ ବିଭାଗ ସହ ଚୁକ୍ତି କରି ଏହି ପ୍ରକଳ୍ପ କାର୍ଯ୍ୟ କରୁଛି, ସେହି ବିଭାଗ ଅର୍ଥାତ୍ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ତଥା ରାସ୍ତାର ରକ୍ଷଣା ବେକ୍ଷଣ ଦାୟିତ୍ୱରେ ଥିବା ପଞ୍ଚାୟତିରାଜ ବିଭାଗ ମଧ୍ୟ ସବୁ ଦେଖି ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି । ରାସ୍ତା ଖୋଳି ପାଇପ୍ ବିଛାଇବା ପରେ ରାସ୍ତାକୁ ସଂପୃକ୍ତ ଜେଏମସି କମ୍ପାନୀ ପୂର୍ବ ସ୍ଥିତିକୁ ଆଣି ପାରୁନାହାନ୍ତି,ଫଳରେ ସାହି ରାସ୍ତା ଗୁଡିକ ସଙ୍କୁଚିତ ହୋଇ ଯାଉଛି। ଭାରି ଯାନ ଅର୍ଥାତ ଚାରି ଚକିଆ ଯାନ ଚଳାଚଳରେ ବାଧା ସୃଷ୍ଟି ହେଉଛି । ଜେଏମସି କର୍ତ୍ତୃପକ୍ଷ ଏ ନେଇ ଗଣମାଧ୍ୟମର କୌଣସି ପ୍ରଶ୍ନର ସନ୍ତୋଷ ଜନକ ଉତ୍ତର ଦେଇ ପାରୁନାହାନ୍ତି ।



ଏ ପାଣି ସମସ୍ୟା ସଂକ୍ରାନ୍ତରେ ସ୍ଥାନୀୟ ବିଧାୟକ ତାରାପ୍ରସାଦ ବାହିନୀପତି ମଧ୍ୟ ବିଧାନ ସଭାରେ ପ୍ରଶ୍ନ ଉଠାଇ କ୍ଷବ ପ୍ରକାଶ କରିଥିଲେ ମଧ୍ୟ କୌଣସି ପରିଣାମ ଆସି ନ ଥିବାରୁ,ଜନ ସାଧାରଣ କେବଳ ନୀରବ ଦ୍ରଷ୍ଟା ସାଜିବା ଛଡା କୌଣସି ଉପାୟ ନାହିଁ ବୋଲି କେତେକ ଚର୍ଚ୍ଚା କରୁଥିବା ବେଳେ ଏହା ସେଣ୍ଟର ସ୍କିମ ନୂଆ ବିଜେପି ସରକାର ଆସିଛି କିଛି ପଦକ୍ଷେପ ନେବେ ବୋଲି ଆଉ କିଛି ରାଜନୀତିଙ୍କ ଆଶା ପୋଷଣ କରିଛନ୍ତି । ଏହା ପୁଣି ଆହୁରି କେତେ ଦିନ ଲାଗିବ, ଲୋକେ କିପରି ପାଣି ପାଇବେ ତାହା ଦେଖିବା ବାକି ରହିଛି ।

**ପାଣି ଆସୁନି, କି ରାସ୍ତା ମରାମତି ହେଉନି**

# ୨୫ ଲକ୍ଷରେ ପହଞ୍ଚିଲା ଆୟୁଷ୍ମାନ ବୟ ବନ୍ଦନା କାର୍ଡ ପଞ୍ଜୀକରଣ

**ଭୁବନେଶ୍ୱର, ୯।୧୨ (ସଂଚାର ବ୍ୟୁରୋ):** ଆୟୁଷ୍ମାନ ବୟ ବନ୍ଦନା କାର୍ଡ ଶୁଭାରମ୍ଭ ହେବାର ମାତ୍ର ୨ ମାସରୁ କମ୍ ସମୟ ଭିତରେ ୨୫ ଲକ୍ଷ ଲୋକ ପଞ୍ଜୀକରଣ କରିଛନ୍ତି। ଚଳିତ ବର୍ଷ ଅକ୍ଟୋବର ୨୯ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାର ଶୁଭାରମ୍ଭ କରିଥିଲେ। ଏହାର ମାତ୍ର ଦୁଇ ମାସରୁ କମ୍ ସମୟ ଭିତରେ ଆୟୁଷ୍ମାନ ବୟ ବନ୍ଦନା କାର୍ଡରେ ୨୫ ଲକ୍ଷ ହିତାଧିକାରୀ ସାମିଲ ହେବା ନିଶ୍ଚିତ ଭାବେ ଏକ ଉଲ୍ଲେଖନୀୟ ସଫଳତା। ଆୟୁଷ୍ମାନ ବୟ ବନ୍ଦନା କାର୍ଡ ଶୁଭାରମ୍ଭ ହେବା ଦିନଠାରୁ ହିତାଧିକାରୀଙ୍କୁ ମିଳିଛି ୪୦କୋଟିରୁ ଅଧିକ ଟଙ୍କାର ଚିକିତ୍ସା । ଏଥିରେ ୭୦ ବର୍ଷ ଓ ତାଠାରୁ ଅଧିକ ବର୍ଷ ବୟସର ୨୨୦୦୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଉପକୃତ ହୋଇଛନ୍ତି। ହିତାଧିକାରୀମାନେ ହୃତପିଣ୍ଡରେ ଆଞ୍ଜିଓପ୍ଲାଷ୍ଟି କରିଛନ୍ତି, ନିତମ୍ବ ଗଣ୍ଠି ହାଡ଼ ଭାଙ୍ଗି ଯାଇଥିଲେ ତାର ଚିକିତ୍ସା କରିଛନ୍ତି ବା ଏହି ହାଡ଼ର ପ୍ରତିସ୍ଥାପନ କରିଛନ୍ତି। ଏହା ସହିତ ପିତ୍ତକୋଷର ଅପସାରଣ, ଚାଳିସିଆ ହୋଇ ଆଖିରେ ପରଳ ପଡ଼ିଥିଲେ ଅସ୍ତ୍ରୋପଚାର କରିଛନ୍ତି। ସେହିପରି ପ୍ରୋଷ୍ଟେଟ୍ ଗ୍ରନ୍ଥି ସମସ୍ୟା, ହୃଦଘାତର ଚିକିତ୍ସା, ଡାଇଲିସିସ୍, ଟାଇଫଏଡ୍ ଓ ଅନ୍ୟ ବିଭିନ୍ନ ଜ୍ୱରର ଚିକିତ୍ସା କରାଇ ଉପକୃତ ହୋଇଛନ୍ତି ହିତାଧିକାରୀ।

ଆୟୁଷ୍ମାନ ବୟ ବନ୍ଦନା କାର୍ଡ ପାଇଁ ଯୋଗ୍ୟ ବିବେଚିତ ବରିଷ୍ଠ ନାଗରିକ ଏକାଧିକ ଉପାୟରେ ନିଜ ନାଁ ପଂଜୀକରଣ କରିପାରିବେ। ଅନୁବନ୍ଧିତ ହସପିଟାଲକୁ ଯାଇ ସେମାନେ ନିଜର ନାଁ ପଂଜୀକରଣ କରିପାରିବେ। ମୋବାଇଲରେ ସେମାନେ ନିଜେ ମଧ୍ୟ ନିଜର ନାଁ ପଂଜୀକରଣ କରିପାରିବେ। ଏଥିପାଇଁ ଗୁଗୁଲ୍ ପ୍ଲେ ଷ୍ଟୋରରୁ ଆୟୁଷ୍ମାନ ଆପ୍ ଡାଉନଲୋଡ୍ କରିବାକୁ ପଡ଼ିବ। ୱେବସାଇଟ୍ www. beneficiary.nha. gov.in ଜରିଆରେ ମଧ୍ୟ ବରିଷ୍ଠ ନାଗରିକମାନେ ନିଜକୁ ଏହି ଯୋଜନାରେ ସାମିଲ କରିପାରିବେ। ଅଧିକ ଜାଣିବା ପାଇଁ ଲୋକେ ଟୋଲ୍ ଫ୍ରି ନମ୍ବର ୧୪୫୫୫ କୁ କଲ୍ କରିପାରିବେ କିମ୍ବା ୧୮୦୦୧୧୦୭୭୦ କୁ ମିସ୍ କଲ୍ ମଧ୍ୟ ଦେଇପାରିବେ।

# ବିଧାୟକଙ୍କ ନିର୍ଦ୍ଦେଶରେ ଆଡିନଦୀରୁ ଦଳ ସଫା

**କଣାସ, ୯।୧୨ (ସଂଚାର ବ୍ୟୁରୋ):** କଣାସ ବ୍ଲକର ପ୍ରବାହିତ ହେଉଥିବା ଦୟା ଓ ମକରା ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ସାହସପୁର ଗ୍ରାମଠାରୁ ମକରା ନଦୀରୁ ବାହାରିଥିବା ଆଡିନଦୀ ୩କିମି ପଥ ଅତିକ୍ରମ କରି ବଡଓରା ପରେ ପୁନଶ୍ଚ ମକରା ନଦୀରେ ମିଶିଯାଇଛି। ଉକ୍ତ ନାଳର ଜଳ ଯୋଗୁଁ ସାହାସପୁର, ସାନଓରା, ବଡଓରା ଏବଂ ସୁଭଦ୍ରାପୁର ଗ୍ରାମର ଚାଷୀମାନେ ଖରାଟିଆ ଧାନ ଚାଷକରି ପରିବାର ପୋଷଣ କରୁଥିଲେ। ଉକ୍ତ ଆଡିନଦୀରେ ଜଳ କଳିକତିଦଳ ଜମା ହୋଇଯିବାରୁ ମକରା ନଦୀରୁ ଜଳ ଦଳ ଯୋଗୁଁ ଆଡିନଦୀକୁ ପ୍ରବେଶ ନ କରିବାରୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବାପରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ୭ଦିନ ହେଲା ଆଡିନଦୀରୁ ଡ୍ରେନେଜ୍ ବିଭାଗ ପକ୍ଷରୁ ଦଳ ସଫା ଚାଲିଛି।



### ଲଘୁଖଣିଜ ଚୋରାଚାଲାଣ ଓ ଖଣ୍ଡିଆହୁଡି ଲିଜ୍ ପ୍ରତିବାଦ

# ୨୧ରେ ପୂର୍ବତନ ବିଧାୟକଙ୍କ ବିକ୍ଷୋଭ

**ନୀଳଗିରି, ୯।୧୨ (ସଂଚାର ବ୍ୟୁରୋ):** ପ୍ରାକୃତିକ ସମ୍ପଦରେ ଭରପୁର ନୀଳଗିରି ଅଞ୍ଚଳରେ ଏବେ କିଛି ମାଫିଆ ଏବଂ ବିଭାଗୀୟ କର୍ମଚାରୀଙ୍କ ସାଣ୍ଟଗାଣ୍ଠରେ ଚାଲିଛି ଲଘୁଖଣିଜ ଚୋରାଚାଲାଣ। ଫଳରେ ସ୍ଥାନୀୟ ଅଞ୍ଚଳରେ ଉନ୍ନୟନ ବାଧାପ୍ରାପ୍ତ ହେବା ସହିତ କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ସରକାର। ବିଶେଷକରି ନୀଳଗିରି ବ୍ଲକର ଡେଙ୍ଗାସାହି, ଗରଡିହି, ମାଟିଆଳୀ, ନରଣପୁର, ଗୋଡ଼ିଶୁଳ ସମେତ ଔପଦା ବ୍ଲକର ବଉଳଗଡିଆ ଅଞ୍ଚଳରେ ପ୍ରଚୁର ପରିମାଣର ମୋରମ ଗଚ୍ଛିତ ଥିବାରୁ ଏହି ଅଞ୍ଚଳରୁ ପ୍ରତିଦିନ ଚୋରାରେ ମୋରମ ମାଫିଆମାନେ ଚାଲାଣ କରୁଛନ୍ତି। ଏଥିସହିତ ସୋନନଦୀ ତଟ ଯଥା -ବାଡିଆ, କାଠପାଳ, ସିଙ୍ଗିରି, କୁହ୍ଲାପାଳ, ପ୍ରତାପପୁର, ପୁନ୍ଦାଳ ଅଞ୍ଚଳରୁ ଟ୍ରିପଟ୍ରିପ୍ ବାଲି ଚୋରାଚାଲାଣ କରି ମାଫିଆ ମାନେ ମାଲାମାଲ ହେଉଛନ୍ତି। ଏଥିସହିତ ବ୍ଲକର ବାଘମରା ଠାରେ ସ୍ପଷ୍ଟ ଦିବାଲୋକରେ ପଥର ବ୍ଲାଷ୍ଟିଂ କରି ଚୋରାଚାଲାଣ ହେଉଥିବା ବେଳେ ମିରିଗିଣୀ ଠାରେ ଥିବା ପ୍ରସ୍ତାବିତ ଖଣ୍ଡିଆହୁଡିକୁ ଲିଜସୂତ୍ରରେ ଦେବାପାଇଁ ରାଜ୍ୟସରକାର ପରିବେଶମଞ୍ଜୁରୀ ପ୍ରଦାନ କରିବା, କୁଳଡିହା ଅଭୟାରଣ୍ୟ ଇକୋ ସେନ୍ସେଟିଭ୍ ଜୋନ ଅଞ୍ଚଳରେ ଛତୁଫୁଟିଲା ଭଳି ବେଆଇନ୍ ଇଟାଭାଟି ନିର୍ମାଣ କରିବା ଘଟଣାରେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଆସନ୍ତା ଡିସେମ୍ବର ୨୧ତାରିଖରେ ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବାକୁ ନିଷ୍ପତି ନେଇଛନ୍ତି।

**କଲିକତାରୁ ଆସୁଥିଲା ଉଦଳାରେ ଚାଲିଥିଲା ଖେଳ**

# ଲକ୍ଷାଧିକ ଟଙ୍କାର ଲଟେରି ଟିକେଟ ଜବତ, ଦୁଇ ଜୁଆଡ଼ି ଗିରଫ



**ଉଦଳା, ୯।୧୨ (ସଂଚାର ବ୍ୟୁରୋ):** କଲିକତାରୁ ଆସୁଥିଲା ଆଉ ଉଦଳାରେ ଚାଲିଥିଲା ଲଟେରୀ ଖେଳ। ଦୀର୍ଘ ଦିନ ହେବ ଚାଲିଥିଲା ଏହି ଖେଳ। ଆଉ ଏବେ ପୋଲିସ ହାବୁଡ଼ରେ ଦୁଇ ଜୁଆଡ଼ି ପଡିବା ପରେ ଖୋଲିଛି ପୁରା ଲଟେରୀ ଖେଳର ପୋଲ। ଦୁଇ ଜଣ ଜୁଆଡ଼ିଙ୍କୁ ଉଦଳା ପୋଲିସ ଗତକାଲି ରାତିରେ ସ୍ଥାନୀୟ ବସଷ୍ଟାଣ୍ଡରୁ ଗିରଫ କରିଛି। ଗିରଫ ଦୁଇ ଜଣ ଯୁବକ ହେଲେ ଉଦଳା ଥାନା ଏନଏସି ୩ ନମ୍ବର ୱାର୍ଡର ଉମାକାନ୍ତ ବେହେରା ଓରଫ ମଣ୍ଟୁ ଏବଂ ୪ ନମ୍ବର ୱାର୍ଡର କାର୍ତ୍ତିକ ସେଠି। ଗତକାଲି ରାତିରେ କଲିକତା ରୁ ଉଦଳା ଆସିଥିବା ଏକ ଘରୋଇ ବସରେ ପ୍ରାୟ ୭ ଲକ୍ଷ ରୁ ଉର୍ଦ୍ଧ ଟଙ୍କାର ଲଟେରୀ ଟିକେଟ ବିକ୍ରି ନିମନ୍ତେ ଆସୁଥିବା ପୋଲିସ ଖବର ପାଇଥିଲା। ଯାହାକି ଗିରଫ ଦୁଇ ଜଣ ଜୁଆଡ଼ି ଉକ୍ତ ବେଆଇନ ଲଟେରୀ ଟିକେଟ କୁ ଆଣି ଗ୍ରାହକଙ୍କ ନିକଟକୁ ଯିବା ପାଇଁ ପ୍ରସ୍ତୁତ ହେଇଥିବା ବେଳେ ପୋଲିସ ଦୁଇ ଜୁଆଡ଼ିଙ୍କୁ ଗିରଫ କରିଥିଲା। ଏହା ସହିତ ଜରି ପ୍ୟାକେଟରେ ସିଲ ହୋଇ ଆସିଥିବା ଲଟେରୀ ଟିକେଟ କୁ ଜବତ କରିଥିଲା। ଏହି ଦୁଇ ଜୁଆଡ଼ି ଦୀର୍ଘ ଦିନ ହେବ କଲିକତା ରୁ ମାଲ ଆଣି ଉଦଳା ଅଞ୍ଚଳରେ ଲଟେରୀ ଖେଳ କରି ମାଲାମାଲ ହେଉଥିବା ବେଳେ ଅନେକ ଲୋକ ଏହି ଲଟେରୀ ଚକ୍କରରେ ସର୍ବସାନ୍ତ ହୋଇଛନ୍ତି। ତେବେ ଲଟେରୀ ଟିକେଟ ଗୁଡିକ ଜବତ ହେବା ପରେ ଏହା ନାଗାଲାଣ୍ଡ ଏବଂ ମଣିପୁର ସରକାର ଅଧୀନର ବୋଲି ଜଣାଯାଇଛି। ପୋଲିସ ଗିରଫ ଦୁଇ ଜୁଆଡ଼ିଙ୍କ ନାମରେ କେଶ ନମ୍ବର -୪୧୯/୨୪ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଦୀର୍ଘ ଦିନ ହେବ ଏହି ଲଟେରୀ ଖେଳ ଚାଲି ଆସିଥିବା ବେଳେ ପୋଲିସ କାଁ ଭାଁ କେବଳ କେମିତି ଚଢ଼ାଉ କରି ଜବତ କରିବା ପରେ ହାତ ବାନ୍ଧି ବସି ଯାଉଛି।

# ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅଙ୍ଗନବାଡି ଦିଦିଙ୍କ ଅବମାନନା

**ନୋଟିସ ସତ୍ତ୍ୱେ ଅନୁପସ୍ଥିତ, ପିଲାଙ୍କୁ ପଢ଼ାଉଛନ୍ତି ଯୁବକ**



**ନବରଙ୍ଗପୁର/ରାଇଘର, ୯।୧୨ (ସଂଚାର ବ୍ୟୁରୋ):** ବର୍ଷେ ଉପରେ ହେବ ଅଙ୍ଗନବାଡିକୁ ଆସୁନାହାନ୍ତି ଅଙ୍ଗନବାଡି ଦିଦି। ଫଳରେ ଗ୍ରାମର ଯୁବକମାନେ ଅଙ୍ଗନବାଡି ପିଲାଙ୍କୁ ପଢାଉ ଥିବାର ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକର ପରଚିପାରା ପଂଚାୟତର ନୂଆ ଢ଼ୋଡ୍ରା କଲୋନୀ ଗ୍ରାମର।

ସୂଚନା ଅନୁଯାୟୀ ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକର ପରଚିପାରା ପଂଚାୟତର ନୂଆ ଢ଼ୋଡ୍ରା କଲୋନୀ ଗ୍ରାମର କିଛି ଲୋକ ସହ ଅଙ୍ଗନବାଡି କର୍ମୀ ଗାୟତ୍ରୀ ନାୟକଙ୍କୁ କୌଣସି କାରଣରୁ ବିବାଦ ରହିଥିବା ବେଳେ ବର୍ଷେ ହେଲା ଅଙ୍ଗନବାଡି ଦିଦି ଅଙ୍ଗନବାଡି କାର୍ଯ୍ୟରେ ଯୋଗ ଦେଉନଥିବା ବେଳେ ଛୋଟ ଛୋଟ ଛୁଆଙ୍କ ଭବିଷ୍ୟତ ଅନ୍ଧାରରେ। ଫଳରେ ଗ୍ରାମର କିଛି ଯୁବକ ପିଲାମାନଙ୍କୁ ପାଠ ପଢେଇବାର ଦେଖିବାକୁ ମିଳିଛି। ଏହି ବିଷୟରେ ବାରମ୍ବାର ଗ୍ରାମବାସୀ ସମାଧାନ ପାଇଁ ପ୍ରଶାସନ ପାଖେ ଅଭିଯୋଗ କରିବା ପରେ ପ୍ରଶାସନ ପକ୍ଷରୁ ରାଇଘର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ସିସାଗର ମାଝୀ, ରାଇଘର ସିଡିପିଓ ଗୀତାଞ୍ଜଳି ମିଶ୍ର, ପରଚିପାରା ସେକ୍ଟର ସୁପରଭାଇଜର ସମେତ ପୋଲିସ ପକ୍ଷରୁ ଏକ ଟିମ ଢ଼ୋଡ୍ରାକଲୋନୀ ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହ ସମାଧାନ ପାଇଁ ବୈଠକ ବସିଥିଲେ କିନ୍ତୁ ଉକ୍ତ ବୈଠକରେ ଅଙ୍ଗନବାଡି କର୍ମୀ ଗାୟତ୍ରୀ ନାୟକ ଆସିନଥିଲେ। ତାଙ୍କୁ ସିଡ଼ିପିଓ ଗୀତାଞ୍ଜଳି ମିଶ୍ର ବାରମ୍ବାର ବୈଠକକୁ ଡାକିବା ସ୍ୱତେ ଅଙ୍ଗନବାଡି କର୍ମୀ ଜଣକ ବୈଠକକୁ ଆସିନଥିଲେ। ପରେ କିଛି ସମାଧାନର ବାଟ ଫିଟିନଥିଲା। ସିଡିପିଓ ଗୀତାଞ୍ଜଳି ମିଶ୍ର ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇବା ପରେ ଉପଜିଲ୍ଲାପାଳ ଉକ୍ତ ଅଙ୍ଗନବାଡି କର୍ମୀଙ୍କ ନାମରେ ନୋଟିସ ଜାରି କରିଥିବା ବେଳେ ଏହି ନୋଟିସ ଅଙ୍ଗନବାଡି କାନ୍ଥରେ ଲଗା ଯାଇଥିବାର ଦେଖିବାକୁ ମିଳିଛି। ଉକ୍ତ ନୋଟିସରେ ସାତଦିନ ଭିତରେ ଅଙ୍ଗନବାଡି କର୍ମୀ ଗାୟତ୍ରୀ ନାୟକ କାର୍ଯ୍ୟରେ ଯୋଗ ନ ଦେଲେ ଚାକିରିରୁ ବିଦା କରାଯିବ ବୋଲି ନିର୍ଦ୍ଦେଶ ଦେଇଥିବା ବେଳେ ଅଙ୍ଗନବାଡି କର୍ମୀ ଜଣକ କାର୍ଯ୍ୟରେ ଯୋଗ ନ ଦେଇ ସିଧାସଳଖ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବାର ଦେଖିବାକୁ ମିଳିଛି।

ଉକ୍ତ ଘଟଣା ବିଷୟରେ ଶିଶୁ ପ୍ରକଳ୍ପ ଅଧିକାରୀ ଗୀତାଞ୍ଜଳି ମିଶ୍ରଙ୍କୁ ପଚାରିବାରୁ ଏହି ଅଙ୍ଗନବାଡି କର୍ମୀ ବିଭିନ୍ନ ବାହାନା ଦେଖେଇ ଅଙ୍ଗନବାଡିକୁ ଯୋଗ ଦେଉନଥିବା ସହ ସମାଧାନ ପାଇଁ ଡାକିଲେ ମଧ୍ୟ ଆସୁନଥିବାର କହିଛନ୍ତି ଏବଂ ମୁ ଆଉ କିଛି କରିପାରିବିନାହିଁ ଉପର ଅଧିକାରୀଙ୍କୁ ଏହି ଘଟଣା ବିଷୟରେ ଜଣେଇବି ବୋଲି କହିଥିଲେ ସିଡିପିଓ ଗୀତାଞ୍ଜଳି ମିଶ୍ର।

# ଦଶପଲ୍ଲାରେ ଜିଲ୍ଲାପାଳଙ୍କ ଜନଶୁଣାଣି



**ନୟାଗଡ଼, ୯।୧୨ (ସଂଚାର ବ୍ୟୁରୋ):** ଦଶପଲ୍ଲା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ବ୍ଲକ ସ୍ତରୀୟ ଯୁଗ୍ମ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ଏସ ଶୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡା ଓ ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ପ୍ରମୁଖ ଉପସ୍ଥିତ ରହିଥିଲେ । ଆଜି ମୋଟ ୧୦୭ ଗୋଟି ମାମଲା ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ୯୯ ଗୋଟି ବ୍ୟକ୍ତିଗତ ମାମଲା ରହିଥିବା ବେଳେ ଗ୍ରାମ୍ୟ ବିବାଦ ୫ ଗୋଟି ରହିଥିଲା । ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ ଫଣ୍ଡ ୩ ଗୋଟି ମାମଲା ରହିଥିଲା । ତୁରନ୍ତ ୨୫ ଗୋଟି ମାମଲାର ସମାଧାନ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଡିଓ, ତହସିଲଦାରଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ ।

# ବାବା ସତ୍ୟାନନ୍ଦ ଦାସଙ୍କୁ ଉତ୍କଳ ଯଶବନ୍ତ ପ୍ରତିଭା ସମ୍ମାନ



**ନାଉଗାଁ, ୯।୧୨ (ସଂଚାର ବ୍ୟୁରୋ):** ଅନ୍ତଃରାଷ୍ଟ୍ର ଜଗନ୍ନାଥ ଧର୍ମ ପ୍ରଚାରକ ତଥା ଭାଗବତ ଓ ରାମାୟଣ କଥାକାର ତିହୁଡ଼ା ଗୁରୁକୃପା କୁଟୀରର ବାବାଜୀ ସତ୍ୟାନନ୍ଦ ଦାସ ଙ୍କୁ ଯଶୋବନ୍ତ ପ୍ରତିଭା ସାମ୍ମାନରେ ସମ୍ମାନିତ କରାଯାଇଛି । ଉତ୍କଳର ପଞ୍ଚସଖା ମହାପୁରୁଷ ଗୋସ୍ୱାମୀଙ୍କ ମହାସମାଧି ଦିବସ ଓଢ଼ଣଷଷ୍ଠୀ ତିଥିରେ ଯଶୋବନ୍ତ ସାହିତ୍ୟ ସଂସ୍କୃତି ପରିଷଦ ତରଫରୁ ମାନ୍ୟବର ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ କୁମାର ସ୍ୱାଇଁ, ମାନ୍ୟବର ସାଂସଦ ଡଃ ବିଭୁପ୍ରସାଦ ତରାଇ ମାନ୍ୟବର ବାଲିକୁଦା ଏରସମା ବିଧାୟକ ସାରଦା ଜେନା, ତିର୍ତ୍ତୋଲ ବିଧାୟକ ପ୍ରଫେସର ଡଃ ରମାକାନ୍ତ ଭୋଇ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇଙ୍କ ଦ୍ୱାରା ଆମ ବାବାଙ୍କୁ "ଯଶୋବନ୍ତ ପ୍ରତିଭା ସମ୍ମାନ"ରେ ସମ୍ମାନିତ କରାଯାଇଛି। ଏଥିନିମନ୍ତେ ବାବାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ସ୍ୱାଗତ କରାଯାଉଛି । ଅନ୍ତଃରାଷ୍ଟ କ୍ଷେତ୍ରରେ ସନାତନ ଧର୍ମ ପ୍ରଚାର ପାଇଁ ବାବା ନିରନ୍ତର ଚେଷ୍ଟା କରିବା ସହିତ ପୁରାତନ ଜଗନ୍ନାଥ ସଂସ୍କୃତି, ଭାଗବତ, ରାମାୟଣ ଓ ବିଭିନ୍ନ ଶାସ୍ତ୍ର ଓ ଆଧ୍ୟାତ୍ମିକ ଆଦି ପ୍ରଚାର ପାଇଁ ଗ୍ରାମ ଠାରୁ ଆରମ୍ଭ କରି ଦେଶ ବିଦେଶରେ ବାବାଙ୍କର ବହୁ ନାମ ରହିଛି।

# ପ୍ରତାପ ଶାସନ ବାଳକ ଉଚ୍ଚ ବିଦ୍ୟାଳୟ ୧୯୭୭ ବ୍ୟାଚ ଛାତ୍ରଙ୍କ ବନ୍ଧୁମିଳନ

**ବାଲିଅନ୍ତା, ୯।୧୨ (ସଂଚାର ବ୍ୟୁରୋ):** ବାଳକାଟି ପ୍ରତାପ ଶାସନ ପଞ୍ଚାୟତ ଅଧୀନ ପ୍ରତାପ ଶାସନ ବାଳକ ଉଚ୍ଚ ବିଦ୍ୟାଳୟର ୧୯୭୭ ମସିହା ବ୍ୟାଚ ଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଭୋଜିଭାତ ନେଇ ସଂରକ୍ଷିତ ସ୍ଥାନ ସ୍ଥାନୀୟ ଭାର୍ଗବୀ ନଦୀ ପଠା ମା ହାଣ୍ଡିଶାଳ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ବାସୁଦେବ ସାହୁ ସଭାପତିତ୍ୱ କରିଥିଲେ । ପ୍ରାକ୍ତନ ଛାତ୍ରମାନେ ସ୍କୁଲ ବେଳର ପୁରୁଣା ଦିନର ସ୍ମୃତି ଚାରଣ କରିଥିଲେ । ସମସ୍ତଙ୍କ ସୁସ୍ଥ ଏବଂ ନିରାମୟ ଜୀବନ କାମନା କରିବା ସହ ଦିବଂଗତ ସହପାଠୀଙ୍କ ଲାଗି ନିରବ ପ୍ରାର୍ଥନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ କୁମାର ଦାସ, ବୈଷ୍ଣବ ମହାରଣା, ଉମେଶ ମହାନ୍ତି, ଅଲେଖ ସାହୁ, ଏବଂ ବାବାଜି ସାହୁଙ୍କ ସମେତ ବହୁ ଛାତ୍ର ଯୋଗ ଦେଇଥିଲେ । କୃଷ୍ଣଚନ୍ଦ୍ର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



# ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଟିପିଏସ୍‌ଓଡିଏଲର ବ୍ୟାପକ ପ୍ରୟାସ

**ବ୍ରହ୍ମପୁର, ୯।୧୨ (ସଂଚାର ବ୍ୟୁରୋ):** ବିଦ୍ୟୁତ ତାର ବିଛାଇବା ଯୋଗୁଁ ହେଉଥିବା ବନ୍ୟଜନ୍ତୁ ଶିକାରକୁ ରୋକିବା ପାଇଁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ(ଟିପିଏସ୍ଓଡିଏଲ୍) ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯାଇଛି। ଟିପିଏସ୍ଓଡିଏଲ୍ ପରିସରଭୁକ୍ତ ୮ଟି ଜିଲ୍ଲାରେ ଏହି ପଦକ୍ଷେପ ଆରମ୍ଭ ହୋଇଛି। ବିଦ୍ୟୁତ ଜନିତ ଆଘାତରୁ ବନ୍ୟପ୍ରାଣୀଙ୍କୁ ରକ୍ଷା କରିବା ଏବଂ ଜୈବ ବିବିଧତାକୁ ସୁରକ୍ଷା ପ୍ରଦାନ କରିବା ହେଉଛି କମ୍ପାନୀର ଉଦ୍ଦେଶ୍ୟ। ବନ ବିଭାଗ ଏବଂ ସ୍ଥାନୀୟ ଆଇନ ପ୍ରବର୍ତ୍ତନ ଏଜେନ୍ସିଙ୍କ ମିଳିତ ସହଯୋଗରେ ଟିପିଏସ୍ଓଡିଏଲ୍ ସମ୍ବେଦନଶୀଳ ସ୍ଥାନଗୁଡ଼ିକୁ ଚିହ୍ନଟ କରିବା ସହ ସର୍ଭିଲାନ୍ସ ବ୍ୟବସ୍ଥାକୁ ସୁଦୃଢ଼ କରିଛି। ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଏବଂ ବିପଦପୂର୍ଣ୍ଣ ଅଞ୍ଚଳରେ ନଜର ରଖିବା ସହ ପଶୁ ଶିକାର ପାଇଁ ବିଦ୍ୟୁତ ତାର ବିଛାଇବାକୁ ରୋକିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, "ଜଙ୍ଗଲ ଏବଂ ବନ୍ୟପ୍ରାଣୀ ଆମର ଅମୂଲ୍ୟ ସମ୍ପଦ। ଏମାନଙ୍କ ସୁରକ୍ଷା ଆମର ଦାୟିତ୍ୱ। ବନ୍ୟପ୍ରାଣୀ ଶିକାର ପାଇଁ ବିଦ୍ୟୁତ ତାରର ଅବୈଧ ବ୍ୟବହାର କରିବା ଦ୍ୱାରା ଆମର ଜୈବ ବିବିଧତା ପ୍ରତି ବିପଦ ସୃଷ୍ଟି ହୋଇଛି। ଦୃଢ଼ ପଦକ୍ଷେପ ଏବଂ ଗୋଷ୍ଠୀ ଭାଗିଦାରୀ ମାଧ୍ୟମରେ ଏହି ସମସ୍ୟାର ସମାଧାନ ପାଇଁ ଟିପିଏସ୍ଓଡିଏଲ୍ ପ୍ରତିଶ୍ରୁତିବଦ୍ଧ।



# ୨ ରେଳ ଫ୍ଲାଏଓଭର ପାଇଁ ୫୦୯ କୋଟି

**ଭୁବନେଶ୍ୱର, ୯।୧୨ (ସଂଚାର ବ୍ୟୁରୋ):** ରେଳ ମନ୍ତ୍ରଣାଳୟ ଓଡ଼ିଶାର କଟକ ଏବଂ ରାୟଗଡ଼ା ଜିଲ୍ଲାରେ ଦୁଇଟି ପ୍ରମୁଖ ରେଳ ଫ୍ଲାଏଓଭର ନିର୍ମାଣ ପାଇଁ ୫୦୯ କୋଟି ଟଙ୍କା ମଞ୍ଜୁର କରିଛି। ଏହାଦ୍ୱାରା ରେଳ ଚଳାଚଳର ଉନ୍ନତି ତଥା ପ୍ରମୁଖ ରେଳ ଲାଇନଗୁଡ଼ିକରେ ଯାତାୟାତରେ ସମସ୍ୟା ଦୂର ହୋଇପାରିବ। ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶା ଗସ୍ତ ସମୟରେ ଏହି ରେଳ ଭିତ୍ତିଭୂମି ପ୍ରକଳ୍ପର ମଞ୍ଜୁରି ବିଷୟରେ ଉଲ୍ଲେଖ କରିଥିଲେ। କଟକ ଜିଲ୍ଲାର ରାଜଆଠଗଡ଼, ରାଧାକିଶୋରପୁର ଏବଂ ମାଛପୁର ରେଳ ଷ୍ଟେସନକୁ ସଂଯୋଗ କରୁଥିବା ୧୦.୮୯ କିଲୋମିଟର ରେଳ ଫ୍ଲାଏ ଓଭର ନିର୍ମାଣ ପାଇଁ ୨୬୮.୯୨ କୋଟି ଟଙ୍କା ମଂଜୁର କରାଯାଇଛି। ରାୟଗଡ଼ା ଜିଲ୍ଲାର ସିଙ୍ଗାପୁର ରୋଡ ଷ୍ଟେସନରେ ୫.୫୦ କିଲୋମିଟର ଫ୍ଲାଏ ଓଭର ନିର୍ମାଣ ହେବ। ଏହାର ଆନୁମାନିକ ବ୍ୟୟ ଅଟକଳ ୨୩୯.୮୩ କୋଟି ଟଙ୍କା।ନୂତନ ଫ୍ଲାଏଓଭରଗୁଡ଼ିକ ଏକାଧିକ ଦିଗରୁ ଟ୍ରେନର ଏକକାଳୀନ ଚଳାଚଳ ପାଇଁ ଅନୁମତି ଦେବ। କ୍ରସ୍-ଟ୍ରାଫିକ୍ ଜନିତ ସମସ୍ୟାକୁ ଦୂର କରି ଏହି ରେଳ ଫ୍ଲାଏଓଭରଗୁଡିକ କାର୍ଯ୍ୟକ୍ଷମ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବ। ପ୍ରକଳ୍ପଗୁଡ଼ିକ ନିର୍ଗୁଣ୍ଡି-କଟକ-ବାରଙ୍ଗ-ରାଜଆଠଗଡ଼ ଅଞ୍ଚଳରେ ଏବଂ ରାୟଗଡ଼ା-ସିଙ୍ଗାପୁର ରୋଡ୍ ରେଳ ମାର୍ଗରେ ଯାତାୟାତକୁ ସହଜ କରିବ। ବିଳମ୍ବ ଜନିତ ସମସ୍ୟାକୁ ଦୂରକରି ଏହା ଟ୍ରେନ ଚଳାଚଳ କ୍ଷେତ୍ରରେ ଉନ୍ନତି ଆଣିବା ସହିତ ପରିଚାଳନାଗତ ସମସ୍ୟାକୁ ଏଡାଇ ଯାତ୍ରୀମାନଙ୍କ ପାଇଁ ସାମଗ୍ରିକ ଟ୍ରେନ ଯାତ୍ରା ଅଭିଜ୍ଞତାକୁ ଉନ୍ନତ କରିବ। ୭୦ ବର୍ଷ ଓ ଏହାଠାରୁ ଅଧିକ ବୟସର ସମସ୍ତ ନାଗରିକଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ସାମିଲ କରିବାକୁ ଅକ୍ଟୋବର ୨୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିଲେ।

ଆର୍ଥିକ ଓ ସାମାଜିକ ସ୍ଥିତି ଯାହା ହୋଇଥାଉନା କାହିଁକି, ଆୟୁଷ୍ମାନ ବୟ ବନ୍ଦନା କାର୍ଡ ଜରିଆରେ ୭୦ ବର୍ଷ ଓ ଏହାଠାରୁ ଅଧିକ ବୟସର ସମସ୍ତ ବରିଷ୍ଠ ନାଗରିକଙ୍କୁ ମାଗଣାରେ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ମିଳିବ। ଯେଉଁ ପରିବାର ଏବିପିଏମ୍ ଜେଏୱାଇରେ ଆଗରୁ ସାମିଲ ହୋଇଛନ୍ତି, ସେହି ପରିବାରର ୭୦ ବର୍ଷରୁ ଅଧିକ ବୟସର ବରିଷ୍ଠ ନାଗରିକଙ୍କୁ ବର୍ଷକୁ ୫ ଲକ୍ଷ ଟଙ୍କାର ଅତିରିକ୍ତ ଚିକିତ୍ସା ସୁବିଧା ମିଳିବ। ଆୟୁଷ୍ମାନ ବୟ ବନ୍ଦନା କାର୍ଡରେ ପ୍ରାୟ ୨୦୦୦ ପ୍ରକାର ଚିକିତ୍ସାର ସୁବିଧା ମିଳିବ। ହିତାଧିକାରୀ ଆଗରୁ କୌଣସି ରୋଗରେ ପୀଡ଼ିତ ଥିଲେ ମଧ୍ୟ ତାଙ୍କ ପାଇଁ ୱେଟିଂ ପିରିୟଡ ଲାଗୁ ନ ହୋଇ ପ୍ରଥମ ଦିନରୁ ହିଁ ହିତାଧିକାରୀଙ୍କୁ ଚିକିତ୍ସା ସୁବିଧା ମିଳିବ।

### ରାଜଧାନୀରେ ଜଳବନ୍ଦୀ ସମସ୍ୟା

# ମାଷ୍ଟର ପ୍ଲାନ କରାଯାଇ ନ ଥିଲା



**ଭୁବନେଶ୍ୱର, ୯।୧୨ (ସଂଚାର ବ୍ୟୁରୋ):** ଅସରାଏ ବର୍ଷାରେ ବେହାଲ ରାଜଧାନୀ। ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ବର୍ଷ ବର୍ଷ ଧରି ଯୋଜନା ହେଉଛି ବୋଲି କୁହାଯାଉଛି। ହେଲେ ଯଥା ପୂର୍ବଂ ତଥା ପରମ୍। ବର୍ଷା ଦିନ ସରିଲେ ଯୋଜନା ଯୋଜନାରେ ରହୁଛି। ହେଲେ ସିଏଜିଙ୍କ ତଥ୍ୟ ପୂର୍ବ ସରକାରଙ୍କ ମିଛ ଧରା ପକାଇଦେଇଛି। ଜଳବନ୍ଦୀ ପରିସ୍ଥିତିକୁ ମୁକାବିଲା କରିବା ପାଇଁ, କୌଣସି ମାଷ୍ଟର ପ୍ଲାନ କରାଯାଇ ନ ଥିଲା। ଆଉ ଯାହା ଜଣା ପଡ଼ିଛି ବାବୁଙ୍କ ଜିଦ୍ ଯୋଗୁ ଆଜି ଭାସୁଛି ଭୁବନେଶ୍ୱର। ଅସରାଏ ବର୍ଷା ହେଲେ ଭାସୁଛି ଭୁବନେଶ୍ୱର। ଇସ୍କନ ମନ୍ଦିର ସାମ୍ନାରେ ଜଳବନ୍ଦୀ ସମସ୍ୟା ଦେଖାଦେଉଛି। ବର୍ଷା ହେଲେ ରାସ୍ତା ବନ୍ଦ, ଗାଡ଼ି ମଟର ଭାସୁଛି। ସମସ୍ୟା ସମାଧାନ ନକରି କେବଳ ଦୋଷ ଲଦାଲଦି ହେଉଛନ୍ତି ପୂର୍ତ୍ତ ବିଭାଗ ଓ ଏନ୍ଏଚ୍ଏଆଇ। ସମାଧାନରେ କିଏ ସାଜିଛି ବାଧକ, ସତ ଧରାଇଛି ସିଏଜି ରିପୋର୍ଟ। ଜଳବନ୍ଦୀ ସମସ୍ୟା ଦୂର କରିବାକୁ ୨୦୨୨ ମାର୍ଚ୍ଚ ମାସରେ ରାଜ୍ୟ ପୂର୍ତ୍ତ ବିଭାଗକୁ ଏହି କାମ ପାଇଁ ଅନୁରୋଧ କରିଥିଲା ଏନ୍ଏଚଏଆଇ। ଏହାପରେ ଇସ୍କନଠାରୁ ଜୟଦେବ ବିହାର ଡ୍ରେନ ପର୍ଯ୍ୟନ୍ତ ୧.୨ ମିଟର ବ୍ୟାସ ବିଶିଷ୍ଟ ହ୍ୟୁମ ପାଇପ୍ ଲାଇନ୍ ବିଛାଇବାକୁ ପୂର୍ତ୍ତ ବିଭାଗ କାର୍ଯ୍ୟାଦେଶ ଦେଇଥିଲେ। ୨୦୨୨ ଜୁନରେ ୪.୧୪ କୋଟି ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିବାବେଳେ ଜୁଲାଇ ସୁଦ୍ଧା ଶେଷ ହେବାର ଲକ୍ଷ୍ୟ ଥିଲା। ମୁଖ୍ୟ ରାସ୍ତାର ଅତି ନିକଟରେ ଭାରି ଯନ୍ତ୍ରପାତି ବ୍ୟବହାର କରି ଗଭୀର ଗାତ ଖୋଳିଲେ ଫ୍ଲାଏ ଓଭର ପ୍ରତି ବିପଦ ସୃଷ୍ଟି ହେବ ବୋଲି କହିଥିଲା ଏନ୍ଏଚ୍ଏଆଇ। ତେଣୁ ଡ୍ରେନ୍ କାମର ଆବଶ୍ୟକ ଡ୍ରଇଂ ଦାଖଲ କରିବାକୁ କୁହାଗଲା। କିନ୍ତୁ ଡ୍ରଇଂ ଦାଖଲ କରିବା ପରିବର୍ତ୍ତେ, କାମ ବନ୍ଦ କରି ଦେଲେ ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ।

ଦୁଇ ବିଭାଗର ଆରୋପ ପ୍ରତ୍ୟାରୋପ ଯୋଗୁ କାମ ବନ୍ଦ ରହିଲା। ସେବେଠୁ ଇସ୍କନ ଅଂଚଳ ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ବାରମ୍ବାର ଉଭୟ ବିଭାଗକୁ ନେଇ ବୈଠକ ବସିଛି ହେଲେ ନିଷ୍କର୍ସ ଶୂନ୍। ଦୁଇ ବିଭାଗର ବାବୁଙ୍କ ଅହଂକାର ଯୋଗୁଁ ଜଳବନ୍ଦୀ ଭୁବନେଶ୍ୱର। ସିଏଜି ରିପୋର୍ଟ ସତ ସାମ୍ନାକୁ ଆସିବା ପରେ ଏବେ ଅପେକ୍ଷା ନୂଆ ସରକାର ଏ ସମସ୍ୟାର ସମାଧାନ କେବେ କରିବେ।

# ଝାରଖଣ୍ଡ ଜଙ୍ଗଲରେ 'ଜିନତ'



**ଭୁବନେଶ୍ୱର, ୯।୧୨ (ସଂଚାର ବ୍ୟୁରୋ):** ଶିମିଳିପାଳର ବାଘୁଣୀ 'ଜିନତ'ଏବେ ଯାଇ ଝାରଖଣ୍ଡ ଜଙ୍ଗଲରେ ବୁଲୁଛି। ଏନେଇ ସୂଚନା ଦେଇଛନ୍ତି ଆରସିସିଏଫ୍ ପ୍ରକାଶ ଚାନ୍ଦ ଗୋଗିନେନି। ଅନ୍ୟପଟେ ଝାରଖଣ୍ଡ ଯାଇ ଏକ ସ୍ୱତନ୍ତ୍ର ଟିମ୍ 'ଜିନତ' ଉପରେ ନଜର ରଖିଛନ୍ତି ବୋଲି ସେ କହିଛନ୍ତି। ଗତ ନଭେମ୍ବରରେ ମହାରାଷ୍ଟ୍ରରୁ ତଡ଼ବାରୁ ବାଘୁଣୀ 'ଜିନତ'କୁ ଶିମିଳିପାଳ ଅଣାଯାଇଥିଲା।ନଭେମ୍ବର ୨୪ରେ ବାଘୁଣୀ 'ଜିନତ'କୁ ଏନକ୍ଲୋଜରରୁ ଶିମିଳିପାଳ କୋର୍ ଏରିଆରେ ଛଡ଼ାଯାଇଥିଲା। ବାଘୁଣୀ ଉଭୟ ଶିମିଳିପାଳରେ ଛଡ଼ାଯାଇଥିବା ବେଳେ ସେ ଏବେ ଯାଇ ଝାରଖଣ୍ଡ ଜଙ୍ଗଲରେ ପହଞ୍ଚିଥିବା ସ୍ପଷ୍ଟ କରିଛନ୍ତି ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ଆରସିସିଏଫ୍। ସେ କହିଛନ୍ତି ଯେ ଜିନତ ନୂଆ କରି ଶିମିଳିପାଳ ଆସିଥିବାରୁ ବିଭିନ୍ନ ଆଡେ ବୁଲାବୁଲି କରୁଛି। ନୂଆ ସ୍ଥାନ ଖୋଜିବାକୁ ଏଣେତେଣେ ବୁଲୁଛି ବୋଲି ଆରସିସିଏଫ୍ କହିଛନ୍ତି। ତେବେ ଓଡ଼ିଶାର ଏକ ସ୍ୱତନ୍ତ୍ର ଟିମ୍ ଝାରଖଣ୍ଡରେ ରହି ବାଘୁଣୀ ଉପରେ ନଜର ରଖିଥିବା ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ନଭେମ୍ବର ୧୩ରେ ମହାରାଷ୍ଟ୍ରର ତଡବା ଜଙ୍ଗଲରେ 'ଜିନତ'କୁ ଟ୍ରାଙ୍କୁଲାଇଜ କରାଯାଇ ଶିମିଳିପାଳକୁ ଅଣା ଯାଇଥିଲା। ଶିମିଳିପାଳରେ ଏକ ସ୍ୱତନ୍ତ୍ର ଟିମ୍ ମହାରାଷ୍ଟ୍ର ଯାଇ ଆଉନଗତ ପ୍ରକ୍ରିୟା ଶେଷ କରିବା ପରେ ଏହି ବାଘୁଣୀକୁ ଅଣାଯାଇଥିଲା। ଶିମିଳିପାଳରେ ତାକୁ ଏନକ୍ଲୋଜରରେ ଛଡ଼ା ଯାଇଥିଲା। ୨୫ ତାରିଖରେ ବାଘୁଣୀକୁ ଏନକ୍ଲୋଜରରୁ ଶିମିଳିପାଳ କୋର୍ ଏରିଆରେ ଛଡ଼ାଯାଇଥିଲା।



# ବିଧାନସଭା ଖବର

### ● ୨ କଂଗ୍ରେସ ବିଧାୟକ କଥା କଟାକଟି

ପଦାରେ ପଡିଲା କଂଗ୍ରେସ କନ୍ଦଳ। ପ୍ରଶ୍ନକାଳରେ ଦୁଇ ବରିଷ୍ଠ କଂଗ୍ରେସ ବିଧାୟକ କଥା କଟାକଟି। କଂଗ୍ରେସ ବିଧାୟକ ସିଏସ୍ ରାଜନ ଏକ୍କା ଏବଂ ଦାଶରଥୀ ଗମାଙ୍ଗଙ୍କ ମଧ୍ୟରେ କଥା କଟାକଟି ଦେଖିବାକୁ ମିଳିଥିଲା। ଏଭଳି ସ୍ଥିତି ଦେଖି ତାରାପ୍ରସାଦ ବାହିନୀପତି ଏବଂ ପବିତ୍ର ସଉଁତା ହସ୍ତକ୍ଷେପ କରିବା ଦେଖିବାକୁ ମିଳିଥିଲା। କିନ୍ତୁ କେଉଁ ପ୍ରସଙ୍ଗ ନେଇ ଉଭୟ ମୁହାଁମୁହିଁ ହୋଇଥିଲେ ତାହା ଜଣାପଡିନାହିଁ। କଥା କଟାକଟି ହେବାକୁ ରାଜନ ଏକ୍କା ଅସ୍ୱୀକାର କରିଥିବାବେଳେ ବରିଷ୍ଠ ବିଧାୟକ ତାରା ବାହିନୀପତି ଓ ଦାଶରଥୀ ଗମାଙ୍ଗ ଏଥିରେ ଦୁଃଖ ପ୍ରକାଶ କରିଛନ୍ତି। ବିଧାନସଭାରେ ଦଳର ଦୁଇ ବରିଷ୍ଠ ବିଧାୟକ ଏପରି ମୁହାଁମୁହିଁ ହେବା ଘଟଣାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ତାରା। ସେ କହିଛନ୍ତି ଯେ ଦଳରେ ଆଉ ଶୃଙ୍ଖଳା ନାହିଁ। ବରିଷ୍ଠ ବିଧାୟକମାନେ ଏଭଳି ହେଉଛନ୍ତି। ଏଥିରେ ମର୍ମାହତ ହୋଇ ଆଉ ଅଂଶ ଗ୍ରହଣ ନ କରି ଚାଲି ଆସିଲି। ଦାଶରଥୀ ଗମାଙ୍ଗ କହିଛନ୍ତି ଯେ, ରାଜନ ଏକ୍କା ମୋତେ ଯାହା କହିଲେ ତାହା ମୋ ମନରେ ଦୁଃଖ ଦେଇଛି। ସେ ଗୃହରେ ମୋତେ ଅସଭ୍ୟ ଭାଷାରେ ଗାଳି ଦେଇଛନ୍ତି। ଜଣେ ଉଚ୍ଚଶିକ୍ଷିତ ହୋଇ ବିଧାନସଭାରେ ଖରାପ ଭାଷା ବ୍ୟବହାର କରିବା ଉଚିତ କି? ଏହା ଦଳକୁ କ୍ଷତି ପହଞ୍ଚାଇଛି। କଂଗ୍ରେସ ବିଧାୟକ ଦଳ ନେତା ଏନେଇ କଣ ନିଷ୍ପତ୍ତି ନେଉଛନ୍ତି ତାକୁ ଅପେକ୍ଷା କରିଛି ବୋଲି କହିଛନ୍ତି ଦାଶରଥୀ। ରାଜନ ଏକ୍କା ପ୍ରତିକ୍ରିୟାରେ କହିଛନ୍ତି ସେମିତି କିଛି ବିବାଦ ନାହିଁ। ଗୋଟିଏ ପ୍ରସଙ୍ଗରେ ଆମ ଭିତରେ ଆଲୋଚନା ହେଉଥିଲା।

### ● ୫୯,୪୩୭ ଅନଲାଇନ ଟ୍ରେଡିଙ୍ଗ ଠକେଇର ଶିକାର

ଗତ ୫ ବର୍ଷରେ ୫୯ ହଜାର ୪୩୭ ଲୋକ ଅନଲାଇନ ଟ୍ରେଡିଙ୍ଗ ଠକେଇର ଶିକାର ହୋଇଛନ୍ତି। ଆଜି ଗୃହରେ ଏଭଳି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଅନଲାଇନ ଟ୍ରେଡିଙ୍ଗ ବର୍ତ୍ତମାନ ସମୟରେ ଠକେଇର ଏକ ପ୍ରମୁଖ ମାଧ୍ୟମ ପାଲଟିଛି। ଗତ ୫ ବର୍ଷ ଭିତରେ କେତେ ଯୁବପିଢ଼ି ଅନଲାଇନ ଟ୍ରେଡିଂ ଠକେଇର ଶିକାର ହୋଇଛନ୍ତି । ତାର ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ କଂଗ୍ରେସ ବିଧାୟକ ତାରା ବାହିନୀପତିଙ୍କ ବିଧାନସଭାରେ ଜାଣିବାକୁ ଚାହିଁଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୧୯ରେ ୧୮ ଜଣ, ୨୦୨୦ରେ ୨୮ ଜଣ, ୨୦୨୧ରେ ୨୨ ଜଣ ଏବଂ ୨୦୨୨ରେ ୧୦୫ ଜଣ ଅନଲାଇନ ଟ୍ରେଡିଙ୍ଗ ଠକେଇର ଶିକାର ହୋଇଥିଲେ । ତେବେ ୨୦୨୩ରେ ହଠାତ୍ ଏହା ଅହେତୁକ ଭାବେ ବଢ଼ି ୧୮ ହଜାର ୯୯୪ରେ ପହଞ୍ଚିଥିଲା ଆଉ ଚଳିତ ବର୍ଷ ଏହା ରେକର୍ଡ ପାର୍ କରିଛି। ଏବର୍ଷ ୧୧ ମାସରେ ୪୦ ହଜାର ୨୭୦ ଜଣ ଅନଲାଇନ ଟ୍ରେଡିଂ କରି ଠକାମିରେ ପଡ଼ିଛନ୍ତି। ଏହାର ଲିଖିତ ଉତ୍ତର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଗତ ୫ ବର୍ଷ ମଧ୍ୟରେ ୫୯ ହଜାର ୪୩୭ ଲୋକ ଅନଲାଇନ ଟ୍ରେଡିଙ୍ଗ ଠକେଇର ଶିକାର ହୋଇଛନ୍ତି । ୨୦୧୯ରେ ୧୮ ଜଣ, ୨୦୨୦ରେ ୨୮ ଜଣ, ୨୦୨୧ରେ ୨୨ ଜଣ ଏବଂ ୨୦୨୨ରେ ୧୦୫ ଜଣ ଅନଲାଇନ ଟ୍ରେଡିଙ୍ଗ ଠକେଇର ଶିକାର ହୋଇଥିଲେ । ତେବେ ୨୦୨୩ରେ ହଠାତ୍ ଏହା ଅହେତୁକ ଭାବେ ବଢ଼ି ୧୮ ହଜାର ୯୯୪ରେ ପହଞ୍ଚିଥିଲା ଆଉ ଚଳିତ ବର୍ଷ ଏହା ରେକର୍ଡ ପାର୍ କରିଛି। ଏବର୍ଷ ୧୧ ମାସରେ ୪୦ ହଜାର ୨୭୦ ଜଣ ଅନଲାଇନ ଟ୍ରେଡିଂ କରି ଠକାମିରେ ପଡ଼ିଛନ୍ତି। ଏହା ସହିତ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ୱାଇ ପ୍ଲସ କାଟାଗୋରି ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ବ୍ୟବସ୍ଥାରେ ୨ ପିଏସ୍ଓଙ୍କ ସହିତ ୧୧ ଜଣ ସଶସ୍ତ୍ର ପୁଲିସ ମିଳିଛନ୍ତି।

### ● ୪୭୩ ଓଏଏସ୍ ପଦବୀ ଖାଲି

ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପାହ୍ୟାରେ ୪୭୩ ପଦବୀ ଖାଲି ପଡ଼ିଛି। ଓଡ଼ିଶା ଅର୍ଥସେବାରେ ୨୭୦ ପଦବୀ ଖାଲି ପଡ଼ିଥିବାବେଳେ ଓଡ଼ିଶା ଜଙ୍ଗଲ ସେବାରେ ୫୭୯ ପଦବୀ ଖାଲି ରହିଥିବା ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ରାଜ୍ୟରେ ପ୍ରଶାସନିକ ସେବା କ୍ଷେତ୍ରରେ ଖାଲି ପଡ଼ିଥିବା ପଦବୀ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରର ମୁଖ୍ୟମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ରାଜ୍ୟରେ ମୋଟ୍ ୨୨୪୮ଟି ମଞ୍ଜୁରୀପ୍ରାପ୍ତ ଓଏଏସ୍ ପଦବୀ ଥିବାବେଳେ ସେଥିରେ ୧୭୭୫ ଜଣ କାର୍ଯ୍ୟରତ ଅଛନ୍ତି। ୪୭୩ଟି ପଦବୀ ଖାଲି ପଡ଼ିଛି। ତେବେ କନିଷ୍ଠ ଓଏଏସ୍ ବର୍ଗରେ ସର୍ବାଧିକ ପଦବୀ ଖାଲି ରହିଛି। ସେହିଭଳି ଓଡ଼ିଶା ଅର୍ଥସେବା (ଓଏଫ୍ଏସ୍) ରେ ୧୧୭୨ଟି ମଞ୍ଜୁରୀପ୍ରାପ୍ତ ପଦବୀରେ ୯୦୨ ଜଣ କାର୍ଯ୍ୟରତ ଥିବାବେଳେ ୨୭୦ଟି ପଦବୀ ଖାଲି ପଡ଼ିଛି। ଓଏଏସ୍ ପାହ୍ୟା ଭଳି ଏଠାରେର ମଧ୍ୟ କନିଷ୍ଠ ବର୍ଗରେ ୨ଶହରୁ ଅଧିକ ପଦବୀ ଖାଲି ପହିଛି। ଓଡ଼ିଶା ଜଙ୍ଗଲ ସେବା (ଓଏଫ୍ଏସ୍)ରେ ସର୍ବାଧିକ ୫୭୯ଟି ପଦବୀ ଖାଲି ରହିଛି। ଏହି ବର୍ଗରେ ୧୦୫୮ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବାବେଳେ ସେଥିରେ ମାତ୍ର ୪୭୯ଜଣ କାର୍ଯ୍ୟ କରୁଛନ୍ତି। ଜଙ୍ଗଲ ସେବାରେ ସବୁ ପାହ୍ୟାରେ ପଦବୀ ଖାଲି ରହିଛି। ସେହିଭଳି ରାଜ୍ୟରେ ଭାରତୀୟ ପୁଲିସ୍ ସେବା (ଆଇପିଏସ୍) ର ୧୯୫ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବାବେଳେ ଏଥିରୁ ୬୮ଟି ଖାଲି ପଡ଼ିଛି। ଓଡ଼ିଶା କ୍ୟାଡରର ୨୨ଜଣ ଆଇପିଏସ୍ ଅଫିସର କେନ୍ଦ୍ର ଓ ଅନ୍ୟ ରାଜ୍ୟ କ୍ୟାଡରକୁ ଯାଇଛନ୍ତି। ସେହିଭଳି ୨୩ଜଣ ଆଇଏଏସ୍ ଓ ୯ଜଣ ଆଇଏଫ୍ଏସ୍ ଅଫିସର କେନ୍ଦ୍ରଓ ଅନ୍ୟ ରାଜ୍ୟ କ୍ୟାଡରକୁ ଯାଇଛନ୍ତି। ଅନ୍ୟ ରାଜ୍ୟ କ୍ୟାଡରର ୨ଜଣ ଆଇଏଏସ୍ଅଫିସର ଓଡ଼ିଶାରେ କାର୍ଯ୍ୟରତ ଥିବା ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

### ● ବିଧାନ ପରିଷଦ ପାଇଁ ୨୦୧୮ରୁ ପ୍ରସ୍ତାବ

ଓଡ଼ିଶା ବିଧାନ ପରିଷଦ ଗଠନ ନିମନ୍ତେ ଏକ ପ୍ରସ୍ତାବ ରାଜ୍ୟ ବିଧାନସଭା ତରଫରୁ ୨୦୧୮ ସେପ୍ଟେମ୍ବର ୧୮ ତାରିଖରୁ ସଂସଦର ଅନୁମୋଦନ ପାଇଁ ପଠାଯାଇଛି। ବିଧାନସଭାରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ। ବିଧାନ ପରିଷଦ ଗଠନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଛନ୍ତି ଯେ ବିଧାନ ପରିଷଦ ଗଠନ ପାଇଁ ରାଜ୍ୟ ବିଧାନସଭାରେ ୨୦୧୮ ମସିହା ସେପ୍ଟେମ୍ବର ୬ ତାରିଖରେ ଏକ ସଙ୍କଳ୍ପ ପାରିତ ହୋଇଥିଲା। ପରିଷଦ ଗଠନ ନିମନ୍ତେ ସେହି ମାସ ୧୮ ତାରିଖରେ ସଂସଦର ଅନୁମୋଦନ ପାଇଁ ରାଜ୍ୟସଭା ଓ ଲୋକସଭା ସଚିବାଳୟର ସଚିବ, ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ, ବିଧି ଓ ନ୍ୟାୟ ମନ୍ତ୍ରଣାଳୟ ସଚିବଙ୍କ ନିକଟକୁ ଏହା ପ୍ରେରଣ କରାଯାଇଛି।

### ● ସରକାରୀ ମେଡିକାଲ କଲେଜରେ ୮୬ ପ୍ରଫେସର ପଦବୀ ଖାଲି

ରାଜ୍ୟରେ ଥିବା ସରକାରୀ ମେଡିକାଲ କଲେଜଗୁଡିକରେ ୮୬ଟି ପ୍ରଫେସର ପଦବୀ ଖାଲି ପଡ଼ିଛି। ଏଥି ମଧ୍ୟରେ ଭିମସାରରେ ୧୩ଟି ପ୍ରଫେସର ପଦବୀ ଖାଲିଥିବାବେଳେ କଟକ ଏସ୍ସିବରେ ୧୧ଟି ପ୍ରଫେସର ପଦବୀ ଖାଲି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ ସରକାରୀ ମେଡିକାଲ କଲେଜଗୁଡିକରେ ୮୬ଟି ପ୍ରଫେସର ପଦବୀ ସହିତ ୧୭୩ ଆସୋସିଏଟ ପ୍ରଫେସର, ୮୩ଜଣ ଆସିଷ୍ଟାଣ୍ଟ ପ୍ରଫେସର, ୪୨ଜଣ ଟ୍ୟୁଟର, ୩୪୩ ଜଣ ସିନିୟର ରେସିଡେଣ୍ଟ ଓ ୪୬ଜଣ ଜୁନିୟର ରେସିଣ୍ଟେ ପଦବୀ ଖାଲି ପଡ଼ିଛି। ସେହିଭଳି ରାଜ୍ୟରେ ଥିବା ୬୯୦ଟି ଆୟୁର୍ବେଦିକ ମେଡିକାଲ ଅଫିସର ପଦବୀ ମଧ୍ୟରୁ ୧୭୧ଟି ଖାଲି ପଡ଼ିଛି। ମୟୁରଭଞ୍ଜରେ ସର୍ବାଧିକ ୧୫ଟି ଆୟୁର୍ବେଦିକ ମେଡିକାଲ ଅଫିସର ପଦବୀ ଖାଲି ପଡ଼ିଥିବାବେଳେ ଗଞ୍ଜାମରେ ୧୨, କେନ୍ଦୁଝରରେ ୧୧ ଓ ସୁନ୍ଦରଗଡ଼ରେ ଏହି ସଂଖ୍ୟା ୧୦ରହିଛି।

### ମହିଳା ନିଶା ମାଫିଆ ଘର ରେଡ୍

# ମୁଢ଼ି ଡବାରେ ଥିଲା ଟଙ୍କା



**ଭଦ୍ରକ, ୯।୧୨ (ସଂଚାର ବ୍ୟୁରୋ):** ମହିଳା ବ୍ରାଉନ୍ସୁଗର ମାଫିଆ ଧରା ପଡ଼ିଯିବା ଭୟରେ ମୁଢ଼ି ଡବା, ମିକ୍ସଚର ଡବା, ଚାଉଳ ଡବା, ତକିଆ ଖୋଳ, ସପ ଭିତରେ, ରେଜେଇ, ଖଟ ତଳେ ଟଙ୍କା ଲୁଚାଇ ରଖିଥିଲା। ପୁଲିସ୍ ଟିମ୍ ତା' ଘରେ ତନ୍ନତନ୍ନ କରି ଯାଞ୍ଚ କରି ବିପୁଳ ଟଙ୍କା ଜବତ କରିଛି। ଟଙ୍କା ଗଣିବା ପାଇଁ ମେସିନ୍ ଆଣିବାକୁ ପଡ଼ିଥିଲା। ପ୍ରାୟ ୨୫ ଲକ୍ଷରୁ ଅଧିକ ଟଙ୍କା ଜବତ କରିସାରିଲାଣି ପୁଲିସ୍। ଏବେ ମଧ୍ୟ ଚଢ଼ଉ ଜାରି ରହିଛି। ଏହି ଘଟଣାରେ ଭଦ୍ରକ ପୁଲିସ୍ ମହିଳା ବ୍ରାଉନ୍ ସୁଗର ମାଫିଆକୁ ଅଟକ ରଖି ପଚରାଉଚରା କରୁଛି। ଭଦ୍ରକ୍ ଟାଉନ ଥାନା ନୟାନଗର ମିର୍ଜାପୁର ଅଞ୍ଚଳରେ ଦୀର୍ଘ ଦିନ ଧରି ବ୍ରାଉ ନ୍ସୁଗର ଚୋରା କାରବାର ହେଉଥିଲା। ବ୍ରାଉନ୍ସୁଗର ଚାଲାଣ ସମ୍ପର୍କରେ ସୋମବାର କୌଣସି ସୂତ୍ରରୁ ପୁଲିସ୍ ଖବର ପାଇ ମାଜିଷ୍ଟ୍ରେଟ୍ ତଥା ଭଦ୍ରକ ତହସିଲଦାର ସଂଗ୍ରାମ କେଶରୀ ଖୁଣ୍ଟିଆଙ୍କ ଉପସ୍ଥିତିରେ ଘରେ ଚଢ଼ କରିଥିଲା ପୁଲିସ୍। ଚଢ଼ଉ ସମୟରେ ତାଙ୍କ ଘରୁ ୫୦ ଗ୍ରାମ ବ୍ରାଉନ୍ ସୁଗର ଜବତ କରିଥିଲା। ଧରା ପଡ଼ିଯିବା ଭୟରେ ସେ ମୁଢ଼ି ଡବା, ମିକ୍ସଚର ଡବା, ଚାଉଳ ଡବା, ତକିଆ ଖୋଳ, ସପ ଭିତରେ, ରେଜେଇ, ଖଟ ତଳେ ଆଦି ସ୍ଥାନରେ ଟଙ୍କା ଲୁଚାଇ ରଖିଥିଲେ। ଆହୁରି ଟଙ୍କା ମିଳିବ ବୋଲି ପୁଲିସ୍ ଅନୁମାନ କରୁଛି। ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି। ଭଦ୍ରକ ଏସ୍ପି ମଡକର ସନ୍ଦୀପ ସମ୍ପଦ ସାମିଲ, ଅତିରିକ୍ତ ଏସ୍ପି ଅରୂପ ଅଭିଷେକ ବେହେରା, ଡିଆଇବି ଅତିରିକ୍ତ ଏସପି ଅଂଶୁମାନ ଦ୍ୱିବେଦୀ, ଟାଉନ ଥାନା ଅଧିକାରୀ ଯାଞ୍ଚ କରିଛନ୍ତି।

# ୬୫ କ୍ରୀଡ଼ାବିତଙ୍କୁ ୫୩ ଲକ୍ଷ ୭ହଜାର ୫୦୦ ଟଙ୍କା

### ● କ୍ରୀଡ଼ା ଓ କ୍ରୀଡ଼ାବିତ୍ମାନଙ୍କର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ

**ଭୁବନେଶ୍ୱର, ୯।୧୨ (ସଂଚାର ବ୍ୟୁରୋ):** ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାମାନଙ୍କରେ ନିଜର ଉଲ୍ଲେଖନୀୟ ପ୍ରଦର୍ଶନ ଦ୍ୱାରା ରାଜ୍ୟ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଥିବା ସଫଳ କ୍ରୀଡ଼ାବିତ୍ମାନଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଛି। ୧୬ଟି କ୍ରୀଡ଼ାବର୍ଗରେ ୬୫ କ୍ରୀଡ଼ାବିତ୍ଙ୍କୁ ୫୩ ଲକ୍ଷ ୭ହଜାର ୫୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି।
ଭାରୋତ୍ତୋଳନ, ଆଥଲେଟିକ୍ସ, ହ୍ୱିଲ୍ ଚେୟାର ଫେନ୍ସିଙ୍ଗ, ଚେସ୍, ପାରା-ସନ୍ତରଣ, ଅଲଟ୍ରା ରନିଙ୍ଗ, ପାରା-ଆଥଲିଟ୍, କରାଟେ, ଡ଼ିଫ୍ ସୁଟିଂ, ବ୍ୟାଡମିଣ୍ଟନ,ସନ୍ତରଣ, କିକ୍ ବକ୍ସିଙ୍ଗ, ଆଦି ବର୍ଗରେ କ୍ରୀଡ଼ାବିତମାନଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଭାରୋତ୍ତୋଳନରେ ପ୍ରୀତିସ୍ମିତା ଭୋଇଙ୍କୁ ସର୍ବାଧିକ ୩ ଲକ୍ଷ ୩୩ ହଜାର ଟଙ୍କା, ଜ୍ୟୋତ୍ସ୍ନା ଶବରଙ୍କୁ ୨ ଲକ୍ଷ ୩୩ ହଜାର, ଧାବକ ଅନିମେଷ କୁଜୁରଙ୍କୁ ୨ ଲକ୍ଷ ୩୦ ହଜାର ଓ ୮ ବର୍ଷର ଚେସ୍ ଖେଳାଳୀ ସାତ୍ତ୍ୱିକ ସ୍ୱାଇଁଙ୍କୁ ୬୭ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ପାରା-କ୍ରୀଡ଼ାବିତ୍ ମାଳତିଙ୍କୁ ୧ ଲକ୍ଷ ୮୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ସମୁଦାୟ ୧୯ ଜଣ ପାରା-କ୍ରୀଡ଼ାବିତ୍ ଙ୍କୁ ଆଜିର ସମ୍ବର୍ଦ୍ଧନା ସମାରୋହରେ ପୁରସ୍କାର ଧନରାଶି ପ୍ରଦାନ କରାଯାଇଛି। ଆଜିର କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରୀଡ଼ାବିତ୍ମାନଙ୍କୁ ପ୍ରୋତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଓଡ଼ିଶା ହକି ପ୍ରମୋସନ କାଉନସିଲର ସିଇଓ ଦୀପଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କ୍ୱାର୍ଟର୍ସ ଛାଡୁନାହାନ୍ତି ୧୪ ପୂର୍ବତନ ବିଧାୟକ

**ଭୁବନେଶ୍ୱର,୯।୧୨ (ସଂଚାର ବ୍ୟୁରୋ):** ଓଡ଼ିଶାର ୧୪ ଜଣ ପୂର୍ବତନ ବିଧାୟକ ଭୁବନେଶ୍ୱରରେ ଅନଧିକୃତ ଭାବରେ ସେମାନଙ୍କ ସରକାରୀ କ୍ୱାର୍ଟର୍ସ ଦଖଲ କରିଛନ୍ତି। ସୋମବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ଉପସ୍ଥାପିତ ହୋଇଥିବା ତଥ୍ୟ ଅନୁଯାୟୀ ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଏହି ତଥ୍ୟ ଉପସ୍ଥାପନ କରିଛନ୍ତି ଯେଉଁଥିରେ ବର୍ତ୍ତମାନର ବିଧାୟକଙ୍କୁ ପ୍ରଦାନ କରାଯାଇଥିବା ସରକାରୀ କ୍ୱାର୍ଟର୍ସ ଏବଂ ପୂର୍ବତନ ସଦସ୍ୟ ଯେଉଁମାନେ କ୍ୱାର୍ଟର୍ ଖାଲି କରିନାହାଁନ୍ତି। ତଥ୍ୟ ଅନୁଯାୟୀ, ୧୪ ଜଣ ପୂର୍ବତନ ସଦସ୍ୟ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ସରକାରୀ କ୍ୱାର୍ଟର୍ସ ଦଖଲ କରିଛନ୍ତି। ସେଥିମଧ୍ୟରୁ ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ ଏବଂ ସାନ୍ତୋଷ ସିଂ ସାଲୁଜା ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସରକାରୀ କ୍ୱାର୍ଟର୍ସ ଦଖଲରେ ରଖିଛନ୍ତି।

### ରାଜାଙ୍କ ଆଳୁ ମନ୍ତ୍ରୀ ମନ୍ତବ୍ୟ

# 'ଆଚରଣ ଠିକ କର'



**ଭୁବନେଶ୍ୱର, ୯।୧୨ (ସଂଚାର ବ୍ୟୁରୋ):** ବିଧାନସଭାରେ ମୁହାଁମୁହିଁ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଧାନ କିଣାରେ ଅବ୍ୟବସ୍ଥା ସମ୍ପର୍କିତ ମୂଳତବୀ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କୁ କଟାକ୍ଷ କରିଥିଲେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ଯୋଗାଣମନ୍ତ୍ରୀ କୃଷ୍ଣ ପାତ୍ରଙ୍କୁ ବାରମ୍ବାର 'ଆଳୁ ମନ୍ତ୍ରୀ' ବୋଲି ସମ୍ବୋଧନ କରିବା ସହ ଧାନ କିଣା ପ୍ରସଙ୍ଗକୁ ନେଇ ମନ୍ତ୍ରୀଙ୍କୁ ଟାର୍ଗେଟ କରିଥିଲେ ବିଧାୟକ ରାଜା ସ୍ୱାଇଁ। ବିଜେପିକୁ ଜୁମଲା ପାର୍ଟି କହି ମଧ୍ୟ ସେ ସମାଲୋଚନା କରିଥିଲେ। ରଣେନ୍ଦ୍ର କହିଥିଲେ, ୨୦ତାରିଖରୁ ଧାନ କିଣା ଆରମ୍ଭ ହୋଇସାରିଥିବା ବେଳେ ଏବେ ସୁଦ୍ଧା ମାତ୍ର ୫ଜିଲ୍ଲାରେ ଧାନ କିଣା ଆରମ୍ଭ ହୋଇଛି। ଅବ୍ୟବସ୍ଥା ପାଇଁ ମଣ୍ଡିରୁ ଧାନ ଉଠୁନି। ଅନେକ ସ୍ଥାନରେ ମଣ୍ଡି ଥିଲେ ବି ଚାଷୀଙ୍କୁ ଟୋକନ ମିଳୁନି। ଚାଷୀଙ୍କୁ ସଚେତନତା କରିବା ପରିବର୍ତ୍ତେ ଭୟଭୀତ କରୁଛନ୍ତି ସରକାର। ଜବାବରେ ମନ୍ତ୍ରୀ କୃଷ୍ଣ ପାତ୍ର କହିଥିଲେ, ବରିଷ୍ଠ ସଦସ୍ୟ ଏପରି କହିବା ଠିକ ନୁହେଁ। ପ୍ରଥମେ ସେ ନିଜ ଆଚରଣ ଠିକ କରନ୍ତୁ। ଅନେକ ସମୟରେ ଅନେକ ବିଜେଡି ସଦସ୍ୟ ଭିନ୍ନ ଭିନ୍ନ କଥା କହୁଛନ୍ତି। ବିଜେଡିକୁ ଚ୍ୟାଲେଞ୍ଜ କରି ସେ କହିଛନ୍ତି, ଆଗାମୀ ୩୦ ବର୍ଷରୁ ଅଧିକ ସମୟ ଶାସନକୁ ଆସି ପାରିବନି ବିଜେଡି। ଏବେ ନିର୍ବାଚନ ହେଲେ ୧୨୦-୧୪୦ ଆସନ ଜିତିବ ବୋଲି କହୁଛି ବିଜେଡି କିନ୍ତୁ ୧୪ ଆସନ ଜିତି ପାରିବ କି ନାହିଁ ତାହା ସନ୍ଦେହ। ବିଜେଡି ନେତା କ୍ଷମତା ବିନା ଛଟପଟ ହେଉଛନ୍ତି । ନବୀନ ସରକାର ଦିନରେ ଚାଷୀଙ୍କୁ ଲଣ୍ଠନ ଦେଖାଇ ଦେଲେ। ଏବେ ବିଜେପି ସରକାରଙ୍କୁ ଦୋଷ ଦେଉଛନ୍ତି। ବିଜେଡି ବିଧାୟକମାନେ ସଂଯମତା ରକ୍ଷା କରନ୍ତୁ।

# 'ଶାସ୍ତ୍ରୀୟ ଓଡ଼ିଶୀ ସଂଗୀତର ବିଭିନ୍ନ ଆୟାମ' ଆଲୋଚନାଚକ୍ର




**ଭୁବେନଶ୍ୱର, ୯।୧୨ (ସଂଚାର ବ୍ୟୁରୋ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଓଡ଼ିଶା କଣ୍ଠ ସଙ୍ଗୀତ ବିଭାଗ ପକ୍ଷରୁ ନୀଳଶୈଳ ସହଯୋଗିତାରେ 'ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତର ବିଭିନ୍ନ ଆୟାମ' ଶୀର୍ଷକ ଏକ ଦିନିକିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ଡ. ରାଜେନ୍ଦ୍ର ପ୍ରସାଦ କୃଷି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଉଦ୍ଘାଟକ ଭାବେ ଯୋଗଦେଇ ଓଡ଼ିଶୀ ସଙ୍ଗୀତର ପ୍ରାଚୀନତା ଓ ଶ୍ରୀ ଜୟଦେବକୃତ ଗୀତଗୋବିନ୍ଦ ସମ୍ପର୍କରେ ତାଙ୍କର ଗବେଷଣାଲବ୍ଧ ତତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଆକାଶବାଣୀ ଓ ଦୂରଦର୍ଶନର ପ୍ରାକ୍ତନ ନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶୀ ସଂଗୀତର ପାରମ୍ପରିକ ବୈଶିଷ୍ଟ୍ୟ ଓ ଏହାର ଲାଳିତ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଗବେଷକ ଡ. କୀର୍ତ୍ତନ ନାରାୟଣ ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ତାଙ୍କ ସଭାପତିତ୍ୱ ଅଭିଭାଷଣରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ଜରିଆରେ କେନ୍ଦ୍ର ସରକାରଙ୍କ ନିକଟରେ ତଥ୍ୟଭିତ୍ତିକ ଦାବି ଉପସ୍ଥାପନା କରାଯିବ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପ୍ରଫେସର ଗଣେଶ ପ୍ରସାଦ ଦାସ, ନୀଳଶୈଳର ମୁଖ୍ୟ ଉପଦେଷ୍ଟା ଶ୍ରୀଯୁକ୍ତ ସହଦେବ ଜୟସିଂହ, କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ ଓ ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା ପ୍ରମୁଖ ଯୋଗେଦଇ ଏହି ଆଲୋଚନାଚକ୍ରର ପ୍ରାସଙ୍ଗିକତା ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ବର୍ଷିୟାନ ଓଡ଼ିଶୀ ସଙ୍ଗୀତଜ୍ଞ ଗୁରୁ ନବକିଶୋର ପଟ୍ଟନାୟକଙ୍କୁ ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାନପତ୍ର ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶ୍ରୀମତୀ ସାଗରିକା କୁଣ୍ଡୁ ଓ ଓଡ଼ିଶୀ କଣ୍ଠ ସଙ୍ଗୀତ ବିଭାଗର ଛାତ୍ରଛାତ୍ରୀମାନେ କଣ୍ଠ ସଂଗୀତ ପରିବେଷଣ କରିଥିଲେ। ଓଡ଼ିଶୀ କଣ୍ଠ ସଙ୍ଗୀତ ବିଭାଗର ସହଯୋଗୀ ପ୍ରଫେସର ଗୁରୁ ଡ. ଧୀରଜ କୁମାର ମହାପାତ୍ର ଓ ସହକାରୀ ପ୍ରଫେସର ଡ.ନିଳାଦ୍ରୀ କଲ୍ୟାଣ ଦାସ ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସହକାରୀ ପ୍ରଫେସର. ଆଶିଷ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ତେଜସ ରାଜରେ ବିନା ଟିକେଟ ଯାତ୍ରୀଙ୍କ ରାଜ୍

### ରିଜର୍ଭ କରିଥିବା ଯାତ୍ରୀ ନାକେଦମ
### ହାତଗୁଞ୍ଜା ନେଇ ପୁଲିସ ଚୁପ୍

**ଭୁବନେଶ୍ୱର, ୯।୧୨:** ନୂଆଦିଲ୍ଲୀ-ଭୁବନେଶ୍ୱର ମଧ୍ୟରେ ଚଳାଚଳ କରୁଥିବା ରାଜଧାନୀ (ବର୍ତ୍ତମାନ ତେଜସ ରାଜ) ସୁପରଫାଷ୍ଟ ଟ୍ରେନର ଯାତ୍ରୀମାନେ ଏବେ ନାକେଦମ ହେଉଛନ୍ତି। ବହୁ ପୂର୍ବରୁ ସଂରକ୍ଷଣ ଟିକଟ କାଟିଥିଲେ ମଧ୍ୟ ସେମାନେ ସହଜରେ ନିଜ ଆସନରେ ବସିପାରୁ ନାହାନ୍ତି। ବିନା ଟିକଟରେ ଯାତ୍ରୀମାନେ ମନଇଚ୍ଛା ପ୍ରବେଶ କରୁଥିବାରୁ ଏଭଳି ସ୍ଥିତି ଉପୁଜିଛି। ନିକଟରେ ଏହି ଟ୍ରେନରେ ନୂଆଦିଲ୍ଲୀରୁ ଭୁବନେଶ୍ୱର ଆସିଥିବା ଜଣେ ଯାତ୍ରୀ କହିଛନ୍ତି ଯେ ରାଜଧାନୀର ନୂଆ ନାମକରଣ ହୋଇଥିବା ଟ୍ରେନରେ ନୂଆଦିଲ୍ଲୀ ଷ୍ଟେସନରୁ ମନଇଚ୍ଛା ଯାତ୍ରୀମାନେ ଚଢ଼ି ଯାଉଛନ୍ତି। ସେମାନଙ୍କୁ ବାରଣ କରିବାକୁ କେହି ନାହାଁ ଟ୍ରେନ ଚାଲିଲା ପରେ ଏମାନେ ଯେଉଁଠି ପାରୁଛନ୍ତି ସେଠାରେ ବସିଯାଉଛନ୍ତି। ଏପରିକି ସଂରକ୍ଷଣ ଟିକଟ କାଟିଥିବା ଲୋକଙ୍କ ଆସନକୁ ଦଖଲ କରି ନେଉଛନ୍ତି। ଅଧାବାଟରେ ଓହ୍ଲାଇବାକୁ ଥିବା ଅଧିକାଂଶ ଅଣଓଡିଆ ଯାତ୍ରୀମାନଙ୍କୁ କେହି ସାହସରେ କିଛି କହିପାରୁ ନାହାନ୍ତି।ଏହି ସୁପରଫାଷ୍ଟ ଟ୍ରେନରେ ବିନା ଟିକଟରେ ଚଢ଼ିବା ଏକ ପ୍ରକାର ଦଣ୍ଡନୀୟ ଅପରାଧ। ତଥାପି ଟ୍ରେନରେ ଥିବା ସୁରକ୍ଷାକର୍ମୀ ଓ ଟିଟି ମାନଙ୍କର କୋହଳ ପଣ ଯୋଗୁଁ ବିନା ଟିକଟରେ ଯାତ୍ରୀମାନେ ପ୍ରାୟ ସବୁ ବଗିରେ ଚଢ଼ି ଯାଉଛି। ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ତୃତୀୟଶ୍ରେଣୀ ବଗିରେ ଅଧିକ ସଂଖ୍ୟାରେ ବିନା ଟିକେଟ ଯାତ୍ରୀ ଚଢୁଥିବା ଦେଖିବାକୁ ମିଳୁଛି। ଏମାନେ ସଂରକ୍ଷିତ ଟିକଟଧାରୀଙ୍କ ଆସନକୁ ଦଖଲ କରିବା ସହିତ ସେମାନଙ୍କର ବ୍ୟାଗ ଆଦି ରଖି ଦେଉଛନ୍ତି। ସୁରକ୍ଷା ଦାୟିତ୍ୱରେ ଥିବା ବନ୍ଧୁକଧାରୀ ପୁଲିସ୍ ଓ ଟିଟି ମାନଙ୍କୁ ହାତଗୁଞ୍ଜା ଦେଇ ଏମାନେ ବିଭିନ୍ନ ବଗିରେ ତଳେ ବସି ରହୁଛନ୍ତି। ଫଳରେ ଯେଉଁ ବୟସ୍କ ଓ ମହିଳାମାନେ ତଳ ଆସନଟି ସଂରକ୍ଷିତ କରିଛନ୍ତି ସେମାନେ ପାଦ ପକାଇବାକୁ ସ୍ଥାନ ଟିକେ ପାଉନାହାନ୍ତି। ରାତି ହେଲେ ଚୋରି ଭୟରେ ଅନେକ ବୟସ୍କ ଓ ମହିଳା ଶୋଇପାରୁ ନଥିବା କହିଛନ୍ତି। ବର୍ତ୍ତମାନ ବିମାନ ଟିକଟ ଦର ଦୁଇ ତିନିଗୁଣା ବୃଦ୍ଧି ପାଇଥିବାରୁ ରାଜଧାନୀ ଭଳି ଟ୍ରେନରେ ଅଧିକ ଲୋକ ଯିବାକୁ ଚାହୁଁଛନ୍ତି। ଫଳରେ ଯେଉଁମାନେ ପୂର୍ବରୁ ଟିକଟ ସଂରକ୍ଷଣ କରିନାହାନ୍ତି ସେମାନେ ବି ଷ୍ଟେସନରୁ ଟିକଟକାଟି ସଂଗେ ସଂଗେ ଟ୍ରେନରେ ଚଢୁଛନ୍ତି। ଏସବୁ ରେଳ ସୁରକ୍ଷାକର୍ମୀ ଓ ଟିଟିଇ ମାନଙ୍କ ଜ୍ଞାତସାରରେ ଘଟୁଛି। ସେମାନେ ଭଲ ଭାବେ ହାତ ଚିକ୍କଣ କରୁଥିବାବେଳେ ମାସେ ଦୁଇମାସ ତଳୁ ପଇସା ଦେଇ ସଂରକ୍ଷିତ ଟିକଟ କାଟିଥିବା ଲୋକେ ହଇରାଣ ହରକତ ହେଉଛନ୍ତି। ଆସନ ଠାରୁ ଅଧିକଯାତ୍ରୀ ଯାତ୍ରା କରୁଥିବା ଏହି ସୁପରଫାଷ୍ଟ ଟ୍ରେନରେ ଖାଦ୍ୟ ଓ ପାନୀୟ ସମସ୍ୟା ମଧ୍ୟ ଦେଖା ଦେଉଛି। ସମସ୍ତ ଯାତ୍ରୀଙ୍କ ଟିକଟରେ ଖାଦ୍ୟ ବ୍ୟବସ୍ଥା ଥିବାବେଳେ ରେଳବାଇ କର୍ମୀମାନେ କେତେକ ସମୟରେ ଜାଣିଶୁଣି ଖାଇବା ଦେଉନାହାନ୍ତି ନଚେତ ବିଳମ୍ବ କରୁଛନ୍ତି। ଏହାକୁ ମଧ୍ୟ ମଧ୍ୟ ସଂରକ୍ଷିତ ଯାତ୍ରୀ ଓ ରେଳ କର୍ମଚାରୀଙ୍କ ମଧ୍ୟରେ ଉଚ୍ଚବାଚ ହେଉଛି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ସର୍ଭିସ୍ ନେଟ୍‌ୱର୍କ ବଢ଼ାଇବେ ଇଭି କମ୍ପାନି

**ନୂଆଦିଲ୍ଲୀ, ୯।୧୨:** ଦୁଇ ଚକିଆ ଇଲେକ୍ଟ୍ରିକ୍ ଯାନ (ଇଭି) ଶିଳ୍ପରେ ସେବାକୁ ନେଇ ଗ୍ରାହକଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷକୁ କମ୍ କରିବା ଲାଗି ଉତ୍ପାଦନକାରୀ କମ୍ପାନିଗୁଡ଼ିକ ସର୍ଭିସ ନେଟ୍‌ୱର୍କ ବଢ଼ାଇବା ଉପରେ ଧ୍ୟାନ ଦେଉଛନ୍ତି। ଓଲା ଇଲେକ୍ଟ୍ରିକ୍, ଏଥର୍ ଏନର୍ଜି, କାଇନେଟିକ୍ ଗ୍ରିନ୍ ଏବଂ ବିଜିଓଏସ୍ ଭଳି ଶିଳ୍ପ ସଂସ୍ଥା ପ୍ରିମିୟମ୍ ସେବା ପଦକ୍ଷେପ ଏବଂ ଭିତ୍ତିଭୂମି ବୃଦ୍ଧି ଆରମ୍ଭ କରୁଛନ୍ତି। ଏହା ଦ୍ୱାରା ସେମାନେ ବିକ୍ରୟ ପରବର୍ତ୍ତୀ ସେବା ଏବଂ ସାମଗ୍ରିକ ଗ୍ରାହକ ସନ୍ତୋଷରେ ଉନ୍ନତି ଆଣିବାକୁ ଯୋଜନା କରିଛନ୍ତି। ଏଥର୍ ଏନର୍ଜି ନିକଟରେ ଏହାର ସର୍ବୋଚ୍ଚ ସ୍ତରୀୟ ସେବା ଅଭିଜ୍ଞତା ଏଥର୍ ଗୋଲ୍ଡ ସର୍ଭିସ୍ ସେଣ୍ଟର ଆରମ୍ଭ କରିଛି। ଏହି ସର୍ଭିସ୍



ସେଣ୍ଟରଗୁଡ଼ିକରେ ଗ୍ରାହକଙ୍କୁ ପ୍ରତୀକ୍ଷା କରିବା ପାଇଁ ଅଧିକ ସ୍ଥାନ ଓ ଲାଉଞ୍ଜ ରଖାଯାଇଛି। ମହାରାଷ୍ଟ୍ରର ନାସିକ୍‌ରେ ପ୍ରଥମ ସ୍ୱର୍ଣ୍ଣ କେନ୍ଦ୍ର ଖୋଲାଯାଇଛି। ଏଥର୍ ଏହାର ସମସ୍ତ ୨୧୫ଟି ସେବା କେନ୍ଦ୍ରକୁ ଗୋଲ୍ଡ ସର୍ଭିସ୍ ସେଣ୍ଟରରେ ପରିଣତ କରିବାକୁ ଯୋଜନା ରଖିଛି। ଓଲା ଇଲେକ୍ଟ୍ରିକ୍ ଏହାର ଷ୍ଟୋର୍ ସଂଖ୍ୟା ୪,୦୦୦ ସ୍ଥାନକୁ ବୃଦ୍ଧି କରିବାକୁ ଯୋଜନା ରଖିଛି। ସେବା ସୁବିଧା ସହିତ କମ୍ପାନିର ଷ୍ଟୋର୍ ଗୁଡ଼ିକ ସହରାଞ୍ଚଳ ଏବଂ ଗ୍ରାମୀଣ ଗ୍ରାହକଙ୍କୁ ସେବା ପ୍ରଦାନ କରିବ ଏବଂ ଦେଶବ୍ୟାପୀ ଇଭିର ଉପଲବ୍ଧତା ବୃଦ୍ଧି କରିବ। ୫୦୦ରୁ ଅଧିକ ଡିଲରସିପ୍ ଏବଂ ସର୍ଭିସ୍ ସେଣ୍ଟର ଚଳାଉଥିବା କାଇନେଟିକ୍ ଗ୍ରିନ୍ ମଧ୍ୟ ବିକ୍ରି ପରବର୍ତ୍ତୀ ସେବା ଉପରେ ଗୁରୁତ୍ୱ ଦେଉଛି।

# ଭାରତ ଫେରୁଛନ୍ତି ବିଦେଶୀ ନିବେଶକ

**ଭୁବନେଶ୍ୱର, ୯।୧୨:** ବିଦେଶୀ ନିବେଶକ ଭାରତ ଫେରୁଥିବାବେଳେ ଡିସେମ୍ବର ପ୍ରଥମ ସପ୍ତାହରେ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫପିଆଇ)ଙ୍କ ଦ୍ୱାରା ବୃହତ୍ ନିଟ୍ ନିବେଶ ଭାରତୀୟ ଷ୍ଟକ ବଜାରରେ ଏକ ସକାରାତ୍ମକ ସଙ୍କେତ ଭାବରେ ଦେଖାଯାଉଛି। କ୍ରମାଗତ ଦୁଇମାସ ପରେ ବର୍ତ୍ତମାନ ଏଫପିଆଇର ପ୍ରତ୍ୟାବର୍ତ୍ତନ ନିବେଶକଙ୍କ ମଧ୍ୟରେ ଘରୋଇ ଷ୍ଟକ ମାର୍କେଟରେ ପୁଣି ଥରେ ବୃଦ୍ଧି ନେଇ ଆଶା ସୃଷ୍ଟି କରିଛି। ଡିସେମ୍ବର ପ୍ରଥମ ସପ୍ତାହରେ, ଏଫପିଆଇ ଶେୟାରରେ ୨୪,୪୫୪ କୋଟି ଟଙ୍କାର ନିଟ୍ ବିନିଯୋଗ କରିଛି। ବିଶେଷଜ୍ଞଙ୍କ ଅନୁଯାୟୀ, ବୈଶ୍ୱିକ ସ୍ଥିତିର ସ୍ଥିରତା ଏବଂ ଆମେରିକାର ଫେଡେରାଲ ରିଜର୍ଭ ଦ୍ୱାରା ସୁଧ ହାର ହ୍ରାସ ହେବାର ସମ୍ଭାବନା ଯୋଗୁ ଏହା ଘଟିଛି। ଏହା ପୂର୍ବରୁ, ନଭେମ୍ବରରେ ଏଫପିଆଇ ୨୧,୬୧୨ କୋଟି ଏବଂ ଅକ୍ଟୋବରରେ ୯୪,୦୧୭ କୋଟି ଟଙ୍କା ପ୍ରତ୍ୟାହାର କରିନେଇଥିଲା। ତେବେ ଗତ ୯ମାସ ମଧ୍ୟରେ ସେପ୍ଟେମ୍ବରରେ ଏଫପିଆଇ କ୍ରୟ ସର୍ବୋଚ୍ଚ ସ୍ତରରେ ରହିଥିଲା। ଏହି ମାସରେ ୫୭,୭୨୪ କୋଟି ଟଙ୍କା ବିନିଯୋଗ ହୋଇଥିଲା। ଜମାକାରୀ ତଥ୍ୟ ଦର୍ଶାଇଛି ଯେ, ୨୦୨୪ରେ ବର୍ତ୍ତମାନ ସୁଦ୍ଧା ଏଫପିଆଇ ବିନିଯୋଗ ୯,୪୩୫ କୋଟିରେ ପହଞ୍ଚିଛି। ଏ ବାବଦରେ ମର୍ନିଂଷ୍ଟାର ଇନ୍‌ଭେଷ୍ଟମେଣ୍ଟ ରିସର୍ଚ୍ଚ ଇଣ୍ଡିଆର ଯୁଗ୍ମ ନିର୍ଦ୍ଦେଶକ ହିମାଂଶୁ ଶ୍ରୀବାସ୍ତବ କହିଛନ୍ତି ଯେ, ଡୋନାଲ୍ଡ ଟ୍ରମ୍ପଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକାରୀ




ହୋଇଥିବା ନୀତି, ମୁଦ୍ରାସ୍ଫୀତି, ସୁଧ ହାର ଏବଂ ଭୌଗୋଳିକ-ରାଜନୈତିକ ଦୃଷ୍ଟିକୋଣରୁ ଆସନ୍ତା ମାସରେ ଏଫପିଆଇର ଗତି କୁଆଡ଼େ ଜଣାପଡ଼ିବ। ସେ କହିଛନ୍ତି ଯେ ଏହା ବ୍ୟତୀତ ଭାରତୀୟ କମ୍ପାନୀଗୁଡ଼ିକର ତୃତୀୟ ତ୍ରୈମାସିକ ରୋଜଗାର ପ୍ରଦର୍ଶନ ଏବଂ ଅର୍ଥନୈତିକ ଅଭିବୃଦ୍ଧି ଦିଗରେ ଦେଶର ଅଗ୍ରଗତି ନିବେଶକଙ୍କ ଭାବନାକୁ ଆକୃଷ୍ଟ କରିବାରେ ଏବଂ ବିଦେଶୀ ପୁଞ୍ଜି ବିନିଯୋଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଶ୍ରୀବାସ୍ତବ ଆହୁରି ମଧ୍ୟ କହିଛନ୍ତି, ବଜାରରେ ସମ୍ପ୍ରତି ସଂଶୋଧନ ଦ୍ୱାରା ହୁଏତ କିଛି ନିବେଶ ବୃଦ୍ଧି ପାଇଁ ଏଫପିଆଇକୁ ପ୍ରେରଣା ଦେଇପାରେ। ଏହା ବ୍ୟତୀତ ଚାଇନା ଏବଂ ଅନ୍ୟାନ୍ୟ ଦେଶ ଉପରେ ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରସ୍ତାବିତ ଶୁଳ୍କ ହେତୁ ଚାଇନାର ଇକ୍ୱିଟି ଉପରେ ଅନିଶ୍ଚିତତା କାରଣରୁ ଏଫପିଆଇଗୁଡ଼ିକ ପୁନର୍ବାର ଭାରତୀୟ ଇକ୍ୱିଟି ଆଡ଼କୁ ମୁହାଁଇଥିବେ।

## ଭୁବନେଶ୍ୱରରେ ଆଜି ସୁନା ଦର



**ଭୁବନେଶ୍ୱର, ୯।୧୨:** ବଢ଼ିଲା ସୁନାଦର। ୨୪ କ୍ୟାରେଟ୍ ସୁନା ଦରରେ ୧୬୦ ଟାଙ୍କ ଓ ୨୨ କ୍ୟାରେଟ୍ ସୁନାରେ ୧୫୦ ଟଙ୍କା ୨୪ ଘଣ୍ଟାରେ ବଢ଼ିଛି। ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୧ ହଜାର ୩୦୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୭ ହଜାର ୭୮୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୧,୩୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୭ ,୭୮୦ ଟଙ୍କା ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୧,୩୦୦ ଟଙ୍କା ଓ ୭୭ ,୭୮୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୧,୪୫୦ ଟଙ୍କା ଓ ୭୭ ,୯୩୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୧, ୩୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୭,୭୮୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୧,୩୦୦ ଟଙ୍କା ଓ ୭୭,୭୫୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୨,୦୦୦ ହଜାର ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ୍ ଦର



**ନୂଆଦିଲ୍ଲୀ, ୯।୧୨:** ଗାଡ଼ିରେ ତେଲ ପକାଇବା ପୂର୍ବରୁ ଜାଣିନିଅନ୍ତୁ ଆଜି କେତେ ରହିଛି ତେଲ ଦର। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୦୧ ଟଙ୍କା ୯୫ ପଇସା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ମାଗଣାରେ ଅପଡେଟ୍ ହେବ ଅଧାରକାର୍ଡ

**ନୂଆଦିଲ୍ଲୀ,୯।୧୨:** ଭାରତରେ ଲୋକଙ୍କ ପାଖରେ ଅନେକ ଡକ୍ୟୁମେଣ୍ଟ ଗୁରୁତ୍ୱପୂର୍ଣ୍ଣ ସମୟରେ ଆବଶ୍ୟକ ହୋଇଥାଏ। ସେଗୁଡ଼ିକ ମଧ୍ୟରେ ସର୍ବାଧିକ ବ୍ୟବହୃତ ଡକ୍ୟୁମେଣ୍ଟ ହେଉଛି ଆଧାର କାର୍ଡ। ଭାରତର ଜନସଂଖ୍ୟାର ପ୍ରାୟ ୯୦ ପ୍ରତିଶତ ଆଧାର କାର୍ଡ ରହିଛି। ବିଦ୍ୟାଳୟ-କଲେଜରେ ଆଡମିଶନ ନେବା ଠାରୁ ଆରମ୍ଭ କରି ସରକାରୀ ଯୋଜନାର ସୁବିଧା ପାଇବା ପର୍ଯ୍ୟନ୍ତ ଆପଣଙ୍କୁ ଆଧାର କାର୍ଡ ଦରକାର। ଅନେକ ଥର ଆଧାର କାର୍ଡ ତିଆରି କରିବା ସମୟରେ ଲୋକମାନେ କିଛି ଭୁଲ କରନ୍ତି। ହେଲେ ୟୁଆଇଡିଏଆଇ ଆଧାର କାର୍ଡ ଅପଡେଟ କରିବାର ଏକ ସୁଯୋଗ ପ୍ରଦାନ କରୁଛି। ତଥାପି, ଏଥିପାଇଁ ଆପଣଙ୍କୁ ଫି ଦେବାକୁ ପଡିବ। କିନ୍ତୁ ଯଦି ଆପଣ ଏହି ତାରିଖ ପର୍ଯ୍ୟନ୍ତ ଆଧାର କାର୍ଡ ଅପଡେଟ୍ କରୁଛନ୍ତି। ତେବେ ଏଥିପାଇଁ ଆପଣଙ୍କୁ କୌଣସି ଶୁଳ୍କ ଦେବାକୁ ପଡିବ ନାହିଁ, କାରଣ ୟୁଆଇଡିଏଆଇ ଆପଣଙ୍କୁ ଆଧାର ମାଗଣାରେ ଅପଡେଟ୍ କରିବାର ସୁଯୋଗ ଦେଉଛି। ଆଧାର କାର୍ଡଧାରୀଙ୍କୁ ବର୍ତ୍ତମାନ ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ ଇଣ୍ଡିଆ (ୟୁଆଇଡିଏଆଇ) ଦ୍ୱାରା ବହୁତ ସୁବିଧା ଦିଆଯାଉଛି। ଯେଉଁମାନଙ୍କର ଆଧାର କାର୍ଡ ୧୦ ବର୍ଷ ପୁରୁଣା। ସମସ୍ତେ ସେମାନଙ୍କର ଆଧାର କାର୍ଡ ମାଗଣାରେ ଅପଡେଟ କରିପାରିବେ। ମାଗଣା ଆଧାର କାର୍ଡ ଅପଡେଟ ପାଇଁ ୟୁଆଇଡିଏଆଇ ଡିସେମ୍ବର ୧୪କୁ ଶେଷ ତାରିଖ ଭାବରେ ସ୍ଥିର କରିଛି। ଯଦି ଆପଣ ଏହି ତାରିଖ ସୁଦ୍ଧା ଆପଣଙ୍କର ଆଧାର କାର୍ଡ ଅପଡେଟ କରନ୍ତି। ତେବେ ଅପଡେଟ ପାଇଁ ଆପଣଙ୍କୁ ଦେୟ ଦେବାକୁ ପଡିବ ନାହିଁ। ଯଦି ଆଧାର କାର୍ଡକୁ ମାଗଣାରେ ଅପଡେଟ କରିବାକୁ ଚାହୁଁଛନ୍ତି।

# ନୂଆ ଇଲେକ୍ଟ୍ରିକ୍ ଅବତାରରେ ଆସିବାକୁ ଯାଉଛି ଚେତକ

**ନୂଆଦିଲ୍ଲୀ, ୯।୧୨:** ବଜାଜ ଚେତକ ବର୍ତ୍ତମାନ ନୂଆ ଇଲେକ୍ଟ୍ରିକ୍ ଅବତାରରେ ଭାରତୀୟ ବଜାର ଏଣ୍ଟ୍ରି କରିବାକୁ ଯାଉଛି। ଡିସେମ୍ବର ୨୦୨୪ ର ଏହି ମାସରେ ବଜାଜର ନୂଆ ଇଲେକ୍ଟ୍ରିକ୍ ସ୍କୁଟର ବଜାରକୁ ପ୍ରବେଶ କରିବାକୁ ଯାଉଛି। ବଜାଜ ଏହାର ନୂଆ ମଡେଲରେ ଅନେକ ବଡ଼ ପରିବର୍ତ୍ତନ ମଧ୍ୟ କରିଛି। ଏହି ସ୍କୁଟରକୁ ଏକ ନୂଆ ପ୍ଲାଟଫର୍ମରେ ନିର୍ମାଣ କରାଯାଇଛି। ସ୍କୁଟରକୁ ଭଲ ରେଞ୍ଜ ଦେବା ବ୍ୟତୀତ ଏହାର ପାୱାର ମଧ୍ୟ ଉନ୍ନତ ହୋଇଛି। ବଜାଜ ଚେତକ ଇଲେକ୍ଟ୍ରିକ୍ ୨୦ ଡିସେମ୍ବରରେ ଭାରତୀୟ ବଜାରରେ ଲଞ୍ଚ ହେବାକୁ ଯାଉଛି। ଏହି ସ୍କୁଟରର ଡିଜାଇନ୍ ଏବଂ ଲୁକ୍ ବଜାଜ ଚେତକର ପେଟ୍ରୋଲ ଭାରିଆଣ୍ଟ ସହିତ ବହୁତ ସମାନ ହୋଇପାରେ। ଇଭିର ଡିଜାଇନକୁ ଆହୁରି ଉନ୍ନତ କରିବାକୁ, ଏଥିରେ କିଛି ପରିବର୍ତ୍ତନ ମଧ୍ୟ ଦେଖାଯାଇପାରେ। ଚେତକର ବିଶେଷତା ହେଉଛି ଏହାର ଡିଜାଇନ୍ ଏବଂ ଅଟୋମେକର୍ସ ମଧ୍ୟ ବିଶେଷ ଯତ୍ନ ନେବାକୁ ଯାଉଛନ୍ତି ଯେପରି ଏହା ଲୋକଙ୍କ ପସନ୍ଦ ବଜାୟ ରହିବ। ବଜାଜ ଚେତକ ଇଲେକ୍ଟ୍ରିକ୍ ରେ ଷ୍ଟୋରେଜ୍ ସ୍ପେସ୍ ବୃଦ୍ଧି କରାଯାଇପାରିବ, ଯେଉଁ କାରଣରୁ ବ୍ୟାଟେରୀର ପୋଜିସନ୍ ମଧ୍ୟ ପରିବର୍ତ୍ତନ କରାଯାଇପାରିବ। ଏହି ଇଲେକ୍ଟ୍ରିକ୍ ସ୍କୁଟରର ଭ୍ୟାରିଏଣ୍ଟସ ବିଷୟରେ ଆଲୋଚନା କରିବାକୁ ଗଲେ ଏଥିରେ ଅନେକ ଅପ୍ସନ ଦେଖିବାକୁ ମିଳେ। ଆହୁରି ମଧ୍ୟ, ଏହି ଇଭି ପ୍ରିମିୟମ୍ ଫିଚର୍ସ ସହିତ ଆସିପାରେ।



ବଜାଜ ଏହାର ରେଟ୍ରୋ ଡିଜାଇନର ପାୱାର ମଧ୍ୟ ବୃଦ୍ଧି କରିପାରିବ। ଅଧିକ ଷ୍ଟୋରେଜ୍ ସ୍ପେସ୍ ଏବଂ ଉନ୍ନତ ପାୱାର ସହିତ, ଏହି ସ୍କୁଟରର ମୂଲ୍ୟ ମଧ୍ୟ ସାମାନ୍ୟ ଭାବରେ ବଢିପାରେ। ବଜାଜ ଚେତକ ଇଲେକ୍ଟ୍ରିକ୍ ର ପ୍ରତିଦ୍ୱନ୍ଦ୍ୱୀମାନଙ୍କ ବିଷୟରେ କଥାବାର୍ତ୍ତା କରିବାକୁ ଗଲେ ଏହି ସ୍କୁଟର ଟିଭିଏସ୍ ଆଇକ୍ୟୁବ, ଓଲା ଏସ-୧ ପ୍ଲାସ ଏବଂ ଆଥର ରିଜ୍‌ଟାକୁ କଠୋର ପ୍ରତିଯୋଗିତା ଦେଇପାରେ। ବର୍ତ୍ତମାନ ବଜାରରେ ଚେତକର ବହୁତ ଚାହିଦା ରହିଛି। ଏହି ସ୍କୁଟର ମଧ୍ୟ ଏହି ସେଗମେଣ୍ଟରେ ଆଶ୍ଚର୍ଯ୍ୟଜନକ ପରଫର୍ମ କରିପାରିବ। ଏହି ସ୍କୁଟରର ରେଞ୍ଜ ଏବଂ ମୂଲ୍ୟ ବିଷୟରେ ସୂଚନା ଏପର୍ଯ୍ୟନ୍ତ ଆସି ନାହିଁ।

## ନୀତା ଅମ୍ବାନୀଙ୍କୁ 'ବ୍ରାଣ୍ଡ୍ ଇଣ୍ଡିଆରେ ଉଲ୍ଲେଖନୀୟ ଅବଦାନ' ସମ୍ମାନ

**ନୂଆଦିଲ୍ଲୀ, ୯।୧୨:** ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା-ଚେୟାରମ୍ୟାନ୍ ନୀତା ମୁକେଶ ଅମ୍ବାନୀଙ୍କୁ "ବ୍ରାଣ୍ଡ୍ ଇଣ୍ଡିଆରେ ଉଲ୍ଲେଖନୀୟ ଅବଦାନ" ସମ୍ମାନ। ଡିସେମ୍ବର ୭ ତାରିଖରେ ମୁମ୍ବାଇରେ ଆୟୋଜିତ ହୋଇଥିବା ସିଏନବିସି-ଟିଭି୧୮ ଇଣ୍ଡିଆ ବିଜନେସ୍ ଲିଡର ପୁରସ୍କାର (ଆଇବିଏଲ୍ଏ) ୨୦୨୪ର ୨୦ତମ ସଂସ୍କରଣରେ ତାଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି। କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ନୀତା ଅମ୍ବାନୀଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନୀତାଙ୍କ ସାନ ପୁଅ ଅନନ୍ତ ଅମ୍ବାନି ଏବଂ ବୋହୂ ରାଧିକା ବି ଉପସ୍ଥିତ ଥିଲେ। ପୁରସ୍କାର ଗ୍ରହଣ କରିବା ସମୟରେ ନୀତା ଅମ୍ବାନୀ କହିଛନ୍ତି ଯେ, ମହିଳାମାନେ ଭାରତର ବିକାଶ ଗାଥାକୁ ଆଗକୁ ନେବା




ସହ ନିଜ ନେତୃତ୍ୱ ମାଧ୍ୟମରେ ଏହାକୁ ପୁଣି ଥରେ ପରିଭାଷିତ କରିବେ। ସମୃଦ୍ଧ ଭାରତ ପାଇଁ ନିଜର ଦୃଷ୍ଟିକୋଣକୁ ରେଖାଙ୍କିତ କରି ସେ କହିଛନ୍ତି ଯେ, ମୁଁ ଏଭଳି ଏକ ରାଷ୍ଟ୍ରର ସ୍ୱପ୍ନ ଦେଖୁଛି ଯାହା ସାହସ, ପ୍ରତିଭା, ରଚନାତ୍ମକତା ସହ ଦୁନିଆର ନେତୃତ୍ୱ ନେବ। ଏହି ଦଶନ୍ଧି କେବଳ ଭାରତର, ଏବଂ ମହିଳାମାନଙ୍କର ବୋଲି ମୋର ଦୃଢ଼ ବିଶ୍ୱାସ। କାର୍ଯ୍ୟ, ଭକ୍ତି, ଜ୍ଞାନ, ମାତୃତ୍ୱ, ନେତୃତ୍ୱ, କରୁଣା ଏବଂ ସ୍ଥିରତା ପଥରେ ଚାଲୁଥିବା ପ୍ରତ୍ୟେକ ମହିଳାଙ୍କୁ ମୁଁ ଏହି ପୁରସ୍କାର ଉତ୍ସର୍ଗ କରୁଛି। କ୍ରୀଡ଼ା, ବାଣିଜ୍ୟ, ଶିକ୍ଷା, ଏବଂ କଳା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ନୀତା ଅମ୍ବାନୀ ବୈଶ୍ୱିକ ମଞ୍ଚରେ ଭାରତର ସ୍ଥାନ ଉଚ୍ଚା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।

## ପ୍ରତିବର୍ଷ ଦୁଇ ମହିଳାଙ୍କୁ ରୋଜଗାର, ୭ ହଜାର ଦରମା ସହ ମିଳିବ କମିଶନ

**ନୂଆଦିଲ୍ଲୀ, ୯।୧୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହରିଆଣାର ପାନିପଥରେ ବୀମା ସାଖୀ ଯୋଜନାର ଶୁଭାରମ୍ଭ କରିଛନ୍ତି। ଭାରତୀୟ ଜୀବନ ବୀମା ନିଗମର ଏହି ଯୋଜନାକୁ ଆରମ୍ଭ କରି ପିଏମ୍ ମୋଦୀ କହିଛନ୍ତି ଯେ ଭାରତ ମହିଳା ସଶକ୍ତିକରଣ ଦିଗରେ ଲଗାତାର ପଦକ୍ଷେପ ନେଉଛନ୍ତି। ପିଏମ୍ କହିଛନ୍ତି, ଆଜିର ଦିନ ଆହୁରି ଗୁରୁତ୍ୱ ରଖୁଛି ଏବଂ ଆଜି ହେଉଛି ୯ ତାରଖ। ଶାସ୍ତ୍ରରେ ସଂଖ୍ୟା ୯କୁ ଅତ୍ୟନ୍ତ ଶୁଭ ବୋଲି କୁହାଯାଇଛି ଏବଂ ଏହାର ସମ୍ପର୍କ ଶକ୍ତି ସହ ରହିଛି। ପିଏମ୍ ମୋଦୀ କହିଛନ୍ତି, ଏହି ଯୋଜନା ମହିଳାଙ୍କୁ ସଶକ୍ତ କରିବ ଏବଂ ଆର୍ଥିକ ଭାଗିଦାରୀ କରାଇବ। ସେ କହିଛନ୍ତି ଯେ ଆମେ ଅନେକ କଲ୍ୟାଣକାରୀ ଯୋଜନାକୁ ମହିଳାଙ୍କ ନାଁରେ ଆରମ୍ଭ କରିଛୁ। ଏଲ୍ଆଇସିର ବୀମା ସଖୀ ଯୋଜନା ଅଧିନରେ ୧୮ରୁ ୭୦ ବର୍ଷ ବୟସର ମହିଳାଙ୍କୁ ସାମିଲ କରାଯିବା। ତେବେ ଏଥିରେ ସାମିଲ ହେବା ପାଇଁ ମହିଳା ଜଣ ଅନ୍ତତଃ ୧୦ମ ପାସ୍ କରିବା ଆବଶ୍ୟକ। ଏହି ମହିଳାମାନଙ୍କୁ ସ୍ୱତନ୍ତ୍ର ତାଲିମ୍ ପ୍ରଦାନ କରାଯିବ ଏବଂ ପ୍ରାରମ୍ଭିକ ତିନି ବର୍ଷ ଯାଏ ଏକ ନିଶ୍ଚିତ ମାନଦେୟ ମିଳିବ। ସମାଜରେ ଆର୍ଥିକ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ବୀମା ପ୍ରତି ଲୋକଙ୍କ ମଧ୍ୟ ସଚେତନତା ସୃଷ୍ଟି କରିବା ପାଇଁ ସେମାନଙ୍କୁ ଦାୟିତ୍ୱ ଦିଆଯିବ। ବୀମା ସଖୀମାନେ ସମାଜରେ ଏଲ୍ଆଇସି ଏଜେଣ୍ଟ ରୂପେ କାମ କରିବେ। ଏହା ବ୍ୟତୀତ ସ୍ନାତକ କରିଥିବା ବୀମା ସଖୀଙ୍କୁ ଭବିଷ୍ୟତରେ ଏଲ୍ଆଇସି ସହ ଡେଭଲପମେଣ୍ଟ ଅଫିସ୍‌ର ଭାବେ କାମ କରିବାର ମଧ୍ୟ ସୁଯୋଗ ମିଳିବ।

## ଆସନ୍ତା ୧୧ରେ ଆସିବ ୩ କମ୍ପାନିର ଆଇପିଓ

**ନୂଆଦିଲ୍ଲୀ, ୯।୧୨:** ଚଳିତ ମାସ ୧୧ରେ ୩ କମ୍ପାନିର ପ୍ରାଥମିକ ପବ୍ଲିକ ଅଫର (ଆଇପିଓ) ଆସିବ। ନିବେଶକ ବିଶାଲ ମେଗାମାର୍ଟ, ମୋବିକ୍ୱିକ ଏବଂ ସାଇ ଲାଇଫ ସାଇନ୍‌ସ ଭଳି କମ୍ପାନି ଗୁଡିକରେ ନିବେଶର ସୁଯୋଗ ପାଇବେ। ୧୩ ଡିସେମ୍ବର ଯାଏ ଏଥିରେ ବିଡିଂର ସୁଯୋଗ ମିଳିବ। ଏହି ଶେୟାର ଗୁଡିକ ୧୮ ଡିସେମ୍ବରରେ ବିଏସ୍‌ଇ ଏବଂ ଏନ୍ଏସ୍‌ଇରେ ଲିଷ୍ଟିଂ ହେବେ। ବିଶାଳ ମେଗାମାର୍ଟ ୮ ହଜାର କୋଟିର ଅଫର୍ ଫର୍ ସେଲ୍ ବା ଓଏଫ୍ଏସ୍ ଆଣିବ। ସେହିଭଳି ୱାନ ମୋବିକ୍ୱିକ ସଲ୍ୟୁସନ ୫୭୨ କୋଟିର ଓଏଫ୍ଏସ୍ ଆଣିବ ବୋଲି ଜଣାପଡିଛି।




## ଏଫପିଆଇଙ୍କ ୟୁ-ଟର୍ଣ୍ଣ: ଫେରିଲା ଭାରତୀୟ ସେୟାର ବଜାରର ଚମକ୍

**ମୁମ୍ବାଇ, ୯।୧୨:** ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫପିଆଇ) ପୁଣି ଭାରତୀୟ ବଜାରକୁ ଫେରିଛନ୍ତି। ଏଫପିଆଇ ଡିସେମ୍ବର ପ୍ରଥମ ସପ୍ତାହରେ ବିଭିନ୍ନ ସେୟାରରେ ୨୪,୪୫୪କୋଟି ଟଙ୍କାର ନିଟ୍ ନିବେଶ କରିଛନ୍ତି। ବିଶେଷଜ୍ଞଙ୍କ ଅନୁସାରେ ବୈଶ୍ୱିକ ପରିସ୍ଥିତିରେ ସ୍ଥିରତା ଓ ଆମେରିକୀୟ ଫେଡେରାଲ ରିଜର୍ଭର ସୁଧହାର ହ୍ରାସ ସମ୍ଭାବନା ଯୋଗୁ ଏପରି ହୋଇଛି। ଏହା ପୂର୍ବରୁ ଏଫପିଆଇ ନଭେମ୍ବର ମାସରେ ୨୧.୬୧୨ ଏବଂ ଅକ୍ଟୋବରରେ ୯୪,୦୧୭ କୋଟି ଟଙ୍କା ବାହାର କରି ନେଇଥିଲେ। ଏହା ପୂର୍ବରୁ ସେପ୍ଟେମ୍ବର ମାସରେ ଏଫପିଆଇଙ୍କ କ୍ରୟ ୯ ମାସର ଉଚ୍ଚତମ ସ୍ତରକୁ ପହଞ୍ଚିଥିଲା ଓ ସେମାନେ ୫୭,୭୨୪ କୋଟି ଟଙ୍କାର ନିଟ୍ ନିବେଶ କରିଥିଲେ। ଡିପୋଜିଟରୀ ତଥ୍ୟରୁ ଜଣାପଡେ ଯେ ନୂଆ ନିବେଶ ସହିତ ୨୦୨୪ରେ ଏ ପର୍ଯ୍ୟନ୍ତ ଭାରତୀୟ ସେୟାର ବଜାରରେ ଏଫପିଆଇ ନିବେଶ ୯,୪୩୫ କୋଟି ଟଙ୍କାକୁ ପହଞ୍ଚି ଯାଇଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ ମର୍ଣ୍ଣିଂଷ୍ଟାର ଇନଭେଷ୍ଟମେଣ୍ଟ ରିସର୍ଚ୍ଚ ଇଣ୍ଡିଆଙ୍କ ଆସୋସିଏଟ ଡାଇରେକ୍ଟର ତଥା ମ୍ୟାନେଜର ରିସର୍ଚ୍ଚ ହିମାଂଶୁ ଶ୍ରୀବାସ୍ତବ କହିଛନ୍ତି ଯେ ଆଗାମୀ ମାସ ମାନଙ୍କରେ ଏଫପିଆଇଙ୍କ ମୁଡ ରାଷ୍ଟ୍ରପତି ରୂପେ ଡୋନାଲ୍ଡ ଟ୍ରମ୍ପଙ୍କ ନୀତି, ମୁଦ୍ରାସ୍ଫିତି, ସୁଧହାର ଓ ଭୂ-ରାଜନୈତିକ ଲ୍ୟାଣ୍ଡସ୍କେପ ଅନୁସାରେ ସ୍ଥିର ହେବ।

# ଚିନ୍ତା ବଢ଼ାଉଛି ଏଆଇ-ଡିପ୍‌ଫେକ୍: ସ୍ୱାସ୍ଥ୍ୟ ଏବଂ ଆର୍ଥିକ ସେବାକୁ ବଡ଼ ରିସ୍କ

**ନୂଆଦିଲ୍ଲୀ, ୯।୧୨:** ସାଇବର ଅପରାଧ ଏବେ ଚିନ୍ତା ବଢ଼ାଇଛି। ଏ କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ଡିପ୍‌ଫେକ୍ ବ୍ୟବହାର ବଢ଼ିଛି। ୨୦୨୫ରେ ଏଭଳି ଟୁଲ୍ ବ୍ୟବହାର ସାଇବାର ଅପରାଧିଙ୍କୁ ଆହୁରି ଶକ୍ତିଶାଳୀ କରିବା ନେଇ ଆଶଙ୍କା କରାଯାଇଛି। ସ୍ୱାସ୍ଥ୍ୟ ଏବଂ ଆର୍ଥିକ ସେବା ଭଳି କ୍ଷେତ୍ର ଗୁଡିକୁ ଏହା ଦ୍ୱାରା ବଡ ରିସ୍କ ରହିଥିବା ଡାଟା ସିକ୍ୟୁରିଟି କାଉନସିଲ୍ ଅଫ୍ ଇଣ୍ଡିଆ (ଡିଏସ୍‌ସିଆଇ) ଏବଂ ସେକ୍ରାଇଟର ସାଇବର ଥ୍ରେଟ ରିପୋର୍ଟ ୨୦୨୫ରେ କୁହାଯାଇଛି। ଏଆଇକୁ ବ୍ୟବହାର କରି ସାଇବର ଅପରାଧି ଲୋକଙ୍କୁ ଜାଲରେ ଫସାଉଛନ୍ତି। ସେହିଭଳି ଡିପ୍ ଫେକ୍ ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ହେଉଥିବା ଆଟାକ୍ ଗୁଡ଼ିକୁ ଠାବ କରିବାରେ ସକ୍ଷମ ହେଉନାହାନ୍ତି ଲୋକେ। ପାରମ୍ପରିକ ସାଇବର ନିରାପତ୍ତା ବ୍ୟବସ୍ଥାକୁ ଏଆଇ ଭିତ୍ତିକ ମାଲୱେର ମାତ୍ ଦେବା ସହ ଏବେ ପତିଆରା ଜାରି କଲାଣି। ସେହିଭଳି ଡାଟା ପଏଜନିଂ ଆଟାକ ଭଳି ଅତ୍ୟାଧୁନିକ ଟୁଲ୍ ସ୍ୱାସ୍ଥ୍ୟ କ୍ଷେତ୍ର ଏବଂ ସ୍ୱୟଂଚାଳିତ ପରିବହନ ବ୍ୟବସ୍ଥାକୁ ଅକାମି କରିଦେବା ଭଳି କ୍ଷମତା ରଖୁଛି। ଭରଷାଯୋଗ୍ୟ ସ୍ରୋତରୁ ଭିଡିଓ ଏବଂ ଅଡିଓ ଗୁଡିକୁ ବ୍ୟବହାର କରି ସାଇବର ଅପରାଧି ମାନେ ଡିପଫେକ୍ କଣ୍ଟେଣ୍ଟ ବନାଉଛନ୍ତି। ଯାହାକୁ ଲୋକ ଜାଣିବା କଷ୍ଟକର। ଅନେକ କ୍ଷେତ୍ରରେ ଏହା ବାସ୍ତବ ବୋଲି ଲୋକେ ଭାବି ନେଉଛନ୍ତି। ଏଭଳି ଭାବେ ସୋସିଆଲ ଇଞ୍ଜିନିୟରିଂ ଆଟାକ କରୁଛନ୍ତି ସାଇବର ଅପରାଧି। ଏବେ



ଯୋଗାଣ ଶୃଙ୍ଖଳକୁ ମଧ୍ୟ ସାଇବର ଆକ୍ରମଣର ଢେ଼ର ଭୟ ରହୁଛି। ଏଆଇ ଟୁଲ୍‌କୁ ବ୍ୟବହାର କରି ଅପରାଧି ମାନେ ବଡ ଧରଣର ଏବଂ ସ୍ୱୟଂ ଚାଳିତ ଅପରେସନ ଚଳାଉଛନ୍ତି। ଏଥିଯୋଗୁ ଏବେ ଅଧିକ ମାତ୍ରାରେ ରାନସମୱେର ଆଟାକ ଦେଖାଯାଉଛି। ଗୁରୁତ୍ୱପୂର୍ଣ୍ଣ ଡାଟାକୁ ଚୋରି କିମ୍ବା ଲକ୍ କରି ଅପରାଧି ମାନେ ଏଥିଲାଗି ଅର୍ଥ ଦାବି କରୁଛନ୍ତି। ଇଣ୍ଟରନେଟ ଡିଭାଇସର ବ୍ୟବହାର ବଢୁଥିବାରୁ ନୂଆ ନୂଆ ଲୋକଙ୍କୁ ଜାଲରେ ଫସାଇବା ଏମାନଙ୍କ ଲାଗି ସହଜ ହେଉଛି। ନିରାପତ୍ତା ନ ଥିବା ଡିଭାଇସଗୁଡିକୁ ଡିଷ୍ଟ୍ରିବ୍ୟୁଟେଡ ଡେନିଆଲ ଅଫ୍ ସର୍ଭିସ ନାମକ ଏକ ଆଟାକ କରାଯାଉଛି। ଏହା ଦ୍ୱାରା ଶିଳ୍ପ, ବିନିର୍ମାଣ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରର ଅତ୍ୟାବଶ୍ୟକ ସେବା ଗୁଡିକୁ ଆକ୍ରମଣ କରାଯାଉଛି। ଭାରତରେ ସ୍ୱାସ୍ଥ୍ୟ, ଫାଇନାନ୍ସ ଏବଂ ଶକ୍ତି ଭଳି କ୍ଷେତ୍ର ଜରୁରୀ ଭିତ୍ତିଭୂମି ବର୍ଗରେ ଆସୁଛି। ଏଭଳି ସ୍ଥିତିରେ ସେବାରେ ବାଧା ଉପୁଜାଇବା, ସମ୍ବେଦନଶୀଳ ଡାଟା ଚୋରୀ ସହ ସାଇବର ଯୁଦ୍ଧ ଦ୍ୱାରା ସମସ୍ୟା ସୃଷ୍ଟି କରିବାକୁ ସାଇବର ଆକ୍ରମଣ ମାନେ ଜଗି ବସିଛନ୍ତି। ଏଭଳି ସ୍ଥିତିରେ ଜରୁରୀ ସେବା କ୍ଷେତ୍ର ଗୁଡିକରେ ଯେଭଳି କୌଣସି ସମସ୍ୟା ନ ଉପୁଜେ ତାକୁ ଧ୍ୟାନରେ ରଖି ନିରାପତ୍ତା ବ୍ୟବସ୍ଥାକୁ ଦୃଢ଼ କରିବା ଏବଂ ନିରନ୍ତର ଅନୁଧ୍ୟାନ କରିବାର ଆବଶ୍ୟକତା ରହିଛି ବୋଲି ରିପୋର୍ଟରେ କୁହାଯାଇଛି। ଦେଶର ୧୮ଟି ଶିଳ୍ପ କ୍ଷେତ୍ରକୁ ଏହି ସର୍ଭେରେ ସାମିଲ କରାଯାଇଛି। ଏହାବାଦ ସରକାରୀ ସେବା ଯୋଗାଣ ଲାଗି ଜାଲ୍ ପ୍ଲାଟଫର୍ମ ଏବଂ ଜାଲ ନିବେଶ ପ୍ଲାଟଫର୍ମ ସୃଷ୍ଟି କରାଯାଇ ଲୋକଙ୍କୁ ଅଭିନବ ଉପାୟରେ ଠକାଯାଉଛି। ୨୦୨୫ରେ ଏଭଳି ହାଇବ୍ରିଡ ଥ୍ରେଟ୍ ଗୁଡିକର ମାତ୍ରା ବଢ଼ିବା ନେଇ ରିପୋର୍ଟରେ କୁହାଯାଇଛି। ଏବେ ସାଇବର କ୍ରିମିନାଲ ମାନେ ଅତ୍ୟାଧୁନିକ ଆପ୍ଲିକେସନ ବନାଉଛନ୍ତି। ସରକାରଙ୍କ ଭଳି ୱେବସାଇଟ ଓ ଆପ୍‌ର ଅବିକଳ ନକଲ ସେମାନେ କରିପାରୁଛନ୍ତି। ସେହିଭଳି ନିବେଶ ଲାଗି ହେଉଥିବା ପ୍ଲାଟଫର୍ମ ଗୁଡିକରେ ଲୋକେ ଟଙ୍କା ଜମା କରି ଫସୁଥିବା ଘଟଣା ସାମ୍ନାକୁ ଆସୁଛି।

ଏହାର ମାର୍କେଟିଂ, ପ୍ରଚାର ପ୍ରସାର ଲାଗି ସେମାନେ ସୋସିଆଲ ମିଡିଆକୁ ବ୍ୟବହାର କରୁଛନ୍ତି। ଏମିତିକି ଇନଫ୍ଲୁଏନ୍ସର ମାର୍କେଟିଂ ସହାୟତାରେ ଲୋକଙ୍କ ଭରଷା ସେମାନେ ଜିତୁଛନ୍ତି। ଏହା ଦ୍ୱାରା ଆର୍ଥିକ ଠକେଇ, ପରିଚୟ ଚୋରୀ, ସରକାରୀ ସେବା ଲାଭ କରୁଥିବା ହିତାଧିକାରୀ, ରିଟେଲ ନିବେଶକ ଠକାମିର ଶିକାର ହେଉଛନ୍ତି। ଏବେ କ୍ରିପ୍ଟୋଜ୍ୟାକିଂ ଆଟାକ ମଧ୍ୟ ବଢୁଛି। ଏଆଇ ଭିତ୍ତିକ କ୍ୱାଣ୍ଟମ ଥ୍ରେଟ ବଢ଼ିବା ଯୋଗୁ ପାରମ୍ପରିକ ସିକ୍ୟୁରିଟି ବ୍ୟବସ୍ଥା ଏବେ ପ୍ରାସଙ୍ଗିକତା ହରାଉଛି। ଜିରୋ ଡେ ଏକ୍ସପ୍ଲୋଏଟ, ପଲିମରଫିକ ମାଲ୍‌ୱେର ଏବଂ ଆଡଭାନ୍ସ ପରସିଷ୍ଟେଣ୍ଟ ଚିନ୍ତାଜନକ ହେଲାଣି। ଏଭଳି ଠକେଇକୁ ଚିହ୍ନଟ କରିବା ଏବଂ ନିରାକରଣ କ୍ଷେତ୍ରରେ ଅତ୍ୟାଧୁନିକ ଏଆଇ ଟେକ୍ନୋଲୋଜି ବ୍ୟବହାର ହେବା ଜରୁରୀ ହୋଇପଡିଛି ବୋଲି ରିପୋର୍ଟରେ କୁହାଯାଇଛି। ସିକ୍ରାଇଟ ଲ୍ୟାବର ଭିପି ତଥା ମୁଖ୍ୟ ସଙ୍ଗମେଶ ଏସ୍ କୁହନ୍ତି, ବର୍ତ୍ତମାନର ବିପଦକୁ ଅନୁଷ୍ଠାନ ଗୁଡିକୁ ପ୍ରତିରୋଧ କରିବାକୁ ହେଲେ ସମୟ ସହ ବ୍ୟବସ୍ଥାରେ ମଧ୍ୟ ପରିବର୍ତ୍ତନ ଆଣିବାକୁ ହେବ। ସାଇବର ଥ୍ରେଟକୁ ଚିହ୍ନଟ ଏବଂ ନିରାକରଣ ଲାଗି ଦୃଢ଼ ବ୍ୟବସ୍ଥା ଆଣିବାକୁ ହେବ। ଏହା ଦ୍ୱାରା ଅନୁଷ୍ଠାନ ଏବଂ ଅଂଶୀଦାର ମାନେ ଲାଭବାନ ହୋଇପାରିବେ।

### ସରକାରୀ ଯୋଜନା ଦିଗହରା
# ମିଳୁନି ହରିଶ୍ଚନ୍ଦ୍ର ସହାୟତା

**ଖପ୍ରାଖୋଲ, ୯।୧୨ (ସଂଚାର ବ୍ୟୁରୋ) :** କୋଟି କୋଟି ଟଙ୍କା ବ୍ୟୟରେ ଜନ୍ମ ରୁ ମୃତ୍ୟୁ ପର୍ଯ୍ୟନ୍ତ ଲୋକଙ୍କ ଲାଗି ସରକାର ବିଭିନ୍ନ ଜନ ମଙ୍ଗଳ ଯୋଜନା କରିଛନ୍ତି । ମାତ୍ର ଏହି ଯୋଜନା । ତୃଣମୂଳସ୍ତରରେ କେତେ ଦୂର କାର୍ଯ୍ୟକାରୀ ହେଉଛି ତାହା ତଦନ୍ତ ହେଉ ନ ଥିବାରୁ ଅନେକ ସ୍ଥାନରେ ଏହା ଅସଫଳ ହେଉଥିବା ଅଭିଯୋଗ ହେଉଛି । ସରକାରଙ୍କ ଏକ ଜନ ମଙ୍ଗଳକାରୀ ଯୋଜନା ଖପ୍ରାଖୋଲ ବ୍ଲକ୍‌ରେ ସମ୍ପୂର୍ଣ୍ଣ ଦିଗହରା



ହୋଇଛି । ହରିଶ୍ଚନ୍ଦ୍ର ଯୋଜନା ଅନୁସାରେ କୌଣସି ଗରିବ, ଅସହାୟ ବ୍ୟକ୍ତିଙ୍କ ମୃତ୍ୟୁ ହେଲେ ଶବ ସତ୍କାର ନିମନ୍ତେ ଉକ୍ତ ପଞ୍ଚାୟତର ପିଇଓ ୩ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେବେ, ଦୁଃଖର କଥା କେତେକ ପରିବାର ଏହି ଅର୍ଥ ପାଇନଥିବା ଅଭିଯୋଗ ହେଉଛି । ଅର୍ଥ ବଦଳରେ ଲୋକଙ୍କୁ କେବଳ ଆଶ୍ୱାସନା ମିଳୁଥିବା ମୃତକଙ୍କ ପରିବାରର ଲୋକେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ହେଉଛି ଓଡ଼ିଆପାଳି ପଞ୍ଚାୟତ ଭାଲୁଡୁଙ୍ଗୁରି ଗ୍ରାମରେ। ଏହି ଗ୍ରାମର ଅବିବାହିତା ମହିଳା ଗୋଲାପୀ ନାଏକଙ୍କ ଅଭିଯୋଗ ହେଲା ତାଙ୍କର ପିତା ବସୁଦେବ ନାଏକ ଓ ମାତା ପ୍ରଭାତି ଗୋଟିଏ ବର୍ଷରେ ମୃତ୍ୟୁବରଣ କରିଛନ୍ତି ହେଲେ ତାଙ୍କ ପରିବାରକୁ ବର୍ତ୍ତମାନ ପର୍ଯ୍ୟନ୍ତ ହରିଶ୍ଚନ୍ଦ୍ର ଯୋଜନାରେ ଟଙ୍କା ମିଳିପାରିନାହିଁ । ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଏହାର ପ୍ରତିକାର କରି ଅବହେଳା ପ୍ରଦର୍ଶନ କରୁଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଏଡିଜେ କୋର୍ଟ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

**ସୋହେଲା, ୯।୧୨ (ସଂଚାର ବ୍ୟୁରୋ) :** ବରଗଡ ଜିଲ୍ଲା ସୋହେଲା ଠାରେ ଏକ ଅତିରିକ୍ତ ଜିଲ୍ଲା ଜଜ କୋର୍ଟ ପ୍ରତିଷ୍ଠା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ରବିବାର ଓକିଲ ସଂଘ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଗତକାଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ମାଝୀ ସୋହେଲା ନିକଟସ୍ଥ ଇଚ୍ଛାପାଲିକୁ ଚାଷୀମାନଙ୍କୁ ଧାନର କୁଇଣ୍ଟାଲ ପିଛା ବୋନସ ଟଙ୍କାର ଶୁଭାରମ୍ଭ କରିବା ପାଇଁ ଆସିଥିବା ବେଳେ ସୋହେଲା ଓକିଲ ସଂଘର ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏହି ସ୍ମାରକ ପତ୍ର ପ୍ରଦାନ କରିଥିଲେ ।

ସୋହେଲାରେ ୧୯୮୮ ନଭେମ୍ବର ୨ତାରିଖରୁ ଏକ ଜେଏମଏଫସି କୋର୍ଟ ପ୍ରତିଷ୍ଠା ହୋଇ କାର୍ଯ୍ୟ କରି ଆସୁଛି। ଏଥିରେ କ୍ରିମିନାଲ କେଶ ସହିତ ସିଭିଲ କେଶ ମଧ୍ୟ ବିଚାର ହୋଇ ଆସୁଛି । ଏହା ପରେ ୨୦୨୧ ମସିହାରେ ସିଭିଲ ଜଜ ସିନିୟର ଡିଭିଜନ କୋର୍ଟ ସ୍ଥାପନ ହୋଇ କାର୍ଯ୍ୟ କରି ଆସୁଛି । ଏହା



ପୂର୍ବରୁ ଏହି କୋର୍ଟ ପଦ୍ମପୁର ଠାରେ ପରିଚାଳିତ ହେଉଥିଲା । ଲୋକମାନଙ୍କୁ ସେମାନଙ୍କ ଜମିଜମା କେଶ ପାଇଁ ପଦ୍ମପୁରକୁ ଯିବାକୁ ପଡୁଥିଲା । କିନ୍ତୁ ସୋହେଲାରେ ସେସନ୍ସ କେଶ ପାଇଁ କୋର୍ଟ ନ ଥିବାରୁ ମହକିଲ ମାନେ ପଦ୍ମପୁରକୁ ଯିବାକୁ ପଡୁଛି। ଯାହା ଫଳରେ ଲୋକଙ୍କୁ ଆର୍ଥିକ ତଥା ଶାରୀରିକସ୍ତରରେ ହଇରାଣ ହେଉଥିବାରୁ ଏଠାରେ ଅଞ୍ଚଳର ବୃହତ୍ତର ସ୍ୱାର୍ଥ ରକ୍ଷା ଦୃଷ୍ଟିରୁ ଏକ ଅତିରିକ୍ତ ଜିଲ୍ଲା କୋର୍ଟ ସ୍ଥାପନ ପାଇଁ ଓକିଲ ସଂଘ ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କଠାରେ ଦାବି କରାଯାଇଛି। ଯଦ୍ୱାରା ମେଲଛାମୁଣ୍ଡା, ବିଜେପୁର ଓ ସୋହେଲା ଥାନା ଅଧୀନରେ ଘଟୁଥିବା ହତ୍ୟା, ବଳାତ୍କାର ଆଦି ବିଭିନ୍ନ ଫୌଜଦାରୀ ମାମଲାର ବିଚାର ହୋଇ ପାରିବ ଓ ଲୋକେ ନ୍ୟାୟ ପାଇ ପାରିବେ ।

ଏଠାରେ ସୂଚନାଯୋଗ୍ୟ ଯେ, ଗତ ୨୦୧୨ ମସିହାରୁ ମାନ୍ୟବର ହାଇକୋର୍ଟଙ୍କ ଆଦେଶ କ୍ରମେ ପଦ୍ମପୁରର ଏଡିଜେ କୋର୍ଟର ମାନ୍ୟବର ବିଚାରପତି ମାସକୁ ଥରେ ସୋହେଲାକୁ ଆସି କ୍ୟାମ୍ପ କୋର୍ଟ କରି ବିଭିନ୍ନ ମାମଲାର ପରିଚାଳନା କରି ନ୍ୟାୟ ପ୍ରଦାନ କରୁଛନ୍ତି । ଏଠାରେ ଏକ ସ୍ଥାୟୀ ଏଡିଜେ କୋର୍ଟ ପ୍ରତିଷ୍ଠା କରିବା ପାଇଁ ଓକିଲ ସଂଘ ତଥା ଜନ ସାଧାରଣ ବହୁ ଦିନରୁ ଦାବି କରି ଆସୁଛନ୍ତି । ଗତକାଲି ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏହି ସ୍ମାରକ ପତ୍ର ପ୍ରଦାନ ବେଳେ ସୋହେଲା ଓକିଲ ସଂଘର ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ସହିତ ବରିଷ୍ଠ ଓକିଲ ରବୀନ୍ଦ୍ର କୁମାର ସାହୁ, ଜୟନ୍ତ କୁମାର ପାତ୍ର ଓ ବିକ୍ରମ ପ୍ରଧାନ, ବରିଷ୍ଠ ଓକିଲ ସୌରୀ ଚରଣ ବାରିକ, ତଥା ସୋହେଲାର ବରିଷ୍ଠ ନାଗରିକ ପ୍ରମୋଦ ଚନ୍ଦ୍ର ଦେବତା ଉପସ୍ଥିତ ଥିଲେ ।

# ମୟୂରଭଞ୍ଜ ଜିଲ୍ଲାକୁ ମଦମୁକ୍ତ ଆହ୍ୱାନ

**ବେତନଟୀ, ୯।୧୨ (ସଂଚାର ବ୍ୟୁରୋ):** ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାକୁ ସଂପୂର୍ଣ୍ଣ ମଦମୁକ୍ତ କରିବାକୁ ଆହ୍ୱାନ ଦେଇଛି, ଜିଲ୍ଲା ଶାଖା ମିଳିତ ନିଶା ନିବାରଣ ଅଭିଯାନ "ମୋନା"। କ୍ଷମତାକୁ ଆସିଲେ ଅଗଷ୍ଟ ୧୫ ତାରିଖରୁ ମଦ ବନ୍ଦ ଆଇନ ତିଆରି କରିବାର ପ୍ରତିଶୃତି ଏବେ



ପାଣିର ଗାର ପାଲଟିଛି । ସହରାଞ୍ଚଳ ଅପେକ୍ଷା ଦିନକୁ ଦିନକୁ ଗ୍ରାମାଞ୍ଚଳରେ ଦେଶୀ ଓ ବିଦେଶୀ ମଦର ବହୁଳ ପ୍ରଚଳନ ବୃଦ୍ଧିଜୀବୀ, ସମାଜସେବୀ ଜନସାଧାରଣଙ୍କୁ ଚିନ୍ତାରେ ପକାଇଛି। ପୋଲିସ ଓ ଅବକାରୀ ବିଭାଗର ସ୍ଥଳ ବିଶେଷରେ ଚଢଉ ସତ୍ତ୍ୱେ କୋର୍ଟରୁ ଜାମିନରେ ଆସି ପୁଣିଥରେ ମଦ ବ୍ୟବସାୟ ଆରମ୍ଭ କରୁଛନ୍ତି ଚୋରା ବେପାରୀମାନେ। ଦେଶୀ ମଦ ପିଇ ପରିବାର ପ୍ରତି ଅବହେଳା ଓ ରାସ୍ତାପାର୍ଶ୍ୱରେ ପଡିରହିବା, ଧନଜୀବନ ନଷ୍ଟ, ଆର୍ଥିକ ଦୁର୍ଗତିର ଅନେକ ଶିକାର ହେଉଛନ୍ତି।

ଏଥିପାଇଁ ମୟୂରଭଞ୍ଜରେ ପ୍ରଥମ କରି ସଂପୂର୍ଣ୍ଣ ମଦ ବନ୍ଦର ଡାକରା ଏହି ସଂଗଠନ ତରଫରୁ ଦିଆଯାଇ, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ମାନବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଶାସନିକ ପଦକ୍ଷେପ ନେବାକୁ ସ୍ଥାନୀୟ ଡାକବଂଗଳାଠାରେ ସଭା ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବେତନଟୀବିଡିଓଙ୍କୁ ପ୍ରଦାନ କରାଯାଇଛି। ବିଡିଏ ମହାଦାୟଙ୍କ ଅନୁପସ୍ଥିତରେ ଅତିରିକ୍ତ ବିଡିଓ ଗଗନ କୁମାର ବେହେରା ତାହା ଗ୍ରହଣ କରିଛନ୍ତି ।

ଏହି ପ୍ରତିନିଧି ଦଳରେ ସଭାପତି ମାଧବୀ ସେନାପତିଙ୍କ ସହ ବେତନଟୀ ଶାଖାର ମୁଖ୍ୟ ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀଙ୍କ ସହ ଅରୁଣ କୁମାର ଓତା, ସଚିଦାନନ୍ଦ ମହାନ୍ତି, ଯତୀନ୍ଦ୍ରନାଥ ସାହୁ, ମନୋରଞ୍ଜନ ଲେଙ୍କା, ରବୀନ୍ଦ୍ରନାଥ ମିଶ୍ର, ପ୍ରଦୀପକୁମାର ସାମଲ, ସ୍ୱରୂପକୁମାର ପଟ୍ଟନାୟକ, ରବୀନ୍ଦ୍ର ଖଟୁଆ, ସଂଜୟ କୁମାର ସେଠୀ,ରଘୁନାଥ ପାଣିଗ୍ରାହୀ, କରୁଣାକର ଜେନା, ମୀନକେତନ ବେହେରା, ପବିତ୍ର ପୃଷ୍ଟି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ଧାନମଣ୍ଡି ଖୋଲିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପୂର୍ବତନ ବିଧାୟକ

**ନୀଳଗିରି, ୯।୧୨ (ସଂଚାର ବ୍ୟୁରୋ):** ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ବାଲେଶ୍ୱର ସମେତ ନୀଳଗିରିରେ ତୁରନ୍ତ ଧାନମଣ୍ଡି ଖୋଲିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ପତ୍ର ଲେଖିଛନ୍ତି। ଧାନ କ୍ୱିଣ୍ଟାଲ ୧୬ଶହ ଓ ୧୭ଶହ ଟଙ୍କାରେ ବେଙ୍ଗଲ ବେପାରୀ ଓ ସ୍ଥାନୀୟ ଦଲାଲ ମାନଙ୍କୁ ଚାଷୀ ଅଭାବୀ ବିକ୍ରି କରୁଥିବା ଶ୍ରୀଯୁକ୍ତ ଷଡ଼ଙ୍ଗୀ ଅଭିଯୋଗ କରିଥିବା ବେଳେ ମିଲରଙ୍କ ଏଜେଣ୍ଟ ଏଥିରେ ସାମିଲଥିବା ଉଲ୍ଲେଖ କରିଛନ୍ତି। ତେବେ ଜିଲ୍ଲାପ୍ରଶାସନ ଆଗାମୀ ଡିସେମ୍ବର ୨୭ ତାରିଖରେ ଧାନମଣ୍ଡି ଖୋଲିବାକୁ ପୂର୍ବନିଷ୍ପତି ଅନୁଯାୟୀ ଘୋଷଣା ହୋଇଥିବା ବେଳେ ଏହା ପୂର୍ବରୁ ଚାଷୀଙ୍କୁ ଟୋକନ୍ ପ୍ରଦାନ ସହ ମଣ୍ଡି ନ ଖୋଲିଲେ ଚାଷୀ ଅଭାବୀ ବିକ୍ରିକରିବାକୁ ବାଧ୍ୟହେବ। ତେଣୁ ମୁଖ୍ୟମନ୍ତ୍ରୀ ଏଥିପ୍ରତି ଗୁରୁତ୍ୱପ୍ରଦାନ କରି ତୁରନ୍ତ ମଣ୍ଡି ଖୋଲିବାକୁ ଦାବୀ ରଖିଛନ୍ତି।

### ବିରୋଧୀଙ୍କ ଷଡ଼ଯନ୍ତ୍ର ଫେଲ୍ ମାରିଲା
# ଅଧ୍ୟକ୍ଷ ପଦବୀ ବଜାୟ ରଖିଲେ ଦୟାନିଧି

**କଳାହାଣ୍ଡି, ୯।୧୨ (ସଂଚାର ବ୍ୟୁରୋ) :** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଗତ କିଛିଦିନ ହେଲା ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ବିରୁଦ୍ଧରେ ବିରୋଧୀ ଆଣିଥିବା ଅନାସ୍ଥା ପ୍ରସ୍ତାବକୁ ନେଇ ଖୁବ୍ ଚର୍ଚ୍ଚା ଓ ତୁମ୍ବିତୋଫାନ ହେଉଥିଲା । କିନ୍ତୁ ସମିତି ଅଧ୍ୟକ୍ଷ ଦୟାନିଧି ମାଝୀଙ୍କ ଗୋଟି ଚାଳନା ଆଗରେ ବିରୋଧୀଙ୍କ ଅନାସ୍ଥା ପ୍ରସ୍ତାବ ରେ ବିଜୟ ଆଶା ଧୂଳିସାତ ହୋଇଗଲା ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅନାସ୍ଥା ପ୍ରସ୍ତାବ ଉପରେ ଗତ ନଭେମ୍ବର ମାସ ୮ ତାରିଖ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା । କିନ୍ତୁ ମାନ୍ୟବର ଉଚ୍ଚ ନ୍ୟାୟାଳୟର ପତ୍ର ସଂଖ୍ୟା ଡବ୍ଲୁପି (ସି)ନଂ ୨୭୧୦୦/୨୦୨୪ ମୁତାବକ ଫଳାଫଳକୁ ସ୍ଥଗିତ ରଖାଯାଇଥିଲା।ପରେ ଡବ୍ଲୁପି (ସି)ନଂ ତା ୩୦/୧୧/୨୦୨୪ ଆଦେଶ ମତେ ଭୋଟ ଗ୍ରହଣ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ହୋଇଥିଲା। କିନ୍ତୁ ନିର୍ଦ୍ଦିଷ୍ଟ ସମୟରେ ଭୋଟ ଦେବା ସମୟରେ କୌଣସି ସଭ୍ୟସଭ୍ୟା ଯୋଗ ଦେଇ ନ ଥିଲେ। କେବଳ ଜଣେ ମାତ୍ର ଡୁମେରପଦର ସମିତି ସଭ୍ୟ ରାଇଦାସ ନାଏକ ଯୋଗ ଦେଇଥିଲେ ଓ ଅନ୍ୟ ସମସ୍ତେ ଅନୁପସ୍ଥିତ ରହିଥିଲେ।

ଏହି ନିର୍ବାଚନ ପ୍ରକ୍ରିୟାରେ ଜିଲ୍ଲା ପ୍ରଶାସନରୁ ଜୟଦେବ ଦାସ ଅତିରିକ୍ତ ଜିଲ୍ଲାପାଳ, ବିଘ୍ନ ମହାପାତ୍ର ଉପଖଣ୍ଡ ଗ୍ରାମ ପଞ୍ଚାୟତ ଅଧିକାରୀ, ବିଡ଼ିଓ ଧ୍ରୁବଚରଣ ମୁଦୁଲି, ତହସିଲଦାର,



ଅତିରିକ୍ତ ଗ୍ରାମ ପଞ୍ଚାୟତ ଅଧିକାରୀ ତ୍ରିଲୋଚନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଏଭଳି ପରିସ୍ଥିତିରେ ଓଡିଶା ପଞ୍ଚାୟତ ସମିତି ଆଇନ ୧୯୫୯ ର ଧାରା ୪୬ ବି (୧) ଓ (୨) ଅନୁଯାୟୀ ରଦ୍ଦ କରି ଦେଇଥିବା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚୀତ କରାଯାଇଛି। ଫଳରେ ଅଧ୍ୟକ୍ଷ ଦୟାନିଧି ମାଝୀ ତାଙ୍କ ପଦବୀ ସୁରକ୍ଷିତ ରଖିବାରେ ସଫଳ ହୋଇଛନ୍ତି ।

ଦୀର୍ଘ ଦିନରୁ ଦୟାନିଧି ମାଝୀଙ୍କ ପଦବୀକୁ ନେଇ ଯେଉଁ କଳ୍ପନା ଜଳ୍ପନା ଦେଖା ଦେଇଥିଲା ତାହାର ପରିସମାପ୍ତି ଘଟିବା ପରେ ଦୟାନିଧି ମାଝୀ ଏହାକୁ ଏକ ନେଇ ନିଜ ପ୍ରତିକ୍ରିୟାରେ ଗଣମାଧ୍ୟମକୁ ନିଜ ମତବ୍ୟକ୍ତ କରି ଜନସାଧାରଣ ତାଙ୍କ ପ୍ରତି ଥିବା ବିଶ୍ୱାସକୁ ବଡ଼ ବିଜୟ ବୋଲି କହିଛନ୍ତି।

# ଚିଚିଣ୍ଡା ଧନୁଯାତ୍ରା ପାଇଁ କୃଷ୍ଣ ବଳରାମ ବରଣ



**ଭେଡେନ, ୯।୧୨ (ସଂଚାର ବ୍ୟୁରୋ) :** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡାର ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ପାଇଁ କୃଷ୍ଣ ବଳରାମ ବରଣ କରାଯାଇଛି। ଧନୁଯାତ୍ରା କମିଟି ଚିଚିଣ୍ଡାର ସଦସ୍ୟମାନେ ଦ୍ୱିତୀୟ ଥର ପାଇଁ ବୁର୍ଦା ଗ୍ରାମର ଶ୍ରିତ ପଣ୍ଡା ଏବଂ ପ୍ରିନ୍ସ ପଣ୍ଡାଙ୍କୁ କୃଷ୍ଣ ଏବଂ ବଳରାମ ଭୂମିକା ପାଇଁ ଶ୍ରିଫଳ, ଉତ୍ତରୀୟ ଦେଇ ବରଣ କରିଥିଲେ। ଶ୍ରିତ ହେଉଛନ୍ତି ନିହାର କାନ୍ତି ପଣ୍ଡା ଏବଂ ପ୍ରିନ୍ସ ହେଉଛନ୍ତି ଦେବଂଶୁ ପଣ୍ଡାଙ୍କ ସୁପୁତ୍ର। ଏଥିରେ ବୁର୍ଦା ଗ୍ରାମବାସୀ ଏବଂ ଦୁର୍ଗା ପୂଜା କମିଟି, ବୁର୍ଦାର ସଦସ୍ୟ ମାନେ ସହଯୋଗ କରିଥିଲେ । ଚିଚିଣ୍ଡା ଧନୁଯାତ୍ରା କମିଟିର ଅଶୋକ ବାବୁ, ମନବୋଧ ମେହେର ସଂଜୀବ ମେହେର ପୁରୁଷୋତ୍ତମ ମେହେର ଏବଂ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ। ଆସନ୍ତା ୨୫ ତାରିଖରୁ ଜାନୁଆରୀ ୩ ତାରିଖ ପର୍ଯ୍ୟନ୍ତ ଏହି ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ।

# ଗୁଣପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି

**ରାୟଗଡା, ୯।୧୨ (ସଂଚାର ବ୍ୟୁରୋ) :** ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ଗୁଣପୁର ଉପ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି । ରାୟଗଡ ଜିଲ୍ଲାପାଳ, ଶ୍ରୀମତୀ ପାରୁଲ ପାଟାୱରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ଗୁଣପୁର ଉପ ଜିଲ୍ଲାପାଳ କିରନ ଦୀପ କୌର ସହୋତା, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲମହନ ରାଉତରାୟ, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ଆଜି ମୋଟ ୬୧ଟି ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିଥିଲେ । ସେଥି ମଧ୍ୟରୁ ୪୬ ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୧୫ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା । ଜିଲ୍ଲାପାଳ ଆଜି ଦୁଇ ଜଣଙ୍କ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଚାଳିଶି ହଜାର ଟଙ୍କା ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ । ଦୁଇ ଜଣଙ୍କୁ ବାର୍ଦ୍ଧକ ଭତ୍ତା ମଞ୍ଜୁର କରି ଜିଲ୍ଲାପାଳ ପ୍ରଦାନ କରିଥିଲେ । ବିଶେଷ କରି ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟଗତ ସମସ୍ୟା, ପାରିବାରିକ ସମସ୍ୟା , କୃଷି ସମସ୍ୟା, ରାସ୍ତା ତିଆରି, ବିଦ୍ୟୁତ ଯୋଗାଣ, ମଣ୍ଡି ପରିଚାଳନା ଜଳସେଚନ, ଭତ୍ତା, ଅଙ୍ଗନବାଡି ଗୃହ ନିର୍ମାଣ ଓ ଅନ୍ୟାନ ସମସ୍ୟା ଉପସ୍ଥାପିତ ହୋଇଥିଲା । ଏହି ଅଭିଯୋଗ ଶିବିରରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଚିନ୍ମୟ ମହାନନ୍ଦ, ଅଭିଯୋଗ ଶୁଣାଣି ଅଧିକାରୀ ସୁସ୍ମିତା ପଟନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୁଣପୁର ଶୁଭ୍ରାଞ୍ଜଳି ପ୍ରଧାନ, ତହସିଲଦାର ଗୁଣପୁର ଲୀଳାବତୀ ଆଚାର୍ଜି, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଦୟାନିଧି ରାଉତ, ଜିଲ୍ଲା ମଙ୍ଗଳ ଅଧିକାରୀ ଭାରତ ଭୂଷଣ ବିଶ୍ୱାଳ,ଜିଲ୍ଲା ଶ୍ରମ ଅଧିକାରୀ, ଗୋପାଳ ମଙ୍ଗରାଜ, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ବସନ୍ତ କୁମାର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ଜିଲ୍ଲା ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀ, ଅବକାରୀ ଅଧିକ୍ଷକ,ସୁଶାନ୍ତ କୁମାର ଧଳ ସାମନ୍ତ, ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ, ମଧ୍ୟମ



ଜଳସେଚନ ଅଧିକ୍ଷଣ ଯନ୍ତ୍ରୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ ସନ୍ତୋଷ କୁମାର, ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ, ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ । ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଗୁଣପୁର ଆଦର୍ଶ ଥାନା ଅଧିକାରୀ ଉତ୍ତମ କୁମାର ସାହୁ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିବା ବେଳେ ଗୁଣପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନନ୍ଦିତା ଶବର, ବିନୋଦ ଶବର, ଗଣେଷ ସାହୁ, ତପନ ରଥ, ଯସ୍ମୀନ ଭୂୟାଁ, ଅନନ୍ତ ପାତ୍ର ଆଦି କର୍ମଚାରୀ ସହଯୋଗ କରିଥିଲେ ।

# ନିର୍ମାଣଧୀନ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପରିଦର୍ଶନ କଲେ ଜିଲ୍ଲାପାଳ

**ସୁବର୍ଣ୍ଣପୁର, ୯।୧୨ (ସଂଚାର ବ୍ୟୁରୋ) :** ଜିଲ୍ଲା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ସୁବର୍ଣ୍ଣପୁର ଦ୍ୱାରା ମେଘା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଯୋଜନା ଅଧୀନରେ ଉଲୁଣ୍ଡା ଗଣ୍ଡାବାହାଲ ଠାରେ ନିର୍ମାଣଧୀନ ଓଭରହେଡ଼ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ପରିଦର୍ଶନ ସହ କାର୍ଯ୍ୟ ଅଗ୍ରଗତିର ସରଜମିନ ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ଶ୍ରୀମତୀ ଦାସ ପ୍ରକଳ୍ପ ପରିଦର୍ଶନ କରି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ଶୀଘ୍ର ଶେଷ କରି ଜନସାଧାରଣଙ୍କୁ ଏହାର ସୁଫଳ ପହଞ୍ଚାଇବାକୁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଛନ୍ତି। ୪ ଲକ୍ଷ ୯୦ ହଜାର ଲିଟର କ୍ଷମତା ବିଶିଷ୍ଟ ଏହି ନିର୍ମାଣଧୀନ ଓବରହେଡ଼ ପାନୀୟ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଉଲୁଣ୍ଡା ଗ୍ରାମ ପଞ୍ଚାୟତର ୮୯୭୬ ଜଣଙ୍କ ପାଇଁ ଦୈନନ୍ଦିନ ପାନୀୟ ଜଳ ଘରକୁ ଘର ଯୋଗାଣ ହୋଇପାରିବ।



ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ ମେହେର, ବିଡିଓ ଉଲୁଣ୍ଡା କରିସ୍ମା ବେସ୍ରା, ଜିଲ୍ଲା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ ତପନ କୁମାର ପ୍ରଧାନ, ପ୍ରୋଜେକ୍ଟ ମ୍ୟାନେଜର ଏମ ଇ ଆଇ ଏଲ ବିନୋଦ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ତଥା ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଚୌଦ୍ୱାର ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର

**ଟାଙ୍ଗୀ-ଚୌଦ୍ୱାର, ୯।୧୨ (ସଂଚାର ବ୍ୟୁରୋ) :** ଉଚ୍ଚ ଶିକ୍ଷା ବିଭଗ ନିର୍ଦ୍ଦେଶକ୍ରମେ ଚୌଦ୍ୱାର ମହାବିଦ୍ୟାଳୟରେ ଆତ୍ମରକ୍ଷା



ତାଲିମ ଶିବିରର ଉଦ୍‌ଘାଟନ ହୋଇଯାଇଛି। ରାଜନିତୀ ବିଭାଗର ଅଧ୍ୟାପିକା ବିସ୍ମିତା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରକୁ ଅଧ୍ୟକ୍ଷା ରଶ୍ମୀ ରାଉତରାୟ ଉଦ୍‌ଘାଟନ କରି ଛାତ୍ରୀ ମାନଙ୍କୁ ପାଠ ପଢ଼ା ସହିତ ନିଜର ଆତ୍ମରକ୍ଷା ପାଇଁ ତାଲିମ ନେବା ନିହାତି ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ କ୍ଷୀରାବ୍ଧୀ ଚୌଧୁରୀ, ଡ. ହରପ୍ରୀୟା ମହାପାତ୍ର, ଡ. ସସ୍ମିତା ଭୂୟାଁ, ମୋହିତ କର, ଯୁକ୍ତେଶ୍ୱର ଦାସ, ସରିତା ମିଶ୍ର, ଡ.କ୍ରୀଷ୍ଣା କାବେରୀ ଦାସ, ସୁଶ୍ରୀ ଶିଲ୍ପାଶ୍ରୀ ମିଶ୍ର, ଅନୁପମା ତ୍ରୀପାଠି ପ୍ରମୁଖ ଉପସ୍ଥିତ ରହି ତାଲିମ ଶିବିରରେ ଭାଗ ନେଇଥିବା ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ।

ଏହି ଶିବିର ଚଳିତ ମାସ ୩୦ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଅଧ୍ୟକ୍ଷା ପ୍ରକାଶ କରିଥିଲେ। ପ୍ରଶିକ୍ଷକ ଲତିକା ସ୍ୱାଇଁ ତାଲିମ ପ୍ରଦାନ କରିଥିଲେ। ଛାତ୍ରୀ ପ୍ରଜ୍ଞା ପାରିମିତା ଧନ୍ୟବାଦ ଅର୍ପଣ କରିଥିଲେ।

# ବାଇକ ଦୁର୍ଘଟଣାରେ ଜଣେ ମୃତ, ଅନ୍ୟ ଜଣେ ଗୁରୁତର

**ବୈଶିଙ୍ଗା, ୯।୧୨ (ସଂଚାର ବ୍ୟୁରୋ) :** ବୈଶିଙ୍ଗା ଥାନା ଅଧୀନ ୧୮ନଂ ଜାତୀୟ ରାଜପଥର ଗଡଦେଉଳିଆ ନିକଟରେ ଆଜି ଦିବା ୨ଘଟିକା ସମୟରେ ଏକ ବୁଲେଟ ମୋଟର ସାଇକେଲରେ ଦୁଇଜଣ ଦୃତ ଗତିରେ ଯାଇ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଟ୍ରକ ପଛରେ ଧକ୍କା ଦେବା ଫଳରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଆଉ ଜଣେ ବାଲେଶ୍ୱରରେ ଚିକିତ୍ସାଧିନ ଥିବାର ଜଣାଯାଇଛି।

ଘଟଣାରୁ ପ୍ରକାଶ ବାଲେଶ୍ୱର ଅଜିମାବାଦ ସ୍ଥିତ ସାଇସାଧନା ଶିକ୍ଷାକେନ୍ଦ୍ରର ନିର୍ଦ୍ଦେଶକ ଶିବଶଙ୍କର ଦାସ (୨୮) ଓ ବିଶ୍ୱଜିତ ସେଠୀ ଏକ ବୁଲେଟ ନଂ (ଓଡି ୦୧ ଏୟୁ-୨୮୪୨) ଯୋଗେ ବାରିପଦାରୁ ବାଲେଶ୍ୱର



ଫେରୁଥିବା ବେଳେ ଗଡଦେଉଳିଆ ଠାରେ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଏକ ମାଲ ବାହୀ ଟ୍ରକ୍ ପଛରେ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ଚାଳକ ଶିବଶଙ୍କରଙ୍କ ମୃତ୍ୟୁ ହୋଇଥିବା ବେଳେ ବିଶ୍ୱଜିତ ଗୁରୁତର ହୋଇଥିଲେ । ସଙ୍ଗେ ସଙ୍ଗେ ବୈଶିଙ୍ଗା ଥାନାକୁ ଖବର ଦେବାପରେ ଥାନାଧିକାରୀ ତପନ ପ୍ରଧାନ ଓ ଅନ୍ୟ ମାନେ ପହଞ୍ଚି ଦୁଇଜଣଙ୍କୁ ବୈଶିଙ୍ଗା ଡାକ୍ତରଖାନା ପହଞ୍ଚାଇବା ପରେ ଡାକ୍ତର ପ୍ରଦୀପ କର ଶିବଶଙ୍କରଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ଖବର ନେବାରେ ଜଣାଯାଇଥିଲା କି ଶିବଶଙ୍କରଙ୍କ ଘର ବାଲିଆପାଳ ଭାନୁପୁର ଗ୍ରାମର ବୋଲି ଜଣାଯାଇଛି । ଶିବଶଙ୍କରଙ୍କ ବାପା ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଭାବେ ଜଣାଶୁଣା । ମୃତ ଶିବଶଙ୍କରଙ୍କ ମରଶରୀରକୁ ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଯାଇଥିବା ଜଣାଯାଇଛି।


# ପ୍ରହସନ ପାଲଟିଛି ସ୍ମାଟ ସ୍କୁଲ ଶିକ୍ଷା

✦ ନାହାନ୍ତି ଶିକ୍ଷକ, କମ୍ପ୍ୟୁଟର ଶିକ୍ଷାରୁ ବଂଚିତ ଛାତ୍ରଛାତ୍ରୀ
✦ ଖତ ଖାଉଛି ଲକ୍ଷାଧିକ ଟଙ୍କାର କମ୍ପୁଟର

**କାକଟପୁର/ଅସ୍ତରଙ୍ଗ, ୯।୧୨ (ସଂଚାର ବ୍ୟୁରୋ) :** ଛାତ୍ରଛାତ୍ରୀଙ୍କୁ ସ୍ମାଟ ଶିକ୍ଷା ପ୍ରଦାନ କରିବା ପାଇଁ ତତ୍କାଳୀନ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ କରି ସ୍ମାଟକ୍ଲାସ ରୁମ୍ ପ୍ରତିଷ୍ଠା କଲେ। ସ୍ମାଟ ଶିକ୍ଷାକୁ ଅଗ୍ରାଧିକାର ଦେବା ପାଇଁ ୫ଟି ଯୋଜନାରେ ବିଭିନ୍ନ ସ୍କୁଲରେ କମ୍ପ୍ୟୁଟର ଲାଗିଲା। ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଏହି ଯୋଜନା ପ୍ରହସନ ପାଲଟିଥିବା ପରି ଲାଗୁଛି। କାରଣ ଏହି ବ୍ଲକର କମ୍ପ୍ୟୁଟର ଥିବା ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷକ ନାହାନ୍ତି। କମ୍ପ୍ୟୁଟର ଶିକ୍ଷକ ଛଟେଇ ହେବା ପରେ ଦୀର୍ଘ ୬ମାସରୁ ଉର୍ଦ୍ଧ୍ୱ ହେଲା ଖତ ଖାଉଛି ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର । ଫଳରେ ଛାତ୍ରଛାତ୍ରୀମାନେ କମ୍ପ୍ୟୁଟର ଶିକ୍ଷାରୁ ବଂଚିତ ହେଉଛନ୍ତି।

ସୂଚନାରୁ ପ୍ରକାଶ, ରାଷ୍ଟ୍ରୀୟ ଶିକ୍ଷା କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ବିଦ୍ୟାଳୟକୁ କମ୍ପ୍ୟୁଟର ଯୋଗାଇ ଦିଆଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ କମ୍ପ୍ୟୁଟର ଶିକ୍ଷକଙ୍କୁ ନିଯୁକ୍ତି କରାଗଲା ନାହିଁ। ଫଳରେ ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର ଖତ ଖାଉଥିବା ବେଳେ ଛାତ୍ରଛାତ୍ରୀମାନେ କମ୍ପ୍ୟୁଟର ଶିକ୍ଷାରୁ ବଂଚିତ ହେଉଛନ୍ତି। ଏ ନେଇ ଛାତ୍ରଛାତ୍ରୀ, ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ କିଛି ହାଇସ୍କୁଲ ସହ କିଛି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷା ପାଇଁ କମ୍ପ୍ୟୁଟର ଯୋଗାଇ ଦିଆଯାଇଥିଲା। ଯେପରିକି ଜଗନ୍ନାଥ ନୋଡାଲ ଉପ୍ରା ବିଦ୍ୟାଳୟ, ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ସହ ବିଭିନ୍ନ ବିଦ୍ୟାଳୟରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ବ୍ୟୟ କରାଯାଇ କମ୍ପ୍ୟୁଟର ଶିକ୍ଷା ଆରମ୍ଭ ହୋଇଥିଲା। କିଛି ବର୍ଷ ପୂର୍ବେ ଆଇସିଟି ସ୍କୁଲ କୋର୍ଡିନେଟର ବା କମ୍ପ୍ୟୁଟର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା। ହେଲେ ଏହି କମ୍ପ୍ୟୁଟର ଶିକ୍ଷକମାନଙ୍କୁ ୨୦୧୯ଜାନୁଆରୀରେ ୨ଟି ପର୍ଯ୍ୟାୟରେ ଛଟେଇ କରି ଦିଆଗଲା। ଆଜି ପର୍ଯ୍ୟନ୍ତ ଉକ୍ତ ଶିକ୍ଷକ ମାନଙ୍କୁ କିମ୍ବା ତାଙ୍କ ବଦଳରେ ଅନ୍ୟ କୌଣସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଗଲା ନାହିଁ।

ଫଳରେ ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର, ଜେନେରେଟର ଆଦି ବିଭିନ୍ନ ସରଞ୍ଜାମ ଖତ ଖାଉଥିବା ଦେଖିବାକୁ ମିଳିଛି। କମ୍ପ୍ୟୁଟର ଶିକ୍ଷାରୁ ବଂଚିତ ହେଉଛନ୍ତି ଛାତ୍ରଛାତ୍ରୀ। କମ୍ପ୍ୟୁଟର ଶିକ୍ଷକ ନଥିବାରୁ ସ୍କୁଲର ବିଭିନ୍ନ



କାର୍ଯ୍ୟ ଫର୍ମ ଫିଲଅପ, ମଧ୍ୟାହ୍ନ ଭୋଜନ ତଥ୍ୟ ଛାତ୍ର ଛାତ୍ରୀଙ୍କ ତଥ୍ୟ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇ ପାରୁନାହିଁ। ଛଟେଇ ପରେ ଅସ୍ତରଙ୍ଗ ବ୍ଲକର ଆଇସିଟି ସ୍କୁଲ କୋର୍ଡିନେଟର ହାତ ବାନ୍ଧି ବସିଛନ୍ତି। ତୁରନ୍ତ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ସହ ଆବଶ୍ୟକ ବ୍ୟବସ୍ଥା ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି।

## ଅଲ ଓଡ଼ିଶା ପେଣ୍ଟିଙ୍ଗ ଆର୍ଟସ ୱାର୍କିଙ୍ଗ ଆସୋସିଏସନ ପକ୍ଷରୁ ପୌର ଅଧିକାରୀଙ୍କୁ ଦାବିପତ୍ର

**ଜଗତସିଂହପୁର, ୯।୧୨ (ସଂଚାର ବ୍ୟୁରୋ) :** ଅଲ ଓଡ଼ିଶା ପେଣ୍ଟିଙ୍ଗ ଆର୍ଟସ ଆଶ୍ୱୋସିଏସନ ଜଗତସିଂହପୁର ଜିଲ୍ଲା ଶାଖା ପକ୍ଷରୁ ବିଭିନ୍ନ ୧୦ ଦଫା ଦାବୀ ସମ୍ବଳିତ ଦାବିପତ୍ର ଜଗତସିଂହପୁର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଦାବିଗୁଡିକ ସ୍ୱତନ୍ତ୍ର ରଙ୍ଗ ତୁଳି କଳାକାର ବୋର୍ଡ ଗଠନ, ବୋର୍ଡ ମାଧ୍ୟମରେ କାମ ଓ ସାମାଜିକ ସୁରକ୍ଷା, ଠିକାଦାର ପ୍ରଥା ସମ୍ପୂର୍ଣ୍ଣ ବାତିଲ, ଜିଲ୍ଲା ସଙ୍ଘର ପରିଚୟ ପତ୍ର ପାଇଥିବା ସମସ୍ତ କଳାକାର ମାନଙ୍କୁ ସରକାରୀ ପେଣ୍ଟିଙ୍ଗ କାର୍ଯ୍ୟରେ ଅଗ୍ରାଧିକାର ଦେବା, ରଙ୍ଗ ତୁଳି କଳାକାର ମାନଙ୍କୁ ବିଶ୍ୱକର୍ମା ଯୋଜନାରେ ସାମିଲ କରିବା, ସରକାରୀ ସ୍ତରରେ



ସମସ୍ତ ରଙ୍ଗ କାର୍ଯ୍ୟ ପ୍ରଦାନ କରିବା, ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ୨ ଲକ୍ଷ ଟଙ୍କା ଓ ସ୍ୱାଭାବିକ ମୃତ୍ୟୁପାଇଁ ୧୦ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ, ୬୦ ବର୍ଷରୁ ଉର୍ଦ୍ଧ କଳାକାର ମାନଙ୍କୁ ପେନସନ ପ୍ରଦାନ କରିବା ସହିତ ୧୦ ଦଫା ଦାବୀ ପତ୍ର ପ୍ରଦାନ କରିଥିଲେ। ଏଥିରେ ଜିଲ୍ଲାସଭାପତି ଲୋକନାଥ ଦାସ, ଉପସଭାପତି ଓ ରାଜ୍ୟ ସମ୍ପାଦକ ପ୍ରଭାତ ନଳିନୀ କାଣ୍ଡି, ସମ୍ପାଦକ ଜ୍ୟୋତିରଞ୍ଜନ ରାୟ, ସହ ସମ୍ପାଦକ ମନୋଜ ସାହୁ, କୋଷାଧକ୍ଷ ଲାଲା ମନୋଜ ରାୟ, ଲଳିତ କୁମାର ଭୋଇ, କାନ୍ହୁ ଦାସ, ଶରତ ଦାସ, ଜଗତସିଂହପୁର ବ୍ଲକ ସଭାପତି ସୁଶାନ୍ତ କୁମାର ମଟ୍ଟନ, ଆଲୋକ ଦାସ, ଗୁଣ ନିଧି, ସୁଧାଂଶୁଙ୍କ ସମେତ ଅନ୍ୟ କଳାକାର ମାନେ ସାମିଲ ହୋଇଥିଲେ।